

‘ସବୁ କଳା ଜାଣିଛି’

▶ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 42 ◆ISSUE-330 ◆BHUBANESWAR ◆THURSDAY ◆29 MAY 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୨ ◆ସଂଖ୍ୟା-୩୩୦ ◆ଭୁବନେଶ୍ୱର ◆ଗୁରୁବାର ◆୨୯ ମେ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

### କମିଲା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା କେନ୍ଦ୍ରୀୟ ସହାୟତା

# ଓଡ଼ିଶାକୁ ୫୦୦ କୋଟି ଟଙ୍କା କମ୍ ଅନୁଦାନ

■ ଭୁବନେଶ୍ୱର, ୨୮।୫ (ସମିସ): ରାଜ୍ୟର ୮୩୦୦ ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଏଯାଏଁ ସଡ଼କ ସଂଯୋଗ ହୋଇପାରି ନାହିଁ। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗ ଗତ ଅଧିବେଶନରେ ବିଧାନସଭାରେ ଏହି ତଥ୍ୟ ପ୍ରଦାନ କରିବା ସହ ୧୦୦ ଜନସଂଖ୍ୟା ବିଶିଷ୍ଟ ଗାଁକୁ ସବୁଦିନିଆ ରାସ୍ତା କରିବାକୁ ଘୋଷଣା କରିଥିଲେ। ମାତ୍ର କେନ୍ଦ୍ର ସରକାର ଓଡ଼ିଶାକୁ ଅନୁଦାନ ହ୍ରାସ କରିବା ପରେ ରାଜ୍ୟ ସରକାରଙ୍କ ଏହି ଘୋଷଣାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠିଛି।

ବିଡ଼ମ୍ବନା ହେଉଛି ନବୀନ ପଟ୍ଟନାୟକ ସରକାରଙ୍କ ଶେଷ ଆର୍ଥିକ ବର୍ଷରେ ଓଡ଼ିଶାକୁ କେନ୍ଦ୍ର ସରକାର ଯେତିକି ଅନୁଦାନ ପ୍ରଦାନ କରିଥିଲେ, ଏବେ ବିଜେପି ସରକାରଙ୍କ




ସମୟରେ ତା'ଠାରୁ ଓଡ଼ିଶା ୫୦୦ କୋଟି ଟଙ୍କା କମ୍ ପାଇଛି। ଓଡ଼ିଶାରେ ବିଜେପି କ୍ଷମତାକୁ ଆସିଲେ କେନ୍ଦ୍ରରୁ ବିପୁଳ ଅର୍ଥ ରାଶି ମିଳିବ ବୋଲି ଦଳୀୟ ନେତାମାନେ ମାରିଥିବା ବାହାଦୂରୀ ଏବେ ଛଳନା ବୋଲି ପ୍ରମାଣିତ ହୋଇଛି।

୨୦୨୩-୨୪ ଆର୍ଥିକ ବର୍ଷରେ ତତ୍କାଳୀନ ବିଜେଡି ସରକାର ସମୟରେ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ ଓଡ଼ିଶାକୁ କେନ୍ଦ୍ର ସରକାର ୧୨୬୧ କୋଟି ଟଙ୍କା ପ୍ରଦାନ କରିଥିଲେ। ଏହି ଅର୍ଥରେ ଗ୍ରାମାଞ୍ଚଳକୁ ସଡ଼କ ନିର୍ମାଣ କରାଯାଉଥିଲା ଏବଂ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରେ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା କାର୍ଯ୍ୟକାରୀ କରୁଥିଲେ। ୨୦୨୪-୨୫ରେ ରାଜ୍ୟରେ ବିଜେପି ସରକାର କେନ୍ଦ୍ରରୁ ଏହି ଯୋଜନାରେ ମାତ୍ର ୭୧୨ କୋଟି ଟଙ୍କା ଆଣିବାରେ ସକ୍ଷମ ହୋଇଛନ୍ତି। ଫଳରେ ଓଡ଼ିଶା ଡବଲ୍ ଇଞ୍ଜିନ୍ ସରକାରରେ ଉପେକ୍ଷିତ ହୋଇଛି।

ବିଜେଡି ଶାସନରେ ରାଜ୍ୟ ସରକାର କେନ୍ଦ୍ର ନିକଟରେ ଓଡ଼ିଶାର ଅବହେଳାର ତୀବ୍ର ପ୍ରତିବାଦ କରିବା ସହ ଅଧିକ ଅନୁଦାନ ଦାବି କରୁଥିଲା। ବିଜେଡି ସାଂସଦମାନେ ଦିଲ୍ଲୀରେ ବିଭିନ୍ନ ମନ୍ତ୍ରୀଙ୍କ ନିକଟରେ ରାଜ୍ୟର ଦାବି ଉଠାଉଥିଲେ। ମାତ୍ର ସମ୍ପ୍ରତି ଓଡ଼ିଶାରୁ ୨୦ ଜଣ ବିଜେପି ସାଂସଦ ▶ପୃଷ୍ଠା-୭

# ଓଡ଼ିଶାରେ ମୌସୁମୀ

### ଲଘୁଚାପ ଘନୀଭୂତ । ୨୪ ଘଣ୍ଟାରେ ଅବପାତ । ଆହୁରି ୨ ଦିନ ବର୍ଷା

■ ଭୁବନେଶ୍ୱର, ୨୮।୫ (ସମିସ): ଓଡ଼ିଶା ଛୁଇଁଛି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ। ସ୍ୱାଭାବିକ ତାରିଖ ଜୁନ୍ ୧୦ ତୁଳନାରେ ୧୪ ଦିନ ଆଗରୁ ଆଜି(ବୁଧବାର) ମୌସୁମୀ ଓଡ଼ିଶାରେ ପ୍ରବେଶ କରିଛି। ସାଧାରଣ ଭାବେ ମୌସୁମୀ ଜୁନ୍ ୧ ରେ କେରଳ ଛୁଇଁବା ପରେ ଜୁନ୍ ୧୦ ବେଳକୁ ଓଡ଼ିଶା ଛୁଇଁଥାଏ। ଚଳିତବର୍ଷ ମୌସୁମୀ ମେ' ୨୪ରେ କେରଳ ଛୁଇଁଥିବା ବେଳେ ମାତ୍ର ୪ ଦିନ ମଧ୍ୟରେ ଓଡ଼ିଶା ପ୍ରବେଶ କରିଛି। ▶ପୃଷ୍ଠା-୭

### ରାଜ୍ୟ କ୍ୟାବିନେଟ୍‌ରେ ୫ ପ୍ରସ୍ତାବକୁ ମୋହର

# ନିଯୁକ୍ତି ବୟସ ସୀମା ୪୨କୁ ବୃଦ୍ଧି

- ରାଜ୍ୟରେ ପ୍ରତିଷ୍ଠା ହେବ କୃତ୍ରିମ ବୁଦ୍ଧିମତା (ଏଆଇ) ଉତ୍କର୍ଷ କେନ୍ଦ୍ର
- ଯୋରନ୍ଦା ମହିମା ଗାଦିର ଉନ୍ନତି ସହ ଭବ୍ୟ ଶୂନ୍ୟମଣ୍ଡପ ନିର୍ମାଣ ପାଇଁ ୧୭୧ କୋଟି ୧୧ ଲକ୍ଷ ଟଙ୍କାର ଟେଣ୍ଡରକୁ ଅନୁମୋଦନ
- ଓଡ଼ିଶା ଚକ୍ଷୁ ଚିକିତ୍ସା ସେବା ନିୟମାବଳୀ-୨୦୨୫କୁ ଅନୁମୋଦନ
- ଜଟାଧାର ମୁହାଣରେ ଜେଏସଡବ୍ଲ୍ୟୁର ଜେଟି ନିର୍ମାଣ ପାଇଁ ରିଆତି ଚୁକ୍ତିନାମା ସ୍ୱାକ୍ଷରକୁ ଅନୁମୋଦନ ଦେଲେ ସରକାର

■ ଭୁବନେଶ୍ୱର, ୨୮।୫ (ସମିସ): ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ସର୍ବୋଚ୍ଚ ବୟସ ସୀମାକୁ ରାଜ୍ୟ ସରକାର ୩୨ରୁ ୪୨ ବର୍ଷକୁ ବୃଦ୍ଧି କରିଛନ୍ତି। ଏଥିପାଇଁ ଓଡ଼ିଶା ବେସାମରିକ ସେବା(ସର୍ବୋଚ୍ଚ ବୟସ ସୀମା ସ୍ଥିରୀକରଣ) ନିୟମାବଳୀ ୧୯୮୯ରେ ସଂଶୋଧନ ପ୍ରସ୍ତାବକୁ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଅନୁମୋଦନ ମିଳିଛି। ଏଥିସହ କ୍ୟାବିନେଟରେ ୫ଟି ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରି ମିଳିଛି। ରାଜ୍ୟରେ କୃତ୍ରିମ ବୁଦ୍ଧିମତାକୁ ପ୍ରୋତ୍ସାହନ ଦେବାକୁ ମୋହର ମାରିଛି ରାଜ୍ୟ କ୍ୟାବିନେଟ। ଓଡ଼ିଶା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ନୀତି, ୨୦୨୫କୁ ଅନୁମୋଦନ ମିଳିଥିବା ବେଳେ, ଏହି ନୀତି ଓଡ଼ିଶାରେ ଶ୍ରେଷ୍ଠ ଡିଜିଟାଲ ପରିବର୍ତ୍ତନ ପ୍ରକ୍ରିୟାର ଅଂଶବିଶେଷ ହେବ। ଏହାସହ କୃତ୍ରିମ ବୁଦ୍ଧିମତାର ବ୍ୟବହାର ଦ୍ୱାରା ରାଜ୍ୟ ପ୍ରଶାସନିକ କ୍ଷେତ୍ରରେ ଅପରିସୀମ ସୁଫଳ ମିଳିବ ▶ପୃଷ୍ଠା-୭










ସକାଳ
www.sakalaepaper.com

# ଇରାନରେ ୩ ଭାରତୀୟଙ୍କୁ ଅପହରଣ; କୋଟିଏ ମାଗୁଛନ୍ତି ଦଲାଲ୍




ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଇରାନ ଯାଇଥିବା ତିନି ଜଣ ଭାରତୀୟ ନାଗରିକ ନିଖୋଜ ହୋଇଯାଇଛନ୍ତି । ସେମାନଙ୍କୁ ଠାବ କରିବା ଲାଗି ଉଦ୍ୟମ ଚାଲିଥିବା ବେଳେ ପରିବାର ଲୋକ ଅଭିଯୋଗ କରିଛନ୍ତି ଏହି ତିନି ଜଣଙ୍କୁ ଦଲାଲମାନେ ମୁଣ୍ଡଜାମିନ କରି ରଖିଛନ୍ତି । ସେମାନେ ବିପୁଳ ଟଙ୍କା ଦାବି କରୁଛନ୍ତି, ନହେଲେ ଛାଡ଼ିବେ ନାହିଁ ବୋଲି ଧମକ ଦେଉଛନ୍ତି ।

ନିଖୋଜ ଥିବା ତିନି ଜଣ ବ୍ୟକ୍ତି ଗୋଟିଏ ପରିବାରର ବୋଲି ଜଣାପଡ଼ିଛି । ସେମାନେ ହେଲେ ପଞ୍ଜାବର ହୁସନପ୍ରୀତ ସିଂହ, ଯଶପାଲ ସିଂହ ଏବଂ ଅମୃତପାଲ ସିଂହ । ଅମୃତପାଲଙ୍କ ମାତା ପୁଲିସରେ କରିଥିବା ଅଭିଯୋଗ ଅନୁଯାୟୀ ମେ ୨ ତାରିଖରେ ତାଙ୍କ ପୁଅ ଓ ଅନ୍ୟ ଦୁଇ ଜଣ ଇରାନରେ ପହଞ୍ଚିଥିଲେ । ଇରାନରୁ ସେମାନେ ଅଷ୍ଟ୍ରେଲିଆ ଯିବେ ବୋଲି ତାଙ୍କ ପୁଅ ଫୋନ କରି ତାଙ୍କୁ ଜଣାଇଥିଲା । ଏହାର କିଛି ସମୟ ପରେ ପୁଅ ତାଙ୍କୁ ପୁଣି ଫୋନ୍ କରିଥିଲେ । ସେ ଜଣାଇଥିଲେ ଯେ ସେମାନଙ୍କୁ କିଛି ଲୋକ ମୁଣ୍ଡଜାମିନ କରି ରଖିଛନ୍ତି । ଟ୍ରାଭେଲ ଏଜେଣ୍ଟମାନେ ଟଙ୍କା ଦେଇନଥିବାରୁ ସେମାନେ ଟଙ୍କା ଦାବି କରୁଛନ୍ତି । ତିନି ଜଣ ୧୮ ଲକ୍ଷ ଲେଖାଏଁ ପଠାଇବାକୁ ସେମାନେ ଦାବି କରିଥିଲେ । ଏହି ଖବର ମିଳିବା ପରେ ଅମୃତପାଲଙ୍କ ମା' ଟ୍ରାଭେଲ ଏଜେଣ୍ଟମାନଙ୍କ ସହିତ ସଂପର୍କ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ଏହି ଏଜେଣ୍ଟମାନେ ଫେରାର ହେବା ସହିତ ସେମାନଙ୍କର ମୋବାଇଲ ଫୋନକୁ ସୁଇଚ୍ ଅଫ୍ କରିଦେଇଥିଲେ ।

ଭାରତ ସରକାର ଏସଂପର୍କରେ ଇରାନ ସରକାରଙ୍କୁ ଜଣାଇଛନ୍ତି । ତେହରାନରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ କୁହାଯାଇଛି ଯେ ନିଖୋଜ ଭାରତୀୟଙ୍କୁ ତୁରନ୍ତ ଠାବ କରିବା ଲାଗି ପ୍ରଶାସନ ଉପରେ ଚାପ ପକାଯାଉଛି । ସେମାନଙ୍କର ନିରାପତ୍ତାକୁ ସୁନିଶ୍ଚିତ କରିବା ଲାଗି ଅନୁରୋଧ କରାଯାଇଛି । ଯାହା ସୂଚନା ମିଳିବ ସେସଂପର୍କରେ ନିଖୋଜ ବ୍ୟକ୍ତିଙ୍କ ପରିବାରକୁ ଜଣାଇ ଦିଆଯିବ ବୋଲି ଦୂତାବାସ ପକ୍ଷରୁ କୁହାଯାଇଛି ।

ମିଳିଥିବା ଖବର ଅନୁଯାୟୀ ପଞ୍ଜାବରେ ଏଜେଣ୍ଟମାନେ ଏହି ତିନି ଜଣଙ୍କୁ ଦୁବାଇ ଓ ଇରାନ ରାସ୍ତା ଦେଇ ଅଷ୍ଟ୍ରେଲିଆ ପଠାଇବାକୁ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ମେ ୨ ତାରିଖରେ ସେମାନେ ଇରାନରେ ପହଞ୍ଚିବା ମାତ୍ରେ ସେମାନଙ୍କୁ ଅପହରଣ କରିନିଆଯାଇଥିଲା । ଏକ କୋଟି ଟଙ୍କା ନଦେଲେ ସେମାନଙ୍କୁ ମାରି ଦିଆଯିବ ବୋଲି ଅପହର୍ତ୍ତାମାନେ ଧମକ ଦେଉଛନ୍ତି । ଅପହର୍ତ୍ତାମାନେ ଏକ ଭିଡିଓ ପଠାଇଛନ୍ତି ଯେଉଁଥିରେ ଦେଖାଯାଇଛି ଯେ ତିନି ଭାରତୀୟଙ୍କୁ ବାନ୍ଧି ରଖାଯାଇଛି ଏବଂ ସେମାନଙ୍କ ଦେହରେ କ୍ଷତ ଚିହ୍ନ ଥିବା ସହିତ ରକ୍ତ ବହୁଛି ।

■ ଗାଜାରେ ଖାଦ୍ୟ ପାଇଁ ଦଳାଚକଟା

## ୩ ମୃତ, ୪୬ ଆହତ

ରାଫା, ୨୮।୫ (ଏଜେନ୍ସି): ଗାଜା ସହର ରାଫାରେ ମଙ୍ଗଳବାର ଅପ୍ରୀତିକର ସ୍ଥିତି ସୃଷ୍ଟି ହୋଇଛି । ଖାଦ୍ୟ ପାଇଁ ଯାଇଥିବାବେଳେ ଦଳାଚକଟା ହୋଇଛି । ଏହି ଅଘଟଣରେ ୩ ଜଣଙ୍କ ମୃତ୍ୟୁ ହୋଇଛି । ୪୬ ଜଣ ଆହତ ହୋଇଛନ୍ତି । ୭ ଜଣ ଲୋକ ମଧ୍ୟ ନିଖୋଜ ଅଛନ୍ତି । ରିପୋର୍ଟ ଅନୁଯାୟୀ ଇସ୍ରାଏଲ ସୈନିକଙ୍କ ପାଇଁ ଏପରି ହୋଇଥିଲା । ଏହାର ଯବାନ ଫାଙ୍କା ଗୁଳିଚାଳନା କରିବାରୁ ଦଳାଚକଟା ହୋଇଥିଲା । ଇସ୍ରାଏଲୀ ସେନା ପକ୍ଷରୁ କୁହାଯାଇଛି ଯେ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ସତର୍କତାମୂଳକ ପଦକ୍ଷେପ ଭାବେ ଯବାନ ଗୁଳି ଚଳାଇ ଥିଲେ । ରିପୋର୍ଟ ଅନୁଯାୟୀ ଗାଜାରେ ଲୋକଙ୍କୁ ଖାଦ୍ୟ ଯୋଗାଇବା ପାଇଁ ଅନେକ କେନ୍ଦ୍ର ଆରମ୍ଭ କରାଯାଉଛି । ମଙ୍ଗଳବାର ଦିନ, ରାଫା ସହରର ଏପରି ଏକ କେନ୍ଦ୍ରରେ ହଜାର ହଜାର ଲୋକଙ୍କ ଭିଡ଼ ଲାଗିଥିଲା । ଇସ୍ରାଏଲୀ ଗୁଳି ଚଳାଇବା ପରେ ପାଲେଷ୍ଟିନୀୟ ନାଗରିକ ଖାଦ୍ୟ ପାଇଁ ଦୌଡିଥିଲେ । ଗାଜାର ସରକାରୀ ଗଣମାଧ୍ୟମ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି ଯେ ରାଫାରେ ଯାହା ଘଟିଲା ତାହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ଏବଂ ସମ୍ପୂର୍ଣ୍ଣ ଯୁଦ୍ଧ ଅପରାଧ ଥିଲା ।

## ଘୋଷଣା ପରେ ମକ୍‌ଡ୍ରିଲ୍ ସ୍ଥଗିତ ରଖିଲେ ସରକାର

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଆତଙ୍କବାଦୀ ବିରୋଧରେ ଭାରତ ଆରମ୍ଭ କରିଥିବା 'ଅପରେସନ ସିନ୍ଦୂର' ଏବେ ଶେଷ ହୋଇନାହିଁ । ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ ଏହା ପୂର୍ବରୁ ଘୋଷଣା କରିଥିଲେ । ପାକିସ୍ତାନ ଏବଂ ପିଓକେରେ ଆକ୍ରମଣ ପୂର୍ବରୁ ଭାରତ ଯେଉଁ ଭଳି ଭାବେ ମକଡ୍ରିଲ କରିଥିଲା ଏବେ ପୁଣି ସେହି ଭଳି ଜମ୍ମୁ-କଶ୍ମୀର, ଗୁଜରାଟ, ପଞ୍ଜାବ ଏବଂ ରାଜସ୍ଥାନର ପାକିସ୍ତାନ ସୀମାରେ ଭାରତ ଗୁରୁବାର ମକ୍‌ଡ୍ରିଲ୍ ଅପରେସନ ସିଲ୍ଡ କରିବାକୁ ଭାରତ ସରକାର ଘୋଷଣା କରିଥିଲେ । ମାତ୍ର ଶେଷ ସମୟରେ ଏହାକୁ ବାତିଲ କରିଦିଆଯାଇଛି । ଏଥିପାଇଁ ପୂର୍ବରୁ ଲୋକଙ୍କୁ ସତର୍କ ରହିବାକୁ ନିବେଦନ କରାଯାଥିଲା । ଶତ୍ରୁର ଆକ୍ରମଣ ସମୟରେ କେମିତି ଜୀବନ ବଞ୍ଚାଇବାକୁ ହୁଏ ଏଥିରେ ତାର ଶିକ୍ଷା ଦିଆଯାଇଥାନ୍ତା । କିନ୍ତୁ ଏବେ ପ୍ରାଶାସନିକ କାରଣ ଦର୍ଶାଇ ଏହାକୁ ସ୍ଥଗିତ କରିଦିଆଯାଇଛି । ଗୁଜରାଟ, ରାଜସ୍ଥାନ ଏବଂ ଚଣ୍ଡିଗଡରେ ଏହାକୁ ବାତିଲ କରିଦିଆଯାଇଥିବାବେଳେ ହରିୟାଣାରେ ଜାରି ରଖିବା ପାଇଁ ରାଜ୍ୟ ସରକାର ଅଧିକାରୀମାନଙ୍କୁ ଅନୁରୋଧ କରିଛନ୍ତି ।

ଏହା ପୂର୍ବରୁ ପହଲଗାମ ଆକ୍ରମଣର ପ୍ରତିଶୋଧ ନେବା ପାଇଁ ଭାରତୀୟ ସେନା ଗତ ୭ ତାରିଖରେରେ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା । ଏହାପରେ ପାକିସ୍ତାନ ସହ ଯୁଦ୍ଧ ସ୍ଥିତି ସୃଷ୍ଟି ହୋଇଥିଲା । ତେବେ ଭାରତୀୟ ସେନାର ପ୍ରଚଣ୍ଡ ଆକ୍ରମଣର ସାମ୍ନା କରି ନ ପାରି ପାକିସ୍ତାନ ଯୁଦ୍ଧବିରତି ପାଇଁ ଭାରତକୁ ଅନୁରୋଧ କରିଥିଲେ । ଏବେ ଯୁଦ୍ଧବିରତି ଜାରି ରହିଥିବା ସତ୍ତ୍ୱେ କୁଟୀଳ ପାକିସ୍ତାନ ଉପରେ କୌଣସି ପ୍ରକାରର ଭରସା ନାହିଁ । ତେଣୁ ଭାରତ ସରକାର ଏଭଳି ପଦକ୍ଷେପ ନେଇଥିବା କୁହାଯାଉଛି ।

ଭାରତ ସହ ସଂଘର୍ଷବେଳେ ଏହି ସୀମାନ୍ତ ରାଜ୍ୟଗୁଡ଼ିକରେ ପାକିସ୍ତାନ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ମାଡ଼ କରିଥିଲା । କିନ୍ତୁ ଭାରତୀୟ ଏୟାର ଡିଫେନ୍ସ ସିଷ୍ଟମ ଏହାକୁ ଧ୍ୱଂସ କରି ଦେଇଥିଲା ।

## ସୋସିଆଲ ମିଡିଆରେ ଆମେରିକୀୟଙ୍କୁ ଆକ୍ଷେପ କଲେ ମିଳିବନି ଭିସା

ୱାଶିଂଟନ, ୨୮।୫ (ଏଜେନ୍ସି): ଆମେରିକା ନିଜର ଭିସା ନୀତିକୁ ପୂର୍ବାପେକ୍ଷା ଆହୁରି କଡ଼ାକଡ଼ି କରିଛି । ସୋସିଆଲ ମିଡିଆରେ ଆମେରିକୀୟ ଏବଂ ଆମେରିକାକୁ ତାଚ୍ଛଲ୍ୟ, ଆକ୍ଷେପ, ସମାଲୋଚନା କରୁଥିବା ଓ ଧମକ ଦେଉଥିବା ବ୍ୟକ୍ତିଙ୍କୁ ଆଉ ଆମେରିକା ଭିସା ମିଳିବ ନାହିଁ । ଆମେରିକା ବିଦେଶ ମନ୍ତ୍ରୀ ମାର୍କୋ ରୁବିଓ ବୁଧବାର ଏହି ଘୋଷଣା କରିଛନ୍ତି । ବିଶ୍ୱର ପ୍ରଥମ ରାଷ୍ଟ୍ର ଭାବେ ଆମେରିକା ଏଭଳି ନିୟମ ଆଣିଛି ।

ରୁବିଓ କହିଛନ୍ତି ଯେ ଯଦି କୌଣସି ବିଦେଶୀ ଅଧିକାରୀ ନିଜ ଦେଶରେ ଆମେରିକୀୟଙ୍କୁ ଗିରଫ କିମ୍ବା ଅନ୍ୟ କୌଣସି ଧମକ ଦେଇ ପୋଷ୍ଟ ସେନ୍‌ସର କରେ ତେବେ ଏହାକୁ କଦାପି ସ୍ୱୀକାର କରାଯିବ ନାହିଁ । ଆମେରିକା ଟେକ୍ ପ୍ଲାଟଫର୍ମରେ ବିଷୟବସ୍ତୁକୁ ହଟାଇବା କିମ୍ବା ନିୟନ୍ତ୍ରଣ କରିବାକୁ ଦାବି କରୁଥିବା ବିଦେଶୀ ଅଧିକାରୀଙ୍କ ଭିସା ଉପରେ କଟକଣା ଲଗାଇ ଦିଆଯିବ । କିଛି ବିଦେଶୀ ନାଗରିକ ଆମେରିକାରେ ରହି ସୋସିଆଲ ମିଡିଆ ପୋଷ୍ଟକୁ ନେଇ ଆମେରିକୀୟଙ୍କୁ ଗିରଫ ଧମକ ଦେଉଛନ୍ତି । ତେବେ ଏହି ନିୟମରେ କେଉଁ ଦେଶ କିମ୍ବା ଅଧିକାରୀ ପ୍ରଭାବିତ ହେବେ ତାହାର କୌଣସି ସୂଚନା ରୁବିଓ ଦେଇ ନ ଥିଲେ । କିନ୍ତୁ ସେ କହିଛନ୍ତି ଯେ କିଛି ବିଦେଶୀ ନାଗରିକ ପଦରେ ରହି ଆମେରିକା ଟେକ୍ କମ୍ପାନୀ ଏବଂ ଆମେରିକୀୟଙ୍କ ବିରୋଧରେ ସେନ୍‌ସରସିପ୍ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି । କିନ୍ତୁ ଏପରି କରିବାରେ ତାଙ୍କର କୌଣସି ଅଧିକାର ନ ଥିଲା ।

## ତିନି ସେନାର ଯବାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇପାରିବେ ଜଣେ ଅଧିକାରୀ

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଏବେ ଦେଶର ତିନି ସେନାର ଯବାନଙ୍କ ଉପରେ ଜଣେ ଅଧିକାରୀ କାର୍ଯ୍ୟାନୁଷ୍ଠାନ ନେଇପାରିବେ । 'ଇଣ୍ଟର ସର୍ଭିସ ଅର୍ଗାନାଇଜେସନ ନିୟମ' ଅଧିନରେ ଏହି କ୍ଷମତା ଦିଆଯାଇଛି । ଏହି ନିୟମ ମଙ୍ଗଳବାରଠାରୁ ଦେଶରେ ଲାଗୁ କରାଯାଇଛି । କେନ୍ଦ୍ର ପକ୍ଷରୁ ଏ ନେଇ ବିଜ୍ଞପ୍ତି ଜାରି କରାଯାଇଛି । ଏହି ନିୟମ ଅଧିନରେ ଜଣେ କମାଣ୍ଡର-ଇନ୍-ଚିଫ୍/ ଅଫିସର-ଇନ-କମାଣ୍ଡଙ୍କୁ ନିଯୁକ୍ତ କରାଯିବ । ଏହି କମାଣ୍ଡର ସୈନିକଙ୍କୁ ନିୟନ୍ତ୍ରଣ ଏବଂ କାର୍ଯ୍ୟାନୁଷ୍ଠାନ ନେଇପାରିବେ । 'ଇଣ୍ଟର ସର୍ଭିସ ଅର୍ଗାନାଇଜେସନ ନିୟମ' ଦୁଇ ବର୍ଷ ତଳେ ମୌସୁମୀ ଅଧିବେଶନରେ ପାରିତ କରାଯାଇଥିଲା । ୨୦୨୩ ଅଗଷ୍ଟ ୧୫ରେ ରାଷ୍ଟ୍ରପତି ଏହାକୁ ମଞ୍ଜୁରୀ ଦେଇଥିଲେ । ପରେ ୨୦୨୪ ମେ' ୧୦ରୁ ଏହା କାର୍ଯ୍ୟକାରୀ ହୋଇଥିଲା । କିନ୍ତୁ ସରକାର ବୁଧବାର ଆନୁଷ୍ଠାନିକ ଭାବେ ଗେଜେଟ ବିଜ୍ଞପ୍ତି ଜାରି କରିଥିଲେ ।

## 'ଅପରେସନ ସିନ୍ଦୂର' ଲାଗି ୫ ବର୍ଷ ପଛକୁ ପଳାଇଛି ପାକିସ୍ତାନ

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଆତଙ୍କବାଦ ବିରୋଧରେ ଭାରତ ଚଳାଇଥିବା ଅପରେସନ ସିନ୍ଦୂରରେ ପାକିସ୍ତାନର ବିପୁଳ କ୍ଷୟକ୍ଷତି ହୋଇଛି । ଏଥିରେ ପାକିସ୍ତାନ ବାୟୁସେନା ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି । ଭାରତ ଆକ୍ରମଣରେ ପାକ୍ ବାୟୁସେନା ଅସହାୟ ହୋଇ ପଡିଥିଲା । ଆକ୍ରମଣରୁ କିପରି ରକ୍ଷା କରିବ ତାହା ବୁଝିପାରି ନ ଥିଲା । ଏଥିରେ ହୋଇଥିବା କ୍ଷତି ଯୋଗୁଁ ପାକିସ୍ତାନ ସେନା ୫ ବର୍ଷ ପଛକୁ ପଳାଇଛି ବୋଲି ଅପରେସନ ସିନ୍ଦୂର ସହ ଜଡ଼ିତ ଅଧିକାରୀ କହିଛନ୍ତି । ଅପରେସନ ସିନ୍ଦୂରରେ ଭାରତୀୟ ବାୟୁସେନା କ୍ରୁଜ୍ ମିସାଇଲ୍, ଦୀର୍ଘ ଦୂରଗାମୀ ଅସ୍ତ୍ରଶସ୍ତ୍ର ଏବଂ ବିଭିନ୍ନ ପ୍ରକାରର ଘୂର୍ଣ୍ଣୟମାନ ଅସ୍ତ୍ରଶସ୍ତ୍ର ବ୍ୟବହାର କରିଥିଲା । ପ୍ରତିରକ୍ଷା ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଭାରତୀୟ ବାୟୁସେନା ଲଗାତାର ଚାରି ଦିନ ପର୍ଯ୍ୟନ୍ତ ପାକିସ୍ତାନରେ ଅତି ସଠିକ୍ ଭାବରେ ଆକ୍ରମଣ କରିଥିଲା । ଏହି ଆକ୍ରମଣ ଦ୍ୱାରା ପାକିସ୍ତାନକୁ ହୋଇଥିବା କ୍ଷତି ଏତେ ଅଧିକ ଯେ ଏହାକୁ ପୂରଣ କରିବାକୁ ଅତି କମରେ ୫ ବର୍ଷ ସମୟ ଲାଗିବ ।

## ଅସ୍ତ୍ରବିରତି ପାଇଁ ୨ ଥର ଅନୁରୋଧ କରିଥିଲା ପାକିସ୍ତାନ

ନୂଆଦିଲ୍ଲୀ: ଭାରତର ସଠିକ ଆକ୍ରମଣରେ ପାକିସ୍ତାନ ଘାଇଲା ହୋଇଯାଇଥିଲା । ଏହା ଦେଖି ପାକିସ୍ତାନ ଏତେ ମାତ୍ରାରେ ଭୟଭୀତ ହୋଇ ଯାଇଥିଲା ଯେ ଅସ୍ତ୍ରବିରତି ପାଇଁ ୨ ଥର ଅନୁରୋଧ କରିଥିଲା । ଏହି ଦେଶର ମିଲିଟାରୀ ଅପରେସନ ମହାନିର୍ଦ୍ଦେଶକ (ଡିଜିଏମଓ) ଏଥିପାଇଁ ବାର୍ତ୍ତା ମଧ୍ୟ ପ୍ରେରଣ କରିଥିଲେ । ଏହା ସତ୍ତ୍ୱେ ପାକିସ୍ତାନର ବିଶ୍ୱସନୀୟତା ଉପରେ ପ୍ରଶ୍ନ ଉଠିଥିଲା । ଗୋଟିଏ ପଟେ ଭାରତକୁ ଅସ୍ତ୍ରବିରତି ପାଇଁ ଅନୁରୋଧ କରିଥିବାବେଳେ ଅନ୍ୟପଟେ ସାମରିକ ଠିକଣାରେ ଆକ୍ରମଣ କରିଥିଲା । ଏହାର ତିନି ଦିନ ପରେ ମେ ୧୦ରେ ଅପରାହ୍ନ ୩:୩୫ ସମୟରେ ଦୁଇ ଦେଶ ମଧ୍ୟରେ ଡିଜିଏମଓ ସ୍ତରୀୟ ଆଲୋଚନା ହୋଇଥିଲା । ଏଥିରେ ଅସ୍ତ୍ରବିରତି ଉପରେ ଆଲୋଚନା ହୋଇଥିଲା । ଆମେରିକାର ମଧ୍ୟସ୍ଥତା ପରିବର୍ତ୍ତେ ପ୍ରତିଷ୍ଠିତ ସାମରିକ ଯୋଗାଯୋଗ ଚ୍ୟାନେଲ ମାଧ୍ୟମରେ ଏହି ଯୁଦ୍ଧବିରତି ହୋଇଥିଲା । ଦୁଇ ପରମାଣୁ ଅସ୍ତ୍ରଶସ୍ତ୍ର ସମ୍ପନ୍ନ ପଡ଼ୋଶୀଙ୍କ ମଧ୍ୟରେ ଉତ୍ତେଜନା ହ୍ରାସ ଏହାର ଲକ୍ଷ୍ୟ ଥିଲା ।


ପୂର୍ବରୁ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ କହିଥିଲେ ଯେ ପାକିସ୍ତାନୀ ଘାଟି ଉପରେ ଭାରତୀୟ ବାୟୁସେନା ସଠିକ୍ ଆକ୍ରମଣ କରିଥିଲା । ଏଥିଯୋଗୁଁ ପାକିସ୍ତାନର ଡିଜିଏମଓ ଆଲୋଚନା କରିବାକୁ ଅନୁରୋଧ କରି ଯୁଦ୍ଧବିରତି ପ୍ରସ୍ତାବ ଦେଇଥିଲେ । ଅନ୍ୟପକ୍ଷରେ ଅପରେସନ ସିନ୍ଦୂର ଜନିତ ମୃତ୍ୟୁ ସଂଖ୍ୟା ପାକିସ୍ତାନରେ ବୃଦ୍ଧି ପାଇବାରେ ଲାଗିଛି । ଏଥିରେ ୧୬୦ ରୁ ଅଧିକ ଆତଙ୍କବାଦୀ, ସେମାନଙ୍କ ସହାୟକ ଏବଂ ପାକିସ୍ତାନୀ ସାମରିକ କର୍ମଚାରୀ ପ୍ରାଣ ହରାଇଛନ୍ତି । ଏମାନଙ୍କ ମଧ୍ୟରେ ବହାବଲପୁର ସ୍ଥିତ ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ୨୦ରୁ ଅଧିକ ସଦସ୍ୟ ସାମିଲ ଅଛନ୍ତି ।

## ହମାସ୍ ମୁଖ୍ୟ ଶିନାୱରକୁ ହତ୍ୟା

ତେଲ ଆଭିଭ, ୨୮।୫ (ଏଜେନ୍ସି): ଆତଙ୍କବାଦୀ ସଂଗଠନ ହମାସ୍‌ର ଗାଜା ମୁଖ୍ୟ ମହମ୍ମଦ ସିନାୱରକୁ ଇସ୍ରାଏଲ ସେନା (ଆଇଡିଏଫ୍) ହତ୍ୟା କରିଛି । ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁ ବୁଧବାର ଏହି ଘୋଷଣା କରିଛନ୍ତି । ଗତ ୧୪ ତାରିଖରେ ଆଇଡିଏଫ୍ କରିଥିବା ବଡ଼ଧରଣର ଆକ୍ରମଣରେ ହମାସ୍ ମୁଖ୍ୟ ଗୁରୁତର ଆହତ ହୋଇଥିଲା । ସେତେବେଳେ ସିନାୱର ପ୍ରାଣ ହରାଇଛି କି ନାହିଁ ତାହା ଆଇଡିଏଫ୍ ସ୍ପଷ୍ଟ କରିପାରି ନ ଥିଲା । ମହମ୍ମଦ ସିନାୱରର ଭାଇ ତଥା ହମାସର୍ ପୂର୍ବତନ ମୁଖ୍ୟ ଯାହା ସିନାୱାରକୁ ଆଇଡିଏଫ୍ ୨୦୨୪ ଅକ୍ଟୋବରେ ନିହତ କରିଥିଲା । ସେ ୨୦୨୩ ଅକ୍ଟୋବର ୭ ଆକ୍ରମଣର ମାଷ୍ଟରମାଇଣ୍ଡ ଥିଲା । ତା' ପାଇଁ ହିଁ ଗାଜାରେ ଯୁଦ୍ଧ ଆରମ୍ଭ ହୋଇଥିଲା । ଇରାନ୍‌ରେ ବିସ୍ଫୋରଣ କରି ହମାସର ପୂର୍ବତନ ମୁଖ୍ୟ ଇସ୍‌ମାଇଲ ହାନିଏକୁ ମାରିବା ପରେ ଯାହା ଏହି ଆତଙ୍କବାଦୀ ସଂଗଠନର ଦାୟିତ୍ୱ ନେଇଥିଲା ।

ଉପଗ୍ରହର ଚିତ୍ରରୁ ଖୁଲାସା

## ପାକିସ୍ତାନ ମୁରିଦ ଏୟାରବେସ୍‌ର ଭୂତଳ ଠିକଣାକୁ ନିଶାଣ କରିଥିଲା ଭାରତ




ଇସଲାମାବାଦ, ୨୮।୫ (ଏଜେନ୍ସି): ଅପରସେନ ସିନ୍ଦୂର ଅଧିନରେ ପାକିସ୍ତାନର ମୁରିଦ ଏୟାର ବେସ୍‌ର ଭୂତଳ କେନ୍ଦ୍ର ଉପରେ ଭାରତ ଆକ୍ରମଣ କରିଥିଲା । ନୂଆ ଜାରି ହୋଇଥିବା ଉପଗ୍ରହ ଚିତ୍ରରେ ଏହି ଦାବି କରାଯାଇଛି । ମାକ୍ସାର ଟେକ୍ନୋଲୋଜି ପକ୍ଷରୁ ଜାରି ଏହି ଫଟୋରେ ଭାରତର କ୍ଷେପଣାସ୍ତ୍ର ମାଡ଼ ଦ୍ୱାରା ୩ ମିଟର ଓସାରର ଖାତ ହୋଇ ଯାଇଥିବା ଦେଖାଯାଉଛି । କଡ଼ା ସୁରକ୍ଷା ବଳୟରେ ଥିବା ଏହି ଏୟାରବେସ୍‌ର ଏକ କୋଠାର ପ୍ରମୁଖ ପ୍ରବେଶ ପଥ ନିକଟରେ ଏହି ଖାତ ହୋଇଛି । ଏଥିରେ ଭୂତଳ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିବା ସନ୍ଦେହ କରାଯାଉଛି । ଏହା କମାଣ୍ଡ ଓ କଣ୍ଟ୍ରୋଲ କିମ୍ବା ଡ୍ରୋନ ଅପରେସନ ପାଇଁ ବ୍ୟବହାର କରାଯାଉଥିଲା ବୋଲି ଆଶଙ୍କା ରହିଛି । ଭୂ-ଗୁଇନ୍ଦା ଗବେଷକ ଡାମିଏନ ସିମନଙ୍କ ଅନୁଯାୟୀ ଏୟାର ବେସ୍ ମଧ୍ୟରେ ଥିବା ଏକ ଅତ୍ୟନ୍ତ ସୁରକ୍ଷିତ କୋଠା (ସବ୍-କମ୍ପ୍ଲେକ୍ସ)କୁ ଭାରତ ନିଶାଣ କରିଥିଲା । ଏଠାରେ ଅନେକ ସୁରକ୍ଷା ସ୍ତର ରହିଛି । ଡବଲ୍ ଫେନ୍ସିଂ ଏବଂ ୱାଚଟାୱାର୍ ସହିତ ଅନେକ ସୁରକ୍ଷାକର୍ମୀ ଜଗି ରହୁଛନ୍ତି । ପ୍ରତିରକ୍ଷା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଏହି ସ୍ଥାନକୁ ଆକ୍ରମଣ କରି ଭାରତ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରିଦେଇଛି । ଏହା ଅସ୍ତ୍ରଶସ୍ତ୍ରର ସଠିକ୍ ଲକ୍ଷ୍ୟଭେଦ ଏବଂ ବିଧ୍ୱଂସକ କ୍ଷମତାକୁ ପ୍ରଦର୍ଶିତ କରିଛି । ପ୍ରଥମ ଥର ପାଇଁ ପାକିସ୍ତାନରେ ଥିବା ସାମରିକ ଭିତ୍ତିଭୂମି ଉପରେ ଏଭଳି ଆକ୍ରମଣ କରିଥିଲା ।



## କମଲ ହାସନଙ୍କୁ ରାଜ୍ୟସଭା ପଠାଇବ ଡିଏମ୍‌କେ

ଚେନ୍ନଇ, ୨୮।୫ (ଏଜେନ୍ସି): କନ୍ନଡ ଭାଷା ଉପରେ ମନ୍ତବ୍ୟ ଦେଇ ବିବାଦରେ ଫସିଥିବା ଅଭିନେତା କମଲ ହାସନଙ୍କୁ ତାମିଲନାଡୁର କ୍ଷମତାସୀନ ଡିଏମ୍‌କେ ସରକାର ରାଜ୍ୟସଭାକୁ ପଠାଇବାକୁ ଯାଉଛନ୍ତି । ଜୁନ୍ ୧୯ରେ ରାଜ୍ୟସଭା ନିର୍ବାଚନ ହେବାକୁ ଥିବାବେଳେ ଡିଏମ୍‌କେ ନିଜ ଦଳର ତିନି ଜଣ ଏବଂ ଏମଏନଏମ ମୁଖ୍ୟ କମଲ ହାସନଙ୍କୁ ପ୍ରାର୍ଥୀ କରିଛି । ଏହାକୁ ନେଇ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ କହିଛନ୍ତି ଯେ ଆସନ ବଣ୍ଟନ ଫର୍ମୁଲା ପୂର୍ବରୁ ସ୍ଥିର ହୋଇସାରିଛି । ଡିଏମକେ ରାଜ୍ୟସଭା ପ୍ରାର୍ଥୀ ଭାବରେ ବର୍ତ୍ତମାନର ସାଂସଦ ପି ୱିଲସନ, ପୂର୍ବତନ ବିଧାୟକ ଏସଆର ଶିବଲିଙ୍ଗ ଏବଂ ଦଳର ମୁଖପାତ୍ର ରୁକୈୟା ମଲିକଙ୍କୁ ପ୍ରାର୍ଥୀ କରାଯାଇଛି । ଅନ୍ୟପକ୍ଷରେ ତାମିଲରୁ କନ୍ନଡ ସୃଷ୍ଟି ହୋଇଥିବା ମନ୍ତବ୍ୟ ଦେଇ କମଲ ହାସନ ବିବାଦରେ ପଡ଼ିଛନ୍ତି । ଏହାକୁ ନେଇ କର୍ଣ୍ଣାଟକରେ ତାଙ୍କୁ ତୀବ୍ର ବିରୋଧ କରାଯାଉଛି । ବିଭିନ୍ନ ସ୍ଥାନରେ ଏତଲା ମଧ୍ୟ ରୁଜୁ କରାଯାଇଛି । ବିଜେପି ଏବଂ କଂଗ୍ରେସ ନେତା ମଧ୍ୟ କମଲ ହାସନଙ୍କୁ ସମାଲୋଚନା କରିଛନ୍ତି । ବିବାଦ ବଢ଼ିବା ପରେ ନିଜ ମନ୍ତବ୍ୟକୁ ନେଇ ଅଭିନେତା ପଛଘୁଞ୍ଚା ଦେଇଛନ୍ତି । ସ୍ପଷ୍ଟୀକରଣ ଦେଇ ସେ କହିଛନ୍ତି ଯେ ଭଲ ପାଇବା ଯୋଗୁଁ ଏପରି କହିଥିଲେ । ଅନେକ ଐତିହାସିକ ମୋତେ ଭାଷା ଇତିହାସ ଶିଖାଇଛନ୍ତି । ମୋର କିଛି କହିବାର ନ ଥିଲା । ତାମିଲନାଡୁ ଏପରି ଏକ ରାଜ୍ୟ ଯେଉଁଠାରେ ଜଣେ ମେନନ୍, ରେଡ୍ଡି, ତାମିଲ, କନ୍ନଡିଗା ଆୟେଙ୍ଗାର ଆମର ମୁଖ୍ୟମନ୍ତ୍ରୀ ହୋଇଛନ୍ତି । ତେଣୁ ଭାଷା ଉପରେ ମନ୍ତବ୍ୟ ଦେବାକୁ ଅଭିନେତା ଯୋଗ୍ୟ ନୁହେଁ ।

■ ଦୁଷ୍କର୍ମ ମାମଲାରେ ଅଭିଯୁକ୍ତକୁ ଜାମିନ

## ଗୋଟେ ହାତରେ ତାଳି ବାଜେନି: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ଏକ ଦୁଷ୍କର୍ମ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ବୁଧବାର ୨୩ ବର୍ଷୀୟ ଅଭିଯୁକ୍ତକୁ ଜାମିନ ଦେଇଛନ୍ତି । ଦୀର୍ଘ ୯ ମାସ ହେଲା ଜେଲ୍‌ରେ ଥିବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ଅଭିଯୁକ୍ତଙ୍କ ବିରୋଧରେ ଆରୋପପତ୍ର ଧାର୍ଯ୍ୟ କରାଯାଇ ନାହିଁ ବୋଲି କହିଛନ୍ତି । ଏହା ସହିତ ସୁପ୍ରିମକୋର୍ଟ ପୀଡ଼ିତା ମହିଳାଙ୍କୁ କଠୋର ଭାଷାରେ ସମାଲୋଚନା କରିଛନ୍ତି । ଗୋଟେ ହାତରେ ତାଳି ମଧ୍ୟ ବାଜେ ନାହିଁ । ଏହି ମହିଳା କୌଣସି ଶିଶୁ ନୁହଁନ୍ତି । ତାଙ୍କୁ ୪୦ ବର୍ଷ ହେଲାଣି ବୋଲି ଜଷ୍ଟିସ ବିଭି ନାଗରତ୍ନା ଏବଂ ସତୀଶ ଚନ୍ଦ୍ର ଶର୍ମାଙ୍କ ଖଣ୍ଡପୀଠ କହିଛନ୍ତି । ଏହି ମାମଲାରେ ଦିଲ୍ଲୀ ପୁଲିସର ଆଭିମୁଖ୍ୟ ଉପରେ ମଧ୍ୟ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇଛନ୍ତି । ଅଭିଯୁକ୍ତ (ସୋସିଆଲ ମିଡିଆ ଇନଫ୍ଲୁଏନ୍ସର)ଙ୍କ ସହ ମହିଳା ନିଜ ଇଚ୍ଛାରେ ୭ ଥର ଜମ୍ମୁ ଯାଇଥିଲେ । ଏହାକୁ ନେଇ ତାଙ୍କ ସ୍ୱାମୀ ମଧ୍ୟ ଚିନ୍ତିତ ନ ଥିଲେ । ଏହା ସତ୍ତ୍ୱେ ପୁଲିସ କାହିଁକି ଧାରା ୩୭୬ ଲଗାଇଲ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି । ଖଣ୍ଡପୀଠ ଯୁବକକୁ ମଧ୍ୟ ଭର୍ତ୍ସନା କରିଛନ୍ତି । ଏଭଳି ଲୋକଙ୍କ ଦ୍ୱାରା କିଏ ପ୍ରଭାବିତ ହେଉଛି ବୋଲି ପଚାରିଛନ୍ତି ।

## ମୋ ଲାଗି ଏ ଯାଏଁ ତିଷ୍ଠିଛି ରୁଷ୍: ଟ୍ରମ୍ପ

ୱାଶିଂଟନ, ୨୮।୫ (ଏଜେନ୍ସି): ଏ ପର୍ଯ୍ୟନ୍ତ ରୁଷ୍-ୟୁକ୍ରେନ ଯୁଦ୍ଧ ବନ୍ଦ କରିବାରେ ବିଫଳ ହୋଇଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ସମକକ୍ଷ ଭ୍ଲାଦିମିର ପୁତିନଙ୍କୁ ଚେତାବନୀ ଦେଇଛନ୍ତି । ପୁତିନ ନିଆଁ ସହ ଖେଳୁଛନ୍ତି ବୋଲି ଟ୍ରମ୍ପ କହିଛନ୍ତି । ୟୁକ୍ରେନରେ ରୁଷ୍ ଜୋରଦାର ଆକ୍ରମଣ ଜାରି ରଖିଥିବାବେଳେ ଆମେରିକା ରାଷ୍ଟ୍ରପତି ଏହି ମନ୍ତବ୍ୟ ଦେଇଛନ୍ତି । ଯଦି ସେ ନ ଥାଆନ୍ତେ ତେବେ ରୁଷ୍ ସହ ବହୁତ ଖରାପ ହୋଇଥାନ୍ତା । କେବଳ ମୋ ଲାଗି ରୁଷ୍ ଏ ପର୍ଯ୍ୟନ୍ତ ତିଷ୍ଠିଛି ବୋଲି ଟ୍ରମ୍ପ କହିଛନ୍ତି । ତେବେ ଟ୍ରମ୍ପଙ୍କ ଏହି ମନ୍ତବ୍ୟ ଉପରେ ପୁତିନଙ୍କ ଘନିଷ୍ଠ ସହଯୋଗୀ ଦିମିତ୍ରି ମେଦଭେଦବ କଡ଼ା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ଆମେ କେବଳ ଗୋଟିଏ ଖରାପ ଜିନିଷ ବିଷୟରେ ଜାଣିଛୁ, ତାହା ହେଉଛି ତୃତୀୟ ବିଶ୍ୱଯୁଦ୍ଧ । ଆଶା କରୁଛୁ ଟ୍ରମ୍ପ ଏହା ବୁଝିପାରିବେ । ଏହା ପୂର୍ବରୁ ପୁତିନ ସମ୍ପୂର୍ଣ୍ଣ ପାଗଳ ହୋଇଯାଇଛନ୍ତି ବୋଲି ଟ୍ରମ୍ପ କହିଥିଲେ ।

## ମନ୍ତ୍ରୀ ବିଜୟ ଶାହାଙ୍କ ଗିରଫ ଉପରେ ସୁପ୍ରିମକୋର୍ଟ କଟକଣା



ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): କର୍ଣ୍ଣେଲ ସୋଫିଆ କ୍ୟୁରେସିଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ଦେଇଥିବା ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହାଙ୍କୁ ବୁଧବାର ସୁପ୍ରିମକୋର୍ଟରୁ ଆଶ୍ୱସ୍ତି ମିଳିଛି । ଶାହାଙ୍କୁ ନେଇ ମଧ୍ୟପ୍ରଦେଶ ହାଇକୋର୍ଟ ଜାରି କରିଥିବା ନୋଟିସ ଉପରେ ସର୍ବୋଚ୍ଚ ନ୍ୟାୟାଳୟ କଟକଣା ଲଗାଇ ଦେଇଛନ୍ତି । ମନ୍ତ୍ରୀଙ୍କୁ ଗିରଫଦାରୀରୁ ସୁରକ୍ଷା ଦେଇଛନ୍ତି । ସୁପ୍ରିମକୋର୍ଟରେ ମାମଲାର ଶୁଣାଣି ଚାଲିଥିବାବେଳେ ହାଇକୋର୍ଟ ଏହି ମାମଲାରେ ହସ୍ତକ୍ଷେପ କରିବାର ଆବଶ୍ୟକତା ନାହିଁ । ତେଣୁ ମାମଲାର ଶୁଣାଣିକୁ ବନ୍ଦ କରିବା ପାଇଁ ଜଷ୍ଟିସ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ ଦୀପାଙ୍କର ଦତ୍ତାଙ୍କ ଖଣ୍ଡପୀଠ ହାଇକୋର୍ଟଙ୍କୁ ଅନୁରୋଧ କରିଛନ୍ତି । ଏ ସମ୍ବନ୍ଧିତ ସବୁ ମାମଲାର ଶୁଣାଣି ଏଥର ସର୍ବୋଚ୍ଚ ନ୍ୟାୟାଳୟରେ ହେବ । ଏହା ମଧ୍ୟରେ ଏସ୍‌ଆଇଟି ସୁପ୍ରିମକୋର୍ଟରେ ପ୍ରାରମ୍ଭିକ ଯାଞ୍ଚ ରିପୋର୍ଟ ଦାଖଲ କରିଛି । ଏହାକୁ ନେଇ ଜଷ୍ଟିସ ସୂର୍ଯ୍ୟକାନ୍ତ କହିଥିଲେ ଯେ ମନ୍ତ୍ରୀ ଯେଉଁଠି ଏହି ଟିପ୍ପଣୀ ଦେଇଥିଲେ ସେଠାକୁ ଏସଆଇଟି ଯାଇଥିଲା । ମୋବାଇଲ ତଥ୍ୟ ସଂଗ୍ରହ କରି ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା । ଏବେ ଯାଞ୍ଚ ପ୍ରାରମ୍ଭିକ ପର୍ଯ୍ୟାୟରେ ପହଞ୍ଚିଛି । ଏବେ ଯାଞ୍ଚକୁ ନେଇ ଏସ୍‌ଆଇଟି ଆଉ କିଛି ସମୟ ମାଗିଛି । ତେଣୁ ଜୁଲାଇ ପ୍ରଥମ ସପ୍ତାହରେ ଏହି ମାମଲାର ଶୁଣାଣି ହେବ । ପୂର୍ବ ଶୁଣାଣିରେ ମନ୍ତ୍ରୀ ଶାହାଙ୍କୁ ସୁପ୍ରିମକୋର୍ଟ ତୀବ୍ର ଭର୍ତ୍ସନା କରୁଛି । ତାଙ୍କ ବୟାନକୁ ନେଇ ସାରା ଦେଶ ଲଜ୍ଜା ଅନୁଭବ କରୁଛି ବୋଲି କହିଥିଲେ । ଏହା ବିରୋଧରେ ମଧ୍ୟପ୍ରଦେଶ ହାଇକୋର୍ଟଠାରୁ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଅନେକ ଅଭିଯୋଗ ହୋଇଛି । ହାଇକୋର୍ଟରେ ହୋଇଥିବା ମାମଲାକୁ ଚ୍ୟାଲେଞ୍ଜ କରି ମନ୍ତ୍ରୀ ବିଜୟ ଶାହ ସୁପ୍ରିମକୋର୍ଟ ପହଞ୍ଚି ଥିଲେ । ଏହି ମାମଲାର ଯାଞ୍ଚ ଲାଗି ଶୀର୍ଷ ଅଦାଲତ ୩ ଜଣ ଆଇପିଏସଙ୍କୁ ନେଇ ଏକ କମିଟି ଗଠନ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ।

## ଗୁଳି ମାରି ମୋତେ ପୋତି ଦିଅ: ଶେଖ୍ ହାସିନା

ନୂଆଦିଲ୍ଲୀ, ୨୮।୫ (ଏଜେନ୍ସି): ମୋତେ ଗୁଳି କରିଦିଅ । ଗଣଭବନରେ ମୋତେ ପୋତି ଦିଅ । ମୁଁ କେଉଁଆଡେ ଯିବାକୁ ଚାହୁଁନାହିଁ । ଉଗ୍ର ହିଂସାକୁ ଦେଖି ବାଂଲାଦେଶ ଛାଡ଼ିବା ପୂର୍ବରୁ ପ୍ରଧାନମନ୍ତ୍ରୀ ଶେଖ୍ ହାସିନାଙ୍କର ଏହା ଥିଲା ଶେଷ ଉକ୍ତି । ବାଂଲାଦେଶ ଖବରକାଗଜ 'ପ୍ରୋଥୋମ ଆଲୋ'ରେ ଏହି ରିପୋର୍ଟ ପ୍ରକାଶ ପାଇଛି । ଇଣ୍ଟରନ୍ୟାସନାଲ କ୍ରାଇମ ଟ୍ରିବ୍ୟୁନାଲରେ ଶୁଣାଣି ସମୟରେ ଓକିଲ ମହମ୍ମଦ ତାଜୁଲ ଇସଲାମ ଏହି ସୂଚନା ଦେଇଥିଲେ । ହିଂସା ସମୟରେ ଢାକାର ଚଙ୍ଖରପୁଲରେ ହୋଇଥିବା ମାନବାଧିକାର ଉଲ୍ଲଙ୍ଘନ ମାମଲା ବିଷୟରେ ମଧ୍ୟ ସେ କୋର୍ଟଙ୍କୁ ସୂଚନା ଦେଇଥିଲେ ।

ହରିୟାଣା ପରେ କେରଳ

## ଋଣଭାରରେ ବାପାମାଆ ଓ ୨ ପୁଅଙ୍କ ଆତ୍ମହତ୍ୟା

ତିରୁଅନନ୍ତପୁରମ, ୨୮।୫ (ଏଜେନ୍ସି): ହରିୟାଣା ପରେ ଏବେ କେରଳ । ପୁଣି ସେହି ସମାନ ଘଟଣାର ପୁନରାବୃତ୍ତି । କାଳ ସାଜିଲା ଋଣ । ଉଜୁଡ଼ି ଗଲା ସୁନାର ସଂସାର । ଆଉ ନେଇଗଲା ଗୋଟିଏ ପରିବାରର ଚାରି ଜଣଙ୍କ ଜୀବନ । ଋଣଭାରର ଅସହ୍ୟ ଯନ୍ତ୍ରଣା ସହି ନ ପାରି ଦଉଡି ଦେଇ ଆତ୍ମହତ୍ୟା କଲେ ବାପା,ମାଆ ଏବଂ ୨ ଭେଣ୍ଡା ପୁଅ । କେରଳ ଭକ୍କମର ଭେଭିଲାକୋମରେ ଘଟିଛି ଏହି ହୃଦୟ ବିଦାରକ ଘଟଣା । ମୃତକଙ୍କ ମଧ୍ୟରେ ଅନୀଲ କୁମାର (୫୫), ତାଙ୍କ ସ୍ତ୍ରୀ ପତ୍ନୀ ଶିଜା (୫୦), ପୁଅ ଅଶ୍ୱିନ (୨୦) ଏବଂ ଆକାଶ (୨୫) । ପୁଲିସ ସୂଚନା ଅନୁଯାୟୀ ଅନୀଲ କୁମାର ଆର୍ଥିକ ସ୍ଥିତି ଠିକ୍ ନ ଥିଲା ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି । ଘଟଣାସ୍ଥଳରୁ କୌଣସି ସୁଇସାଇଡ ନୋଟ୍ ମିଳିନାହିଁ । ମାମଲାର ତଦନ୍ତ ଜାରି ରହିଛି । ଏହି



ପରିବାରର କୌଣସି ସଦସ୍ୟ ଘରୁ ନ ବାହାରିବାରୁ ପଡୋଶୀଙ୍କ ସନ୍ଦେହ ବଢ଼ିଥିଲା । ସେମାନେ ମଙ୍ଗଳବାର ସକାଳେ ଯାଇ ଘର ଦେଖିବାରୁ ଏହି ଘଟଣା ସାମ୍ନାକୁ ଆସିଥିଲା । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି । ପଡୋଶୀଙ୍କ ସୂଚନା ଅନୁଯାୟୀ ମୃତ ପରିବାର ଆର୍ଥିକ ସଙ୍କଟ ଦେଇ ଗତି କରୁଥିଲେ । ପାରିପାର୍ଶ୍ୱିକ ସ୍ଥିତିକୁ ଦେଖିଲେ ପରିବାର ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି । କାରଣ ଘର ଭିତର ପଟୁ ବନ୍ଦ ହୋଇଥିଲା । ଡ୍ରଇଁ ରୁମ୍‌ର ସିଲିଂରେ ସମସ୍ତେ ଆତ୍ମହତ୍ୟା କରିଥିଲେ । ଏହା ଦେଖି ସେମାନେ କଡାକବୋର ପୁଲିସକୁ ସୂଚନା ଦେଇଥିଲେ । ସୂଚନା ଅନୁଯାୟୀ ଅନିଲ କୁମାର ଚାଷୀ ସମବାୟ ବ୍ୟାଙ୍କର ବରିଷ୍ଠ କିରାଣୀ ଭାବେ କାମ କରୁଥିଲେ । ତାଙ୍କ ପତ୍ନୀ ସିଜା ବିଧାନସଭାରେ ଠିକା କର୍ମଚାରୀ ଥିଲେ ।

■ ରଥଖଳାରୁ...

# ତାଳଧ୍ୱଜ ରଥ ପୋଲ ଗଯଳ ଚିରଟ ଆରମ୍ଭ



ପୁରୀ,୨୮।୫(ସମିସ): ରଥଯାତ୍ରା ପାଇଁ ରଥ ନିର୍ମାଣ ଦ୍ରୁତ ଗତିରେ ଆଗେଇ ଚାଲିଛି। ପରମ୍ପରା ଅନୁଯାୟୀ, ସ୍ନାନ ପୂର୍ଣ୍ଣିମାକୁ ତିନିରଥର ଚକ, ଅଖ ଏବଂ ଦଣ୍ଡା ସଂଯୋଗ ହୋଇ ଗରଗରା ଉପରେ ଚାରିନାହାକା ଉଠିଥାଏ। ତେଣୁ ଏହାକୁ ନଜରରେ ରଖି ରଥ ନିର୍ମାଣକାରୀ କାମକୁ ଗତିଶୀଳ କରିଛନ୍ତି। ମଙ୍ଗଳବାର ତିନିରଥର ସମସ୍ତ ୪୨ଟି ଚକ (ତାଳଧ୍ୱଜ ୧୪, ଦେବଦଳନ ୧୨ ଓ ନନ୍ଦିଘୋଷ ୧୬) ନିର୍ମାଣ ଶେଷ ହୋଇଥିଲା। ଏହାପରେ ତିନି ରଥ ଚାଲିକୁ ଗରଗରା ନିର୍ମାଣ ପାଇଁ ଦୁଇଟି ଲେଖାଏ ୨୦ଫୁଟିଆ ଧଉରା କାଠ, ଚାରି ନାହାକା ପାଇଁ ପ୍ରଥମ ଦଫାରେ ଦୁଇଟି ଲେଖାଏଁ ୨୦ ଫୁଟିଆ ଧଉରା କାଠ ଏବଂ ପୋଲ ଗଯଳ ନିର୍ମାଣ ପାଇଁ ୪୦ ଫୁଟିଆ ଧଉରା କାଠ ଯୋଗାଇ ଦିଆଯାଇଥିଲା। ବୁଧବାର ଏହି ସବୁର କାମ ଜାରି ରହିଛି। ଅନ୍ୟାନ୍ୟ କାମ ମଧ୍ୟରେ ପ୍ରତ୍ୟେକ ରଥର ପାଞ୍ଚଦଣ୍ଡା ଚଉପଟ କାମ ଚାଲିଛି। ପ୍ରତ୍ୟେକ ରଥର ଦୁଇଟି ଲେଖାଏଁ ଗରଗରା କାଠର ଚଉପଟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ସେହିପରି ତାଳଧ୍ୱଜ ରଥର ପୋଲ ଗଯଳ ଉଭୟ ପାର୍ଶ୍ୱ ସମତଳ ପରେ ଚିରଟ କାର୍ଯ୍ୟ ଆରମ୍ଭ ହୋଇଛି। କରତୀ ସେବକମାନେ ବାହାର ରଥ ଖଳାରେ ଏହାକୁ ଚିରଟ କରୁଛନ୍ତି। ଏହାର ଚିରଟ ଶେଷ ହେବା ପରେ ନନ୍ଦିଘୋଷ ରଥର ଗଯଳ ଚିରଟ କରାଯିବ। ରୂପକାର ସେବକମାନେ ତିନିରଥର ୧୧ଟି ଲେଖାଏଁ ସାଲ ଗୁଜରେ ରୂପ ଅଙ୍କନ ସହ ପଲିସ କାର୍ଯ୍ୟ ଶେଷ କରିଛନ୍ତି। ରୂପଗୁଡ଼ିକର ଅଳଙ୍କାର ପକା କାର୍ଯ୍ୟ ପ୍ରାୟ ସରିଯାଇଛି। ସେହିପରି ଦୋଳବେଦୀ ପରିସର ଅସ୍ଥାୟୀ କମାର ଶାଳରେ କମାର ସେବକମାନେ ତିନି ରଥର ଦଣ୍ଡା କଣ୍ଟା, ଗଯଳ କଣ୍ଟା ନିର୍ମାଣ ଜାରି ରଖିଛନ୍ତି। ଦୋଳବେଦୀଠାରେ ମହାପ୍ରଭୁଙ୍କ ସ୍ନାନ ଯାତ୍ରା, ରଥଯାତ୍ରାରେ ଆବଶ୍ୟକ କାଠ ସରଞ୍ଜାମ ନିର୍ମାଣ କରୁଛନ୍ତି।

## ବହୁଚର୍ଚ୍ଚିତ ପାଟଣାଗଡ଼ ପାର୍ସଲ ବୋମା ବିସ୍ଫୋରଣ ମାମଲା

# ପୁଞ୍ଜିଲାଲ୍‌ଙ୍କୁ ଆଜୀବନ ଜେଲ୍‌ଦଣ୍ଡ

ପାଟଣାଗଡ଼, ୨୮।୫(ସମିସ): ଦୀର୍ଘ ସାତ ବର୍ଷ ଅପେକ୍ଷାର ଅନ୍ତ ଘଟିଛି। ବହୁଚର୍ଚ୍ଚିତ ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ପାର୍ସଲ ବୋମା ବି।।ସ୍ଫୋରଣ ମାମଲାର ଚୂଡ଼ାନ୍ତ ରାୟ ଆଜି ପ୍ରକାଶ ପାଇଛି। ଅତିରିକ୍ତ ଜିଲ୍ଲା ଦୌରାଜଜ୍ ସୋନାଲି ପଟ୍ଟନାୟକ ଅଭିଯୁକ୍ତ ପୁଞ୍ଜିଲାଲ ମେହେରକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଦେଇଛନ୍ତି। ସେ ମୃତ୍ୟୁ ପର୍ଯ୍ୟନ୍ତ ଜେଲ୍‌ରେ ରହିବ। ଏହାସହିତ ୫୦ ହଜାର ଟଙ୍କା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଆଇପିସିର ଧାରା ୩୦୨, ୩୦୭, ୨୦୧ ଓ ଉପଧାରା ୩ ଓ ୪ ଅନୁଯାୟୀ କୋର୍ଟ ପୁଞ୍ଜିଲାଲକୁ ଦୋଷୀ ସାବ୍ୟସ୍ତ କରିବା ସହିତ ମୃତ୍ୟୁ ପର୍ଯ୍ୟନ୍ତ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି। ମାମଲାର ତଦନ୍ତ ପରେ ୨ ହଜାର ପୃଷ୍ଠାର ଚାର୍ଜସିଟ୍ ଦାଖଲ କରାଯାଇଥିଲା ଏବଂ ୬୦ରୁ ଅଧିକ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। କ୍ରାଇମବ୍ରାଞ୍ଚ ପକ୍ଷରୁ ୧୦୦ଟି ଦସ୍ତାବିଜ ଓ ପୁଞ୍ଜିଲାଲଠାରୁ ଜବତ କରାଯାଇଥିବା ଲାପ୍‌ଟପ୍, ପେନ୍‌ଡ୍ରାଇଭ୍, ଡାଏରୀ, ମେମୋରୀ କାର୍ଡ ସହ ଅନ୍ୟାନ୍ୟ ଉପକରଣ କୋର୍ଟରେ ଦାଖଲ କରାଯାଇଥିଲା।

ଆଜି ସକାଳ ପ୍ରାୟ ୮ ସମୟରେ ପୁଞ୍ଜିଲାଲ ମେହେରକୁ କଡ଼ା ସୁରକ୍ଷା ମଧ୍ୟରେ ବଲାଙ୍ଗିର ଜେଲରୁ ପାଟଣାଗଡ଼ କୋର୍ଟକୁ ଅଣାଯାଇଥିଲା। ରାୟ ସମୟରେ ପୁଞ୍ଜିଲାଲ ଆଖିରୁ ଲୁହ ବାହାରିଥିଲା। କୋର୍ଟ ପରିସରରୁ ବାହାରିବା ସମୟରେ ପୁଞ୍ଜିଲାଲ ଗଣମାଧ୍ୟମକୁ କହିଥିଲା, ମୋତେ ଫସାଇ ଦିଆଯାଇଛି। ମୁଁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ। ଗଣମାଧ୍ୟମ ଉପରେ ଦୋଷ ଦେଇ ନାଲି ଆଖି ଦେଖାଇଥିଲା। ଏହି ମାମଲାର ଚୂଡ଼ାନ୍ତ ରାୟ ଆଜି ପ୍ରକାଶ ପାଇବା ଜାଣି କୋର୍ଟ ପରିସର



ଦଣ୍ଡାଦେଶ ପରେ ପୁଞ୍ଜିଲାଲ୍‌ଙ୍କୁ ବଲାଙ୍ଗିର ଜେଲ୍‌କୁ ନିଆଯାଉଛି

ଲୋକାରଣ୍ୟ ହୋଇପଡ଼ିଥିଲା।। ପୁଲିସ ପକ୍ଷରୁ ଫୋର୍ସ ମୁତୟନ କରାଯାଇଥିଲା। ମୃତ ସୌମ୍ୟଶେଖରଙ୍କ ଘରେ ମଧ୍ୟ ସୁରକ୍ଷା କଡ଼ାକଡ଼ି କରାଯାଇଥିଲା।

ସୂଚନାଯୋଗ୍ୟ ଯେ ୨୦୧୮ ଫେବୃଆରୀ ୧୮ ତାରିଖରେ ପାଟଣାଗଡ଼ରେ ୨୬ ବର୍ଷୀୟ ଇଞ୍ଜିନିୟର ସୌମ୍ୟଶେଖର ସାହୁ ଓ ରିମାଙ୍କର ବିବାହ ହୋଇଥିଲା। ୨୩ ତାରିଖରେ ରିସେପସନ୍ ହୋଇଥିଲା। ରିସେପସନରେ ମିଳିଥିବା ଉପହାରକୁ ଖୋଲୁଥିବା ବେଳେ ଗୋଟିଏ ପାର୍ସଲରେ ଶକ୍ତିଶାଳୀ ବିସ୍ଫୋରଣ ହୋଇଥିଲା। ଏଥିରେ ସୌମ୍ୟ।।ଶେଖରଙ୍କର ମୃତ୍ୟୁ ଘଟିଥିବା ବେଳେ ରିମା ଗୁରୁତର ଆହତ ହୋଇଥିଲେ। ସେତେବେଳେ ଏହି ଘଟଣା ସାରା ରାଜ୍ୟକୁ ସ୍ତବ୍ଧ କରିଦେଇଥିଲା। ଏହି ବିସ୍ଫୋରଣ ପଛରେ ଭଇଁଷା କଲେଜର ଅଧ୍ୟାପକ ପୁଞ୍ଜିଲାଲର ହାତ ରହିଥିଲା। କଲେଜ ଅଧକ୍ଷା ତଥା ସୌମ୍ୟଶେଖରଙ୍କ ମା' ସଂଯୁକ୍ତା ସାହୁଙ୍କ ସହିତ ବୃତ୍ତିଗତ ଶତ୍ରୁତାକୁ କେନ୍ଦ୍ର କରି ପୁଞ୍ଜିଲାଲ ଏଭଳି ବିସ୍ଫୋରଣ କରାଇଥିଲା। ସେ ବୋମା ନିଜେ ତିଆରି କରି ଏକ ଉପହାର ପ୍ୟାକେଟ କରିଥିଲା। ପରେ ଏହାକୁ ପାର୍ସଲ କରି ସଂଯୁକ୍ତାଙ୍କ ଘରକୁ ପଠାଇଥିଲା। ପାର୍ସଲ ଖୋଲିବା ମାତ୍ରେ ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଏଥିରେ ସୌମ୍ୟ ଏବଂ ତାଙ୍କ ଆଇମା'ଙ୍କ ଜୀବନ ଚାଲିଯାଇଥିଲା। ଘଟଣାର ତଦନ୍ତ କରି କ୍ରାଇମବ୍ରାଞ୍ଚ ପୁଞ୍ଜିଲାଲକୁ ଗିରଫ କରିଥିଲା। ଏହା ଦେଶରେ ପ୍ରଥମ ପାର୍ସଲ ବୋମା ବିସ୍ଫୋରଣ ଥିଲା ବୋଲି କୁହାଯାଉଛି। ବିସ୍ଫୋରଣ କରି ସମଗ୍ର ପରିବାରକୁ ମୂଳପୋଛ କରିବାକୁ ଷଡ଼ଯନ୍ତ୍ର କରିଥିଲା ପୁଞ୍ଜିଲାଲ। ବୋମା କିପରି ତିଆରି ହୁଏ ତାହା ସେ ଅନଲାଇନରେ ଶିଖିଥିଲା।

ଆଜିର ରାୟରେ ପ୍ରତିକ୍ରିୟା ପ୍ରକାଶ କରି ମୃତ ସୌମ୍ୟଶେଖରଙ୍କ ବାପା ରବୀନ୍ଦ୍ର ସାହୁ କହିଲେ, ଆମକୁ ନ୍ୟାୟ ମିଳିଛି। ତଥାପି ମୋ ପୁଅକୁ ଆଉ କେହି ଫେରାଇ ଆଣି ପାରିବେନାହିଁ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଉଛି। ତଥାପି ଏଭଳି ଅପରାଧ ପାଇଁ ଯେତେ ଦଣ୍ଡ ଦେଲେ ମଧ୍ୟ କମ ହେବ। ମୁଁ ବାପା ହିସାବରେ ତାକୁ ଫାଶୀ ମିଳୁ ବୋଲି ଚାହୁଁଥିଲି। କିନ୍ତୁ ଆଇନକୁ ସମ୍ମାନ ଜଣାଇ ଅଦାଲତ ଯେଉଁ ରାୟ ଶୁଣାଇଛନ୍ତି ମୁଁ ସନ୍ତୁଷ୍ଟ। ପୁଞ୍ଜିଲାଲ ମୃତ୍ୟୁ ପର୍ଯ୍ୟନ୍ତ ଜେଲରେ ଥାଇ ନିଜ କର୍ମଫଳ ଭୋଗିବ ବୋଲି କହିଛନ୍ତି।

## ସାଇବର୍ ଠକଙ୍କ କରାମତି

# କ୍ରିକେଟ୍ ବେଟିଂ ଆଳରେ କୋଟିଏ ଟଙ୍କାର ଚୂନ

କଟକ,୨୮ ।୫ (ସମିସ): ଅନଲାଇନ୍ କ୍ରିକେଟ୍ ବେଟିଂ ମାଧ୍ୟମରେ ଜଣେ ବ୍ୟକ୍ତିଙ୍କୁ କୋଟିଏ ଟଙ୍କା ଚୂନ ଲଗାଇଥିବା ଦୁଇ ସାଇବର୍ ଠକଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଗିରଫ ଅଭିଯୁକ୍ତଦ୍ୱୟ ହେଲେ, ପଶ୍ଚିମବଙ୍ଗ ବାସିନ୍ଦା ଏସ୍.କେ. ୱାସିଉଲ୍ ଇସଲାମ୍ ଓରଫ ରୋହନ୍ (୨୯) ଏବଂ ଭୁବନେଶ୍ୱର ଖାରବେଳନଗର ପ୍ରେସ୍ କଲୋନୀ ଅଞ୍ଚଳର ଜ୍ୟୋତିପ୍ରକାଶ ପଲାଇ (୩୬)। ସେମାନଙ୍କଠାରୁ ପାସବୁକ୍, ଚେକ୍, ମୋବାଇଲ୍ ଫୋନ୍, ସିମ୍ କାର୍ଡ, ଜିଏସ୍‌ଟି ସାର୍ଟିଫିକେଟ୍, ଆଧାର ଏବଂ ପାନ୍ କାର୍ଡ ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ ଜବତ କରିଛି କ୍ରାଇମବ୍ରାଞ୍ଚ। ଏହାସହ ଅଭିଯୁକ୍ତଦ୍ୱୟଙ୍କ ଏକାଧିକ ବ୍ୟାଙ୍କ ଆକାଉଣ୍ଟକୁ ଅଚଳ କରାଯାଇଛି। ଡିଏସ୍‌ପି ଅନିଲା ଆନନ୍ଦଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ କରି ଏହି ଠକେଇର ପର୍ଦ୍ଦାଫାସ୍ କରିଛି। ଅଭିଯୁକ୍ତମାନେ ନକଲି ୱେବସାଇଟ୍ ଓ ଗେମିଂ ଆପ୍ ମାଧ୍ୟମରେ ଲୋକଙ୍କୁ ଚୂନ ମାରୁଥିଲେ ବୋଲି ତଦନ୍ତକାରୀ ଟିମ୍ ଜାଣିବାକୁ ପାଇଛି। ତେବେ ଏହି ଅଭିଯୁକ୍ତଦ୍ୱୟ ଆଉ କେଉଁ କେଉଁ ଠକେଇର ସଂପୃକ୍ତ ଅଛନ୍ତି, ସେନେଇ କ୍ରାଇମବ୍ରାଞ୍ଚ ଖୋଳତାଡ଼ କରୁଛି। ଆବଶ୍ୟକ ପଡ଼ିଲେ ଦୁହିଁଙ୍କୁ ରିମାଣ୍ଡରେ ଅଣାଯାଇପାରେ ବୋଲି କୁହାଯାଉଛି।

ଯାଜପୁର ଜିଲ୍ଲା କଳିଙ୍ଗନଗର ଅଞ୍ଚଳର ଜଣେ ବ୍ୟକ୍ତି ଅନ୍‌ଲାଇନ୍ ଗେମିଂ ଆପ୍‌ରେ କ୍ରିକେଟ୍ ବେଟିଂ ମାଧ୍ୟମରେ ୧ କୋଟି ୮ ଲକ୍ଷ ଟଙ୍କା ଠକାମିର ଶିକାର ହୋଇଥିବା ସଂକ୍ରାନ୍ତରେ ସାଇବର ଥାନାରେ ଅଭିଯୋଗ କରିଥିଲେ। ପର୍ଯ୍ୟାୟକ୍ରମେ ଉପରୋକ୍ତ ଟଙ୍କା ଜମା କରି ଆଉ ଫେରିପାଇ ନଥିଲେ। ତେବେ ଠକେଇର ଶିକାର ହେବାର ଦୀର୍ଘ ଅଢ଼େଇ ବର୍ଷ ପରେ ସେ ସାଇବର ଥାନାରେ ଏତଲା ଦେଇଥିଲେ।

ପ୍ରାରମ୍ଭରେ ସାଇବର୍ ଅପରାଧୀମାନେ ତାଙ୍କୁ ଅନଲାଇନ କ୍ରିକେଟ୍ ବେଟିଂର ଦୁଇଟି ୱେବସାଇଟ୍ ଲିଙ୍କ୍ www.dream666.com ଓ www.dream444.com ପଠାଇଥିଲେ। ଉପରୋକ୍ତ ଆଇଡି ବ୍ୟବହାର କରି କ୍ରିକେଟ୍ ବେଟିଂ ମାଧ୍ୟମରେ ବିପୁଳ



୨ ଗିରଫ; ପାସବୁକ୍, ଚେକ୍, ମୋବାଇଲ୍ ଜବତ

ଟଙ୍କା ରୋଜଗାର କରିବାକୁ ଉପରୋକ୍ତ ଦୁଇ ସାଇବର ଅପରାଧୀ ଲୋଭ ଦେଖାଇଥିଲେ। ସେହି ଅନୁଯାୟୀ ବ୍ୟକ୍ତିଜଣଙ୍କ ପ୍ରଥମେ ଅଳ୍ପ କିଛି ଟଙ୍କା ବିନିଯୋଗ କରିଥିଲେ। ଅନ୍ୟପକ୍ଷରେ, ଅପରାଧୀମାନେ ମଧ୍ୟ ତାଙ୍କୁ କିଛି କିଛି ଟଙ୍କା ଫେରସ୍ତ କରିଥିଲେ। ଫଳରେ ଟଙ୍କା ଫେରସ୍ତ ପାଇବାକୁ ତାଙ୍କର ବିଶ୍ୱାସ ସୃଷ୍ଟି ହୋଇଥିଲା। ଅଭିଯୋଗକାରୀଜଣଙ୍କ ତାଙ୍କ ପତ୍ନୀ, ବନ୍ଧୁ ଏବଂ କର୍ମଚାରୀଙ୍କ ଆକାଉଣ୍ଟ ମାଧ୍ୟମରେ ବିଭିନ୍ନ ପର୍ଯ୍ୟାୟରେ ୧.୦୮ କୋଟି ଟଙ୍କା ଟ୍ରାନ୍ସଫର କରିଥିଲେ। ଅନ୍ୟପକ୍ଷରେ ସାଇବର୍ ଅପରାଧୀମାନେ ତାଙ୍କୁ ଟଙ୍କା ଫେରସ୍ତ କରିବା ପରିବର୍ତ୍ତେ ଦିନ ପରେ ଦିନ ଗଡ଼ାଇ ଚାଲିଥିଲେ। ଅଗଷ୍ଟ ୨୦୨୨ରୁ ଜାନୁଆରୀ ୨୦୨୫ ପର୍ଯ୍ୟନ୍ତ ୱେବସାଇଟ୍ ମାଧ୍ୟମରେ ସେ ଉପରୋକ୍ତ ପରିମାଣର ଟଙ୍କା ଜମା କରିଥିଲେ। ତେବେ ଦିନ ଗଡ଼ିବା ସତ୍ତ୍ୱେ ଟଙ୍କା ଫେରସ୍ତ ନ ପାଇବାରୁ ବ୍ୟକ୍ତିଜଣଙ୍କ ଥାନାର ଦ୍ୱାରସ୍ଥ ହୋଇଥିଲେ। କ୍ରାଇମବ୍ରାଞ୍ଚ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

## ଅହସ୍ୟ ହେଲା ସ୍ୱାମୀଙ୍କ ନିର୍ଯାତନା

# ଟାଙ୍ଗିଆରେ ହାଣି, ଇଟାରେ ଛେଚି ସ୍ୱାମୀକୁ ହତ୍ୟା

କୋଦଳା,୨୮ ।୫(ସମିସ): ନିର୍ଯାତନା ଅହସ୍ୟ ହେବାରୁ ସ୍ୱାମୀଙ୍କୁ ଟାଙ୍ଗିଆରେ ହାଣିବା ପରେ ଇଟାରେ ଛେଚି ହତ୍ୟା କଲା ସ୍ତ୍ରୀ। ଗଂଜାମ ଜିଲ୍ଲା ବେଗୁନିଆପଡ଼ା ଥାନା ଅନ୍ତର୍ଗତ ଗୋପାଳପୁର ସାହିରେ ବୁଧବାର ଏହି ଆପରାଧିକ ଘଟଣା ଘଟିଛି। ମୃତକ ହେଲେ, ନାରାୟଣ ଭୂୟାଁ (୪୦)। ପୁଲିସ୍ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ତ୍ରୀ ରୀନା ଭୂୟାଁଙ୍କୁ ଗିରଫ କରିଛି।

ନାରାୟଣଙ୍କ ନିଜ ଘର ବେଗୁନିଆପଡ଼ା ଥାନା ଅନ୍ତର୍ଗତ ବିରିବାଟିଆ ଗ୍ରାମରେ। ସେ ଗୋପାଳପୁର ଗ୍ରାମର ରୀନା ଭୂୟାଁଙ୍କୁ ବିବାହ କରିବା ପରେ ଗୋପାଳପୁରରେ ରହୁଥିଲେ। ତାଙ୍କର ଗୋଟିଏ ଝିଅ (୧୬) ଓ ଆଉ ଗୋଟିଏ ପୁଅ (୧୨)ର ଅଛନ୍ତି। ନାରାୟଣ ସୁରତରେ କାମ କରୁଥିବା ବେଳେ ରୀନାଙ୍କ ଚରିତ୍ର ଉପରେ ସନ୍ଦେହ କରି ଆସୁଥିଲେ। ଏହାକୁ ନେଇ ସେମାନଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ଉଠିଥିଲା। ଏପରିକି, ଏହି କଥାକୁ କେନ୍ଦ୍ର କରି ନାରାୟଣ ପ୍ରାୟ ସମୟରେ ରୀନାଙ୍କୁ ନିର୍ଯାତନା ଦେଉଥିଲେ। ମଙ୍ଗଳବାର ବିଳମ୍ବିତ ରାତିରେ ଦୁହିଁଙ୍କ ମଧ୍ୟରେ ପୁଣିଥରେ ପାଟିତୁଣ୍ଡ ସହ ଧସ୍ତାଧସ୍ତି ହୋଇଥିଲା। ନାରାୟଣ ଏକ ପଥର ଉପରେ ପଡ଼ିଯିବା ପରେ ରୀନା ଏକ ଇଟାରେ ତାଙ୍କ ମୁଣ୍ଡକୁ ଛେଚି ଦେଇଥିଲେ। ପରେ ରୀନା ତାଙ୍କୁ ଘରକୁ ଘୋଷାଡ଼ି ଆଣିଥିଲେ। କିନ୍ତୁ ନାରାୟଣ ଘରେ ଥିବା ଏକ କୁରାଢ଼ୀରେ ରୀନାଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିବାରୁ ରୀନା ତାଙ୍କଠାରୁ ସେହି କୁରାଢ଼ୀ ଛଡ଼ାଇ ଚୋଟ ପରେ ଚୋଟ ପକାଇ ନାରାୟଣଙ୍କୁ ହତ୍ୟା କରିଦେଇଥିଲେ। ରୀନା ଏତେ କ୍ଷୁବ୍ଧ ଥିଲେ ଯେ ମୃତ୍ୟୁ ପରେ ମଧ୍ୟ କାଳେ ବଞ୍ଚିଥିବ ଭାବି ପୁଣି ତାଙ୍କ ମୁଣ୍ଡକୁ ଇଟାରେ ଛେଚି ପକାଇଥିଲେ।

ଖବର ପାଇ ବେଗୁନିଆପଡ଼ା ଥାନା ଅଧିକାରୀ ଭଗବାନ ପୂଜାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସାଇଣ୍ଟିଫିକ ଟିମ୍ ଓ ପୁରୁଷୋତ୍ତମପୁର ଏସ୍‌ଡିପିଓ ଦୀପକ କୁମାର ମିଶ୍ର ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାଯାଇଛି। ଅନ୍ୟପଟେ ଏହି ଘଟଣାରେ ଅନ୍ୟ କେହି ସମ୍ପୃକ୍ତ ଅଛି ନା ନାହିଁ, ତାକୁ ନେଇ ମଧ୍ୟ ପୁଲିସ୍ ତନାଘନା କରୁଛି। ସେପଟେ ନାରାୟଣଙ୍କ ମା' ନିଶା ଭୂୟାଁ ବେଗୁନିଆପଡ଼ା ଥାନାରେ ଲିଖିତ ଏତଲା ଦେଇଛନ୍ତି। ପୁଲିସ୍ ରୀନାଙ୍କୁ ଗିରଫ କରିବା ସହ ଆଉ ଜଣଙ୍କୁ ମଧ୍ୟ ଅଟକ ରଖି ଜେରା କରୁଛି। ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପୁଲିସ ପଠାଇଛି।

# କେନ୍ଦ୍ରୀୟ ଡେପୁଟେସନ୍‌ରେ ଗଲେ ଆର୍ ଭିନିଲ୍ କ୍ରିଷ୍ଣା

ଭୁବନେଶ୍ୱର,୨୮।୫(ସମିସ): କେନ୍ଦ୍ରୀୟ ଡେପୁଟେସନ୍‌ରେ ଗଲେ ଆର୍ ଭିନିଲ୍ କ୍ରିଷ୍ଣା। ୨୦୦୫ ବ୍ୟାଚ୍‌ର ଓଡ଼ିଶା କ୍ୟାଡର ଆଇଏଏସ୍ ଭିନିଲ୍ କ୍ରିଷ୍ଣା କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟରେ ଯୁଗ୍ମ ସଚିବ ଭାବେ ନିଯୁକ୍ତି ପାଇଛନ୍ତି। ଏନେଇ ବୁଧବାର କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଜାରି ବିଜ୍ଞପ୍ତିରେ ବିଭିନ୍ନ ରାଜ୍ୟରୁ ୪୧ଜଣ ଅଧିକାରୀଙ୍କ ନିଯୁକ୍ତି ନେଇ ସୂଚନା ଦିଆଯାଇଛି। ଓଡ଼ିଶା କ୍ୟାଡର୍ ଅଧିକାରୀ ଭିନିଲ୍ କ୍ରିଷ୍ଣା ବର୍ତ୍ତମାନ ଓଡ଼ିଶା ଲ୍ୟାଣ୍ଡ ରେକର୍ଡ ଓ ସେଟଲେମେଣ୍ଟ କମିସନର୍ ଭାବେ କାର୍ଯ୍ୟ କରୁଛନ୍ତି।


## ଏଏସ୍‌ଆଇର ଅବହେଳା

# ଲିଭିଯାଉଛି ଶ୍ରୀମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ

ପୁରୀ,୨୮।୫(ସମିସ): ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା(ଏଏସ୍‌ଆଇ)ର ଅବହେଳା ଯୋଗୁଁ ଲିଭିଯାଉଛି ଶ୍ରୀମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ। ମୁଖ୍ୟ ମନ୍ଦିର ବ୍ୟତୀତ ବଡ଼ଦେଉଳ ବେଢ଼ା ପରିସରରେ ଅନେକ ଦେବଦେବୀଙ୍କ ମନ୍ଦିର ରହିଛି। ବହୁ ପାର୍ଶ୍ୱ ଦେବଦେବୀ ବି ରହିଛନ୍ତି। ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ଏହି ମୂର୍ତ୍ତି ମଧ୍ୟରୁ ଯଦି କୌଣସି ମୂର୍ତ୍ତି ଭାଙ୍ଗିପଡୁଛି କିମ୍ବା ଅନ୍ୟ କୌଣସି କାରଣ ପାଇଁ ନଷ୍ଟ ହୋଇଯାଇଛି ତାହାର ପୁନଃସ୍ଥାପନ ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉ ନାହିଁ। ଯଦି ବି ପୁନଃସ୍ଥାପନ କରାଯାଉଛି, ପୂର୍ବପରି ସେହି ସୂକ୍ଷ୍ମ କାରୁକାର୍ଯ୍ୟ ରହୁନାହିଁ। ଏଏସ୍‌ଆଇ ଏଭଳି ଅବହେଳାକୁ ନେଇ ଅନେକ ସମୟରେ ଅସନ୍ତୋଷ ପ୍ରକାଶ ପାଉଛି। କିନ୍ତୁ ଏ ଦିଗରେ ସଚେତନ ହେଉନି ଏଏସ୍‌ଆଇ। କୌଣସି ପାର୍ଶ୍ୱ ମୂର୍ତ୍ତି ଭାଙ୍ଗିଗଲେ ବି ବର୍ଷ ବର୍ଷ ଧରି ତା'ର ମରାମତି କରାଯାଉନାହିଁ।

ଶ୍ରୀମନ୍ଦିରର ପ୍ରତିଟି ଜାଗାରେ ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ କୀର୍ତ୍ତିରାଜି ରହିଛି। ଗୁମୁଟ ହେଉ କି ମେଘନାଦ ପାଚେରି ଏ ସବୁର କଳା, ସ୍ଥାପତ୍ୟ ଦର୍ଶନାର୍ଥୀଙ୍କୁ ବେଶ୍ ଆକର୍ଷିତ କରିଥାଏ। ହେଲେ ଧୀରେଧୀରେ କୀର୍ତ୍ତିରାଜିଗୁଡ଼ିକ ନଷ୍ଟ ହେଉଥିଲେ ମଧ୍ୟ ଏହାର ଉପଯୁକ୍ତ ସଂରକ୍ଷଣ କରାଯାଉନାହିଁ। ଠିକଣା ସମୟରେ ମରାମତି କିମ୍ବା ପୁନଃସ୍ଥାପନ ହେଲେ କାରୁକାର୍ଯ୍ୟପୂର୍ଣ୍ଣ କୀର୍ତ୍ତିରାଜିର ସୁରକ୍ଷା ଏବଂ ସଂରକ୍ଷଣ ହୋଇପାରନ୍ତା। ମାତ୍ର ଦାୟିତ୍ୱରେ ଥିବା ଏଏସ୍‌ଆଇ ଏଥିପ୍ରତି ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହେଉଛି।

୧୯୭୪ ମସିହାରୁ ଏଏସ୍‌ଆଇ ବଡ଼ଦେଉଳର ସଂରକ୍ଷଣ ଦାୟିତ୍ୱ ନେଇଛି। ଦ୍ୱାଦଶ ଶତାବ୍ଦୀର ଶ୍ରୀମନ୍ଦିରର କୌଣସି ମରାମତି କିମ୍ବା ପୁନଃସ୍ଥାପନ ଆବଶ୍ୟକ ପଡ଼େ, ତେବେ ଏ ସଂକ୍ରାନ୍ତରେ ମନ୍ଦିର ପ୍ରଶାସନ ସହ ଆଲୋଚନା କରି ଏଏସ୍‌ଆଇ ଏହା କରିବା କଥା। କିନ୍ତୁ ଅନେକ ସମୟରେ ଏଏସ୍‌ଆଇ ତା' କାମରେ ଅବହେଳା କରୁଥିବା ଅଭିଯୋଗ ହେଉଛି। ତୁରନ୍ତ ମରାମତି ଆବଶ୍ୟକ ଥିବା କେତେକ କାମକୁ ଗୁରୁତ୍ୱ ଦିଆଯାଉନାହିଁ। ଫଳରେ ଏକାଧିକ ସୂକ୍ଷ୍ମ କାରୁକାର୍ଯ୍ୟ ନଷ୍ଟ ହେଉଛି ନଚେତ୍ ସମ୍ପୂର୍ଣ୍ଣ ଭାବେ ଲିଭିଯାଉଛି। ଏଥିମଧ୍ୟରୁ ସିଂହଦ୍ୱାର ଦଶାବତାର ମୂର୍ତ୍ତି ଅନ୍ୟତମ। ସଂରକ୍ଷଣ ଆଳରେ ୨୦୧୨ରେ ଦଶାବତାର ମୂର୍ତ୍ତି ସିଂହଦ୍ୱାର ଗୁମୁଟରୁ ହଟାଇ ଦେଇଥିଲା ଏଏସ୍‌ଆଇ। ଯାହା ଶ୍ରୀମନ୍ଦିର ଶ୍ରୀକୁ ନଷ୍ଟ କରିବା ସହ



ଭକ୍ତଙ୍କ ଭାବାବେଗକୁ ଆଘାତ ପହଞ୍ଚାଇଥିଲା। ସେ ସମୟରେ ଦଶାବତାର ମୂର୍ତ୍ତି ହଟାଯିବାକୁ ନେଇ ତୀବ୍ର ବିବାଦ, ଆନ୍ଦୋଳନ ମୁଣ୍ଡ ଟେକିଥିଲା। ପୁନର୍ବାର ପୂର୍ବ ସ୍ଥାନରେ ଦଶାବତାର ମୂର୍ତ୍ତି ଲଗାଇବା ପାଇଁ ଭକ୍ତ ଓ ବିଭିନ୍ନ ସଂଗଠନ ଦାବି କରିଥିଲେ। ଶେଷରେ ଶ୍ରୀମନ୍ଦିର ପ୍ରଶାସନ ଏଠାରେ ଦଶାବତାର ମୂର୍ତ୍ତି ଲଗାଇବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ନବମ ଅବତାରରେ କିଏ ରହିବେ, ତାହାକୁ ନେଇ ବାଦବିବାଦ ଛିଡ଼ା ହେବାରୁ ଏ ପର୍ଯ୍ୟନ୍ତ ସିଂହଦ୍ୱାର ଗୁମୁଟରେ ଦଶାବତାର ମୂର୍ତ୍ତି ଲାଗିପାରି ନାହିଁ। ସେହି ସ୍ଥାନରେ ସାଦାପଥର ଖଞ୍ଜି ଦିଆଯାଇଛି।

ସେହିପରି ଏଏସ୍‌ଆଇ ପକ୍ଷରୁ ମରାମତି ବେଳେ ସୂକ୍ଷ୍ମ କାରୁକାର୍ଯ୍ୟ ପ୍ରତି ଯେଉଁଭଳି ଭାବେ ଗୁରୁତ୍ୱ ଦିଆଯିବା କଥା, ତାହା ଦିଆଯାଉନଥିବା ଅନେକ ଶିଳ୍ପୀଙ୍କୁ ବ୍ୟଥିତ କରୁଛି। ଫଳରେ ପୁରୁଣା କଳା କାରିଗରୀ ନଷ୍ଟ ହେଉଛି। କିଛି ବର୍ଷ ପୂର୍ବେ ଶ୍ରୀମନ୍ଦିରରେ ଚୂନ ଛଡ଼ା ଯାଇଥିଲା। ଏଥିପାଇଁ ବିଭିନ୍ନ ଧାତବ ଉପକରଣର ରୁକ୍ଷ ବ୍ୟବହାର କାରଣରୁ ଅନେକ ସ୍ଥାନରେ ସୂକ୍ଷ୍ମ କାରୁକାର୍ଯ୍ୟ କିଛିକାଂଶରେ ନଷ୍ଟ ହେଇଛି। ଅନେକ ସ୍ଥାନରେ ରହିଥିବା ରୂପ ଓ ବିଗ୍ରହର କେତେକ ଅଙ୍ଗ ଅପହୃତ। ଏଣୁ ଏହି ମନ୍ଦିର ଗାତ୍ରରେ ଅନେକ ବିକଳାଙ୍ଗ ମୂର୍ତ୍ତି ଦେଖିବାକୁ ମିଳେ। ଏବେ ବି ସେହି ଧାରା ଚାଲିଛି। କୌଣସି ଦେବଦେବୀଙ୍କ ମୂର୍ତ୍ତି ହେଉ ଅବା ମନ୍ଦିରର କୌଣସି ଅଂଶ କିମ୍ବା ମେଘନାଦ ପାଚେରି ଯଦି କିଛି ବି କାମ ହେଉଛି ସେଠାରେ ସାଦାପଥର ଖଞ୍ଜି ଦିଆଯାଉଛି। ପୂର୍ବପରି ସୂକ୍ଷ୍ମ କାରୁକାର୍ଯ୍ୟ କରାଯାଉନାହିଁ।

## ରାଜ୍ୟ ସରକାରଙ୍କ ପାଇଁ ଆହ୍ୱାନ ଆର୍ଥିକ ପରିଚାଳନା

# ନିଜସ୍ୱ ଟିକସ ଓ ଅଣଟିକସ ରାଜସ୍ୱ ସଂଗ୍ରହ ହ୍ରାସ

ଭୁବନେଶ୍ୱର, ୨୮।୫ (ସମିସ): ରାଜ୍ୟରେ ଡବଲ ଇଞ୍ଜିନ ବିଜେପି ସରକାରକୁ ଏକ ବର୍ଷ ପୂରଣ ହେବାକୁ ଯାଉଛି। ଏହି ବର୍ଷ ମଧ୍ୟରେ ରାଜ୍ୟ ସରକାର ନିଜ ଉପଲବ୍ଧିକୁ ରାଜ୍ୟବ୍ୟାପୀ ପ୍ରଚାର ପ୍ରସାର କରିବାକୁ ନିଜର ପ୍ରସ୍ତୁତି ଚଳାଇଛନ୍ତି। ତେବେ ଏହି ବର୍ଷକ ମଧ୍ୟରେ ରାଜ୍ୟ ସରକାର ଯେଉଁ କେତେକ କ୍ଷେତ୍ରରେ ସବୁଠାରୁ ଅଧିକ ଆହ୍ୱାନର ସମ୍ମୁଖୀନ ହୋଇଛନ୍ତି, ତନ୍ମଧ୍ୟରେ ଦୁର୍ବଳ ଆର୍ଥିକ ପରିଚାଳନା ସର୍ବାଗ୍ରେ ରହିଥିବା ଜଣାପଡ଼ିଛି। ପୂର୍ବ ବିଜେଡି ସରକାର ନୂଆ ସରକାରଙ୍କୁ ଏକ ରାଜସ୍ୱ ବଳକା ଏବଂ ସବଳ ଅର୍ଥନୀତି ଉତ୍ତରାଧିକାରୀ ସତ୍ତ୍ୱରେ ଛାଡ଼ି ଯାଇଥିଲେ। ମାତ୍ର ଏହି ବର୍ଷକର ଯାତ୍ରାରେ ରାଜ୍ୟର ଆର୍ଥିକ ସ୍ଥିତିକୁ ଅନୁଧ୍ୟାନ କଲେ ଏହା ଯେ ପୂର୍ବପରି ଶୃଙ୍ଖଳିତ ଭାବେ ପରିଚାଳିତ ହେଉନାହିଁ, ତାହା ଜଳଜଳ ଦିଶୁଛି। ନିଜସ ଟିକସ ରାଜସ୍ୱଠାରୁ ଆରମ୍ଭ କରି ନିଜସ୍ୱ ଅଣ-ଟିକସ ରାଜସ୍ୱ ଆଦାୟ ହ୍ରାସ ପାଇଥିବା ବେଳେ ଆଗାମୀ ଦିନରେ ଶୃଙ୍ଖଳିତ ଆର୍ଥିକ ପରିଚାଳନା ସରକାରଙ୍କ ପାଇଁ ଆହ୍ୱାନ ପାଲଟିବାକୁ ଯାଉଛି।

୨୦୨୩-୨୪ଆର୍ଥିକ ବର୍ଷରେ ନିଜସ୍ୱ ଟିକସ ସଂଗ୍ରହ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୬.୯୧ ପ୍ରତିଶତ ବଢ଼ିଥିଲା। ମାତ୍ର ୨୦୨୪-୨୫ରେ ସେଥିରେ ମାତ୍ର ୩.୬୫ ପ୍ରତିଶତ ବୃଦ୍ଧି ହୋଇଥିବା ଜଣାପଡ଼ିଛି। ୨୦୨୫-୨୬ ଅର୍ଥାତ୍ ଚଳିତ ଆର୍ଥିକ ବର୍ଷରେ ସରକାର ଏଥିରୁ ୬୬ ହଜାର କୋଟି ସଂଗ୍ରହ ଲକ୍ଷ୍ୟ ରଖିଛନ୍ତି। ମାତ୍ର ଉକ୍ତ ପରିମାଣର ରାଜସ୍ୱ ସଂଗ୍ରହରେ ଯେ ସରକାର ସଫଳ ହେବେ ତାହାକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ସମାନ ଭାବେ ରାଜ୍ୟରେ ନିଜସ୍ୱ ଅଣଟିକସ ରାଜସ୍ୱ ସଂଗ୍ରହ ମଧ୍ୟ ନିରାଶାଜନକ ରହିଛି। ୨୦୨୩-୨୪ରେ ଅଣ ଟିକସ ରାଜସ୍ୱ ସଂଗ୍ରହ ୨୦୨୨-୨୩ ଆର୍ଥିକ ବର୍ଷ ତୁଳନାରେ ପ୍ରାୟ ୨୪.୦୯ ପ୍ରତିଶତ ବଢ଼ିଥିଲା। ଫଳରେ ଏଥିରୁ ୨୦୨୪-୨୫ ଆର୍‌ଥିକ ବର୍ଷରେ ୫୮ ହଜାର କୋଟି ଟଙ୍କା ଆଦାୟ ଲକ୍ଷ୍ୟ ରଖାଯାଇଥିଲା। ମାତ୍ର ୨୦୨୪-୨୫ରେ ଏହା ବଢ଼ିବା ପରିବର୍ତ୍ତେ ଆଶ୍ଚର୍ଯ୍ୟଜନକ ଭାବେ ୩.୬୬ ପ୍ରତିଶତ ହ୍ରାସ ପାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ରାଜ୍ୟ ସରକାର ଏଥିରୁ ୬୦ ହଜାର କୋଟି ଟଙ୍କା ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଉଭୟ ନିଜସ୍ୱ ଟିକସ ରାଜସ୍ୱ ଏବଂ ନିଜସ୍ୱ ଅଣଟିକସ ରାଜସ୍ୱରୁ ୨୦୨୫-୨୬ ଆର୍ଥିକ ବର୍ଷରେ ମୋଟ ୧ ଲକ୍ଷ ୨୬ ହଜାର କୋଟି ଟଙ୍କା ସଂଗ୍ରହ ଲକ୍ଷ୍ୟ ରଖାଯାଇଛି। ତେବେ ଟିକସ ସଂଗ୍ରହରେ ସରକାରଙ୍କ ପ୍ରଦର୍ଶନକୁ ଦେଖିଲେ ଏହା ବେଶ୍ ଆହ୍ୱାନପୂର୍ଣ୍ଣ ରହିବ ବୋଲି ବିଶେଷଜ୍ଞ ମହଲରେ ମତ ପ୍ରକାଶ ପାଇଛି। ଅପରପକ୍ଷେ ୨୦୨୩-୨୪ରେ ରାଜ୍ୟରେ ଖଣି ରାଜସ୍ୱ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୯.୭୬ ପ୍ରତିଶତ ବଢ଼ିଥିବା ବେଳେ ୨୦୨୪-୨୫ରେ ତାହା ପ୍ରାୟ ୯.୬୯ ପ୍ରତିଶତ ହ୍ରାସ ପାଇଛି। ସବୁ କ୍ଷେତ୍ରରେ ରାଜସ୍ୱ ପ୍ରାପ୍ତି କମ୍ ସରକାରଙ୍କ ଅପାରଗତାକୁ ଜଳଜଳ ଦର୍ଶାଉଛି। ଅତଏବ ରାଜ୍ୟ ସରକାର ରାଜ୍ୟର ଆର୍ଥିକ ପରିଚାଳନା ଦିଗ ପ୍ରତି ସର୍ବାଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। ରାଜ୍ୟରେ ସୁଭଦ୍ରା, ଧାନର ଏମଏସପି ୩୧୦୦ ଟଙ୍କା ବାବଦରେ ବିପୁଳ ପରିମାଣରେ ଅର୍ଥ ବ୍ୟୟ କରିଛନ୍ତି। ଏସବୁ ଅର୍ଥର ଭରଣା ପାଇଁ ସରକାର ଟିକସ ସଂଗ୍ରହ କ୍ଷେତ୍ରରେ ସରକାର ଅଧିକ ଯତ୍ନବାନ ହୋଇ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞ ମହଲରେ ମତପ୍ରକାଶ ପାଇଛି।

# ଟ୍ରକ ଧକ୍କାରେ ଟ୍ରାକ୍ଟର୍ ୩ ଖଣ୍ଡ, ୨ ମୃତ

ବୈଶିଙ୍ଗା, ୨୮ ।୫(ସମିସ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅନ୍ତର୍ଗତ ୧୮ ନଂ. ଜାତୀୟ ରାଜପଥର ଛୁରୁଣୀ ଛକ-ଆଗ୍ରିଆ ବଡ଼ପୋଲ ନିକଟରେ ଆଜି ଭୋର୍‌ରେ ଏକ ମର୍ମନ୍ତୁଦ ଦୁର୍ଘଟଣା ୨ଜଣଙ୍କ ଜୀବନ ନେଇଛି। ମୃତକଦ୍ୱୟ ହେଲେ, ଉତ୍ତରପ୍ରଦେଶ



ମେରଟ ଅଞ୍ଚଳର ବିଜେନ୍ଦ୍ର ଭାରତୀଙ୍କ ପୁଅ ଅତୁଲ ଏବଂ ହରିୟାଣା କର୍ଣ୍ଣାଲ ଜିଲ୍ଲା ଅଧୀନ ପଡ଼ାଗାଁ ଅଞ୍ଚଳର ଜଗଦେବ ଦୋଡ଼ଙ୍କ ପୁଅ ସୁନ୍ଦର। ଟ୍ରାକ୍ଟର୍‌କୁ ଏକ ଟ୍ରକ୍ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ଏହାଦସହ ଅନ୍ୟ ୩ଜଣ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, ହରିୟାଣା କର୍ଣ୍ଣାଲ ଜିଲ୍ଲା ଅଧୀନ ରାମଜୋର କଟାବାଗ ସେକ୍ଟର ୩୨ ଥାନା ଅଞ୍ଚଳର ପ୍ରଦୀପ ରଞ୍ଜନ, ହେରିଟେଜ୍ ଅଞ୍ଚଳର ବିକାଶ କଲ୍ୟାଣ ଓ ଇନ୍ଦିରା କଲୋନୀ ଜୁନ୍ଦାଲା ଗେଟ ସଦର ଥାନା ଅଞ୍ଚଳର କରନ ଭଟନାଗର। ସେମାନଙ୍କୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସୂଚନାନୁସାରେ, ମୃତାହତମାନେ ଏଠାକାର ଜଣେ ଠିକାଦାରଙ୍କ ଅଧୀନରେ କାମ କରୁଥିବା ବେଳେ ବାଲେଶ୍ୱରରେ ରହୁଥିଲେ। ସେମାନେ ଆଜି ଭୋର୍‌ରେ ଏକ ଟ୍ରାକ୍ଟର୍‌ରେ ବାରିପଦାରୁ ଫେରୁଥିବା ବେଳେ ଛୁରୁଣୀ ଛକ-ଆଗ୍ରିଆ ବଡ଼ପୋଲ ନିକଟରେ ଏକ ଦ୍ରୁତଗାମୀ ଟ୍ରକ୍ ସେମାନଙ୍କୁ ପଛରୁ ଧକ୍କା ଦେଇ ମାଡ଼ି ଯାଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ଟ୍ରାକ୍ଟରଟି ତିନି ଖଣ୍ଡ ହୋଇଯାଇଥିଲା ଏବଂ ଘଟଣାସ୍ଥଳରେ ହିଁ ଅତୁଲ ଓ ସୁନ୍ଦରଙ୍କ ମୃତ୍ୟୁ ହୋଇଯାଇଥିଲା। ଅପରପକ୍ଷେ, ଦୁର୍ଘଟଣା ପରେ ଟ୍ରକ୍‌ଟି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ଖବର ପାଇ ପ୍ରଥମେ ବେତନଟୀ ପୁଲିସ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିବା ବେଳେ ପରେ ବୈଶିଙ୍ଗା ପୁଲିସ ପହଞ୍ଚି ତଦନ୍ତ ଚଳାଇଛି। ପୁଲିସ୍ ଖଣ୍ଡଖଣ୍ଡ ହୋଇଯାଇଥିବା ଟ୍ରାକ୍ଟର୍‌କୁ ଜବତ କରିବା ସହ ଫେରାର୍ ଟ୍ରକ୍‌କୁ ଧରିବାକୁ ଉଦ୍ୟମ ଚଳାଇଛି।

# ରାସ୍ତା କାମ ଅଧପନ୍ତରିଆ ଦୁର୍ଦ୍ଦଶା ଭୋଗୁଛନ୍ତି ସାହିଲୋକ



ବଡଚଣା,୨୮।୫(ସମିସ): ଗ୍ରାମାଞ୍ଚଳର ଗମନା ଗମନ ପାଇଁ ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରୁଛନ୍ତି। ମାତ୍ର ଜନପ୍ରତିନିଧି ଓ ଠିକାଦାରଙ୍କ ଦୁର୍ନୀତି ଖୋର୍ ମନବୃତ୍ତି ପାଇଁ ଜନସାଧାରଣ ବିଭିନ୍ନ ଅସୁବିଧାର ସମ୍ମୁଖିନ ହେଉଥିବା ଅଭିଯୋଗ ହେଉଛି। ସୂଚନା ଆନୁସକ୍ଷରେ ବଡଚଣା ବ୍ଲକ୍ ଅନ୍ତର୍ଗତ ସୁଙ୍ଗୁଡ଼ା ଗ୍ରାମର ୫ନମ୍ବର ୱାର୍ଡର ଜାନୁ ସାହି ଠାରୁ ଆର୍‌ଡି ରାସ୍ତାକୁ ସଂଯୋଗ କରୁଥିବା ରାସ୍ତାଟି ଅଧପ ନ୍ତୁରିଆ କାର୍ଯ୍ୟ ହୋଇଥିବାରୁ ବର୍ଷା ହେବା ଯୋଗୁଁ ରାସ୍ତାଟି ବର୍ଷା ପାଣିରେ ବୁଡ଼ି ଯାଇଛି। ଫଳରେ ସେଇ ରାସ୍ତା ଦେଇ ସାହି ଲୋକ ମାନେ ଯିବା ଆସିବା କରିବାକୁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସ୍ଥାନୀୟ ଠିକାଦାର ଜଣକ ଅଧା କାମ କରି ନିଜର କାର୍ଯ୍ୟ ସାରିଦେଇଥିବା ବେଳେ ସାହିର ଲୋକମାନେ ସେଇରାସ୍ତା ଦେଇ ଯିବା ଆସିବା କରିବା ଫଳରେ ବିଭିନ୍ନ ଚର୍ମ ରୋଗରେ ଆକ୍ରାନ୍ତ ହେବା ସହିତ ଥଣ୍ଡା ଜ୍ୱରରେ ପୀଡ଼ିତ ହେଉଛନ୍ତି। ଏଥିପ୍ରତି ତୁରନ୍ତ ପଦକ୍ଷେପ ନେବାକୁ ଯାଜପୁର ଜିଲ୍ଲାପାଳଙ୍କ ନିକଟରେ ଦାବି ହେଉଛି।

# ଘରୋଇ କେମିକାଲ କମ୍ପାନୀ ପାଇଁ ଜନଶୁଣାଣି

ଦାନଗଦି,୨୮।୫(ସମିସ):

କଳିଙ୍ଗନଗର ଶିଳ୍ପାଞ୍ଚଳ ଦାନଗଦି ତହସିଲ ଅନ୍ତର୍ଗତ ଯଖପୁରା ଗ୍ରାମରେ ପ୍ରସ୍ତାବିତ ମେସର୍ସ ସିରିୟସ ସ୍ପେସାଲିଟି କେମିକାଲସ ପ୍ରାଇଭେଟ ଲିମିଟେଡ୍ (କୋଲଟାର) କାରଖାନା ନିମନ୍ତେ ଆବଶ୍ୟକ ପରିବେଶ ସମ୍ବନ୍ଧୀୟ ଜନଶୁଣାଣି ଆଜି ଦାନଗଦି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ମଦନ ମୋହନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶିବିରରେ କଳିଙ୍ଗନଗର ଏଡିଏମ୍ ସପନ କୁମାର ନନ୍ଦ ଯୋଗଦେଇ ପ୍ରଭାବିତ ଅଞ୍ଚଳର ଲୋକମାନଙ୍କର ଅଭିଯୋଗ ଶୁଣିଥିଲେ। ଦିନ ୧୧ ଘଟିକାରୁ ଏହି ଶୁଣାଣି ଆରମ୍ଭ ହୋଇ ମଧ୍ୟାହ୍ନ ୧ ଘଟିକା ପର୍ଯ୍ୟନ୍ତ ଚାଲିଥିଲା। ଜନଶୁଣାଣିରେ ମୋଟ ୭୧ ଜଣ ପଞ୍ଜୀକରଣ କରିଥିଲେ। ଆଲୋଚନା ସମୟରେ ଉଭୟ ସୁବିଧା ଓ ଅସୁବିଧା ସଂପର୍କରେ ଆଲୋଚନା କରାଯାଇଥିଲା। କାରଖାନା ସପକ୍ଷରେ ମାନତିରା ପଞ୍ଚାୟତର ସରପଞ୍ଚ ରଶ୍ମିତା ପାତ୍ର, ସଞ୍ଜୟ କୁମାର ମହାନ୍ତି, ମନୋଜ ବେହେରା, ମଙ୍ଗଳପୁର ସରପଞ୍ଚ ବାବୁଲି ନାଟିଆ, ଯଖପୁରା ପଞ୍ଚାୟତର ରାମଚନ୍ଦ୍ର ପୋହୀ,




ଦିଲ୍ଲୀପ ନାୟକ, ପଙ୍କପାଳ ପଞ୍ଚାୟତ ସରପଞ୍ଚ ସ୍ମୃତିରଞ୍ଜନ ସାମଲ, ପଙ୍କପାଳ ପଞ୍ଚାୟତର ବୁଲୁ ଯାଦବ, ପ୍ରଶାନ୍ତ କୁମାର ରାୟ, ସୁଧାଂଶୁ ଭଞ୍ଜ, ପ୍ରଭାସ ସିଂ, ପ୍ରତାପ ଧୀର, ଚନ୍ଦନ କୁମାର କର, ଦେବେନ୍ଦ୍ର ମିଶ୍ର, ରାଜେନ୍ଦ୍ର କାଲୁଣ୍ଡିଆ, ବଳରାମ ଆଇଚ, ମଧୁସ୍ମିତା ମହାନ୍ତି, ପ୍ରିତମ ରାୟ ପ୍ରମୁଖ ସେମାନଙ୍କ ସହମତି ଜଣାଇଥିଲେ। ସେହିପରି କାରଖାନା ବିପକ୍ଷରେ ସ୍ଥାନୀୟ ଅଞ୍ଚଳର ଯୁବକ ଦୀପକ ମହାନ୍ତି, ବଳୟ ସାହୁ ସେମାନଙ୍କ ମତ ରଖିଥିଲେ। ଶେଷରେ କାରଖାନା ପକ୍ଷରୁ ଅମେଶ୍ୱର ବେହେରା ସବିଶେଷ ବିବରଣୀ ପାଠ କରି କହିଥିଲେ ଯେ ଯଖପୁରା ଗ୍ରାମରେ ଏହି କାରଖାନା ପ୍ରତିଷ୍ଠା ପାଇଁ ଇଡ୍‌କୋ ପକ୍ଷରୁ ୨୧.୩୫୯ ହେକ୍ଟର ଜମି ସରକାର ଯୋଗାଇ ଦେଇଛନ୍ତି। ଏଥିପାଇଁ ଆବଶ୍ୟକ ଥିବା ୪୧୮୪ ଘନମିଟର ପାଣି ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ବ୍ୟବହାର କରାଯିବ। ଟିପିଏନଓଡ଼ିଏଲ ପକ୍ଷରୁ ଆବଶ୍ୟକ ୨.୨ ମେଗାୱାଟ ବିଦ୍ୟୁତ ଯୋଗାଇ ଦିଆଯିବ। କାରଖାନା ପରିସରରେ ଆବଶ୍ୟକ ୩୩ ପ୍ରତିଶତ ଜାଗାରେ ବୃକ୍ଷରୋପଣ କରାଯିବା ସହ ପ୍ରଦୂଷଣ ନିୟମକୁ ମାନି ସେଥିପାଇଁ ଆବଶ୍ୟକ ଯନ୍ତ୍ରାଂଶ ସ୍ଥାପନ କରାଯିବ। ନଦୀରୁ ବ୍ୟବହୃତ ପାଣିକୁ ବିଶୋଧନ କରାଯାଇ ପୁନଃ ବ୍ୟବହାର କରାଯିବ ବୋଲି ସୂଚନା ଦେଇଥିଲେ। ଏହି କାରଖାନା କାର୍ଯ୍ୟ ଆରମ୍ଭ ହେଲେ ଆସ୍ଥାୟୀ ଭାବେ ୪୫୦ ଜଣ ଓ ୧୫୦ ଜଣ ଯୁବକ ଯୁବତୀ ନିଯୁକ୍ତି ପାଇବେ ବୋଲି କହିଥିଲେ।

# ଚୋରି ଘଟଣାରେ ୨ ଅଟକ

ପ୍ରୀତିପୁର,୨୮।୫(ସମିସ): ବିଞ୍ଝାରପୁର ଥାନା ସିଂହପୁର ବଜାର କମିଟିର ସମ୍ପାଦକ ତଥା ବ୍ୟବସାୟୀ ନିରଞ୍ଜନ ବେଉରିଆଙ୍କ ଘର ସମ୍ମୁଖରେ ଥିବା ତାଙ୍କ ଟ୍ରାକ୍ଟର ଓ ଡାଲା ଅଟୋ ଗାଡିରୁ ଦୁର୍ବୃତ୍ତ ମାନେ ବ୍ୟାଟେରୀ ସମେତ ଅନ୍ୟ ସାମଗ୍ରୀ ଚୋରି କରିଥିଲେ। ସେହି ରାତିରେ ଲୁଟେରାମାନେ ସ୍ଥାନୀୟ ତପନ ବେଉରିଆଙ୍କ ଗାଡିରୁ ମଧ ବ୍ୟାଟେରୀ ସମେତ ଅନ୍ୟ ସାମଗ୍ରୀ ଚୋରି କରି ନେଇଥିଲେ। ଏହି ଘଟଣା ସମ୍ପର୍କରେ ପରଦିନ ନିରଞ୍ଜନ ବେଉରିଆ ଓ ତପନ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗକୁ ଭିତ୍ତିକରି ମାମଲା ରୁଜୁ କରିବା ସହ ସନ୍ଧାନୀ କୁକୁର ସହଯୋଗରେ ଚୋରକୁ ଠାବ କରିଥିଲା। ଆଜି ବିଞ୍ଝାରପୁର ଥାନା ଭାରପ୍ରାପ୍ତ ଅଧିକାରୀ ରଞ୍ଜନ ମଲ୍ଲିକ ଫତେପୁର ପଞ୍ଚାୟତ ମଳିଆ ଗ୍ରାମର ଦୁଇ ଜଣ ଯୁବକଙ୍କୁ ଏହି ଘଟଣାରେ ଉଠାଇବା ସହ ଥାନାରେ ରଖି ପଚରା ଉଚରା କରୁଥିବା ଜଣାପଡିଛି। ଏହି ଚୋରି ଘଟଣାରେ ସେମାନଙ୍କ ସମ୍ପୃକ୍ତି ଥିବା ନେଇ ପୁଲିସ ସ୍ପଷ୍ଟ କରିଥିବା ବେଳେ ସେମାନଙ୍କୁ ଅଧିକ ପଚରାଉଚରା ଚାଲିଥିବା ଜଣାପଡିଛି।

# ନାବାଳିକା ବଳାତ୍କାରୀକୁ ୩୦ ବର୍ଷ କାରାଦଣ୍ଡ

ଯାଜପୁର,୨୮।୫(ସମିସ): ଜନୈକା ୯ ବର୍ଷୀୟା ନାବାଳିକାକୁ ବଳାତ୍କାର କରିଥିବା ଅଭିଯୋଗରେ ଅଭିଯୁକ୍ତକୁ ୩୦ ବର୍ଷ କାରାଦଣ୍ଡ ଓ ୫୦ ହଜାର ଜରିମାନା ଅନାଦେୟ ଅଧିକ ୬ମାସ କାରାଦଣ୍ଡ ଭୋଗିବେ ବୋଲି ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ପୋକ୍‌ସୋ ଜଜ୍ ଅଭିଜିତ ପଲେଇ ରାୟ ଶୁଣାଇଛନ୍ତି।

ବିବରଣୀରୁ ପ୍ରକାଶ ଯେ, ୨୦୨୨ ମସିହା ଜୁନ ୨୦ ତାରିଖ ଧର୍ମଶାଳା ଥାନା ଅଞ୍ଚଳର ଜନୈକା ୯ ବର୍ଷୀୟା ନାବାଳିକା ବିଦ୍ୟାଳୟରୁ ଘରକୁ ଫେରୁଥିବା ସମୟରେ ଅଲାରପୁର ଗ୍ରାମର ଅରକ୍ଷିତ ଦାସଙ୍କ ପୁଅ ବାପି ଦାସ ଓରଫ ବିପିନ ବିହାରୀ ଦାସ ନାବାଳିକାକୁ ଅଟକାଇ ଅତି ଚତୁରତାର ସହ ନାବାଳିକାକୁ ଜିନିଷ ଦେବା ଆଳରେ ଘରକୁ ଡାକି ନେଇ ଜୋର ଜବରଦସ୍ତ ବଳାତ୍କାର କରିଥିଲା। ଅଭିଯୁକ୍ତ ବାପି ନାବାଳିକାକୁ ଧମକ ଦେବା ସହ ଘଟଣା ସମ୍ପର୍କରେ ପରିପ୍ରକାଶ କଲେ ତା'ର ବାପାକୁ ଜୀବନରୁ ମାରି ଦେବାକୁ ଧମକ ଦେଇଥିଲା। ନାବାଳିକା ଜଣକ ଘରକୁ ଆସି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ କହିଥିଲା। ପରିବାର ଲୋକ ବାପି ଘରକୁ ଯାଇ ଘଟଣା ସମ୍ପର୍କରେ ପଚାରିବାରୁ ଅଭିଯୁକ୍ତ ବାପିର ପରିବାର ପୀଡ଼ିତାର ପିତାକୁ ଗାଳିଗୁଲଜ କରିବା ସହ ମାଡ଼ଧର କରିଥିଲେ। ପରେ ପୀଡ଼ିତାର ପିତା ଗ୍ରାମର କିଛି ଭଦ୍ର ଲୋକଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଭଦ୍ର ଲୋକ ଆଇନର ଆଶ୍ରୟ ନେବାକୁ ପରାମର୍ଶ ଦେଇଥିଲେ। ସେହିଦିନ ପୀଡ଼ିତାର ପିତା ଧର୍ମଶାଳା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଲିଖିତ ଅଭିଯୋଗକୁ ଭିତ୍ତି କରି ଧର୍ମଶାଳା ଥାନାରେ ନାବାଳିକାକୁ ବଳାତ୍କାର ମାମଲା ରୁଜୁ କରାଯାଇ ତଦନ୍ତ କରାଯାଇଥିଲା। ଏହି ଘଟଣାରେ ଧର୍ମଶାଳା ପୁଲିସ ଅଭିଯୁକ୍ତ ବାପିକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମଙ୍ଗଳବାର ଏହି ମାମଲାର ଚୂଡ଼ାନ୍ତ ରାୟ ପ୍ରକାଶ ପାଇଛି। ୧୭ ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତି କରି ତଥା ପୁଲିସର ଦସ୍ତାବିଜ୍‌କୁ ଆଧାର କରି ଅତିରିକ୍ତ ଜିଲା ଦୌରା ଜଜ୍ ତଥା ପୋକ୍‌ସୋ ଜଜ୍ ଅଭିଜିତ ପଲେଇ ଅଭିଯୁକ୍ତ ବାପି ଦାସକୁ ୩୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୫୦ ହଜାର ଜରିମାନା ଅନାଦେୟ ୬ ମାସ ଅଧିକ କାରାଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ସେହିପରି ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରିବାକୁ ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ରାଜୀବ ମହାନ୍ତି ପରିଚାଳନା କରିଥିଲେ।

# ମାଗୁଣି ଜେନା ପରିବେଶ କମିଟି ସଦସ୍ୟ



ବଡଚଣା,୨୮।୫(ସମିସ): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ପରିବେଶ ପ୍ରଦୂଷଣ, ବିସ୍ଥାପନ ଓ ଜୀବିକା ଅନୁଧାନ କମିଟି ଗଠନ କରିଛନ୍ତି। ଉକ୍ତ କମିଟି ପରିବେଶ ନଷ୍ଟ ହେଉଥିବା ଓ ଜନସାଧାରଣଙ୍କ ଅଧିକାର କ୍ଷୁଣ୍ଣ ହେଉଥିବା ଅଞ୍ଚଳ ବୁଲି ଘଟଣାର ଅନୁଧାନ କରିବା ସହିତ ସମସ୍ୟାର ସମାଧାନ ନିମନ୍ତେ ରାସ୍ତା ବାହାର କରିବା ପାଇଁ କଣ ପଦକ୍ଷେପ ନିଆଯାଇ ପାରିବ ସେ ସମ୍ପର୍କରେ ପ୍ରଦେଶ କଂଗ୍ରେସ କମିଟିକୁ ପ୍ରସ୍ତାବ ଦେବାକୁ ଶ୍ରୀ ଦାସ ନିର୍ଦ୍ଦେଶ ଦେଇଛନ୍ତି। କମିଟିର ଅଧ୍ୟକ୍ଷ ଭାବେ ବିଧାୟକ ଅଶୋକ କୁମାର ଦାସ, ଆବାହକ ସୁଧାଂଶୁ ଶେଖର ଦେଓ ସଦସ୍ୟ ଭାବେ ବିଧାୟକ ସାଗର ଚରଣ ଦାସ, ବିଧାୟକ ସତ୍ୟଜିତ ଗମାଙ୍ଗୋ, ପୂର୍ବତନ ସାଂସଦ ଯଶୋବନ୍ତ ସିଂ ଲାଗୁରୀ, ଅଧ୍ୟକ୍ଷ ଅନୁସୂଚିତ ଜାତି ବିଭାଗ ମାନସ ମଲିକ, ପୂର୍ବତନ ଯାଜପୁର ଲୋକସଭା ନିର୍ବାଚନ ପ୍ରଚାର କମିଟି ଅଧ୍ୟକ୍ଷ ମାଗୁଣି ଜେନା, ପିନାକୀ ଦାସ ପ୍ରମୁଖ ମନୋନୀତ ହୋଇଛନ୍ତି।

# ଡ୍ରିମ-୧୧ରେ ୫ କୋଟି ଓ କାର ଗାଡ଼ି ଜିତିଲେ ଯୁବକ

ପ୍ରୀତିପୁର,୨୮।୫(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଚିକଣା ପଞ୍ଚାୟତର ଅଭିମନ୍ୟୁ ପଣ୍ଡା ନାମକ ଜଣେ ଯୁବକ ଡ୍ରିମ୍-୧୧ ଅନ୍‌ଲାଇନ ଗେମରେ ୪୯ ଟଙ୍କା ଲଗାଇ ୫ କୋଟି ଟଙ୍କା ଜିତିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ମିଳିଥିବା ଖବର ଅନୁଯାଇ ଚିକଣା ପଞ୍ଚାୟତର ଏହି ଯୁବକ ଅଭିମନ୍ୟୁ ଭୁବନେଶ୍ୱରର ଏକ ପ୍ରିଣ୍ଟିଂ ପ୍ରେସ୍‌ରେ କାର୍ଯ୍ୟ କରନ୍ତି। ଡ୍ରିମ-୧୧ ଅନ୍‌ଲାଇନ ଗେମରେ ପ୍ରତ୍ୟେହ ସେ ଟିମ ପ୍ରସ୍ତୁତ କରି ଟଙ୍କା ଲଗାଣ କରିଥାନ୍ତି। ମାତ୍ର ଭାଗ୍ୟ ସାତ ଦେଉନଥିବାରୁ ବାରମ୍ବାର ବିଫଳ ହୋଇଥାନ୍ତି ସେ। ଗତକାଲି ଡ୍ରମ-୧୧ରେ ୭ଟି ଟିମ୍ ପ୍ରସ୍ତୁତ କରି ଏହି ଗେମ୍ ଖେଳିଥିଲେ। ତେବେ ତାଙ୍କର ୬ ନଂ. ଟିମ୍ ଟି ବିଜୟ ହାସଲ କରିଥିବାରୁ ତାଙ୍କୁ ୫ ଟୋଟି ଟଙ୍କା ଓ ଥାର୍ ଗାଡି ମିଳିବା ନେଇ ସୂଚନା ମିଳିଛି। ଏପରିକି ତାଙ୍କ ଆକାଉଣ୍ଟ ଟଙ୍କା ଆସିଥିବା ସେ ପ୍ରକାଶ କରିଛନ୍ତି। ଏହାକୁ ନେଇ ପରିବାର ଓ ବାନ୍ଧବାନ୍ଧବ ଏବଂ ଅଞ୍ଚଳବାସୀ ଖୁସି ମନାଉଛନ୍ତି। ତେବେ ଅନଲାଇନ ଗେମ୍ ଏକ ମାରାତ୍ମକ ଖେଳ। ଏହା ଦ୍ୱାରା ହଜାର ହଜାର ଯୁବକ, ନାବାଳକ, ବ୍ୟକ୍ତି ବିଶେଷ ବରବାଦ ହେବାର ନଜିର ମଧ ରହିଛି। ତେଣୁ କାହାର ବିଜୟକୁ ଲକ୍ଷ୍ୟ କରି ଅନ୍ୟ ଯୁବକମାନେ ପ୍ରସ୍ତାହିତ ନହୋଇ ଅନ୍‌ଲାଇନ ଗେମ୍ ଠାରୁ ଦୂରେଇ ରହିବାକୁ ବିଶେଷଜ୍ଞ ମାନେ ମତ ଦେଉଛନ୍ତି।

■ ମନରେଗାରେ ମେସିନ ନିୟୋଜିତ ଘଟଣା

# ଯୁବକଙ୍କୁ ଆକ୍ରମଣ, ୨ ଗିରଫ



ଯଖପୁରା,୨୮।୫(ସମିସ): କଳିଙ୍ଗନଗର ଥାନା ଅନ୍ତର୍ଗତ ପଙ୍କପାଳ ବଙ୍ଗଳା ନିକଟରେ ୱେବଚ୍ୟାନେଲ ସାମ୍ବାଦିକ ମନୋଜ କୁମାର ଜେନାଙ୍କୁ ଗତ ୨୪ ତାରିଖ ସନ୍ଧ୍ୟାରେ ୨ଯୁବକ ଆକ୍ରମଣ କରିଥିଲେ। ମନରେଗା କାମରେ ମେସିନ ବ୍ୟବହାର ହେଉଥିବା ଫଟୋ ଉଠାଇବା ଘଟଣାକୁ ନେଇ ସାମ୍ବାଦିକଙ୍କୁ ଆକ୍ରମଣ କରାଯାଇଥିଲା। ଏ ସମ୍ପର୍କରେ କଳିଙ୍ଗନଗର ଥାନାରେ ମନୋଜ ଅଭିଯୋଗ କରିଥିଲେ। ଏହି ଘଟଣାରେ କଳିଙ୍ଗନଗର ପୁଲିସ ଆଜି ସମ୍ପୃକ୍ତ ଦୁଇ ଆକ୍ରମଣକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛନ୍ତି। ଗିରଫ ଦ୍ୱୟ ହେଲେ ଯଖପୁରା ଥାନା ପଙ୍କପାଳର ପ୍ରହଲ୍ଲାଦ ବୋଇତେଇଙ୍କ ପୁଅ ସୌମ୍ୟରଞ୍ଜନ ବୋଇତେଇ ଓରଫ ରାମୁ ଏବଂ ନରୋତ୍ତମ ରାଉତଙ୍କ ପୁଅ ପ୍ରଶାନ୍ତ ରାଉତ।ଆହତ ୱେବଚାନେଲ ସାମ୍ବାଦିକ ମନୋଜଙ୍କ ଘର ଯଖପୁରା ଥାନା ଅନ୍ତର୍ଗତ ପଙ୍କପାଳ ଗାଁରେ।

ଉଲ୍ଲେଖଯୋଗ୍ୟ ଯେ, ଦାନଗଦି ବ୍ଲକ ପଙ୍କପାଳ ପଞ୍ଚାୟତ ସାନପୋଖରୀର ପୁନଃରୁଦ୍ଧାର କାର୍ଯ୍ୟ ମନରେଗା ଯୋଜନାରେ ଚାଲିଥିଲା। ତେବେ ସେଠାରେ ଶ୍ରମିକ କାମ କରିବା ପରିବର୍ତ୍ତେ ମେସିନ ବ୍ୟବହାର କରୁଥିଲା। ଏହି ଫଟୋ ଉଠାଇବା ଘଟଣାକୁ ନେଇ ମନୋଜଙ୍କୁ ରାମୁ ଓ ପ୍ରଶାନ୍ତ ଠେଙ୍ଗାରେ ଆକ୍ରମଣ କରିଥିଲେ। ଅଭିଯୋଗ ପରେ ପୁଲିସ ଏହାର ତଦନ୍ତ କରି ଏଥିରେ ସମ୍ପୃକ୍ତ ଥିବା ଆକ୍ରମଣକାରୀ ରାମୁ ଓ ପ୍ରଶାନ୍ତକୁ ଗିରଫ କରିଥିଲେ। ତେବେ କେସ୍‌କୁ ଥାନାରେ ରଫାଦଫା କରିବା ପାଇଁ ଉଦ୍ୟମକରି ବିଫଳ ହୋଇଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗତ ୫ ଦିନ ପୂର୍ବେ ଏହି ପୋଖରୀରେ ମେସିନ ଦ୍ୱାରା ନିର୍ମାଣ କାର୍ଯ୍ୟ ଚାଲୁଥିବା ସମୟରେ ଫଟୋ ଉଠାଇବା ପାଇଁ ଯାଇଥିବା ବେଳେ ମନୋଜଙ୍କୁ ଆକ୍ରମଣକାରୀମାନେ ଧମକଚମକ ଦେଇ ଘଉଡ଼ାଇ ଦେଇଥିଲେ। ଏପରିକି ମନୋଜଙ୍କ ଘର ନିକଟକୁ ଯାଇ ପରିବାର ଲୋକଙ୍କୁ ମଧ ଧମକଚମକ ଦିଆଯାଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। ତେବେ ରବିବାର ରାତିରେ ପଙ୍କପାଳ ବଙ୍ଗଳା ନିକଟରେ ମନୋଜଙ୍କୁ ଏହି ମନରେଗାରେ ନିୟୋଜିତ ମେସିନ ଫଟୋ ଉଠାକୁ ନେଇ ଠେଙ୍ଗାରେ ଆକ୍ରମଣ କରାଯାଇଥିବା ସମ୍ପର୍କରେ କଳିଙ୍ଗନଗର ଥାନାରେ ସୋମବାର ଅଭିଯୋଗ ହୋଇଥିଲା।

# ଶ୍ରୀବିରଜା ସେବା ସମିତିର ମାସିକ ବୈଠକ

ଯାଜପୁର ଟାଉନ,୨୮।୫(ସମିସ): ଶ୍ରୀବିରଜା ସେବା ସମିତିର ବୈଠକ ୨୫ ବିରଜା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ବିଶ୍ୱମ୍ଭର ମିଶ୍ର ମା'ଙ୍କ ସ୍ତୋତ୍ରପାଠ କଲାପରେ ସଂପାଦକ କ୍ଷୀରୋଦ ଚନ୍ଦ୍ର ପାଠୀ ଗତ ବୈଠକର ବିବରଣୀ ପାଠ କରିଥିଲେ। ଏହା ସର୍ବସମ୍ମତିକ୍ରମେ ପୂର୍ବ ବୈଠକରେ ଗୃହିତ ହୋଇଥିଲ। ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ପାଞ୍ଜି ଦେଖି କହିଲେ ଯେ ୨୦୨୪-୨୫ର ବାର୍ଷିକ ସାଧାରଣ ବୈଠକ ଆସନ୍ତା ଜୁନ୍ ୨୨ ତାରିଖ ରବିବାର ମନ୍ଦିର ପରିସରରେ ଅନୁଷ୍ଠିତ ହେଲେ ଠିକ୍ ହେବ। ଏହି ପ୍ରସ୍ତାବ ସଭାରେ ଗୃହିତ ହୋଇଥିଲା। ପୂର୍ବଭଳି ଅଭ୍ୟର୍ଥନା ଦେୟ ଦେଇ ପ୍ରସାଦ ଖାଇପାରିବେ। ହିସାବ ନିରୀକ୍ଷକ ରମେଶ ଚନ୍ଦ୍ର ରାଉତ ଓ କୋଷାଧ୍ୟକ୍ଷ ହରିହର ବେହେରା ୨୦୨୪-୨୫ ଆର୍ଥିକ ବର୍ଷର ଆୟବ୍ୟୟ ବିବରଣୀ ଦେଇଥିଲେ ଓ ଏହା ସଭାରେ ସର୍ବସମ୍ମତିକ୍ରମେ ଗୃହିତ ହୋଇଥିଲା। ଗରିବ ପିଲାଙ୍କ ବ୍ରତଘର ପାଇଁ ଆଉ ଉପଯୁକ୍ତ ସମୟ ନିଥିବାରୁ ସ୍ଥଗିତ ରଖାଗଲା। ଶେଷରେ ସଭ୍ୟ ଗଦାଧର ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

■ ଥାନା ଆଗରୁ ମୋରମ୍ ଲୁଟ୍

# ହାଇୱା, ପୋକ୍‌ଲିନ୍ ଜବତ

ଯଖପୁରା,୨୮।୫(ସମିସ): ଯଖପୁରା ଥାନା କିଛି ଦୂରରେ ଥିବା ଭିସିଆଇ କେମିକାଲ ନିକଟରୁ ମୋରମ ଲୁଟ ହେଉଥିବା ଅଭିଯୋଗ ହେଉଥିଲା। ତେବେ କୌଣସି ସୂତ୍ରରୁ ଖବର ପାଇ ଖଣି ବିଭାଗ ମୋରମ ଲୁଟ ଚାଲୁଥିବା ସମୟରେ ଅଚାନକ ଚଢ଼ଉ କରି ଗୋଟିଏ ହାଇୱା ( ଓଡି୦୪କେ ୫୪୨୨) ଓ ଗୋଟିଏ ପୋକ୍‌ଲିନ ଜବତ କରି ଯଖପୁରା ଥାନାରେ ଜିମା ଦେଇଥିଲେ। ସିଜ୍ ହୋଇଥିବା ଗାଡି ଓ ମେସିନ୍‌କୁ ଥାନାରେ ଜିମା ଦେଇଥିବାର ସୂଚନା ଦେଇଥିଲେ ଜେଏମ୍‌ଓ ଦିପ୍ତ ସୁନ୍ଦର ସେଠୀ ଓ ଛାୟାକାନ୍ତ ମହାନ୍ତ। ଅନେକ ସମୟରେ ଖଣିବିଭାଗ ପାଖରେ ମୋରମ ଲୁଟ୍‌ର ଖବର ପହଞ୍ଚିଥିଲେ ମଧ ଚଢ଼ଉ କରିବା ପୂର୍ବରୁ ମାଫିଆ ତା' ପୂର୍ବରୁ ବାଟ କାଟି ଦେଉଥିଲେ। ସ୍ଥାନୀୟ ଥାନାମାନଙ୍କର ଅବହେଳା ହେଉ କି ଗୁପ୍ତ ସମ୍ପର୍କ ପାଇଁ ମାଫିଆମାନେ ନିଜ ଇଚ୍ଛା ଅନୁସାରେ ଲୁଟିଚାଲୁଛନ୍ତି।

# 'କନ୍ୟା ପାଇଁ ଦିନଟିଏ' ସଚେତନତା ଯାତ୍ରା



ଧର୍ମଶାଳା, ୨୮।୫ (ସମିସ): ରୋଟାରୀ ଜିଲ୍ଲା ୩୨୬୨ ତରଫରୁ ରୋଟାରୀ ପ୍ରାନ୍ତପାଳ ଯଜ୍ଞାଶିଷ ମହାପାତ୍ରଙ୍କ ନେତୃତ୍ୱରେ କନ୍ୟାର ମାନ ସମ୍ମାନ ଓ ସ୍ୱାଭିମାନ ସୁରକ୍ଷା ପାଇଁ "କନ୍ୟା କେ ଲିଏ ଏକଦିନ' ସଚେତନତା ରଥକୁ ଜାରକା ଠାରେ ସ୍ୱାଗତ କରାଯାଇଛି। ଏହି କାର୍ଯ୍ୟକ୍ରମ ରୋଟାରୀ କ୍ଲବ ଓ ଇନରହୁଇଲ କ୍ଲବ ଜାରକା ସହଯୋଗରେ ଜାରକା ବଜାର ପରିକ୍ରମା କରିବା ସହିତ ଏକ ପଥପ୍ରାନ୍ତ ସଭା ଜାରକା ଓଭର ବ୍ରିଜ ତଳେ ଆୟୋଜନ କରାଯାଇଥିଲା। ଜିଲ୍ଲା ପ୍ରତିନିଧି ଭାବେ ରୋଟାରିଆନ୍ ବିଘ୍ନେଶ୍ୱର ବେହେରା ଓ ସରୋଜ କୁମାର ଦାଶ ଯୋଗ ଦେଇଥିଲେ। ରୋଟାରି କ୍ଲବର ଏହି ସଚେତନତା ରଥ ଗତ ୨୫ ତାରିଖ ପୁରୀର ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରୁ ବାହାରି ରାଜ୍ୟର ବିଭିନ୍ନ ଜିଲ୍ଲା ଗସ୍ତ କରି ଆସନ୍ତା ଜୁନ ୮ ତାରିଖରେ ଆସି ସନ୍ଧ୍ୟା ୬ ଘଟିକାରେ ଭୁବନେଶ୍ୱରରେ ପହଞ୍ଚିବ। ରୋଟାରୀ କ୍ଲବ ଜାରକାର ସଭାପତି ରାଜେନ୍ଦ୍ର ପ୍ରସାଦ ପଲେଇ, ସମ୍ପାଦକ ଜୟପ୍ରକାଶ ତ୍ରିପାଠୀ, ବରିଷ୍ଠ ସଭ୍ୟ ପ୍ରମୋଦ କୁମାର ସାମଲ, ହରିହର ପଣ୍ଡା, ଧରଣୀଧର ଦାଶ, ଲକ୍ଷ୍ମୀକାନ୍ତ ଚଉପଟ୍ଟନାୟକ, ବିନୋଦ ବିହାରୀ ପରିଡ଼ା, କଳାକର ମହାନ୍ତି ନିରଞ୍ଜନ ପାଣିଗ୍ରାହୀ, ଚକ୍ରଧର ଲେଙ୍କା, ଦୀପକ କୁମାର ଜେନା, ବିପିନ ଷଡଙ୍ଗୀ ଓ ଇନରହୁଇଲ କ୍ଲବର ପୂର୍ବତନ ସଭକ୍ଷପତି ମୀନତି ସାହୁ, କଳ୍ପନା ଖୁଣ୍ଟିଆ ଓ ସମାଜସେବୀ ଗୋଲକ ଚନ୍ଦ୍ର ପଲେଇ ଯୋଗଦେଇ ଏହି ସଚେତନତା ରଥକୁ ସ୍ୱାଗତ କରିବା ସହିତ ରୋଟାରୀର ଏତାଦୃଶ କାର୍ଯ୍ୟକ୍ରମର ସଫଳତା କାମନା କରିଛନ୍ତି।

# କବାଟବନ୍ଧ ବଜାର ରାସ୍ତାରେ ଖାଲ


କବାଟବନ୍ଧ,୨୮।୫ (ସମିସ):

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ କବାଟବନ୍ଧ ବଜାର ରାସ୍ତାରେ ବଡ଼ ବଡ଼ ଖାଲ ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଧର୍ମଶାଳା ବ୍ଲକର ଜାରକା ଠାରୁ କବାଟବନ୍ଧ ଦେଇ ଏଣ୍ଡଲବା ପର୍ଯ୍ୟନ୍ତ ଭାୟା ଏହା ଏକ ମୁଖ୍ୟ ସଡ଼କ ଅଟେ। ଦୈନିକ ହଜାର ହଜାର ଲୋକ ଓ ଯାନବାହନ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ଧର୍ମଶାଳା ବ୍ଲକ ତଥା ଯାଜପୁର ଜିଲ୍ଲାର ପଶ୍ଚିମ ପାଶ୍ୱର୍ ଶେଷ ପଞ୍ଚାୟତ ଏଣ୍ଡଲବା ଠାରୁ କବାଟବନ୍ଧ ଦେଇ ବ୍ଲକ ପର୍ଯ୍ୟନ୍ତ ଏହି ରାସ୍ତା ଯାଇଛି। ଧର୍ମଶାଳା ମେଡିକାଲ, ତହସିଲ, ବ୍ଲକ, ବିଭିନ୍ନ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟକୁ ଲୋକ ମାନେ ଦୈନିକ ଯିବା ଆସିବା କରୁଛନ୍ତି। ରାସ୍ତା ଖରାପ୍ କାରଣରୁ ଅନେକ ସମୟରେ ଦୁର୍ଘଟଣା ଘଟୁଛି।



କବାଟବନ୍ଧ ମୁଖ୍ୟ ବଜାରରେ ରାସ୍ତା ପୂରା ଖରାପ ହେବା ସହିତ ବଣିଆସାହି ନିକଟରେ ରାସ୍ତାରେ ଗାଡ଼ ସୃଷ୍ଟି ହୋଇଛି। ଏହା ସହିତ ଦୀର୍ଘ ଦିନ ହେବ ନୂଆ ସାହି ନିକଟରେ ରାସ୍ତା କଡ଼ରୁ ଅତଡ଼ା ଖସି ଏକ ବଡ଼ ଗାଡ଼ ହୋଇଛି। ଯାହାକି ପଥଚାରୀଙ୍କ ପାଇଁ ଏକ ବଡ଼ ବିପଦ ସୃଷ୍ଟି କରିଛି। କବାଟବନ୍ଧ ସ୍ଥାନୀୟ ଅଞ୍ଚଳର ଏକ ମୁଖ୍ୟ ବଜାର ହୋଇ ଥିବାରୁ ଶହ ଶହ ବ୍ୟବସାୟୀ ଓ ଗ୍ରାହକ ଏଠାକୁ ଆସିଥାନ୍ତି। ଏହା ସହିତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ମଧ ଏହି ରାସ୍ତାରେ ଯିବା ଆସିବା କରିବାକୁ ଅସୁରକ୍ଷିତ ମଣୁଛନ୍ତି। ଏହି ରାସ୍ତା ଦୀର୍ଘ ଦିନ ହେବ ଖରାପ ହୋଇ ଭାଙ୍ଗିଗଲାଣି ମାତ୍ର ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଖାଲି ଏତିକି ନୁହେଁ ଏହି ନଦୀବନ୍ଧ ରାସ୍ତାର ନାକପୋଲ ପର୍ଯ୍ୟନ୍ତ ଅନେକ ସ୍ଥାନରେ ରାସ୍ତା କଡ଼ରେ ବଡ଼ ବଡ଼ ଗାଡ଼ ସୃଷ୍ଟି ହୋଇଛି। କୁସ୍ତିରା ଓ ଇମାମନଗର ନିକଟରେ ରାସ୍ତା ଧୋଇ ହୋଇ ଗାଡ଼ ସୃଷ୍ଟି ହୋଇଛି। ଯାହାକି ଅନେକ ଦୁର୍ଘଟଣାର ମୁଖ୍ୟ କାରଣ ଅଟେ। ଏହା ସହିତ ଅନାବନା ଗଛ ରାସ୍ତା ଉପରକୁ ମାଡ଼ି ଆସିଛି। ଅନେକ ବଡ଼ ବଡ଼ ଗଛର ଡାଳ ନଇଁ ପଡ଼ିବାରୁ ଉଚ୍ଚତା ବିଶିଷ୍ଟ ଗାଡ଼ି ଯିବା ଆସିବା କରି ପାରୁ ନାହିଁ। ବିଶେଷ କରି ସରକାରୀ ବସ୍ ଯିବା ଆସିବାରେ ଏହି ସମସ୍ୟା ଉପୁଜୁଛି। ତୁରନ୍ତ ବିଭାଗୀୟ ଅଧିକାରୀ ଏହାକୁ ଦୃଷ୍ଟି ଦେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

# ଅବସର କାଳୀନ ସମ୍ବର୍ଦ୍ଧନା ସଭା



କଁଘାଗୋଲା,୨୮।୫(ସମିସ): ଦଶରଥପୁର ବ୍ଲକ ବିରିପଟା ପଞ୍ଚାୟତର ବିରିପଟା ମହାବିଦ୍ୟାଳୟର ଇଂରାଜୀ ବିଭାଗ ଅଧ୍ୟାପକ ନରେନ୍ଦ୍ର କୁମାର ଶତପଥି ଏବଂ କଲେଜର ଗ୍ରନ୍ଥାଗାରିକ ପ୍ରଶାନ୍ତ କୁମାର ଆଚାର୍ଯ୍ୟଙ୍କୁ କଲେଜ ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀଯୁକ୍ତ ଶତପଥି ଜୁନ ମାସ ୧୯୯୩ ମସିହାରେ କଲେଜରେ ଯୋଗଦାନ କରିଥିଲେ। ତାଙ୍କର କାର୍ଯ୍ୟଦକ୍ଷତା, ନିଷ୍ଠା ଓ ସମୟାନୁବର୍ତ୍ତିତା ପାଇଁ ସେ ସମସ୍ତଙ୍କ ନିକଟରେ ପ୍ରିୟଭାଜନ ହୋଇପାରିଥିଲେ। ସେହିପରି ଶ୍ରୀଯୁକ୍ତ ଆଚାର୍ଯ୍ୟ ଅଗଷ୍ଟ ମାସରେ ୧୯୯୦ ମସିହା ଯୋଗ କରିଥିଲେ। କଲେଜ ପକ୍ଷରୁ ୨ ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉପଲକ୍ଷେ କଲେଜ ପରିସର ସଭା ଗୃହ ରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଶରତ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଏକ ସଭା ଆୟୋଜନ କରାଯାଇଥିଲା। ବରିଷ୍ଠ ଅଧ୍ୟାପକ ରାମମୋହନ ଦେବତା, ଅଧ୍ୟାପକ ପ୍ରଶାନ୍ତ କୁମାର ନନ୍ଦ, ଶଶୀଭୂଷଣ ମହାଳିକ, ପ୍ରତାପ ତ୍ରିପାଠୀ, କୈବଲ୍ୟ ଜେନା, କାନ୍ତିଲତା ତ୍ରିପାଠୀ , ଅଜୟ କୁମାର ବେହେରା, ସନ୍ତୋଷ କୁମାର ଦାସ, ତୁଷାର ରଞ୍ଜନ ସାମଲ, ସନ୍ତୋଷ କୁମାର ରାଉତ୍, ମନୋରଞ୍ଜନ ଜେନା, ପ୍ରକାଶ ଧଳ, ଆଶୋକ ନାଥ, ବିବେକାନନ୍ଦ ଧଳ, ସର୍ବେଶ୍ୱର ସେନାପତି, ଶିବ ପ୍ରସାଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## ନାବାଳିକା ଅପହରଣ ମାମଲାରେ ଜଣେ ଗିରଫ



**ପାଣିକୋଇଲି,୨୮।୫(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ପଥରପଦା ବେଙ୍ଗା ଆଦିବାସୀ ସାହିରେ ଜୈନିକ ନାବାଳିକାକୁ ଅପହରଣ କରିବା ଅଭିଯୋଗେ ଜଣେ ବିବାହିତ ଯୁବକଙ୍କୁ ପୁଲିସ ଗିରଫ କରି ଅଦାଲତ ଚାଲାଣ କରିବା ସହ ନାବାଳିକାକୁ ଉଦ୍ଧାର କରିଥିଲା। ପୁଲିସ ଏକ ମାମଲା ୩୦୭/୨୫ ରୁଜୁ କରି ତଦନ୍ତ କରି ନାବାଳିକା ଉଦ୍ଧାର ସହ ଅଭିଯୁକ୍ତକୁ ଗିରଫ କରି ଅଦାଲତ ଚାଲାଣ କରିଥିଲା। ମାତ୍ର ଏହି ମାମଲାରେ ଜାମିନରେ ଆସିବା ପରେ ଅଦାଲତକୁ ସହଯୋଗ ନ କରିବାରୁ ଅଭିଯୁକ୍ତ ବେଙ୍ଗା ସାହିର ଦଶରଥ ମୁଣ୍ଡାଙ୍କ ପୁଅ ବଂଶୀ ମୁଣ୍ଡାଙ୍କ ନାମରେ ଅଦାଲତ ଗିରଫ ପରୱାନା ଜାରି କରିଥିଲେ। ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ ପାଣିକୋଇଲି ପୁଲିସ ବଂଶୀକୁ ଗିରଫ କରି ଅଦାଲତ ଚାଲାଣ କରିଛି।

## ଗାଡ଼ି ବ୍ୟାଟେରି ଓ ପାଲ ଚୋରି କରି ଗିରଫ

**ପାଣିକୋଇଲି,୨୮।୫(ସମିସ):** ପାଣିକୋଇଲି ପୁଲିସ ଏକ ଚୋରି ମାମଲାରେ ଅଭିଯୁକ୍ତକୁ ଗିରଫ କରି ଅଦାଲତ ଚାଲାଣ କରିଛି। ଛିଡା ହୋଇଥିବା ଟ୍ରକରୁ ପାଲ ଓ ବ୍ୟାଟେରି ଚୋରି କ୍ରମାଗତ ଭାବେ ହେଉଛି। ପାଣିକୋଇଲି ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ଆଜି ଜଣେ ଅଭିଯୁକ୍ତକୁ ଅଦାଲତ ଚାଲାଣ କରିଛି। ପ୍ରକାଶଯେ ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ଗୋଳେଇପୁର ଗ୍ରାମର ଇଦ୍ରିସ ଖାନଙ୍କ ପୁଅ ଟିକୋ ଖାନ ୨୨ ତାରିଖ ବିଳମ୍ବିତ ରାତ୍ରୀରେ ତାଙ୍କ ଛିଡାହୋଇଥିବା ଟ୍ରକ୍‌ରୁ ସେକ ଜୁମନ, ସେକ ରାଜୁ ଓ କ୍ଷରୋଦ ମଲିକ ଏକ ବାଇକ୍ ଓ ସ୍କୁଟିରେ ଆସି ୨ଟି ବ୍ୟାଟେରି ଆସି ଚୋରି କରିଥିବା ଖଲାସୀ ଦେଖିଥିଲା। ଏନେଇ ସେ ପାଣିକୋଇଲି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ୧୪୦/୨୫ ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ଖମଣ ପଞ୍ଚାୟତ ନାହାନ୍ଦା ଗ୍ରାମର ଲକ୍ଷ୍ମୀଧର ମଲିକଙ୍କ ପୁଅ କ୍ଷରୋଦ ମଲିକ ମଲିକଙ୍କ ଘରେ ଚଢାଉ କରିବାରୁ ସେ ଚୋରି କରିଥିବା ସ୍ୱୀକାର କରିଥିଲା। ଏଥି ସହିତ ତା ଘରୁ ୨ଟି ଚୋରିହୋଇଥିବା ବେଟାରୀ ଓ ଏକ ପାଲ ଜବତ କରାଯାଇଥିଲା। ଫଳରେ କ୍ଷରୋଦକୁ ଗିରଫ କରାଯାଇ ଦଫା ୩୦୩(୨)/୩(୫) ବିଏନ୍‌ଏସରେ ଅଦାଲତ ଚାଲାଣ କରାଯାଇଛି।

## କୂଅରୁ ଗାଈକୁ ଉଦ୍ଧାର କରିବାକୁ ଯାଇ ଯୁବକ ଗୁରୁତର

**ସୁକିନ୍ଦା,୨୮।୫(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ କାଦୁଅବନ୍ଦି ଗ୍ରାମର ଏକ କୂଅରେ ଖସି ପଡ଼ିଥିବା ଗାଈକୁ ଉଦ୍ଧାର କରିବା ସମୟରେ କୁଅରେ ପଡ଼ି ଯୁବକ ଗୁରୁତର ହୋଇଥିବା ଜଣାପଡିଛି। ସୂଚନା ମୁତାବକ ବୁଧବାର କାଦୁଅବନ୍ଦି ଗ୍ରାମ ରତିକାନ୍ତ ମହାନ୍ତଙ୍କ କୁଅରେ ଏକ ଗାଈ ଖସିପଡ଼ିଥିଲା। ସେହି ଗାଈକୁ ଉଦ୍ଧାର କରିବା ପାଇଁ ସ୍ଥାନୀୟ ଯୁବକ ଚେଷ୍ଟା ଜାରି ରଖିଥିବା ବେଳେ ଉଦ୍ଧାରକାରି କୁଶ ମହାନ୍ତ ଭାରସାମ୍ୟ ହରାଇ କୁଅରେ ଖସି ପଡ଼ିଥିଲେ। ସ୍ଥାନୀୟ ଲୋକେ ଗଭୀର କୁଅରେ ଫସି ରହିଥିବା ଯୁବକ ଓ ଗାଈକୁ ଉଦ୍ଧାର କରିବାରେ ବିଫଳ ହୋଇ ସୁକିନ୍ଦା ଦମକଳ ବାହିନୀକୁ ସୂଚନା ଦେଇଥିଲେ। ଦମକଳ ବାହିନୀର ରଜନୀକାନ୍ତ ସାମଲ ଏକ ସ୍ୱତନ୍ତ୍ର ଟିମ ନେଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସୁରକ୍ଷିତ ଉପାୟରେ କୁଶ ଓ ଗାଈକୁ ଉଦ୍ଧାର କରିଥିଲେ। ଦମକଳ ବାହିନୀର କର୍ମଚାରୀ ମାନଙ୍କର ସାହସିକତା କାର୍ଯ୍ୟକୁ ସ୍ଥାନୀୟ ଲୋକେ ସାଧୁବାଦ୍ ଦେଇଛନ୍ତି। କୁଶ ଆହତ ଅବସ୍ଥାରେ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି।

## ଶତାୟୁ ଧର୍ମପ୍ରାଣାଙ୍କ ପରଲୋକ

**ଦଶରଥପୁର,୨୮।୫(ସମିସ):** ଦଶରଥପୁର ବ୍ଲକ ଖଣ୍ଡରା ପଞ୍ଚାୟତ ରାଣୁଆ ଗ୍ରାମର ସ୍ୱର୍ଗତ ବୃନ୍ଦାବନ ସ୍ୱାଇଁଙ୍କ ଧର୍ମପତ୍ନୀ ତଥା ଶତାୟୁ ମହିଳା ବେଙ୍ଗ ସ୍ୱାଇଁ (୧୦୪)ଙ୍କ ବୁଧବାର ସକାଳେ ପରଲୋକ ହୋଇଛି। ସେ ବିଗତ କିଛି ମାସ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ, ବୋହୂ, ଝିଅ, ନାତି, ନାତୁଣୀଙ୍କ ସମେତ ବନ୍ଧୁ ପରିଜନ ଉପସ୍ଥିତ ଥିଲେ। ଖବର ପାଇ ଖଣ୍ଡରା ସରପଞ୍ଚ କୁଞ୍ଜବିହାରୀ ଦାସ, ପୂର୍ବତନ ସରପଞ୍ଚ ଚିତ୍ତରଞ୍ଜନ ସାହୁ, ଶିକ୍ଷାବିତ ଦେବ ଦିବାକର ବିହାରା, ସମାଜସେବୀ ଅରୁଣ ସ୍ୱାଇଁଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଅନ୍ତିମ ଦର୍ଶନ କରିବା ସହିତ ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। ମୃତଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ ପୁଅ ଭକ୍ତଚରଣ ସ୍ୱାଇଁ ମୁଖାଗ୍ନି ଦେଇଥିଲେ।

## ଶ୍ରୀଶ୍ରୀ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ



**ପାଣିକୋଇଲି,୨୮।୫(ସମିସ):** ପଥରପଦା ଗଳିପୋଲ ନିକଟରେ ପଥରପଦା, କାଜିପାଟଣା, ନୂଆଗାଁ, କଣ୍ଟିଗଡିଆ, ନୁରୁଙ୍ଗା, ସଠିପୁର, ପାଣିକୋଇଲି ଗ୍ରାମକୁ ନେଇ ଜୟ ହନୁମାନ ଛକ ଠାରେ ବିଗ୍ରହ ପ୍ରତିଷ୍ଠା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥି ନିମନ୍ତେ ମଙ୍ଗଳବାର ଅଙ୍କୁରାରୋପଣ ଓ ଶୁଭାଧିବାସ କରାଯାଇଥିଲା। ଆଜି ପ୍ରତ୍ୟୁଷରୁ ବୈତରଣୀ ନଦୀକୁ କଳସ ଯାତ୍ରା ବିଗ୍ରହସ୍ଥଳରେ ପହଞ୍ଚିଥିଲା। କଳସ ଯାତ୍ରା ମହାସମାରୋହରେ ପହଞ୍ଚିବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଛି। ଗୁରୁବାର ବିଗ୍ରହ ନଗର ଭ୍ରମଣ, ମନ୍ଦିର ନ୍ୟାସ, ମହାସ୍ନାନ, ମନ୍ଦିର ଶୋଧନ, ମନ୍ଦିର ପ୍ରବେଶ ପରେ ପୂର୍ଣ୍ଣାହୂତି କରାଯିବ। ଏଥି ନିମନ୍ତେ ପ୍ରତ୍ୟହ ସନ୍ଧ୍ୟାରେ ଭଜନ କୀର୍ତ୍ତନ, ପ୍ରବଚନ ଓ ସାଂସ୍କୃତି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

## ୩ଦିନ ଧରି ଯୁବକ ନିଖୋଜ

# ଉଦ୍ଧାର କରିବା ଦାବିରେ ରାସ୍ତାରୋକ

**କୁଆଖିଆ,୨୮।୫(ସମିସ)**

କୁଆଖିଆ ଥାନା ଅନ୍ତର୍ଗତ ଶ୍ରୀବନ୍ତପୁର ପଞ୍ଚାୟତ ବାଲାଙ୍ଗୀ ଗ୍ରାମର ଧନେଶ୍ୱର ସାମଲଙ୍କ ୨୩ ବର୍ଷିୟ ପୁଅ ପପୁନି ସୋମବାର ଠାରୁ କେଉଁ ଆଡେ ନିଖୋଜ ହୋଇଯାଇଛନ୍ତି। ଘଟଣା ଦିନ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାରି ଭିତରେ ୩ ଦିନ ବିତିଗଲାଣି, ପୁଲିସ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆଯାଇନାହିଁ। ନିଖୋଜ ଯୁବକକୁ ତୁରନ୍ତ ଠାବ କରିବାକୁ ଦାବି କରି ବୁଧବାର ଗ୍ରାମବାସୀଙ୍କ ପକ୍ଷରୁ କୁଆଖିଆ-ଜେନାପୁର ରାସ୍ତାରେ ଧାରଣା ଦେଇଥିଲେ। ଖବର ପାଇ ପୁଲିସ ଧାରଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ନିଖୋଜ ଯୁବକକକୁ ତୁରନ୍ତ ଠାବ କରାଯିବ ବୋଲି ଧାରଣାରତ ଲୋକମାନଙ୍କୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହାରି ଭିତରେ ପୁଲିସ ଜଣେ ସନ୍ଦିଗ୍ଧ ଯୁବକକୁ ଥାନାରେ ଅଟକ ରଖି ପଚରା ଉଚୁରା କରୁଥିବା ଜଣାଯାଇଛି।



ଘଟଣାରୁ ପ୍ରକାଶ ଯେ ପପୁନି ଘଟଣାଦିନ ସକାଳେ ସାବିତ୍ରୀ ବ୍ରତ ପାଇଁ ବଜାରକୁ ଫଳମୂଳ କିଣିବାକୁ ଯାଇଥିଲେ। ପୂଜା ସାମଗ୍ରୀ ଆଣି ଘରେ ଦେଇ ଗାଡି କିସ୍ତି ଦେବା ପାଇଁ ଟଙ୍କା ଉଠାଇବାକୁ କହି ପୁଣି ବଜାରକୁ ଯାଇଥିଲେ। ସେବେଠାରୁ ଆଉ ଘରକୁ ଫେରିନାହାଁନ୍ତି। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ପପୁନିକୁ ଫୋନ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟାକରି ବିଫଳ ହୋଇଥିଲେ। ଏଣେତେଣେ ଖୋଜାଖୋଜି କରିବାରୁ ତାର ବାଇକ୍‌ଟି କଣ୍ଟିଆକଣ ସ୍ଥିତ ଏକ ପୋଲ ନିକଟରୁ ଉଦ୍ଧାର କରିଥିଲେ। ଉକ୍ତ ବାଇକଟିକୁ ପୋଲ ନିକଟରେ ଥିବା ଦୋକାନ ମାଲିକ ସାଉଁଟି ଜେନା ଚଢୁଥିବାର ସାଧାରଣ ଲୋକ ଦେଖିଥିଲେ ଏବଂ ବାଇକ୍ ଚାବି ଦୋକାନ ମାଲିକଙ୍କ ଠାରୁ ଉଦ୍ଧାର କରାଯାଇଥିଲା। ତେବେ ପୁଅର ନିଖୋଜ ସଂପର୍କରେ ପରିବାର ଲୋକେ ତାକୁ ପଚରାଉଚୁରା କରିବାରୁ ସେ ବାରମ୍ବାର କଥା ବଦଳାଇ ଉର ରଖିଥିଲା। ଏଥିରେ ପରିବାର ଲୋକଙ୍କର ସନ୍ଦେହ ହେବାରୁ ସେମାନେ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଦୋକାନୀକୁ ଥାନାରେ ଅଟକ ରଖି ପରଚାରଉଚୁରା କରୁଥିବା ଜଣାଯାଇଛି। ତେବେ ଅଭିଯୋଗକୁ ନେଇ ପୁଲିସ ପକ୍ଷରୁ ତଦନ୍ତରେ ଶୀଥିଳତା, ନିଖୋଜ ଯୁବକର ସନ୍ଧାନ ପାଇବାରେ ବିଫଳତା, ନିଖୋଜ ହେବା ପଛର ଅସଲ କାରଣ ଓ ସେଥିରେ କାହାର ସଂପୃକ୍ତି ରହିଛି ତାକୁ ବାହାର କରିବା ଦାବିରେ ଗ୍ରାମବାସୀ ରାସ୍ତାରେ ଟାୟାର ଜାଳି ଧାରଣାରେ ବସିଥିଲେ। ପୁଲିସ ଘଟଣାରେ ହସ୍ତକ୍ଷେପ କରିବା ସହ ରାସ୍ତାରୁ ଧାରଣା ହଟାଇ ଯାତାୟତ ସ୍ୱାଭାବିକ କରିଥିଲେ।

## କୋରେଇ ବ୍ଲକ୍ କାର୍ଯ୍ୟାଳୟରେ ଜନ ଅଭିଯୋଗ ଶୁଣାଣି



**କୋରେଇ,୨୮।୫(ସମିସ):** ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର କୋରେଇ ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୧୧୫ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୪୩ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୪ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୬୮ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୭୧ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଉପଆରକ୍ଷୀ ଅଧିକ୍ଷକ ଯାଜପୁର ରୋଡ ଲକ୍ଷ୍ମୀଧର ସ୍ୱାଇଁ , ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେହୁରିଆ, ଅତିରିକ୍ତ ଜିଲ୍ଲାପାଳ କଳିଙ୍ଗନଗର ସପନ କୁମାର ନନ୍ଦ, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କୋରେଇ ଅବନିକାନ୍ତ ସାହୁ, ତହସିଲଦାର ବ୍ୟାସନଗର ଦେବାଶିଷ ରାଉତ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ।

## ଜୁନ ୬କୁ କଳା ଦିବସ ପାଳିବ ବିଜେଡି



**ଦାନଗଦୀ ୨୮।୫ (ସମିସ):** ସୁକିନ୍ଦା ବିଜୁ ଜନତା ଦଳ ପକ୍ଷରୁ ଆଗାମୀ ଜୁନ ୬ ତାରିଖରେ "ବନ୍ଦ କର ଏ ରକ୍ତର ହୋଲି' ଆନ୍ଦୋଳନ ପାଇଁ ନିଷ୍ପତି ନିଆଯାଇଛି। ଯାହାର ବୈଠକ ଦାନଗଦି ବିଜୁ ଜନତା ଦଳ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଦାନଗଦି ବ୍ଲକର ୨୩ ଗୋଟି ପଞ୍ଚାୟତର ବିଜୁ ଜନତା ଦଳର ମୂରବୀ ତଥା କର୍ମୀ ମାନେ ଯୋଗଦେଇଥିଲେ। ଦିନକୁ ଦିନ ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଅଶାନ୍ତ ହୋଇ ଉଠିଛି। ଦିନ ଦି ପହରେ ଗୁଣ୍ଡାରାଜ ଦେଖିବାକୁ ମିଳୁଛି। ଯେଉଁ ବ୍ୟକ୍ତି ନିଜର ହକ ପାଇଁ କିଛି କହିଲା ତାହାକୁ ଶାସକ ବିଜେପିର ଗୁଣ୍ଡା ମାନେ ଆକ୍ରମଣ କରୁଛନ୍ତି। ବିଭିନ୍ନ ବ୍ଲକ୍ ଅଫିସ ବିଜେପି ବାଲାଙ୍କ ଆଡାସ୍ଥଳୀ ପାଲଟିଛି। ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଶାସକ ଦଳର ଲୋକମାନେ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି କାର୍ଯ୍ୟରତ ଭିନ୍ନକ୍ଷମ ସାମ୍ବାଦିକଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଅନ୍ୟାୟ, ଅତ୍ୟାଚାର ଚରମ ସୀମାରେ ପହଞ୍ଚିଛି। ଯାହାକୁ ନେଇ ବିରୋଧୀ ବିଜୁ ଜନତା ଦଳ ଆଗାମୀ ଜୁନ ୬ ତାରିଖକୁ କଳା ଦିବସ ରୂପେ ପାଳନ କରିବା ପାଇଁ ନିଷ୍ପତି ନେଇଛି।

## ବ୍ୟାସ ସରୋବର ମହିମା ଆଶ୍ରମରେ ଭବ ପ୍ରସାଦଙ୍କୁ ସମ୍ବର୍ଦ୍ଧନା



**ବ୍ୟାସନଗର,୨୮।୫(ସମିସ):** ଅଶୋକ ଦାସ ଫାଉଣ୍ଡେସନର ଅଧ୍ୟକ୍ଷ ଭବ ପ୍ରସାଦ ଦାସ ବ୍ୟାସ ସରୋବରସ ସ୍ଥିତ ମହିମା ଆଶ୍ରମ ପରିଦର୍ଶନ କରି ବାବାଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଏହି ଅବସରରେ ଆଶ୍ରମର ସଭାପତି ତଥା ଯୁବ ନେତା ପ୍ରକାଶ ପରିଡାଙ୍କ ନେତୃତ୍ୱରେ ଭବ ପ୍ରସାଦଙ୍କୁ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ମହିମା ବାବା ସ୍ୱାଧୀନ ଦାସ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହ ଆଶ୍ରମର ଭଲ ମନ୍ଦ ବିଷୟରେ ତାଙ୍କ ସହ ଆଲୋଚନା କରିଥିଲେ। ଭବ ପ୍ରସାଦ ଆଶ୍ରମ ସମସ୍ୟା ବିଷୟରେ ବିଷୟରେ ଶୁଣିଲା ପରେ ଏହି ସମସ୍ୟାର ସମାଧାନ ଖୁବ ଶୀଘ୍ର ହେବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ। ଏହି ପରିଦର୍ଶନ ସମୟରେ ଭବ ପ୍ରସାଦଙ୍କ ସହିତ ବ୍ୟାସନଗର ପୌରଅଧକ୍ଷ ସୁବାସ ଚନ୍ଦ୍ର ବଳ ଉପସ୍ଥିତ ରହିବା ସହିତ ଏହି ଆଶ୍ରମର ଉନ୍ନତିରେ ମୋର ସମ୍ପୂର୍ଣ୍ଣ ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏମାନଙ୍କ ବ୍ୟତିତ ଏହି କାର୍ଯ୍ୟକ୍ରମରେ କାଉନ୍ସିଲର ପାର୍ଥ ସାରଥି ନାୟକ, ବିଜୟ କୁମାର ଜେନା, ଯୁବ ନେତା ପ୍ରତାପ ମହାନ୍ତି, ମନୋଜ ରାଉତ, ମନୋଜ ପରିଡା, ବିକାଶ ଆଇଚ, ପ୍ରଶାନ୍ତ ଖୁଣ୍ଟିଆଙ୍କ ସମେତ ଆଶ୍ରମର ସଦସ୍ୟ ମୋହନ ସାମଲ, ଗୋବିନ୍ଦ ରାଉତ, ବିନୋଦ ବିହାରୀ ସାମଲ, ପ୍ରଭାତ ବଳ, ଅମୂଲ୍ୟ ମଲ୍ଲିକ, କ୍ଷୀରୋଦ ରାଉତ, ରାଜେନ୍ଦ୍ର କୁମାର ନାୟକ, ନିରଞ୍ଜନ ରାଉତ, ଚକ୍ରଧର ନାୟକ, ଟୁଲିଆ ଦେହୁରୀ, ଆଶିଷ କୁମାର ମଲିକ, ଜଗବନ୍ଧୁ ଜେନା, ମନୋଜ ରାଉତ, ଚିପକ୍ ଲାହା, ବିଜୟ ଜେନା ପ୍ରମୂଖ ଉପସ୍ଥିତ ରହିଥିଲେ।

## ସାଥୀ କମିଟିର ଓରିଏଣ୍ଟସନ କର୍ମଶାଳା

**ଯାଜପୁର,୨୮।୫(ସମିସ):** ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ନିଃସହାୟ ପିଲାମାନଙ୍କୁ ଚିହ୍ନଟ, ଆଧାର ପଞ୍ଜୀକରଣ, ଆଇନଗତ ସହାୟତା ଏବଂ ବିଭିନ୍ନ କଲ୍ୟାଣକାରୀ ଯୋଜନା ସହିତ ସଂଯୋଗୀକରଣକୁ ସୁଗମ କରିବା ଏବଂ କୌଣସି ପିଲା ଯେପରି ଆଇନଗତ ପରିଚୟ କିମ୍ବା ଅଧିକାର ବିନା ନ ରହିବ ତାହାକୁ ନିଶ୍ଚିତ କରିବା ଲକ୍ଷରେ ଏକ ଦେଶବ୍ୟାପୀ ଅଭିଯାନ ଆରମ୍ଭ ହୋଇଛି। ଏହି ଅଭିଯାନକୁ ସଫଳ କରିବା ପାଇଁ ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଜିଲ୍ଲା ନିମନ୍ତେ ଏକ ସାଥୀ କମିଟି ଗଠନ କରାଯାଇଛି। ଜିଲ୍ଲା ଜଜ୍ ତଥା ଭାରପ୍ରାପ୍ତ ଅଧ୍ୟକ୍ଷ ପୋକ୍‌ସୋ କୋର୍ଟର ବିଚାରପତି ଅଭିଜିତ ପଲେଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କମିଟିର ସଦ୍ୟସ୍ୟମାନଙ୍କ ଏକ ଓରିଏଣ୍ଟସନ୍ କର୍ମଶାଳା ସିଭିଲ କୋର୍ଟ ଆଭାସି ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ପ୍ରାଧିକରଣର ସଚିବ ଲିପା ମହାନ୍ତି, ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ଡ. ଏକେ ଶର୍ମା, ଅତିରିକ୍ତ ଜିଲ୍ଲାପାଳ ଯୁଧିଷ୍ଠିର ନାୟକ, ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସମାଜ ମଙ୍ଗଳ ଅଧିକାରୀ, ଆରକ୍ଷୀ ଅଧିକାରୀ ପ୍ୟାନେଲ ଲୟର, ପିଏଲ୍‌ଭିମାନେ ପ୍ରଶିକ୍ଷାର୍ଥୀ ଭାବେ ଯୋଗ ଦେଇଥିଲେ। ଉକ୍ତ କର୍ମଶାଳାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଲିପା ମହାନ୍ତି ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

**ହାତୀବାରି,୨୮।୫(ସମିସ):** ହାତୀବାରି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୩୫ ଗୋଟି ଅଭିଯୋଗର ତୁରନ୍ତ ସମାଧାନ କରାଯିବା ସହିତ ଅନ୍ୟ ଅଭିଯୋଗ ଗୁଡ଼ିକ ତଦାରଖ କରି ତୁରନ୍ତ ସମାଧାନ ପାଇଁ ବିଡିଓ ପ୍ରଦୀପ କୁମାର ସେଠୀ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶିବିରରେ ଆଡ଼ିଶନାଲ ବିଡିଓ ରଞ୍ଜନ କୁମାର ବେହେରା, ଜିପିଓ ସତ୍ୟଭୂଷଣ ବିଶ୍ୱାଳ, ଶୁଭାଙ୍ଗୀ ରୟ, ବୁଲୁ ବେହେରା, ସୁଜାତା ମହାପାତ୍ର, ରାଶପ୍ରଭା ଖଟୁଆ, ମିନର୍ଭା ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ପଞ୍ଚାୟତରେ ଏଭଳି ଶିବିର କରିବା ଦ୍ୱାରା ଗରିବ ଓ ସାଧାରଣ ବର୍ଗର ଲୋକମାନଙ୍କ ଅଭିଯୋଗ ସରକାରଙ୍କ ନିକଟରେ ସିଧା ପହଞ୍ଚି ପାରିବ ଯାହାଦ୍ୱାରା ତାହାର ସମାଧାନ ମଧ୍ୟ ଶୀଘ୍ର ହୋଇ ପାରିବ।

## ଅଗ୍ନିବିପନ୍ନଙ୍କୁ ସହାୟତା ପ୍ରଦାନ


**କବାଟବନ୍ଧ,୨୮।୫ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ପୁରୁଣା ବଉଳମାଳ ପଞ୍ଚାୟତର ବରମୁଣ୍ଡୁଳି ଗ୍ରାମରେ ଗତ ୨୬ ତାରିଖ ଦିନ ଏକ ଭୟାବହ ଅଗ୍ନିକାଣ୍ଡ ଘଟି ନୃସିଂହ ଚରଣ ମଲିକଙ୍କ ଚାଳ ଘର ସମ୍ପୂର୍ଣ୍ଣ ପୋଡିଯାଇଥିଲା। ଏହି ଅଗ୍ନିକାଣ୍ଡରେ ତାଙ୍କର ଲକ୍ଷ୍ୟାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଥିଲା। ଖବର ପାଇ ଯାଜପୁର ଜିଲ୍ଲାର ଏକ ଅଗ୍ରଣୀ ଅନୁଷ୍ଠାନ ତଥା ସ୍ଥାନୀୟ ବୃନ୍ଦାଦେଇପୁରସ୍ଥ ବଣମଲ୍ଲୀ ସାହିତ୍ୟ ଓ ସେବା ସଙ୍ଗଠନ ଅନୁଷ୍ଠାନ ପକ୍ଷରୁ ସହାୟତା ଭାବେ ପ୍ରଦାନ କରାଯାଇଛି। ଏହି ମାନବୀୟ କାର୍ଯ୍ୟରେ ଅନୁଷ୍ଠାନର ଉପଦେଷ୍ଟା କାହ୍ନୁ ଚରଣ ସାହୁ, ଉପସଭାପତି ନିର୍ମାଲ୍ୟ କୁମାର ପ୍ରଧାନ, ସଦସ୍ୟ ସିଦ୍ଧାନ୍ତ ପଲାଇ ସାମିଲ ହୋଇଥିଲେ। ସାଧାରଣରେ ଅନୁଷ୍ଠାନର ଏହି ଉଦ୍ୟମକୁ ଅତ୍ୟନ୍ତ ପ୍ରଶଂସା କରାଯାଇଛି।

# ଲଘୁଚାପ ବର୍ଷାରେ ଭୁଶୁଡ଼ିଲା ମାଟିଘର

**ଦଶରଥପୁର,୨୮।୫(ସମିସ):** ତିନି ଦିନ ହେବ ଲାଗିରହିଥିବା ଲଘୁଚାପ ଜନିତ ବର୍ଷାରେ ଦଶରଥପୁର ବ୍ଲକ ଚମ୍ପେଇପାଳ ପଞ୍ଚାୟତ ତରାଙ୍ଗ ଗ୍ରାମର ଜଣେ ହିତାଧିକାରୀଙ୍କ ପରିବାର ଲୋକେ ବାସହରା ହୋଇପଡିଥିବା ବେଳେ ସୌଭାଗ୍ୟବଶତଃ ନିଶ୍ଚିତ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଥିବା ଦେଖିବାକୁ ମିଳିଛି। ତରାଙ୍ଗ ଗ୍ରାମର ଦିଲ୍ଲୀପ କୁମାର ଦାସ ଜଣେ ଦଳିତ ବର୍ଗର। ମୁଲ ମଜୁରୀ ଲାଗି ଯାହା ରୋଜଗାର କରନ୍ତି ସେଥିରେ ପରିବାର ଚଳାଇବା କଷ୍ଟସାଧ ହୋଇପଡୁଥିବା ବେଳେ ଦିଲ୍ଲୀପଙ୍କ ପାଇଁ ପକ୍କାଘରଟିଏ ସ୍ୱପ୍ନ ପରି କହିଲେ ଅତ୍ୟୁକ୍ତି ହେବ ନାହିଁ। ଅଭାବରୁ ପକ୍କା ଘର ସ୍ୱପ୍ନ ସଦୃଶ ଥିବାରୁ ଦିଲ୍ଲୀପ ସପରିବାର ମାଟିଘରେ ରୁହନ୍ତି। ଦଶରଥପୁର ଅଂଚଳରେ ଗତ ସୋମବାର ଠାରୁ ଲଘୁଚାପ ଜନିତ ଲଗାଣ ବର୍ଷା ପ୍ରଭାବରେ ଦିଲ୍ଲୀପଙ୍କ ପରିବାରକୁ ବାସହରା କରିଛି। ମଙ୍ଗଳବାର ରାତିରେ ଦିଲ୍ଲୀପ ଏବଂ ତାଙ୍କ ପତ୍ନୀ ପିଙ୍କି ପିଲା ଛୁଆଙ୍କୁ ନେଇ ଶୋଇଥିବା ବେଳେ ୨ ଦିନ ବର୍ଷା ପାଣିରେ ଭିଜି ଦୁର୍ବଳ ହୋଇପଡିଥିବା ବାସଗୃହର ମାଟି କାନ୍ଥ ହଠାତ ଭୁଶୁଡିବା ଆରମ୍ଭ କରିଥିଲା। ଦୁର୍ଘଟଣା ପୂର୍ବରୁ କାନ୍ଥ ଭୁଶୁଡିବା ଶବ୍ଦ ଶୁଣି ଦିଲ୍ଲୀପଙ୍କ ପରିବାରର ସମସ୍ତଙ୍କୁ ବାହାରକୁ ଉଠି ଆସି ନିଶ୍ଚିତ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଥିଲେ ମଧ୍ୟ ଝାଟିମାଟି ଯୁକ୍ତ ସମ୍ପୂର୍ଣ ବାସଗୃହ ଭୁଶୁଡି ପଡିଥିଲା। ଏବେ ସରକାରଙ୍କ ତରଫରୁ ମିଳୁଥିବା ପିଡ଼ିଏସ ଚାଉଳ ଦିଲ୍ଲୀପଙ୍କ ଏକ ମାତ୍ର ସାହାରା ହୋଇଥିବା ବେଳେ ଘର, ଚୁଲି ଭାଙ୍ଗି ନଷ୍ଟ ହୋଇଥିବାରୁ ପୂରା ପରିବାର ପଡୋଶୀଙ୍କ ଉପରେ ଆଶ୍ରିତ। ସୂଚନା ଥାଉକି ଦିଲ୍ଲୀପ ବହୁ ବାର ସରକାରଙ୍କ ଆବାସ ଯୋଜନାରେ ପକ୍କାଘର ଖଣ୍ଡେ ପାଇଁ ପଞ୍ଚାୟତ ପ୍ରଶାସନ ଠାରୁ ଆରମ୍ଭ କରି ବ୍ଲକ ଓ ଜିଲ୍ଲା କର୍ତ୍ତୃପକ୍ଷଙ୍କ ନିକଟରେ ଗୁହାରୀ କରିଥିଲେ ହେଁ ତାଙ୍କୁ ପକ୍କାଘର ଖଣ୍ଡେ ମିଳିନାହିଁ। ଏବେ ଲଘୁଚାପ ବର୍ଷାରେ ସମ୍ପୂର୍ଣ୍ଣ ବାସହରା ଦିଲ୍ଲୀପଙ୍କ ପରିବାରକୁ ଆବାସ ଯୋଜନାରେ ପକ୍କା ଘରଟିଏ ଉପଲବ୍ଧ କରାଇବା ଦିଗରେ ପଦକ୍ଷେପ ନେବାକୁ ଗ୍ରାମବାସୀଙ୍କ ତତଫରୁ ସରକାରଙ୍କୁ ଦାବି କରାଯାଇଛି।




## ଶୋଭନୀୟ ଆନ୍ଦୋଳନ ସଦସ୍ୟାଙ୍କ ସ୍ମୃତିଚାରଣ ସଭା



**କୁନ୍ଦଳ,୨୮।୫(ସମିସ):** ବଡ଼ଚଣା ବ୍ଲକ ଉଦୟଗିରିସ୍ଥିତ ଜାତୀୟ ଶୋଭନୀୟ ଶିକ୍ଷାଶ୍ରମ ପରିସରରେ ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନ ପକ୍ଷରୁ ଦୀର୍ଘ ୪୦ ବର୍ଷ ଧରି କାମ କରୁଥିବା ସଦସ୍ୟା କମଳା ଶତପଥିଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଆନ୍ଦୋଳନର ନିର୍ଦ୍ଦେଶିକା ସମ୍ପାଦିକା ଗୁରୁମା ଡ.ଅରୁନ୍ଧତୀ ଦେବୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ କୁଳପତି ପ୍ରଫେସର କୁମରବର ଦାଶ, ସମ୍ମାନିତ ଅତିଥି ଭାବେ ସାମ୍ବାଦିକ ମହେଶ୍ୱର ବଳ, ରାମଚନ୍ଦ୍ର ସାମଲ, ଈଶ୍ୱରଚନ୍ଦ୍ର ଦାସ, ଅଭିଯାନ ପ୍ରତିଷ୍ଠାତା ମଧୁସୂଦନ ଦାସ, ଶିକ୍ଷାବିତ୍ ଉମାକାନ୍ତ ବଳ ପ୍ରମୁଖ ଯୋଗଦେଇଥିଲେ। କରୁଣାକର ରଣା, ସମାଜବିଜ୍ଞାନୀ ନିରାକାର ଭାଇ, ଆଇନଜୀବୀ ବିଜୟ କୁମାର, ବ୍ରହ୍ମପୁରରୁ ଦେବୀପଦ, କରୁଣାକର ପ୍ରଧାନ, ଭବାନୀ ପାଟଣାରୁ ତୁଳସୀରାମ ଜଗତ, ଅକ୍ଷୟ ମହାନ୍ତି, ସାଧୁସାଧନ, ନିଗମାନନ୍ଦ, ଇଂ.ଦୟାନିଧି ରାଉତ, ଅଧ୍ୟାପକ ଇନ୍ଦ୍ରମଣି ନାୟକ, ଡ.ବନଲତା ଦେବୀ, ମମତା ଗୁରୁମା, କେଦାର ଗୁରୁମା ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କର ବହୁମୁଖି ପ୍ରତିଭା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ମଞ୍ଚାସିନ ଅତିଥିମାନଙ୍କ ଦ୍ୱାରା ସ୍ମରଣିକା "କମଳା ମା' ଉନ୍ମୋଚନ ହେବା ସହ ତାଙ୍କ ସ୍ମୃତିକୁ ଉଜ୍ଜୀବୀତ କରିବା ପାଇଁ କମଳା ରୋଷଶାଳା ନାମରେ ଏକ ରୋଷଶାଳା ଉଦ୍‌ଘାଟନ କରାଯାଇଥିଲା। ମିନତୀ ଦେବୀ, ବରଦା ଗୁରୁମା, ମନୋରମା ଦେବୀ, ଗିତାଞ୍ଜଳି ସ୍ୱାଇଁ, ଉର୍ମିଳା ଗୁରୁମା ପ୍ରମୁଖ କମଳା ଶତପଥିଙ୍କ ସ୍ମୃତିଚାରଣ ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ମା'ଶାରଦା ଦେବୀ କାର୍ଯ୍ୟକ୍ରମରେ ଆଶ୍ରୀବାଣୀ ପ୍ରଦାନ କରିଥିବା ବେଳେ ଅଧ୍ୟାପିକା ଜ୍ୟୋତିର୍ମୟୀ ଧନ୍ୟବାଦ ଅର୍ପଣ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ମାତାଧିକ ଉତ୍ସାହ ଓ ଅନ୍ଧବିଶ୍ୱାସ ଜନିତ ବିଷର ପ୍ରଭାବକୁ ବିଜ୍ଞାନ ହିଁ ପ୍ରତିହତ କରିପାରିବ।
-ଆଦାମ ସ୍ମିଥ୍

## ଶତ୍ରୁ ମରିନି, ଯୁଦ୍ଧ ସରିନି

ଭାରତ ଓ ପାକିସ୍ତାନ ମଧ୍ୟରେ ୭୮ ଘଣ୍ଟାର ଯୁଦ୍ଧ ଓ ବିରାମକୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଗୁଜରାଟରେ ସଭା ଓ ସମାବେଶ ମାଧ୍ୟମରେ ପ୍ରଧାନମନ୍ତ୍ରୀ ଦେଶର ଜନସମୁଦାୟକୁ ବିଜୟର ବାର୍ତ୍ତା ଦେବାକୁ ଚାହିଁଛନ୍ତି। ଅନ୍ୟପକ୍ଷରେ ପାକିସ୍ତାନକୁ ମଧ୍ୟ ଧମକ ଓ ଚମକ ଦେବାକୁ ସେ ପଛେଇ ନାହାନ୍ତି। ଏହି ସୀମିତ ଯୁଦ୍ଧରେ କାହାର ଜିତ୍ ଓ ହାର ହେଲା, ତାହା ମଧ୍ୟ ସ୍ପଷ୍ଟ ହୋଇନାହିଁ। ଉଭୟ ଦେଶ ବିଜୟୋତ୍ସବ ପାଳନ କରୁଛନ୍ତି। ପାକିସ୍ତାନ ମଧ୍ୟ ତାର ସେନାଧ୍ୟକ୍ଷ ଜେନେରାଲ ମୁନୀରଙ୍କୁ ଫିଲ୍ଡମାର୍ଶାଲ ପଦବୀକୁ ପଦୋନ୍ନତି ଦେଇ ବିଜୟ ସନ୍ଦେଶ ଦେଇଛି କହିଲେ ଭୁଲ ହେବ ନାହିଁ। ଆମେ ବିଳମ୍ବରେ ହେଲେ ମଧ୍ୟ ଭାରତରେ ତ୍ରିରଙ୍ଗା ଯାତ୍ରା କରିଛୁ। ତାହାହେଲେ କ'ଣ କହିବା ଯୁଦ୍ଧ ଅମୀମାଂସିତ ରହିଛି? ଏପର୍ଯ୍ୟନ୍ତ ଭାରତ ସରକାରଙ୍କ ପକ୍ଷରୁ. ଯେଉଁ ତଥ୍ୟ ପ୍ରଦାନ କରାଯାଇଛି ସେଥିରୁ ସ୍ପଷ୍ଟ ଯେ ପାକିସ୍ତାନର ୯ଟି ଆତଙ୍କୀ ଆଡ୍ଡା ଧ୍ୱଂସ ହୋଇଛି। ସେ ଦେଶର ବାୟୁସେନା ଭିତ୍ତିଭୂମିର ୨ ପ୍ରତିଶତ ଆମ କ୍ଷେପଣାସ୍ତ୍ର ମାଡ଼ରେ କ୍ଷତିଗ୍ରସ୍ତ ହୋଇଛି। ଆମ କ୍ଷୟକ୍ଷତି ସମ୍ପର୍କରେ ଏତିକି କୁହାଯାଇପାରେ ଯେ ପୁଞ୍ଚ ଓ ରଜୌରି ନିକଟସ୍ଥ ନିୟନ୍ତ୍ରଣ ରେଖା ସଂଲଗ୍ନ ଗ୍ରାମ ଉପରେ ହୋଇଥିବା ଗୁଳିଗୋଳା ବର୍ଷଣରେ ବେଶ କିଛି ଘରଦ୍ୱାର ଭାଙ୍ଗିଛି ଏବଂ ୨୦ରୁ ଊର୍ଦ୍ଧ୍ୱଙ୍କ ପ୍ରାଣହାନି ଘଟିଛି। ଯୁଦ୍ଧ ବିରତି ଏଥିମଧ୍ୟରେ ୧୫ ଦିନ ଅତିକ୍ରମ କରିଥିଲେ ମଧ୍ୟ ଏ ଯାବତ ସଂପୂର୍ଣ୍ଣ ତଥ୍ୟ ହସ୍ତଗତ ହୋଇନାହିଁ।

ଏକଥା ସତ ଯେ ବ୍ୟୟବହୁଳ ଯୁଦ୍ଧ ଦେଶର ଅର୍ଥନୀତି ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ତଥାପି ଦେଶର ସମ୍ମାନ ଓ ମର୍ଯ୍ୟାଦା ରକ୍ଷା ପାଇଁ ଯୁଦ୍ଧର ବାଧ୍ୟବାଧକତା ରହିଛି। ଦୀର୍ଘ ୩୫ ବର୍ଷ ଧରି ପାକିସ୍ତାନ ଆତଙ୍କବାଦୀଙ୍କ ମାଧ୍ୟମରେ ଭାରତ ବିରୋଧରେ ଯେଉଁ ଛାୟା ଯୁଦ୍ଧ ଚଳାଇଆସିଛି ତାହାର ସଠିକ୍ ଜବାବ ଦେବାର ଅଛି। ଉରି ଓ ପୁଲୱାମା ଘଟଣାର ଯଥାର୍ଥ ଉତ୍ତର ଦିଆଯାଇଥିଲେ ମଧ୍ୟ ପହଲଗାମ୍ ଭଳି ନୃଶଂସ ଘଟଣାର ପୁନରାବୃତ୍ତି ଘଟିଲା। ତେଣୁ 'ଅପରେସନ ସିନ୍ଦୂର' ପରେ ପାକିସ୍ତାନ ଯେ ଆତଙ୍କବାଦୀ କାର୍ଯ୍ୟକଳାପରୁ ନିବୃତ୍ତ ରହିବ ଏକଥା ନୁହେଁ। ଆମକୁ ଏଠାରେ କହିବାକୁ ପଡୁଛି ଯେ ଯେଉଁ ଆତଙ୍କୀକେନ୍ଦ୍ରକୁ ଧ୍ୱଂସ କରାଯାଇଛି ବୋଲି ଆମେ ଦାବି କରୁଛୁ, ସେଠାରେ ପୁନଃନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ବାୟୁ ସେନା କେନ୍ଦ୍ରର କ୍ଷତି ନେଇ ପାକିସ୍ତାନଯେ ବ୍ୟସ୍ତ ବିବ୍ରତ ନୁହେଁ ତାହା ସେମାନଙ୍କ ପରିବର୍ତ୍ତିତ ଆଭିମୁଖ୍ୟରୁ ସ୍ପଷ୍ଟ। ପାକିସ୍ତାନର ଭାରତ ବିରୋଧୀ ରଣନୀତିର ଆତଙ୍କବାଦୀ ଅଂଶବିଶେଷ ହୋଇଥିବାରୁ ତାହାର ପୁନରାବୃତ୍ତି ଘଟିବା ପ୍ରାୟ ନିଶ୍ଚିତ। ଏ କ୍ଷେତ୍ରରେ ଭାରତର ଉତ୍ତରକୁ ଠିକଣା ଜବାବ ଦେବା ସକାଶେ ମଧ୍ୟ ପାକିସ୍ତାନ ସାମରିକ ପ୍ରସ୍ତୁତି ଆରମ୍ଭ କରିଛି। ସମୟ କହିବ ଆଗକୁ କ'ଣ ଘଟିବ। କିନ୍ତୁ ପାକିସ୍ତାନର ଆର୍ଥିକ ସ୍ଥିତି ଯାହା, ସେଥିରେ ଏଭଳି ଏକ ପ୍ରତିଯୋଗିତାପୂର୍ଣ୍ଣ ସାମରିକ ପ୍ରସ୍ତୁତି ପାଇଁ ସେ ଦେଶବାସୀଙ୍କୁ ବେଶ ମୂଲ୍ୟ ଦେବାକୁ ପଡ଼ିବ।

ବିଶ୍ୱର କୂଟନୀତି ଓ ଯୁଦ୍ଧନୀତିର ପ୍ରମୁଖ ଅଂଶ ହେଲା ଅସ୍ତ୍ରଶସ୍ତ୍ର ବେପାର। ଭାରତ ଓ ପାକିସ୍ତାନର ସୀମିତ ଯୁଦ୍ଧରେ ଚୀନର ଅତ୍ୟାଧୁନିକ ଯୁଦ୍ଧ ବିମାନ ଓ ଅସ୍ତ୍ରଶସ୍ତ୍ର ପରୀକ୍ଷଣର ଯେଉଁ ସୁଯୋଗ ମିଳିଲା ତାହା କେବଳ ଦକ୍ଷିଣ-ଏସିଆ ନୁହେଁ, ପାଶ୍ଚାତ୍ୟ ରାଷ୍ଟ୍ରରେ ମଧ୍ୟ ଆଲୋଚନାର ବିଷୟବସ୍ତୁ ହୋଇପଡ଼ିଛି। 'ଜେଏଫ-୧୭ ଥଣ୍ଡର' ଯୁଦ୍ଧ ବିମାନର ବଜାର. ସୃଷ୍ଟି କରିପାରିଛି ଏହି ଯୁଦ୍ଧ। ନିଜସ୍ୱ ଜ୍ଞାନକୌଶଳର ନିର୍ମିତ ଭାରତର ହାଲ୍କା ଯୁଦ୍ଧ ବିମାନ 'ତେଜସ୍' ଏହାର ପ୍ରତିଦ୍ୱନ୍ଦ୍ୱୀ। ସେହିଭଳି 'ବ୍ରହ୍ମୋସ୍' ଓ 'ଆକାଶ' କ୍ଷେପଣାସ୍ତ୍ର ପ୍ରୟୋଗର ସଫଳତା ମଧ୍ୟ ବାସ୍ତବରେ ବଜାର ଚାହିଦା ବଢ଼ାଇଛି। ପର୍ଯ୍ୟବେକ୍ଷକଙ୍କ ମତରେ ଭାରତ ଓ ପାକିସ୍ତାନ ଅପେକ୍ଷା ଯୁଦ୍ଧରେ ସବୁଠାରୁ ଅଧିକ ଲାଭବାନ ହୋଇଛି ଚୀନ। 'ଅପରେସନ ସିନ୍ଦୂର'ର ପରିଣତି ଯାହା ହେଉନା କାହିଁକି ଆମକୁ 'ତେଜସ୍ ଏମ୍‌କେ-୨' ଓ 'ପିନାକ୍' କ୍ଷେପଣାସ୍ତ୍ର ପ୍ରସ୍ତୁତି ପ୍ରତି ଅଧିକ ଧ୍ୟାନ ଦେବାକୁ ପଡ଼ିବ। ଏଥିମଧ୍ୟରେ ପଞ୍ଚମ ପିଢ଼ି ଯୁଦ୍ଧ ବିମାନ ପ୍ରସ୍ତୁତି ସକାଶେ ଫ୍ରାନ୍ସ ଓ ରୁଷ. ସହ ଯୋଗାଯୋଗରେ ଅଛି ଭାରତ। ଏକଥା ଉଲ୍ଲେଖ କରିବାର କଥା ହେଲା ପ୍ରତିରକ୍ଷା ବାବଦରେ ଆମକୁ ଅଧିକରୁ ଅଧିକ ସାମରିକ ଖର୍ଚ୍ଚ କରିବାର ବାଧ୍ୟବାଧକତା ସୃଷ୍ଟି ହୋଇଛି। ତେଣୁ ଦେଶର ଅର୍ଥନୈତିକ ଅଭିବୃଦ୍ଧି ଓ ବିକାଶ ଧାରାରେ ଶିଥିଳତା ପରିଲକ୍ଷିତ ହେବା ଏକପ୍ରକାର ନିଶ୍ଚିତ।

ଏ ପର୍ଯ୍ୟନ୍ତ ସରକାର ମୁହଁ ଖୋଲିନଥିଲେ ମଧ୍ୟ ଚଳିତ ଯୁଦ୍ଧରେ ରାଫାଲ୍ ଯୁଦ୍ଧ ବିମାନ ଯେ ଆଶାନୁରୂପ ସଫଳତା ଦେଇପାରିନାହିଁ ଏକଥା ସତ। ବଜାର ଦର ଠାରୁ ଅଧିକ ମୂଲ୍ୟ ଦେଇ ଅତିରିକ୍ତ ସରଞ୍ଜାମରେ ସୁସଜ୍ଜିତ ରାଫଲ୍ କ୍ରୟବେଳେ ତାହାର ସିକ୍ରେଟ୍ କୋଡ୍ ହାସଲ ନ କରି ଭାରତ ସରକାର ଫସିଯାଇଛନ୍ତି। 'ବ୍ରହ୍ମୋସ୍' ସମେତ ଅନ୍ୟାନ୍ୟ କ୍ଷେପଣାସ୍ତ୍ର ଖଞ୍ଜି. ସେହି ଯୁଦ୍ଧ ବିମାନରୁ ଶତ୍ରୁପକ୍ଷ ଉପରେ ଆକ୍ରମଣ କରିବାର ସୁଯୋଗରୁ ବଞ୍ଚିତ ହୋଇଛି ଭାରତ। ଏହି ଯୁଦ୍ଧ ବିମାନ କ୍ରୟକୁ କେନ୍ଦ୍ର କରି ସରକାର ଯେଉଁ ବିବାଦୀୟ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ତାହା ଏବେ ବି ଦେଶବାସୀଙ୍କ ମନରୁ ଲିଭିନାହିଁ। ନୌବାହିନୀ ସକାଶେ ଡାସଲ୍ଟ ଆଭିଏସନ୍ କମ୍ପାନୀ ସହ କରିଥିବା ଦ୍ୱିତୀୟ ଚୁକ୍ତିକୁ ଶେଷରେ ଭାରତ ସରକାର ରଦ୍ଦ କରିବା ଭଳି ପରିସ୍ଥିତି ଉପୁଜିଛି। ଏକଥା ସତ ଯେ ବିଫଳତାରୁ ହିଁ ଶିକ୍ଷା ଲାଭ କରିହୁଏ। ଏ ପର୍ଯ୍ୟନ୍ତ ଯୁଦ୍ଧବିମାନ କ୍ରୟ ନେଇ ରୁଷ୍ ଉପରେ ନିର୍ଭର କରିଆସୁଥିବା ଭାରତ ସରକାର ମିଗ୍-୩୦ କ୍ରୟ ନ କରି ହଠାତ୍ ରାଫାଲ୍ ପ୍ରତି ଆକର୍ଷିତ ହେବା ପଛରେ ଅନିଲ୍ ଅମ୍ବାନୀଙ୍କ ଭୂମିକା ମଧ୍ୟ ସନ୍ଦେହରୁ ଊର୍ଦ୍ଧ୍ୱରେ ନୁହେଁ। ତତ୍କାଳୀନ ପ୍ରତିରକ୍ଷା ମନ୍ତ୍ରୀ ମନୋହର ପାରିକରଙ୍କ ଆପତ୍ତିକୁ ସେତେବେଳେ ଗୁରୁତ୍ୱ ଦିଆଯାଇନଥିଲା। ସେ ଯାହାହେଉ ଏବେ ଅବସ୍ଥାକୁ ଦେଖି ବ୍ୟବସ୍ଥା କରିବାକୁ ହେବ।

ଏହା ପାକିସ୍ତାନ ସହ ଯୁଦ୍ଧବିରାମ ନେଇ କ'ଣ ପ୍ରାକ୍ ସର୍ତ୍ତ ଥିଲା ତାହା ଏବେ ମଧ୍ୟ ଅସ୍ପଷ୍ଟ। କିନ୍ତୁ ଏହା ସତ ଯେ ଆତଙ୍କବାଦ କାର୍ଯ୍ୟକଳାପ ପୂର୍ବଭଳି ଅପରିବର୍ତ୍ତିତ ରହିବ। କାରଣ ସେମାନେ ହେଉଛନ୍ତି ପାକିସ୍ତାନ ଶାସନ ବ୍ୟବସ୍ଥାର ଅଂଶବିଶେଷ। ସୁଖର କଥା ଯେ ମୋଦୀ ସରକାର କ୍ରମାଗତ ତୃତୀୟଥର ସକାଶେ ଆତଙ୍କବାଦ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଆଗକୁ ଏହି ସାମରିକ କାର୍ଯ୍ୟାନୁଷ୍ଠାନ ଆହୁରି ଭୟାବହ ହେବ। ଉଭୟ ପକ୍ଷର ପ୍ରସ୍ତୁତିର ଏହା ସ୍ପଷ୍ଟ ହେଉଛି। ●

## ସହରୀ ଗଛର ବେସାହାରା ଜୀବନ

ଡ. ବିଜୟକେତନ ପଟ୍ଟନାୟକ

ଭାରତ ସମେତ ସାରା ବିଶ୍ୱରେ ସହରୀକରଣ ଦ୍ରୁତ ଗତିରେ ବଢ଼ି ଚାଲିଛି। ପୃଥିବୀର ମୋଟ ଲୋକସଂଖ୍ୟାର ୫୦ ପ୍ରତିଶତ ଏବେ ସହରାଞ୍ଚଳରେ ବସବାସ କରୁଛନ୍ତି। ଆକଳନ ମୁତାବକ, ୨୦୫୦ ବେଳକୁ ସହରୀ ଲୋକଙ୍କ ସଂଖ୍ୟା ୭୦ ପ୍ରତିଶତକୁ ବୃଦ୍ଧି ପାଇପାରେ। ୨୦୧୧ ଜନଗଣନା ଅନୁସାରେ, ଆମ ଦେଶରେ ସହର ସଂଖ୍ୟା ଥିଲା ୭,୯୪୫। ୧୯୦୧ ଗଣନା ଅନୁସାରେ, ଦେଶର ସହରାଞ୍ଚଳରେ ବସବାସ କରୁଥିବା ଲୋକଙ୍କ ସଂଖ୍ୟା ମୋଟ ଜନସଂଖ୍ୟାର ୧୦.୮୪ ଥିବା ବେଳେ ସର୍ବଶେଷ ୨୦୧୧ ଜନଗଣନା ଅନୁଯାୟୀ ଏହି ସଂଖ୍ୟା ୩୨.୨ ପ୍ରତିଶତକୁ ବୃଦ୍ଧି ପାଇଛି। ସହରବାସୀଙ୍କ ସଂଖ୍ୟା ସେବେ ଥିଲା ୩୭.୭ କୋଟି। ଏବେ ଏହି ସଂଖ୍ୟା ୫୦ କୋଟି ପାର କରି ସାରିବଣି। ସହର ସଂଖ୍ୟା ମଧ୍ୟ ୪୦୦୦ରୁ ଅଧିକ ହେଲାଣି। ଆପାତତଃ ଦେଶରେ ସହରୀକରଣର ହାର ୨୦୦୧ରେ ୨୭.୭ ପ୍ରତିଶତ ଥିଲାବେଳେ, ୨୦୧୧ ବେଳକୁ ୩୧.୧ ପ୍ରତିଶତକୁ ବୃଦ୍ଧି ପାଇଛି।

ବିଗତ ଦୁଇବର୍ଷ ହେଲା 'ସହରୀ ଦ୍ୱୀପ ଉତ୍ତପ୍ତୀକରଣ ପ୍ରଭାବ (ହିଟ୍ ଆଇଲ୍ୟାଣ୍ଡ ସିଣ୍ଡ୍ରୋମ) ଅନେକ ପ୍ରମୁଖ ସହରାଞ୍ଚଳରେ ଦେଖିବାକୁ ମିଳୁଛି। ସହରର ତାପମାତ୍ରା ଗ୍ରୀଷ୍ମ ଋତୁରେ ୪୦ ଡିଗ୍ରୀ ସେଣ୍ଟିଗ୍ରେଡରୁ ଅଧିକ ରହୁଛି। ହିଟ୍ ଆଇଲ୍ୟାଣ୍ଡ ଉପସର୍ଗ ହେଉଛି, ସହରାଞ୍ଚଳ ଏକ ଛୋଟ ଜଙ୍ଗଲ ବା ଗ୍ରାମାଞ୍ଚଳ। ଗ୍ରୀଷ୍ମ ଋତୁରେ ବାହାରର ତାପମାତ୍ରା ତୁଳନାରେ ସହରର ତାପମାତ୍ରା ୩ ରୁ ୪ ଡିଗ୍ରୀ ସେଣ୍ଟିଗ୍ରେଡ ଅଧିକ ଅନୁଭୂତ ହୋଇଥାଏ। ଆମ ରାଜ୍ୟରେ ମଧ୍ୟ ଗତ ଗ୍ରୀଷ୍ମଋତୁରେ ଏହି ପ୍ରଭାବ ଝାରସୁଗୁଡ଼ା, ଟିଟିଲାଗଡ଼, ବଲାଙ୍ଗୀର, ଅନୁଗୁଳ-ତାଳଚେର ଓ ଭୁବନେଶ୍ୱରରେ ଦେଖିବାକୁ ମିଳିଛି, ଯେଉଁଠି ତାପମାତ୍ରା ବେଳେବେଳେ ୪୫ ଡିଗ୍ରୀକୁ ଟପିଯାଏ।

ଏହି ପରିପ୍ରେକ୍ଷୀରେ ମିଳିତ ଜାତିସଂଘର ହାବିଟାଟ ପ୍ରେସକ୍ରିପସନ୍ ହେଉଛି ୩-୩୦.-୩୦୦, ଯାହା ଅତ୍ୟନ୍ତ ଉପଯୋଗୀ। ଏହାର ଅର୍ଥ ହେଲା, ପ୍ରତ୍ୟେକ ବାସଗୃହ, କାର୍ଯ୍ୟସ୍ଥଳୀ, ସ୍କୁଲ ହତା ନିକଟରେ ଅତିକମରେ ତିନୋଟି ପ୍ରାପ୍ତ ବୟସ୍କ ଗଛ ଦେଖିବାକୁ ମିଳୁଥିବ, ଚତୁଃପାର୍ଶ୍ୱରେ ୩୦ଟି ବଡ଼ ଗଛ ଶୋଭା ପାଉଥିବ। ସେହିପରି ପ୍ରତ୍ୟେକ ୱାର୍ଡରେ ୩୦୦ ମିଟର ଚାଲିକରି ବା ସାଇକେଲ୍‌ରେ ଗଲେ ଅଧ ହେକ୍ଟରରୁ ଏକ ଏକର ଆୟତନର ପାର୍କ ବା ସବୁଜ ପ୍ରାନ୍ତରଟିଏ ଥିବ। ମିଳିତ ଜାତିସଂଘ ତରଫରୁ ଘୋଷଣା ହୋଇଥିବା ଏହି ୩-୩୦-୩୦୦ ନୀତି କିପରି ପାଳନ ହେବ ତାହା ବିଚାର୍ଯ୍ୟ। କିଛିବର୍ଷ ପୂର୍ବରୁ ସହରାଞ୍ଚଳରେ ବାସଗୃହଟିଏ ନିର୍ମାଣ କଲେ ଭୁବନେଶ୍ୱରର ଉନ୍ନୟନ କର୍ତ୍ତୃପକ୍ଷ ପ୍ଲାନ୍ ଅନୁମୋଦନ କରୁଥିଲେ। ଅନୁମୋଦନ ପତ୍ରରେ ନିର୍ଦ୍ଦିଷ୍ଟ ଥିଲା, ଗୃହ ନିର୍ମାଣ କଲାବେଳେ ଆଗରେ ଦଶଫୁଟ ଏବଂ ପଛପଟେ ଓ ଅନ୍ୟ ଦୁଇପଟେ ପାଞ୍ଚ ଫୁଟ ଲେଖାଏଁ ଯାଗା ଛାଡ଼ିବା ଉଚିତ। ଏବେ ସେ ନିୟମ ବଦଳି ଗଲାଣି। ଆଗରେ ପୂର୍ବଭଳି ଦଶଫୁଟ ଛାଡ଼ିବାର ବ୍ୟବସ୍ଥା ଥିଲାବେଳେ ଅନ୍ୟ ତିନିପଟେ ପାଞ୍ଚଫୁଟ ଛାଡ଼ିବା ନିୟମଟା କମିଯାଇ ତିନିଫୁଟ କରାଯାଇଛି। ସେଥିରୁ ଫୁଟେ ପାଚେରୀ ଚାଲିଗଲେ ଆଉ ରହିବ ମାତ୍ର ଦୁଇଫୁଟ। କହିଲେ ଦୁଇଫୁଟରେ କେଉଁ ବଡ଼ ଗଛ ଲଗାଯାଇପାରିବ, ଯାହା ଭବିଷ୍ୟତରେ ପାଖ ପାଚେରିରୁ ଫଟାଇବ ନାହିଁ?

ନିକଟ ଅତୀତରେ ଆଇ.ଆଇ.ଟି ଭୁବନେଶ୍ୱର, 'ସହରୀ ଦ୍ୱୀପ ଉତ୍ତପ୍ତୀକରଣ' ସନ୍ଦର୍ଭରେ ଭୁବନେଶ୍ୱର ଉପରେ ଏକ ଅଧ୍ୟୟନ କରିଥିଲେ। ସେମାନଙ୍କ ଅନୁଶୀଳନର ନିଷ୍କର୍ଷ ଥିଲା - ନିକଟସ୍ଥ ଗ୍ରାମାଞ୍ଚଳ ତୁଳନାରେ ଭୁବନେଶ୍ୱର ସହର ଅଧିକ ଉତ୍ତପ୍ତ ହେବାର କାରଣଗୁଡ଼ିକ ହେଲା, ଦ୍ରୁତ ସହରୀକରଣ ଫଳରେ ଗୃହନିର୍ମାଣ ସ୍ଥାନର ବ୍ୟାପକ ବୃଦ୍ଧି, ସହରର ସବୁଜିମା ବା ସବୁଜ ବଳୟ ହ୍ରାସ, ଖୋଲାସ୍ଥାନ କମିଯିବା ଏବଂ ଆର୍ଦ୍ରଭୂମି , ନଦୀ, ନାଳର ପରିସୀମା ସଂକୁଚିତ ହେବା ଇତ୍ୟାଦି। ସହରର ମୁଖ୍ୟ ରାସ୍ତାରୁ ବାହାରିଥିବା ଗଳି ରାସ୍ତାଗୁଡ଼ିକ ସିମେଣ୍ଟ କଂକ୍ରିଟ ବା ପିଚୁ କରିଦେବା ଫଳରେ ଏହା ସୂର୍ଯ୍ୟାଲୋକରୁ ଉତ୍ତାପ ଆହରଣ କରୁଛି। କିନ୍ତୁ ବିକିରିତ ଉତ୍ତାପ ସହରର କୋଠାବାଡ଼ି ଓ ବହୁତଳ ପ୍ରାସାଦ ଭିତରେ ବନ୍ଦୀ ହୋଇ ରହିଯାଉଛି। ବାଷ୍ପୀକରଣ ପ୍ରକ୍ରିୟାରେ ଏହା ବାହାରକୁ ଯାଇପାରୁନାହିଁ। ଗତ ୧୫ ବର୍ଷ ଭିତରେ ଭୁବନେଶ୍ୱରର ସହରୀକରଣ ୮୩ ପ୍ରତିଶତ ବୃଦ୍ଧି ପାଇଛି। ସେହି ପରିମାଣରେ ଅର୍ଥାତ୍ ୮୦ ପ୍ରତିଶତ ସବୁଜିମା ହ୍ରାସ ପାଇଛି। ଆର୍ଦ୍ରଭୂମି ୨ ପ୍ରତିଶତ ଏବଂ ସହର ଚତୁଃପାର୍ଶ୍ୱରେ ଥିବା ଚାଷଜମିର ଆୟତନ ମଧ୍ୟ ୮୩ ପ୍ରତିଶତ ହ୍ରାସ ପାଇଛି।

କେତୋଟି ଉଦାହରଣ ଏଠି ଦିଆଯାଇପାରେ। ଭୁବନେଶ୍ୱର ଦକ୍ଷିଣ ପଟକୁ ଖୋର୍ଦ୍ଧା ପର୍ଯ୍ୟନ୍ତ ଯାଇଥିବା ରାଜରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଚାଷ ଜମିରେ ଘର, ଦୋକାନ, ବଜାର ଆଦି ଗଢ଼ି ଉଠିଲାଣି। ପଶ୍ଚିମ ପଟେ ଚନ୍ଦକା ପର୍ଯ୍ୟନ୍ତ ଥିବା ଜଙ୍ଗଲ କଟାଯାଇ ବସତି ସ୍ଥାପିତ ହୋଇଛି। ସହର ଭିତରେ ଯାଇଥିବା ରାସ୍ତା ପ୍ରଶସ୍ତକରଣ ନିମନ୍ତେ ପଥପାର୍ଶ୍ୱ ବନୀକରଣରେ ଲାଗିଥିବା ଗଛଗୁଡ଼ିକୁ ବାରମ୍ବାର କଟାଯାଉଛି। ପୂର୍ବେ ଭୁବନେଶ୍ୱରରୁ ବର୍ଷାଜଳ ଓ ଆବର୍ଜନା ନିଷ୍କାସନ ନିମନ୍ତେ ସାତ/ଆଠଟି ପ୍ରାକୃତିକ ଜଳ ନିଷ୍କାସନ ପ୍ରଣାଳୀ ଥିଲା। ସେଗୁଡ଼ିକ ଏବେ ପୋତି ହୋଇ ତା' ଉପରେ କୋଠାବାଡ଼ି ନିର୍ମାଣ ହେଲାଣି, ଯାହା ସହରରୁ ଜଳ ନିଷ୍କାସନ ହେବାରେ ଅବରୋଧ ସୃଷ୍ଟି କରୁଛି।

ପ୍ରତିବର୍ଷ ସହରର ମୁଖ୍ୟ ରାସ୍ତାରେ ଥିବା ମଧ୍ୟବର୍ତ୍ତୀ ଅଞ୍ଚଳରେ ଏବଂ ଗଳି ରାସ୍ତାର ଦୁଇପାର୍ଶ୍ୱରେ ନିମ୍ବ, କରଞ୍ଜ, ଶାଗୁଆନ, ବଉଳ, ଚମ୍ପା ଆଦି ଚିରସବୁଜ ବୃକ୍ଷରୋପଣ କରାଯାଉଛି। କିଛିବର୍ଷ ଖାଲିଥିବା ପ୍ଲଟ୍‌ରେ କେହି ଘର ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ, ସାମ୍ନାରେ ଥିବା ଗଛଗୁଡ଼ିକୁ କାଟି ଦିଅନ୍ତି। କଥାରେ ଅଛି, 'ଅରକ୍ଷିତକୁ ଦଇବ ସାହା'। କିନ୍ତୁ ଏଠି ରାସ୍ତାକଡ଼ରେ ଲଗାଯାଇଥିବା ଗଛର ସାହା, ଭରସା କେହି ନାହାନ୍ତି। ସେଗୁଡ଼ିକ ସଂପୂର୍ଣ୍ଣ ରୂପେ ବେସାହାର। କେହି ସଚେତନ ନାଗରିକ ଚାହିଁଲେ ବି କିଛି ଫଳ ମିଳେନା। ଧରନ୍ତୁ ଗଛଟିଏ କିଏ କାଟିଦେଲା ଏବଂ ଆପଣ ପୁଲିସକୁ ଫୋନ କରି ଏକଥା ଜଣାଇଲେ। ସେମାନଙ୍କଠାରୁ ଉତ୍ତର ଆସିବ, ଆପଣ ବନବିଭାଗକୁ ଜଣାନ୍ତୁ। ନିକଟସ୍ଥ ବନଖଣ୍ଡ ଅଧିକାରୀଙ୍କୁ ଫୋନ କଲେ, ସେ ମହାଶୟ ସବୁକଥା ଶୁଣିସାରିଲା ପରେ କହିବେ, ବନ ଉନ୍ନୟନ ନିଗମକୁ ରାସ୍ତା କଡ଼ରେ ଗଛ ଲଗାଇବାର ଦାୟିତ୍ୱ ଦିଆଯାଇଥିଲା। ସେମାନଙ୍କୁ ଅବଗତ କରାନ୍ତୁ। ବନ ନିଗମର ଡିଭିଜନାଲ ମ୍ୟାନେଜରଙ୍କୁ ଜଣାଇଲେ ସେ କହିବେ, ଆମେ ଗଛ ଲଗାଇବାର ତିନିବର୍ଷ ପରେ ସେଗୁଡ଼ିକୁ ମହାନଗର ନିଗମକୁ ହସ୍ତାନ୍ତର କରିଦେଉ। ତେଣୁ ଏବେ ସେମାନେ ହିଁ ଗଛର ମାଲିକ। ମହାନଗର ନିଗମର କ୍ଷେତ୍ର ଅଧିକାରୀଙ୍କୁ ଜଣାଇଲେ ସେ କୁହନ୍ତି, ଗଛ ପାଇଁ ଏଫ.ଆଇ.ଆର୍ ଦାଖଲ ହୋଇ ପାରିବ କି ନାହିଁ ମୋତେ ଜଣାନାହିଁ। ଆପଣ ସମସ୍ତ ବିଷୟ ଲେଖି ଦରଖାସ୍ତଟିଏ ଦିଅନ୍ତୁ। ଆମେ ବିଚାର କରି ନିଷ୍ପତ୍ତି ନେବୁ। କଥା ସେଇଠି ରହିଯାଏ।

ରାସ୍ତା କଡ଼ରେ ଲଗାଯାଇଥିବା ଗଛର ରକ୍ଷଣାବେକ୍ଷଣା ପାଇଁ, ଏପରି ସମସ୍ୟା ସୃଷ୍ଟି ହେବାର ମୂଳ କାରଣ ହେଲା, ଭୁବନେଶ୍ୱର ବା ଅନ୍ୟ ସହର ପାଇଁ ଓଡ଼ିଶାରେ 'ଟ୍ରି-ଆକ୍ଟ' ଟିଏ ନାହିଁ। ଅଥଚ ଦିଲ୍ଲୀ, ଚେନ୍ନେଇ, ମୁମ୍ବାଇ ଓ ବେଙ୍ଗାଲୁରୁ ସହରରେ 'ଟ୍ରି ପ୍ରୋଟେକସନ ବା ପ୍ରିଜରଭେସନ ଆକ୍ଟ' ରହିଛି। ସେ ସବୁ ସହରରେ ରାସ୍ତାକଡ଼ରୁ ଗଛକୁ ଅନିୟମିତ ଭାବେ କାଟିବା ବା କ୍ଷତି ପହଞ୍ଚାଇବା ଦଣ୍ଡନୀୟ।

ଆମେ ସମସ୍ତେ ଜାଣିଛେ, ସହରାଞ୍ଚଳରେ ପ୍ରଚୁର ପରିମାଣରେ ବୃକ୍ଷରୋପଣ କେତେ ଜରୁରୀ। ହିଟ୍ ଆଇଲ୍ୟାଣ୍ଡ ପ୍ରଭାବକୁ ରୋକିବା ସହିତ ଏହା ପରିବେଶକୁ ବିଶୁଦ୍ଧ ରଖେ। ଛାୟା ପ୍ରଦାନ କରି ବାତାବରଣକୁ ସୁଶୀତଳ ରଖେ। ବାୟୁରୁ ଧୂଳିକଣା, ସୂକ୍ଷ୍ମ କଣିକାମାନ ଛାଣିନେଇ ପ୍ରଦୂଷଣ ମୁକ୍ତ କରେ। ବୃଷ୍ଟିଜଳକୁ ସଂରକ୍ଷଣ କରି ଭୂତଳ ଜଳସ୍ତର ବୃଦ୍ଧି କରିବାରେ ସହାୟକ ହୁଏ। ଯାନବାହନ ଚଳାଚଳ କରୁଥିବା ସହରର ରାଜରାସ୍ତାର ଦୁଇପଟେ ୧୦ ମିଟର ଓସାରରେ ଗଛ ଲାଗିଥିଲେ ଶବ୍ଦ ପ୍ରଦୂଷଣ ପାଞ୍ଚ ଡେସିମେଲ୍ ପର୍ଯ୍ୟନ୍ତ କମିଯାଏ। ସହର ଭିତର ଉତ୍ତାପ ଅପେକ୍ଷାକୃତ କମ୍ ରହିବା କାରଣରୁ ଏୟାରକଣ୍ଡିସନ ବ୍ୟବହାର କମିଯାଏ ଏବଂ ବାୟୁମଣ୍ଡଳକୁ ସବୁଜ ଗୃହ ବାଷ୍ପ ନିର୍ଗମନ ହ୍ରାସ ପାଏ। ଶକ୍ତି ସଂଚୟ ହୁଏ। ଏହା ଏକ ଚକ୍ରୀୟ ପ୍ରକ୍ରିୟା। ତେଣୁ ଆମ ସହରରେ 'ବେସାହାରା' ଭାବେ ବଢୁଥିବା ଗଛଗୁଡ଼ିକୁ ଆଇନଗତ ସହାୟତା ପ୍ରଦାନ କରିବା ପାଇଁ 'ଟ୍ରି-ପ୍ରିଜରଭେସନ ଆକ୍ଟ' ପ୍ରଣୟନ ଏକାନ୍ତ ଜରୁରୀ। ●

(ପ୍ରାକ୍ତନ ପ୍ରଧାନ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

## ଗଣନାର ଯୁଗଯନ୍ତ୍ରଣା

ଧ୍ରୁବ ଚରଣ ଘିବେଲା



ଆମ ଦେଶରେ ଜନଗଣନା ପ୍ରତି ଦଶବର୍ଷରେ ଥରେ ହୁଏ। ଏଥିରେ ଗାଁରୁ ଆରମ୍ଭ କରି ବ୍ଲକ, ସବ୍‌ଡିଭିଜନ, ଜିଲ୍ଲା, ରାଜ୍ୟ, ସର୍ବୋପରି ରାଷ୍ଟ୍ରର ଜନସଂଖ୍ୟା ସାମ୍ନାକୁ ଆସିଥାଏ। ନିର୍ବାଚନ ପାଇଁ ଭୋଟର ଗଣନା ବି ହୁଏ; ୧୮ ଓ ତଦୂର୍ଦ୍ଧ୍ୱ ବୟସର ସାବାଳକଙ୍କୁ ଚିହ୍ନଟ କରାଯାଏ ଭୋଟଦାନର ଅଧିକାର ପ୍ରଦାନ କରାଯିବା ପାଇଁ। ଏହାବାଦ୍ ହାତୀ, ବାଘ, ମଗର ଓ ପକ୍ଷୀ ଗଣନା ବି ହୁଏ। ଥରେ ଦିଲ୍ଲୀରେ କେତେ କାଉ ଅଛନ୍ତି ତା'ର ସବିଶେଷ ତଥ୍ୟ ଜଣାଇବାକୁ ସମ୍ରାଟ ଆକବର ବୀରବଲଙ୍କୁ ଆଦେଶ ଦେଲେ। କେଉଁଠୁ କେମିତି ଗଣନା ଆରମ୍ଭ କରିବେ, ତାହା ଭାବି ଚିନ୍ତାରେ ପଡ଼ିଲେ ବୀରବଲ। କିନ୍ତୁ ତାଙ୍କ ବିଦୂଷୀ ପତ୍ନୀ କହିଲେ ଦିଲ୍ଲୀରେ ସମୁଦାୟ କାଉ ସଂଖ୍ୟା ସାତ ଲକ୍ଷ ଅଶୀ ହଜାର ଅଠେଇଶ। ବୀରବଲ ପଚାରିଲେ, 'ତୁମେ କେମିତି ଜାଣିଲ?' ପତ୍ନୀ କହିଲେ, 'ସେମିତି ଗୋଟେ ସଂଖ୍ୟା ମନରୁ କହିଦେଇଛି। ଏ ଉତ୍ତର ରଖିଲା ପରେ ଆକବର କ'ଣ ଆଉ କାହାକୁ କାଉ ଗଣିବାକୁ କହି ଏ ଉତ୍ତରର ସତ୍ୟତା ପରଖିବେ?' ବୀରବଲ ପୁଣି ପଚାରିଲେ, 'ଯଦି ଗଣନ୍ତି, ଆଉ କାଉ ସଂଖ୍ୟା କମ ବେଶି ହୁଏ?' ବିଦୂଷୀ ପତ୍ନୀ କହିଲେ, ଯଦି ଗଣତି କରନ୍ତି ଏବଂ କିଛି କମ୍ ବେଶୀ ହୁଏ ତେବେ କମ ହେଲେ କହିବ କାଉ କୁଣିଆ ଯାଇଛନ୍ତି, ବେଶି ହେଲେ କହିବ କୁଣିଆ ଆସିଛନ୍ତି।' ବୀରବଲ ପତ୍ନୀଙ୍କ କହିବା ଅନୁସାରେ ରାଜଦରବାରେ ଉତ୍ତର ରଖି ପ୍ରଶଂସାଭାଜନ ହେଲେ।

ବେଳେବେଳେ ଏଭଳି ଅବାନ୍ତର ଗଣନା ପାଇଁ ବଡ଼ବଡ଼ିଆଙ୍କ ମୁଣ୍ଡକୁ ଅଜବ ନିଶା ଘାରେ। ଏବେ ଏଭଳି କେତେ ଯେ ଗଣନା କରାଗଲାଣି, ତା'ର ଇୟତ୍ତା ନାହିଁ। କାହାର ଛୁଆ କେତେ, ଛୁଆ ଭିତରେ ପୁଅ ଓ ଝିଅ ପିଲା ସଂଖ୍ୟା କେତେ ହିସାବ ରଖାଯାଉଛି। ଗାଆଁ ସହର ସାହି ଘର ଘର ବୁଲି ଘରଗଣନା ବି ହେଲାଣି। ଏପରି କି ପରିବାର ସର୍ବେକ୍ଷଣ କରାଗଲାଣି ଏବଂ ପରିବାରରେ କିଏ ଗର୍ଭବତୀ ଅଛନ୍ତି, ତା'ର ତଥ୍ୟ ବି ନିଆଯାଉଛି। ଆଉ କିଛିଦିନ ପରେ ହୁଏତ ଗଛଲତା, ରୋଗୀ ଓ ନିରୋଗୀ ସଂଖ୍ୟା, ସକାରାତ୍ମକ ମଣିଷ, ଭଲ ମଣିଷ, ନିନ୍ଦା ମଣିଷ, ଅମାନିଆ ମଣିଷ, ଫମ୍ପା ମଣିଷଙ୍କ ସଂଖ୍ୟା ମଧ୍ୟ ଗଣନା ହେବ।

ଏହି ପରିପ୍ରେକ୍ଷୀରେ ଏବେ ସମାଜରେ କବି-ଲେଖକଙ୍କ ସଂଖ୍ୟା ବଢୁଛି(ହେଲେ ପାଠକଙ୍କ ସଂଖ୍ୟା କମୁଛି)। ଏସବୁ ଯୁଗ ଯନ୍ତ୍ରଣା ସୂଚକ। ଏବେ ଗାଁ-ସହର ସବୁଠି କବି। ସାହିରେ ସାହିରେ କବି। ଘରେ ଘରେ ବି ବାହାରିଲେଣି କବି। ଉଭା ଯେତେ, ପୋତା ସେତେ। ପ୍ରକାଶିତ ଅର୍ଥରେ ଉଭାକୁ ବୁଝନ୍ତୁ ଏବଂ ଅପ୍ରକାଶିତ ଅର୍ଥରେ ପୋତାକୁ ବୁଝନ୍ତୁ। ଆହୁରି ସ୍ପଷ୍ଟ ଶବ୍ଦରେ କହିଲେ ଲେଖାଲେଖି କରି ଯିଏ ଏଠି ସେଠି ଖବରକାଗଜରେ ଅବା ପତ୍ରପତ୍ରିକାରେ ଲେଖା ପ୍ରକାଶିତ କରନ୍ତି ସିଏ ଉଭା ବା ପ୍ରକାଶିତ କବି। ଯିଏ ଲେଖା କେଉଁଠି ପ୍ରକାଶ କରାନ୍ତିନି ସିଏ ପୋତା ବା ପ୍ରକାଶ ଆଢୁଆଳରେ ରହୁଥିବା କବି। କବିସୂର୍ଯ୍ୟଙ୍କ ଭାଷାରେ 'ରବି ହେଲେ ଜ୍ୟୋତିରିଙ୍ଗଣ ପୋକ, କବି ହୋଇଗଲେ ସମସ୍ତ ଲୋକ' ଉକ୍ତିର ଯଥାର୍ଥତା ତଥା ପ୍ରାସଙ୍ଗିକତା ଆଜିର ଦିନରେ ବେଶ ଅନୁଭବ ହୁଏ ଏବଂ ଅନୁଭବ କରାଯାଏ। ପୁଣି କେଉଁଠି ଦେଖାଯାଏ କବିତା ପାଠ ହେଲେ ଶ୍ରୋତାଙ୍କ ସଂଖ୍ୟାଠୁ କବି ଥା'ନ୍ତି ଅଧିକ। ମଞ୍ଚତଳର ଶ୍ରୋତା ମଣିଷଠୁ ମଞ୍ଚ ଉପରେ ଥା'ନ୍ତି ଅଧିକ ମଞ୍ଚମଣିଷ।

କବି ସଂଖ୍ୟା ଦିନକୁ ଦିନ ବଢୁଛି, ଏ କଥା ଖାଲି ଅନୁମାନ କରି କୁହାଯାଉନାହିଁ। ଏହା କୁହାଯାଉଛି, ପ୍ରତ୍ୟକ୍ଷରେ ଦେଖି ଯେ ସାହିତ୍ୟସଭାରେ ଅର୍ଦ୍ଧଶତକ, ଶତକ, ଦ୍ୱିଶତକ କବିଙ୍କୁ ପୁଣି ଗୋଟେ ଦିନରେ ଗୋଟେ ମଞ୍ଚରେ ସମ୍ବର୍ଦ୍ଧିତ କରାଯାଉଛି। ଯେଉଁଠି ଶହଶହ କବିଙ୍କୁ ପୁରସ୍କାର ଦିଆଯାଏ, ସେଠି ଜଣ ଜଣକର ମାନପତ୍ର ପଠନ କରିବା ଆଉ ସମ୍ଭବ ହୋଇ ନଥାଏ। ଖାଲି ଗୋଟେ ନୀତି ଧରାଯାଏ - ନାଁ ଡକାଗଲେ ମଞ୍ଚକୁ ଆସ, ଆଉ ମାନପତ୍ରଟି ହାତେଇ ନେଇ ଯାଅ। ପୁଣି ଯେଉଁଠି ସାହିତ୍ୟ ସଭା କରାଯାଉଛି, ସେଠି ବି ରହୁଛି କବିତା ପାଠ କାର୍ଯ୍ୟକ୍ରମ। କବିଙ୍କୁ କବିତା ପଢ଼ିବା ସହିତ କବିଙ୍କ ହାତରେ ଧରେଇ ଦିଆଯାଏ ଗୋଟେ ଗୋଟେ ପ୍ରମାଣପତ୍ର।

ଏହା ଗୋଟେ ଧାରା ପାଲଟିଛି କବିଙ୍କୁ ଟାଣିବା ପାଇଁ। କେଉଁଠି କେଉଁଠି ପ୍ରମାଣପତ୍ର ସହିତ ଦିଆଯାଏ ଖଣ୍ଡେ ଖଣ୍ଡେ ଗାମୁଛା। ତାହା ହୋଇଯାଏ କବି ହେବାର ଠୋସ ସ୍ୱୀକୃତିପତ୍ର। ଯେଉଁଠି କବି ଅସଲ ପୁରସ୍କୃତ ବା ସମ୍ବର୍ଦ୍ଧିତ ହୁଅନ୍ତି ସେଠି ପାଆନ୍ତି ମାନପତ୍ର, ସ୍ମୃତିଫଳକ, ସୁନ୍ଦର ଉତ୍ତରୀୟ। ସାଧାରଣତଃ ପ୍ରମାଣପତ୍ରଠୁ ମାନପତ୍ରର ମାନସମ୍ମାନ ବିବେଚିତ ହୁଏ ଅଧିକ। ଆଜିକାଲି ସବୁଠି କବି ଏତେ ସଂଖ୍ୟାରେ ପୁରସ୍କୃତ ହେଉଛନ୍ତି ଯେ ଏଥିରୁ ସହଜେ ମନେକରାଯାଇପାରେ କବିଙ୍କ ସଂଖ୍ୟା ଆମ ଏଠି ବଢୁଛି ନିଶ୍ଚୟ। ତେଣୁ କବିଙ୍କ ସଂଖ୍ୟା ଗାଁ, ସହରରେ ପ୍ରକୃତରେ କେତେ ରହିଛି, ସେ କଥା ଜାଣିବା ପାଇଁ କବି ଲେଖକ ଗଣନା ହେବା ନିହାତି ଆବଶ୍ୟକ ମନେ ହୁଏ। ସରକାରୀ ହେଉ କି ବେସରକାରୀ ଗଣନା କରାଯାଉ। ସେଥିରୁ ନୂଆ ତଥ୍ୟ ସାମ୍ନାକୁ ଆସିପାରେ। ସେମାନଙ୍କ ଭିତରେ ବି ରହିଥାଇପାରନ୍ତି ଦୁଃସ୍ଥ କବି, ସୁସ୍ଥ କବି, ଅସୁସ୍ଥ କବି, ସବଳ କବି, ଦୁର୍ବଳ କବି, ଚତୁର କବି, ଆଶୁ କବି, ଚାନ୍ଦାଜୀବୀ କବି, ଯୋଗାଡ଼ିଆ କବି, ଯାଦୁଆ କବି, ଗୋଠଛଡ଼ା କବି ଏମିତି କେତେ କଣ! ଏହା ହିଁ ଗଣନାର ବାସ୍ତବ ନିର୍ଯାସ ଆଉ ଆଧୁନିକ ଯୁଗର ଯନ୍ତ୍ରଣା। ●

ବୌଦ୍ଧ, ମୋ: ୯୪୩୭୪୭୮୪୬୬

## ସୃଜନ-ଦୀପ୍ତ ସମ୍ପାଦକ ପଣ୍ଡିତ ନୀଳମଣି ବିଦ୍ୟାରତ୍ନ

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ସାହିତ୍ୟ ସରିତ୍

ଆଜି ପର୍ଯ୍ୟନ୍ତ ସାହିତ୍ୟିକ ଓ ପାଠକ ମହଲରେ ଏକ ଭ୍ରାନ୍ତ ଧାରଣା ରହି ଆସିଛି ଯେ, ପତ୍ରପତ୍ରିକା ସମ୍ପାଦନା ଏବଂ ସାଂଗଠନିକ କାର୍ଯ୍ୟ ହେଉଛି ସୃଜନଶୀଳତାର ବିକାଶ ପଥରେ ଏକ ପ୍ରତିବନ୍ଧକ। ତେଣୁ ଅନେକ କବି, ଲେଖକ ଏହି ମହତ କାର୍ଯ୍ୟ ସମ୍ପନ୍ନ କରିବା ସକାଶେ ଆନ୍ତରିକ ସ୍ୱୀକୃତି ଦେଇପାରନ୍ତି ନାହିଁ। ଯଦି କେହି ଏକ ଉଚ୍ଚାଭିଳାଷ ନେଇ ଏଭଳି କାର୍ଯ୍ୟ ପ୍ରତି ଆକୃଷ୍ଟ ଓ ସଂଶ୍ଳିଷ୍ଟ ହୁଅନ୍ତି, ତେବେ ଅପ୍ରିୟ ହେବା ଆଶଙ୍କାରେ, ଜୀବନ ଅଶାନ୍ତିମୟ ହେବାର ତାଡ଼ନାରେ, ସାହିତ୍ୟ ସାଧନା ବ୍ୟାହତ ହେବାର ଯନ୍ତ୍ରଣା ଭୋଗ କରି ସେଥିରୁ ମୁକ୍ତିର ମାର୍ଗ ଅନ୍ୱେଷଣ କରନ୍ତି। ଅପରପକ୍ଷରେ ସ୍ୱକୀୟ ମୌଳିକ ପ୍ରତିଭା ସତ୍ତ୍ୱେ ଦେଶ, ଜାତି ଓ ସମାଜର ପ୍ରଗତି ସକାଶେ ସମ୍ପାଦନା ଓ ସଂଗଠନ ସହିତ ଅନ୍ତର ସଂଲଗ୍ନ କରି ଆପଣାକୁ ସମ୍ପୂର୍ଣ୍ଣ ଉତ୍ସର୍ଗ କରିଦିଅନ୍ତି ଅନେକ ଅସାଧାରଣ ବ୍ୟକ୍ତିତ୍ୱ। ପଣ୍ଡିତ ନୀଳମଣି ବିଦ୍ୟାରତ୍ନ ଏହି ସମୁଚ୍ଚ ସୋପାନର ସମର୍ପିତ ଏକ ବିରଳ ଆତ୍ମା।

ବଡ଼ମ୍ବାରେ ଶିକ୍ଷକ ଭାବରେ କି ଶାନ୍ତିମୟ ଜୀବନ ଅତିବାହିତ ହୋଇଥା'ନ୍ତା ତାଙ୍କର! ଏହାବ୍ୟତୀତ ତାଙ୍କ ପାଣ୍ଡିତ୍ୟକୁ ସାହିତ୍ୟ ସର୍ଜନାରେ ବିନିଯୋଗ କରିପାରିଥା'ନ୍ତେ। ବୁଧ ହଂସ କେଳିସର ବାମଣ୍ଡାର ମହାରାଜା ସାର ବାସୁଦେବ ସୁଢଳ ଦେବ କି ପ୍ରଖର କିରଣ ତାଙ୍କ ବ୍ୟକ୍ତିତ୍ୱକୁ ଆଭାମୟ କରିଥିବାର ଦୃଶ୍ୟ ଦେଖିଲେ, ତାହା ସିଏ ହିଁ ଅନୁଭବ କରିଥିବେ ସିନା! ଦେବଗଡ଼ରୁ ପଣ୍ଡିତ ବିଦ୍ୟାରତ୍ନଙ୍କ ବଳିଷ୍ଠ ସମ୍ପାଦନାର ସ୍ୱାକ୍ଷର ନେଇ ଉଦ୍ଭାସିତ ହୋଇଉଠିଲା 'ସମ୍ବଲପୁର ହିତୈଷିଣୀ' ୧୮୮୯ ମଇମାସରେ। ଛିନ୍ନ-ବିଚ୍ଛିନ୍ନ ଓଡ଼ିଆ ଜାତିକୁ ଗୋଟିଏ ସୂତ୍ରରେ ଆବେଗାବଦ୍ଧ କରିବା ପାଇଁ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସ୍ୱତନ୍ତ୍ର ମର୍ଯ୍ୟାଦା ରକ୍ଷା ନିମିତ୍ତ ଦୁଇଟି ମାତ୍ର ଶବ୍ଦରେ ପ୍ରକାଶ କରିବାକୁ ଗଲେ 'ଓଡ଼ିଆ ଅସ୍ମିତା'ର ଜାଗରଣ ସ୍ୱପ୍ନରେ ବିଦ୍ୟାରତ୍ନ ମହୋଦୟ ଗ୍ରହଣ କରିଥିଲେ ସୁଦୃଢ଼ ନେତୃତ୍ୱ।

ଜଣେ ଜଣେ ମଣିଷ ଏକ ଏକ ବିଶେଷଲକ୍ଷ୍ୟ ନେଇ ଏ ଧରାପୃଷ୍ଠରେ ଅବତରଣ କରିଥା'ନ୍ତି। ବିଦ୍ୟାରତ୍ନଙ୍କ ଆବିର୍ଭାବ ତଦନୁଯାୟୀ କେତେ ଅର୍ଥପୂର୍ଣ୍ଣ ତାହା ନିବିଷ୍ଟ ଚିତ୍ତରେ ଚିନ୍ତା କଲେ ଯେକେହି ଉପଲବ୍ଧି କରିପାରିବେ। ସମଗ୍ର ଓଡ଼ିଶାର ରାଜା, ମହାରାଜା, କବି, ଲେଖକ, ସମାଜସେବୀ - ସମସ୍ତଙ୍କୁ ପରସ୍ପର ସହିତ ସମ୍ବନ୍ଧିତ କରିଦେବାରେ ସେ ଗ୍ରହଣ କରିଥିଲେ ଅଭିନବ ଆନ୍ତରିକତା ବିଚ୍ଛୁରଣ-କ୍ଷମ ସାରସ୍ୱତ ଭୂମିକା। ବିଦ୍ୟାରତ୍ନଙ୍କୁ କିଏ ଅବା ଭାବ-ସମ୍ପ୍ରସାରଣର ମାଧ୍ୟମ ଭାବରେ ନିର୍ଭର କରିନାହାନ୍ତି! ସେ ହିଁ ସ୍ୱଭାବକବି ଗଙ୍ଗାଧର ମେହେରଙ୍କୁ ପ୍ରଥମେ ଲୋକଲୋଚନକୁ ଆଣିପାରିଥିଲେ। 'ସମ୍ବଲପୁର ହିତୈଷିଣୀ'ରେ ତାଙ୍କ ଜୀବନୀ ପ୍ରକାଶ କରିବା ସହିତ ବହୁ କବିତା ସ୍ଥାନିତ କରି ସେ ଓଡ଼ିଶାର କୋଣ ଅନୁକୋଣରେ ତାଙ୍କ ପ୍ରତିଭା ପ୍ରତି ସଜ୍ଜନମଣ୍ଡଳୀଙ୍କ ଶ୍ରଦ୍ଧାନ୍ୱିତ ଦୃଷ୍ଟି ଆକର୍ଷଣ କରିଥିଲେ। ସମ୍ବଲପୁର କଚେରୀରେ ଓଡ଼ିଆ ଭାଷା ପରିବର୍ତ୍ତେ ହିନ୍ଦୀ ଭାଷା ପ୍ରଚଳିତ ହେବାରୁ ଏହାର ଦୃଢ଼ ପ୍ରତିବାଦ କରି କବିତା ଲେଖିବାର ଶକ୍ତିଭେଦୀ ପ୍ରେରଣା ଦେଇଥିଲେ ଗଙ୍ଗାଧରଙ୍କୁ। ବାଲ୍ୟବିବାହକୁ ସମାଜରେ ନିଷିଦ୍ଧ କରିବା, ବିଧବା ବିବାହକୁ ପ୍ରୋତ୍ସାହିତ କରିବା ଠାରୁ ଆରମ୍ଭ କରି ସମାଜ ସଂସ୍କାରମୂଳକ ବାର୍ତ୍ତାର ଗଭୀର ପ୍ରଭାବ ସୃଷ୍ଟି କରିବାରେ ବିଦ୍ୟାରତ୍ନ ମହୋଦୟ ଯେଉଁ ପ୍ରଶଂସନୀୟ ଭୂମିକାରେ ହେଲେ ଅବତୀର୍ଣ୍ଣ ତାହା ଅନେକ ଲୋକଙ୍କ ଅନ୍ତର୍ଦୃଷ୍ଟି ଉନ୍ମୋଚନ କରିଦେଇ ପାରିଛି। 'ପରବର୍ତ୍ତୀ ସମୟରେ ସେ 'ଉତ୍କଳ ଦୀପିକା', 'ପ୍ରଜାବନ୍ଧୁ', 'ଉତ୍କଳ ମଧୁପ', 'ଗୁଣ ଦର୍ପଣ' ଆଦିର ସମ୍ପାଦନା କରି ସେ ସୁଖ୍ୟାତି ଅର୍ଜନ କରିବା ସହିତ ଗଞ୍ଜାମ ସମ୍ମିଳନୀ ପାଇଁ ଯେଉଁ ପ୍ରଚେଷ୍ଟା କରିଥିଲେ ତାହା ହିଁ ଉତ୍କଳ ସମ୍ମିଳନୀର ଭିତ୍ତି ବୋଲି ଅନୁଭୂତ ହୋଇଛି। 'ସମ୍ବଲପୁର ହିତୈଷିଣୀ'ର ସମ୍ପାଦକ ଭାବରେ ସେ ଯେଉଁ ଅମରତ୍ୱ ଲାଭ କରିଛନ୍ତି ତାହା ବାସ୍ତବିକ ସର୍ବାଦୃତ। ଗଙ୍ଗାଧରଙ୍କ ଆତ୍ମିକ ସମ୍ବର୍ଦ୍ଧନା ଉଚ୍ଛ୍ୱସିତ ଭାବରେ ପ୍ରତିଫଳିତ ହୋଇ ଉଠିଛି 'ବିଦ୍ୟାରତ୍ନଙ୍କ ହିତୈଷିଣୀ'ନାମକ କବିତାରେ। ପଣ୍ଡିତ ନୀଳମଣି ବିଦ୍ୟାରତ୍ନ 'ସମ୍ବଲପୁର ହିତୈଷିଣୀ' ମଧ୍ୟରେ ପ୍ରାଣସଂଚାର କରିଛନ୍ତି ଆଉ ହିତୈଷିଣୀ ବିଦ୍ୟାରତ୍ନଙ୍କ ଜୀବନକୁ କରି ଦେଇଛି ଗୌରବ ବିମଣ୍ଡିତ।

ଗଙ୍ଗାଧର ସ୍ୱରଚିତ କବିତାରେ ଭାବମୁଗ୍ଧ ହୋଇ ଗାନ କରିଛନ୍ତି - 'ଧନ୍ୟ ଧନ୍ୟ ବାସୁଦେବ ମହୀପାଳମଣି, ଧନ୍ୟ ଧନ୍ୟ କ୍ଷଣଜନ୍ମା ବୁଧ ନୀଳମଣି / ଉତ୍କଳରେ କରି ଶୁଭ ଯଜ୍ଞର ଆରମ୍ଭ, ସ୍ଥାପିଦେଲ କାଳଦର୍ପ ଧ୍ୱଂସୀ ଯୂପସ୍ତମ୍ଭ।' ସୃଜନଶୀଳତାର ଅର୍ଥ କେତେ ବ୍ୟାପକ ତାହା ନୂତନ ଭାବରେ ଉପଲବ୍ଧି କରିବାର ସମୟ ସମୁପସ୍ଥିତ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ରାଜ୍ୟ କ୍ୟାବିନେଟ୍‌ରେ ୫ ପ୍ରସ୍ତାବକୁ ମୋହର

# ନିଯୁକ୍ତି ପାଇଁ ସର୍ବୋଚ୍ଚ ବୟସ ୪୨କୁ ବୃଦ୍ଧି

**ଓଡ଼ିଶା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ନୀତି, ୨୦୨୫କୁ ଅନୁମୋଦନ**

**ରାଜ୍ୟରେ ପ୍ରତିଷ୍ଠା ହେବ କୃତ୍ରିମ ବୁଦ୍ଧିମତା (ଏଆଇ) ଉତ୍କର୍ଷ କେନ୍ଦ୍ର**

**ଯୋରନ୍ଦା ମହିମା ଗାଦିର ଉନ୍ନତି ସହ ଭବ୍ୟ ଶୂନ୍ୟମଣ୍ଡପ ନିର୍ମାଣ ପାଇଁ ୧୭୧ କୋଟି ୧୧ ଲକ୍ଷ ଟଙ୍କାର ଟେଣ୍ଡରକୁ ଅନୁମୋଦନ**

**ଓଡ଼ିଶା ଚକ୍ଷୁ ଚିକିତ୍ସା ସେବା ନିୟମାବଳୀ-୨୦୨୫କୁ ଅନୁମୋଦନ**

**ଜଟାଧାର ମୁହାଣରେ ଜେଏସଡବ୍ଲ୍ୟୁର ଜେଟି ନିର୍ମାଣ ପାଇଁ ରିଆଟି ଚୁକ୍ତିନାମା ସ୍ୱାକ୍ଷରକୁ ଅନୁମୋଦନ ଦେଲେ ସରକାର**

**ଭୁବନେଶ୍ୱର,୨୮।୫(ସମିସ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ବୁଧବାର ସନ୍ଧ୍ୟାରେ ବସିଥିବା ରାଜ୍ୟ କ୍ୟାବିନେଟ ବୈଠକରେ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ସର୍ବୋଚ୍ଚ ବୟସସୀମାକୁ ୪୨କୁ ବୃଦ୍ଧି କରାଯାଇଛି। ପୂର୍ବରୁ ସରକାରୀ ପଦବଦବୀ ଓ ସେବାରେ ପ୍ରବେଶ ପାଇଁ ସର୍ବୋଚ୍ଚ ବୟସସୀମା ୩୨ ବର୍ଷ ଥିଲା। ଏଥିପାଇଁ ଓଡ଼ିଶା ବେସାମରିକ ସେବା(ସର୍ବୋଚ୍ଚ ବୟସ ସୀମା ସ୍ଥିରୀକରଣ) ନିୟମାବଳୀ ୧୯୮୯ରେ ସଂଶୋଧନ ପ୍ରସ୍ତାବକୁ ବୈଠକରେ ଅନୁମୋଦନ ମିଳିଛି। ଅପରପକ୍ଷେ ରାଜ୍ୟରେ କୃତ୍ରିମ ବୁଦ୍ଧିମତାକୁ ପ୍ରୋତ୍ସାହନ ଦେବାକୁ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଉପରେ ମୋହର ମାରିଛି ରାଜ୍ୟ କ୍ୟାବିନେଟ। ଓଡ଼ିଶା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ନୀତି, ୨୦୨୫କୁ ଅନୁମୋଦନ ମିଳିଥିବା ବେଳେ, ଏହି ନୀତି ଓଡ଼ିଶାରେ ଶ୍ରେଷ୍ଠ ଡିଜିଟାଲ ପରିବର୍ତ୍ତନ ପ୍ରକ୍ରିୟାର ଅଂଶବିଶେଷ ହେବ। ଏହାସହ କୃତ୍ରିମ ବୁଦ୍ଧିମତାର ବ୍ୟବହାର ଦ୍ୱାରା ରାଜ୍ୟ ପ୍ରଶାସନିକ କ୍ଷେତ୍ରରେ ଅପରିସୀମ ସୁଫଳ ମିଳିବ ବୋଲି ରାଜ୍ୟ ସରକାର ଆଶା ରଖିଛନ୍ତି। ଉପରୋକ୍ତ ୨ ପ୍ରସ୍ତାବ ସମେତ ମୋଟ ୫ଟି ପ୍ରସ୍ତାବକୁ ଅନୁମୋଦନ ମିଳିଥିବା ନେଇ ମୁଖ୍ୟ ଶାସନ ସଚିବ ମନୋଜ କୁମାର ଆହୁଜା ସୂଚନା ଦେଇଛନ୍ତି।

କ୍ୟାବିନେଟ ବୈଠକ ସମାପ୍ତ ହେବା ପରେ ବୈଠକର ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ଶାସନ ସଚିବ ଗଣମାଧ୍ୟମକୁ ସବିଶେଷ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ ବିଭିନ୍ନ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରିବା ପାଇଁ ସର୍ବୋଚ୍ଚ ବୟସ ସୀମାକୁ ବୃଦ୍ଧି କରିବା ପାଇଁ ବିଭିନ୍ନ ମହଲରୁ ବହୁ ନିବେଦନ ଆସିଥିଲା। ଏହାକୁ ବିଚାରକୁ ନେଇ ରାଜ୍ୟ ସରକାର କେତେକ ସେବା ଓ ପଦବୀ ଯେଉଁଠାରେ ସର୍ବୋଚ୍ଚ ବୟସସୀମା ଅଧିକ ଉଲ୍ଲେଖ ରହିଛି, ସେଗୁଡ଼ିକୁ ଛାଡ଼ି ସର୍ବୋଚ୍ଚ ବୟସସୀମାକୁ ୪୨କୁ ବୃଦ୍ଧି କରିଛନ୍ତି। ଏହାସହ ୟୁନିଫର୍ମ ସେବା ଯଥା ପୁଲିସ, ଜଙ୍ଗଲ, ଅବକାରୀ, ଅଗ୍ନିଶମ ସେବା, ଆଦିରେ ଶାରିରୀକ ଦକ୍ଷତା ପରୀକ୍ଷା ରହିଥିବାରୁ ଏହାକୁ ସର୍ବୋଚ୍ଚ ବୟସସୀମାକୁ ବାଦ୍ ଦିଆଯାଇଛି। ଉପରୋକ୍ତ ସର୍ବୋଚ୍ଚ ବୟସସୀମା ଏସସି, ଏସଟି, ଏସଇବିସି, ଅବସରପ୍ରାପ୍ତ ସୈନିକ ଏବଂ ଭିନ୍ନକ୍ଷମ ବ୍ୟକ୍ତିବିଶେଷଙ୍କ ଦ୍ୱାରା ବିଭିନ୍ନ ସମୟରେ ଜାରି ହେଉଥିବା ନିୟମାବଳୀ ଅନୁସାରେ କୋହଳ ହେବ ବୋଲଲି ସରକାର କହିଛନ୍ତି। ସେହିପରି ସ୍ୱନ୍ତ୍ର ଏଆଇ ନୀତିକୁ ଅନୁମୋଦନ ଦେଇ ସରକାର କହିଛନ୍ତି ଯେ ଏହାଦ୍ୱାରା ଏକ ସ୍ୱତନ୍ତ୍ର ଏଆଇ ମିଶନର ସୃଷ୍ଟି କରାଯିବ। ଯାହା ସରକାରୀ ବିଭାଗମାନଙ୍କ ମଧ୍ୟରେ ଏଆଇ ପ୍ରୟୋଗର ପ୍ରୟାସଗୁଡ଼ିକୁ କାର୍ଯ୍ୟାନ୍ୱିତ କରିବା ପାଇଁ ସର୍ବୋଚ୍ଚ ପ୍ରତିଷ୍ଠାନ ଭାବେ କାର୍ଯ୍ୟ କରିବ। ଓଡ଼ିଶା ଏଆଇ ମିଶନରେ ଦୁଇ-ସ୍ତରୀୟ ପରିଚାଳନା ବ୍ୟବସ୍ଥା କରାଯାଇଛି। ଗୋଟିଏ ଏଆଇ ଟାସ୍କ ଫୋର୍ସ ହୋଇଥିବା ବେଳେ ଅନ୍ୟଟି ଏଆଇ ସେଲ ରହିଛି। ଏହା ବ୍ୟତୀତ ରାଜ୍ୟ ସରକାର ମେଇଟି ଏବଂ ନାସକମ ସହ ସହଭାଗିତାରେ ଏକ ଏଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସ ପ୍ରତିଷ୍ଠା ପାଇଁ ଲକ୍ଷ୍ୟ ରଖିଛନ୍ତି। ଯାହା ଓଡ଼ିଶାର ବୈଷୟିକ ଗବେଷଣା, ଆବିଷ୍କାର ଓ ବିକାଶ ଏବଂ କ୍ଷମତା ବିକାଶ ପାଇଁ ସ୍ୱତନ୍ତ୍ର ବାବେ କାମ କରିବ ବୋଲି କୁହାଯାଇଛି। ସେହିପରି ଅନ୍ୟଏକ ପ୍ରସ୍ତାବ କ୍ରମେ ରାଜ୍ୟ ସରକାର ଢେଙ୍କାନାଳ ଜିଲ୍ଲାର ଯୋରନ୍ଦାସ୍ଥିତ ମହିମା ଗାଦିରେ ଉନ୍ନତିମୂଳକ କାର୍ଯ୍ୟ ଓ ଭବ୍ୟ ଶୂନ୍ୟ ମଣ୍ଡପର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ କ୍ୟାବିନେଟ ୧୭୧ କୋଟି ୧୧ ଲକ୍ଷ ଟଙ୍କାର ସର୍ବନିମ୍ନ ଟେଣ୍ଡରକୁ ଏମ/ଏସ ଆଇରନ୍ ଟ୍ରାଏଙ୍ଗଲ ଲିମିଟେଡ ସପକ୍ଷରେ ଅନୁମୋଦନ କରିଛନ୍ତି।

୩୬ ମାସ ମଧ୍ୟରେ ଏହି କାର୍ଯ୍ୟ ସମାପନ ଲକ୍ଷ୍ୟ ରଖାଯାଇଥିବା ବେଳେ ଏହା ସ୍ଥାନୀୟ ବିକାଶ ସହ ପର୍ଯ୍ୟଟନମାନଙ୍କୁ ପ୍ରୋତ୍ସାହିତ କରିବ ବୋଲି ସରକାର କହିଛନ୍ତି। କ୍ୟାବିନେଟରେ ଓଡ଼ିଶା ଚକ୍ଷୁ ଚିକିତ୍ସା ସେବା(ନିଯୁକ୍ତି ପ୍ରମାଳୀ ଓ ସେବା ସର୍ତ୍ତ) ନିୟମାବଳୀ, ୨୦୨୫କୁ ସରକାର ଅନୁମୋଦନ ଦେଇଛନ୍ତି। ରାଜ୍ୟରେ ବର୍ତ୍ତମାନ ୧୯୭ ଜଣ ଚକ୍ଷୁଚିକିତ୍ସା ସହାୟକ କାର୍ଯ୍ୟରତ ଅଛନ୍ତି। ଏହାସହ ରାଜ୍ୟ ସରକାର ଗତବର୍ଷ ଚକ୍ଷୁଚିକିତ୍ସା ସେବା ସମ୍ବର୍ଗ ଅଧିନରେ ମୂଳ ପଦବୀରେ ମୋଟ ୫୩୮ଟି ପଦବୀ ସୃଷ୍ଟି କରିଥିଲେ। ବର୍ତ୍ତମାନ ମୂଳ ପଦବୀରେ ୧୪୧ଟି ନୂଆ ପଦବୀ ସୃଷ୍ଟି ହେବାକୁ ଯାଉଛି। ଏହାସହ ପଦୋନ୍ନତି ଭିତ୍ତିରେ ପଦାନୁକ୍ରମେ ବିଭିନ୍ନ ପଦବୀ ପୂରଣ ପାଇଁ ମୋଟ ୨୦୦ଟି ପଦବୀ ସୃଷ୍ଟି କରାଯାଇଛି। ଏହି ସେବା ସମ୍ବର୍ଗ ସୃଷ୍ଟି ହୋଇଥିବାରୁ ନିୟମିତ ଭାବେ କାର୍ଯ୍ୟ କରୁଥିବା ଯୋଗ୍ୟ ଚକ୍ଷୁ ଚିକିତ୍ସା ସହାୟକମାନଙ୍କର ବୃତ୍ତିଗତ ଜୀବନରେ ଉନ୍ନତି ଆସିବ ବୋଲି ସରକାର ଆଶା ରଖିଛନ୍ତି।

ଅପରପକ୍ଷେ ଜଗତସିଂହପୁର ଜିଲ୍ଲାର ଜଟାଧାର ମୁହାଣଠାରେ ଏକ ନିଜସ୍ୱ ଜେଟି ନିର୍ମାଣ ପାଇଁ ରାଜ୍ୟ ସରକାର ଏବଂ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ମଧ୍ୟରେ ରିଆତି ଚୁକ୍ତିନାମା ସ୍ୱାକ୍ଷରକୁ ଅନୁମୋଦନ ଦେଇଛନ୍ତି। ଏହି ଜେଟି ଦ୍ୱାରା ରାଜ୍ୟ ସରକାର ରାଜସ୍ୱ ସୃଷ୍ଟି ପାଇଁ ଲକ୍ଷ୍ୟ ରଖିଥିବା ବେଳେ ଓଡ଼ିଶା ବନ୍ଦର ନୀତି, ୨୦୨୨ ଅନୁଯାୟୀ ବନ୍ଦର ସମ୍ପର୍କିତ ଶିଳ୍ପର ବିକାଶ ସହ ବନ୍ଦରକୁ ସଂଯୋଗ କରୁଥିବା ଭିତ୍ତିଭୂମିର ବିକାଶକୁ ଏହି ଜେଟି ପ୍ରୋତ୍ସାହିତ କରିବ। ଏହି ପ୍ରକଳ୍ପ ମାଧ୍ୟମରେ ୩୪୫୦ ଲୋକଙ୍କୁ ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ନିଯୁକ୍ତି ମିଳିବା ନେଇ ଲକ୍ଷ୍ୟ ରଖାଯାଇଛି।

## ବିଜେଡି ଛାଡ଼ିଲେ ପ୍ରୟାସକାନ୍ତି ସାମଲ

**ଭଦ୍ରକ, ୨୮।୫ (ସମିସ):** ଭଦ୍ରକର ପ୍ରାକ୍ତନ ପୌରାଧ୍ୟକ୍ଷ ତଥା ବିଜେଡିର ପ୍ରାକ୍ତନ ସମ୍ପାଦକ ପ୍ରୟାସକାନ୍ତି ସାମଲ ଆଜି ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଭଦ୍ରକ ନୂଆବଜାରସ୍ଥିତ ତାଙ୍କ ବାସଭବନରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏହି ସୂଚନା ଦେଇଛନ୍ତି। ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ସେ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଥିବା ସୂଚନା ଦେଇଛନ୍ତି। ତେବେ ବ୍ୟକ୍ତିଗତ କାରଣ ପାଇଁ ସେ ବିଜେଡି ଛାଡ଼ିଥିବା କହିଛନ୍ତି। ବିଜେଡି ଛାଡ଼ିବା ପରେ ପ୍ରୟାସକାନ୍ତି କହିଛନ୍ତି, କୌଣସି ଦଳରେ ନ ରହି ଲୋକଙ୍କ ସେବା ଜାରି ରହିବ। ବିଜେଡି ମୋତେ ପରିଚୟ ଦେଇଥିଲା ଓ କମ୍ ବୟସରେ ବିଜେଡି ମୋତେ ଭଦ୍ରକ ପୌରାଧ୍ୟକ୍ଷା ଭାବେ ନିର୍ବାଚିତ କରିଥିଲା। ମୋ ବାପା ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଓ ସାନ ଭାଇ ଏବେ ବିଜେଡିରେ ଅଛନ୍ତି। ତେବେ ସେ ଦଳ ଛାଡ଼ିବା ନେଇ ବାପା ପ୍ରଫୁଲ୍ଲ ସାମଲଙ୍କୁ ଅବଗତ କରିନାହିଁ ବୋଲି କହିଛନ୍ତି।

## ଦୁଇ ଦିନରେ ୩ କରୋନା ଆକ୍ରାନ୍ତ ଚିହ୍ନଟ

**ଭୁବନେଶ୍ୱର,୨୮।୫(ସମିସ):** ଦେଶରେ କରୋନା ସଂକ୍ରମଣ ହୁ' ହୁ' ହୋଇ ବଢୁଛି। ରାଜ୍ୟରେ ମଧ୍ୟ ସପ୍ତାହେ ଭିତରେ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇ ୪ ଛୁଇଁଛି। ସଂକ୍ରମିତଙ୍କ ମଧ୍ୟରେ ୩ଜଣ ଭୁବନେଶ୍ୱରରୁ ହୋଇଥିବାବେଳେ ଜଣେ ଜଟଣୀ ଅଞ୍ଚଳର ବୋଲି ଜଣାପଡ଼ିଛି। ମେ' ୨୨ ତାରିଖରେ ଜଣେ ଦିଲ୍ଲୀ ଫେରାନ୍ତା କରୋନା ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ଗତ ଦୁଇ ଦିନ ଭିତରେ ୩ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ହୋଇଥିବା ସମସ୍ତ ବ୍ୟକ୍ତି ବାହାର ରାଜ୍ୟ ବୁଲି ଆସିଛନ୍ତି। ସଂକ୍ରମିତମାନଙ୍କୁ ସଂଗରୋଧରେ ରଖାଯାଇଥିବାବେଳେ ସେମାନେ ଆଉ କେଉଁମାନଙ୍କ ସଂସ୍ପର୍ଶରେ ଆସିଛନ୍ତି, ତା'ର ଯାଞ୍ଚ କରାଯାଉଛି। ତେବେ ସମସ୍ତ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନୀଳକଣ୍ଠ ମିଶ୍ର ସୂଚନା ଦେଇଛନ୍ତି।

# ଅବଶିଷ୍ଟାଂଶ

### ଓଡ଼ିଶାକୁ ୫୦୦ କୋଟି...

ନିର୍ବାଚିତ ହୋଇଥିଲେ ହେଁ କେନ୍ଦ୍ର ନିକଟରେ ଓଡ଼ିଶାର ନାର୍ଯ୍ୟ ଦାବି ବ୍ୟବସ୍ଥିତ ଢଙ୍ଗରେ ଉପସ୍ଥାପିତ ହୋଇପାରୁନଥିବା ହେତୁ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇଛି। ଏହା ସତ୍ତ୍ୱେ ଓଡ଼ିଶା ସାଂସଦଙ୍କ ତୁଣ୍ଡ ଖୋଲୁ ନାହିଁ।

କେନ୍ଦ୍ରୀୟ ଯୋଜନାର ଅର୍ଥ ହ୍ରାସକୁ ନେଇ ରାଜନୈତିକ ମହଲରେ ରାଜ୍ୟ ସରକାର ସମାଲୋଚନାର ଶିକାର ହୋଇଛନ୍ତି। ସାଧାରଣତଃ ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନାରେ କିସ୍ତି ଆକାରରେ ରାଜ୍ୟଗୁଡ଼ିକୁ ଅର୍ଥ ପ୍ରଦାନ କରାଯାଏ। ଯେଉଁ ରାଜ୍ୟଗୁଡ଼ିକ ସେମାନଙ୍କ କାମ ଶେଷ କରି 'ୟୁସି' ଦାଖଲ କରନ୍ତି, ସେମାନଙ୍କୁ ପରବର୍ତ୍ତୀ କିସ୍ତିରେ ଅର୍ଥ ମିଳିଥାଏ। ଫଳରେ ସମ୍ପୃକ୍ତ ରାଜ୍ୟଗୁଡ଼ିକ କେନ୍ଦ୍ରରୁ ଅଧିକ ଅର୍ଥ ପାଇବାକୁ ସମର୍ଥ ହୋଇଥାଆନ୍ତି। ମାତ୍ର ସରକାର ପରିବର୍ତ୍ତନ ପରେ ପ୍ରଶାସନିକ ସ୍ଥାଣୁତା ଓ ବିକାଶ କାର୍ଯ୍ୟରେ ପ୍ରତିବନ୍ଧକ ରାଜ୍ୟକୁ କେନ୍ଦ୍ରୀୟ ଅନୁଦାନ କ୍ଷେତ୍ରରେ ବାଧକ ହୋଇଛି। ବିରୋଧୀମାନେ ଏ ସଂକ୍ରାନ୍ତରେ କରୁଥିବା ଅଭିଯୋଗ ସତ୍ୟ ସାବ୍ୟସ୍ତ ହୋଇଛି ଓ ଏହା ପ୍ରଧାନମନ୍ତ୍ରୀ ଗ୍ରାମସଡ଼କ ଯୋଜନା କ୍ଷେତ୍ରରେ ଦୃଶ୍ୟମାନ ହୋଇଛି।

ପୁନଶ୍ଚ ୨୦୧୧ ଜନଗଣନା ଆଧାରରେ ୨୦୧୭-୧୮ ମସିହାରେ ପ୍ରସ୍ତୁତ ସୂଚୀରେ ରାଜ୍ୟରେ ୫୯,୯୭୧ଟି ରାଜସ୍ୱ ଗ୍ରାମ ରହିଥିଲା। ସେଥିମଧ୍ୟରୁ ୫୧,୬୭୧ଟି ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନା ଓ ରାଜ୍ୟ ସରକାରଙ୍କ ଅନ୍ୟାନ୍ୟ ଯୋଜନାରରେ ପର୍ଯ୍ୟାୟକ୍ରମେ ସଡ଼କ ସଂଯୋଗୀକରଣ ହୋଇପାରିଛି। ଏବେ ବି ରାଜ୍ୟର ୮୩୦୦ ଗ୍ରାମକୁ ସଡ଼କ ସଂଯୋଗ ହୋଇନାହିଁ। ଏହାମଧ୍ୟରେ କୋରାପୁଟ ଜିଲ୍ଲାର ସର୍ବାଧିକ ୧୩୭୪ଟି ଗ୍ରାମ ଥିବାବେଳେ ରାୟଗଡାର ୧୦୯୯, ନବରଙ୍ଗପୁରର ୬୪୧, କଳାହାଣ୍ଡିର ୫୭୪ ଗ୍ରାମ ରହିଛି। ତାଲିକାରେ ଝାରସୁଗୁଡା ଜିଲ୍ଲାର ୩୪ ଗ୍ରାମ ରହିଥିବା ଜଣାପଡ଼ିଛି।

### ଧାନ ଏମ୍‌ଏସ୍‌ପି...

ତାହେଲେ ରାଜ୍ୟ ସରକାର ଇନ୍‌ପୁଟ ସହାୟତା ବାବଦରେ ଯେଉଁ ଅତିରିକ୍ତ ଅର୍ଥ ବୋଝ ମୁଣ୍ଡାଉଛନ୍ତି, ସେଥିରୁ ଅନେକାଂଶରେ ମୁକ୍ତି ପାଇଥା'ନ୍ତେ। ମାତ୍ର ଚିରାଚରିତ ଭାବେ ସରକାର ମାତ୍ର କିଛି ଟଙ୍କା ବଢ଼ାଇ ଓଡ଼ିଶା ପରି କୃଷିପ୍ରଧାନ ରାଜ୍ୟଗୁଡ଼ିକୁ ଆଉଥରେ ଲଲିପପ୍ ଧରାଇ ଦେଲେ ବୋଲି ଅର୍ଥନୀତି ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି।

ସୂଚନାଯୋଗ୍ୟ ଯେ ୨୦୧୭ ମସିହା ମାର୍ଚ୍ଚ ୨୫ ତାରିଖଠାରୁ ଓଡ଼ିଶା ବିଧାନସଭାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟକୁ ୨୯୩୦ ଟଙ୍କା କରିବାକୁ ସର୍ବସମ୍ମତି କ୍ରମେ ପ୍ରସ୍ତାବ ପାରିତ ହୋଇଥିଲା। ଏଥିରେ ବିଜେପି ମଧ୍ୟ ନିଜର ସମ୍ମତି ପ୍ରଦାନ କରିଥିଲା। ଇତିମଧ୍ୟରେ ୮ ବର୍ଷ ବିତିଯାଇଥିବା ବେଳେ ଧାନ ଉତ୍ପାଦନରେ ଖର୍ଚ୍ଚ ଏବଂ ଆନୁଷଙ୍ଗିକ ଅର୍ଥ ବହୁଗୁଣରେ ବୃଦ୍ଧି ପାଇଛି। ସେସବୁକୁ ବିଚାରକୁ ନେଲେ ଧାନର ଏମ୍‌ଏସ୍‌ପି ସର୍ବନିମ୍ନ ୩୫୦୦ ଟଙ୍କା ହେବା ଆବଶ୍ୟକ ବୋଲି ଚାଷୀକୁଳ ଦାବି କରୁଛନ୍ତି।

ଅପରପକ୍ଷେ ଧାନ ବ୍ୟତୀତ ଅନ୍ୟ ଖରିଫ ଫସଲର ଏମ୍‌ଏସ୍‌ପିରେ ଆଖିଦୃଶିଆ ବୃଦ୍ଧି କରିଛନ୍ତି ରାଜ୍ୟ ସରକାର। କଳାରାଶି କ୍ୱିଣ୍ଟାଲ ପ୍ରତି ୮୨୦ ଟଙ୍କା ବୃଦ୍ଧି କରାଯାଇଥିବା ବେଳେ କପା ୫୮୯ ଟଙ୍କା, ରାଶି ୫୭୯ ଟଙ୍କା, ମାଣ୍ଡିଆ ୫୯୬ ଟଙ୍କା, ଚିନାବାଦାମ ୪୮୦ ଟଙ୍କା, ସୂର୍ଯ୍ୟମୁଖୀ ୪୪୧ ଟଙ୍କା, ସୋୟାବିନ୍ ୪୩୬ ଟଙ୍କା, ହରଡ଼ ୪୫୦ ଟଙ୍କା, ବିରି ୪୦୦ ଟଙ୍କା ଆଦି ବୃଦ୍ଧି କରାଯାଇଛି। ମାତ୍ର ଧାନ ପ୍ରତି ଏତେ ଅବିଚାର କାହିଁକି ବୋଲି ଚାଷୀ ନେତାଏ ପ୍ରଶ୍ନ କରିଛନ୍ତି। ପ୍ରତିବର୍ଷ ମଜୁରି ସହ ପେଟ୍ରୋଲ, ଡିଜେଲ ଏବଂ ସାର , କୀଟନାଶକ ଦର ବୃଦ୍ଧି ହେଉଛି। ମାତ୍ର ସେହି ଅନୁସାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ହେଉନାହିଁ। ଯାହା ଚାଷୀକୁଳ ପ୍ରତି କେବଳ ଉପହାସ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ଓଡ଼ିଶାରେ ମୌସୁମୀ ...

ଅନୁକୂଳ ପାଗ ଓ ସକ୍ରିୟ ଲଘୁଚାପ କାରଣରୁ ମୌସୁମୀ କ୍ଷିପ୍ର ଗତିରେ ପ୍ରବେଶ କରିଥିବା କୁହାଯାଉଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ପ୍ରଥମ ଦିନରେ ଦକ୍ଷିଣ ଓଡ଼ିଶାର କୋରାପୁଟ, ମାଲକାନଗିରିକୁ ମୌସୁମୀ ସମ୍ପୂର୍ଣ୍ଣ ଆଚ୍ଛାଦିତ କରିଥିବା ବେଳେ ମାଲକାନଗିରି, ରାୟଗଡ଼ା ଓ ଗଜପତି ଜିଲ୍ଲାକୁ ମୌସୁମୀ ଆଂଶିକ ଛୁଇଁଛି। ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାର ଏହିସବୁ ସ୍ଥାନରେ ଦୁଇ ଦିନ ହେବ ଭାରି ବର୍ଷା ରେକର୍ଡ କରାଯାଇଛି। ମୌସୁମୀ ଆଗକୁ ବଢ଼ିବା ପାଇଁ ପାଗ ସମ୍ପୂର୍ଣ୍ଣ ଅନୁକୂଳ ରହିଥିବାରୁ ଦିନେ ଦୁଇ ଦିନ ମଧ୍ୟରେ ରାଜ୍ୟର ଅନ୍ୟ କେତେକ ଜିଲ୍ଲାକୁ ମଧ୍ୟ ମୌସୁମୀ ଅଗ୍ରସର ହେବାର ସମ୍ଭାବନା ରହିଛି।

ଅନ୍ୟପଟେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସଦୃଶ୍ୟ ଲଘୁଚାପରେ ପରିଣତ ହୋଇଥିବା ବେଳେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ଅବପାତର ରୂପ ନେବାର ସମ୍ଭାବନା ରହିଛି। ଫଳରେ ଆସନ୍ତା ଦୁଇ ଦିନରେ ମୌସୁମୀ ଆହୁରି ସକ୍ରିୟ ହୋଇ ଆଗକୁ ବଢ଼ାଇବାରେ ଏହା ସହାୟକ ହେବ ବୋଲି କୁହାଯାଇଛି। ଉଭୟ ମୌସୁମୀ ଓ ସକ୍ରିୟ ଲଘୁଚାପ ପ୍ରଭାବରେ ଆସନ୍ତା ୨ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଅଧିକାଂଶ ଜିଲ୍ଲାରେ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି। ଗତ ୩୬ ଘଣ୍ଟା ମଧ୍ୟରେ ଚାନ୍ଦବାଲିରେ ସର୍ବାଧିକ ୯୦ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ପାରାଦୀପରେ ୫୨, ପୁରୀ ୬୨, ଅନୁଗୁଳ ୭୪, ଭବାନୀପାଟଣା ୫୬, ଦାରିଙ୍ଗବାଡ଼ି ୮୨, ନବରଙ୍ଗପୁର ୫୩, କେନ୍ଦ୍ରାପଡ଼ା ୫୮ ଓ ଢେଙ୍କାନାଳରେ ୪୬ ମିମି ବର୍ଷା ରେକର୍ଡ କରାଯାଇଛି।

ଗୁରୁବାର ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାକୁ ଥିବା ବେଳେ ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ସେହିପରି ବାକି ସବୁ ଅଞ୍ଚଳ ପାଇଁ ୟେଲୋ ଆଲର୍ଟ ଜାରି ହୋଇଛି। ବର୍ଷା ସାଙ୍ଗକୁ ସମୁଦ୍ର ମଧ୍ୟରେ ପବନର ବେଗ ୪୫-୫୫ ଓ ଝଟକା ୬୫ କମି ରହିବାକୁ ଥିବାରୁ ଉତ୍ତର ବଙ୍ଗୋପସାଗର ସଂଲଗ୍ନ କେନ୍ଦ୍ରୀୟ ବଙ୍ଗପୋସାଗର ଅଶାନ୍ତ ରହିବ। ତେଣୁ ୩୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ପରାମର୍ଶ ଦିଆଯାଇଛି। ବର୍ଷାକୁ ଦୃଷ୍ଟିରେ ରଖି ରାଜ୍ୟର ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ରହିବା ପାଇଁ ଏସ୍ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି।

ଚଳିତ ବର୍ଷ ମୌସୁମୀ ଆଗୁଆ ଛୁଇଁବା ନେଇ ପୂର୍ବାନୁମାନ କରାଯାଇଥିଲା; ମାତ୍ର ଚଳିତ ବର୍ଷ ମୌସୁମୀ ପ୍ରବେଶ ୧୬ ବର୍ଷ ମଧ୍ୟରେ ସବୁଠୁ ସଅଳ ରହିଛି। ତଥ୍ୟ ଅନୁଯାୟୀ, ୧୯୬୦ ମସିହାରୁ ଆଜି ପର୍ଯ୍ୟନ୍ତ କେବଳ ୨ ଥର ମେ' ମାସରେ ମୌସୁମୀ ଓଡ଼ିଶା ଛୁଇଁବାର ନଜିର ରହିଛି। ୨୦୦୯ ମସିହାରେ ଶେଷଥର ପାଇଁ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ମେ ୨୫ ତାରିଖରେ ଓଡ଼ିଶା ଛୁଇଁଥିଲା। ଏହାପୂର୍ବରୁ ୧୯୯ ମସିହାରେ ମଧ୍ୟ ୨୮ ମେ'ରେ ମୌସୁମୀ ଓଡ଼ିଶା ଛୁଇଁଥିଲା। ଏବେ ପୁଣି ଥରେ ମୌସୁମୀ ମେ' ମାସରେ ଓଡ଼ିଶା ଛୁଇଁ ପୁରୁଣା ରେକର୍ଡ ଦୋହରାଇଛି।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ ଆଶାଜନକ ପରିଣାମ ମିଳିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଆର୍ଥିକ ସ୍ଥିତି ଭଲ ରହିବ। ବନ୍ଧୁଙ୍କ ସହାୟତା ମିଳିବ। ନକାରାତ୍ମକ ଚିନ୍ତା ଦୂର ହେବ।

**ବୃଷ:** ଯାତ୍ରା ଯୋଗ ଅଛି। ଯାନବାହନ କିଣିବେ। ନିବେଶରୁ ଦୂରେଇ ରୁହନ୍ତୁ। ଛାତ୍ରଛାତ୍ରୀ ମନପସନ୍ଦ କାର୍ଯ୍ୟରେ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସହ ମନୋମାଳିନ୍ୟ ଦେଖା ଦେବ।

**ମିଥୁନ:** ଧାର୍ମିକ ପୁସ୍ତକ ପ୍ରତି ଆଗ୍ରହ ବଢ଼ିବ। ମନ ପ୍ରସନ୍ନ ରହିବ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ପରୋପକାର କାର୍ଯ୍ୟରେ ନିଜକୁ ନିୟୋଜିତ କରିବେ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**କର୍କଟ:** ଅଫିସ୍‌ରେ କାର୍ଯ୍ୟଭାର ବଢ଼ିବ। କୌଣସି କାର୍ଯ୍ୟରେ ସମସ୍ୟା ଦେଖା ଦେବ। ବିବାହରେ ସମସ୍ୟା ଆସିବ। ପ୍ରତିଯୋଗିତାମୂଳକ ପରୀକ୍ଷାରେ ବିଦ୍ୟାର୍ଥୀ କୃତକାର୍ଯ୍ୟ ହେବେ।

**ସିଂହ:** ଚାକିରିରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ। ବାପାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାରେ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କନ୍ୟା:** ଚାକିରିକୁ ନେଇ କୌଣସି ସମସ୍ୟା ଦେଖା ଦେବ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ପୂଜାପାଠ ଆୟୋଜନ କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଆୟର ନୂଆ ଅବସର ପ୍ରାପ୍ତ ହେବ।

**ତୁଳା:** ଆର୍ଥିକ ସ୍ଥିତି ମଜଭୁତ୍ ହେବ। ବିବାହ ପ୍ରସ୍ତାବ ଆସିବ। ରାଜନୀତିରେ ସଫଳତା ମିଳିବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ।

**ବିଛା:** ଆଇଟି ଓ ବ୍ୟାଙ୍କ କ୍ଷେତ୍ରରେ ସଫଳତା ମିଳିବ। ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ। ବୈବାହିକ ଜୀବନ ସୁଖଶାନ୍ତିରେ କଟିବ। ବିଦ୍ୟାର୍ଥୀ ପଢ଼ାରେ ମନୋନିବେଶ କରିବେ।

**ଧନୁ:** ପରିବାର ଲୋକଙ୍କ ସହଯୋଗ ମିଳିବ। ସ୍ୱାସ୍ଥ୍ୟରେ ସୁଧାର ଆସିବ। ଆୟ ତୁଳନାରେ ବ୍ୟୟ ଅଧିକ ହେବ। କଥାରେ ମଧୁରତା ରକ୍ଷା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ମକର:** ଦିନଟିରେ କର୍ମଚଞ୍ଚଳ ରହିବେ। ବ୍ୟବସାୟରେ ଲାଭ ମିଳିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ହେବ। ପୈତୃକ ସମ୍ପତ୍ତିକୁ ଲାଭ ମିଳିବ। ପ୍ରେମ ସମ୍ବନ୍ଧ ସୁଖମୟ ହେବ।

**କୁମ୍ଭ:** ବ୍ୟବସାୟକୁ ନେଇ ଦୂରସ୍ଥାନକୁ ଯାତ୍ରା କରିବେ। ନିବେଶରୁ ଦୂରେଇ ରୁହନ୍ତୁ। ଘରେ ପୂଜାପାଠ ଆୟୋଜନ ହେବ। ବିବାହ ସମସ୍ୟା ସମାଧାନ ହେବ। ଯାନବାହନ କ୍ରୟର ଯୋଗ ଅଛି।

**ମୀନ:** ବନ୍ଧୁଙ୍କ ସାହାଯ୍ୟ ମିଳିବ। ଆର୍ଥିକ ମାମଲାରେ ସୁଧାର ଆସିବ। ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ। ଅଫିସ୍ କାମ ପାଇଁ ଦୂରଯାତ୍ରା କରିପାରନ୍ତି। ମହିଳାମାନେ ଘରକାମରେ ବ୍ୟସ୍ତ ରହିବେ।

**ANTARES SYSTEMS LIMITED**
Ph.: 080-40482100/033-46046611
Email: esale@etenderwizard.com
e-Auction for disposal of Burnt Oil, Old, Used & Unserviceable **Items of Mahanadi Coalfields Limited, Sambalpur. Website: www.tenderwizard.com/ESALE.**
**Auction No's**
1) ASL/MCL/DISPOSAL/25-26/04
Auction Date: 02-06-2025
For further information, contact Helpdesk at the above address.
**Refer Sale notice for further details.**

**AFFIDAVIT**
I, **Anushka Agrawal,** D/o.: Prakash Kumar Agarwal, Resident of Prafulla Mishra Apartment, PO.: Hulurisingha, P.S./Dist.: Angul, Odisha, PIN-759132, declare by this affidavit No.: 11532 dtd 27.05.2025 that now onwards I shall be known as **ANUSHKA AGARWAL** for all future purposes.

**NOTICE**
By virtue of an affidavit sworn before Executive Magistrate, Bhubaneswar vide Serial No. 81 dt.13.05.2025 I, PRUTHWIRAJ JENA resident of At/ PO- Raghunathpur, P.S.- Nandankanan, Dist. Khordha, Odisha declare that I have changed my name from PRUTHWI RAJA JENA to PRUTHWIRAJ JENA. Henceforth I shall be known as PRUTHWIRAJ JENA for all purposes.
(PRUTHWIRAJ JENA)

**AFFIDAVIT**
I, **Prakash Agrawal,** S/o.: Late Sanwar Mal Agrawalla, Resident of Prafulla Mishra Appartment, PO.: Hulurisingha, P.S./Dist.: Angul, Odisha, PIN-759132, declare by this affidavit No.: 11536 dtd 27.05.2025 that now onwards I shall be known as **PRAKASH KUMAR AGARWAL** for all future purposes.

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 19/05/2025 I Sri *Guru Kanteri* S/o- Mangu Kanteri , Village - KhataGoudaput, Post - MaliBelgaon , PS -Nandapur, Dist - KORAPUT declare that I have changed my daughters name from ***Dhanasari Kanteri** to **Dhaneswari Kanteri***. Henceforth, my daughter shall be known as ***Dhaneswari Kanteri*** for all purpose.
Sd/- *Guru Kanteri*

**AFFIDAVIT**
I, **Sital Agrawal,** W/o.: Prakash Kumar Agarwal, Resident of Prafulla Mishra Appartment, PO.: Hulurisingha, P.S./Dist.: Angul, Odisha, PIN-759132, declare by this affidavit No.: 11533 dtd 27.05.2025 that now onwards I shall be known as **SHEETAL AGARWAL** for all future purposes.

**AFFIDAVIT**
I, Digambar Muduli, S/o- Sunakar Muduli, resident of Kesarpur, Danapur, Kendrapara, Pin-754210, Odisha declare by this affidavit No- 462, dated-26/05/2025 that now onwards I shall be known as **DIGAMBARA MUDULI** for all future purposes.

**AFFIDAVIT**
By virtue of an affidavit sworn before Notary Public, Koraput, dtd. 27.05.2025, I, Danu Majhi resident of Kendumaliguda, Sunabeda, Dist.- Koraput - 763001 declare that I have changed my name from Ddnamati Majhi to danu Majhi. Henceforth I shall be known as Danu Majhi for all purposes.
**Sd/- Danu Majhi**

**AFFIDAVIT**
I, Deepak Chandra Ota, aged about 48 years, S/o- Gobinda Ota, resident of Flat No- 302, Paradise Home, K3b, Kalingaganar, Bhubaneswar, Pin-751003, Odisha declared by this affidavit No. 1088, dtd- 27/05/2025 that now onwards I shall be known as **DEEPAK KUMAR HOTA** for all future purposes.

**NOTICE**
By virtue of an affidavit No. 2537, dated 27/05/2025 sworn before The Notary Public, Sunabeda, I, Smt. Jimu Muduli, W/o- Damodara Muduli Vill:- Taintar, PO- Bheja PS- Padwa, Dist.: Koraput declare that I have changed my name from Jimbu Muduli to Jimu Muduli. Henceforth, I shall be known as Jimu Muduli for all purposes.
**Jimu Muduli**

**AFFIDAVIT**
I, Hata Kishore Misra, S/o- Late Dinabandhu Mishra, Plot No.: M-29, Madhusudan Nagar, Unit-4, Bhubaneswar-751001, Dist.: Khordha, Odisha declare by this affidavit No. 85, dtd.- 27/05/2025 that now onwards I shall be known as **HATA KISHORE MISHRA** for all future purposes.

**AFFIDAVIT**
I, **Jayadeep Achariya**, S/o- Nilambar Achariya, resident of At- Ground Floor, Plot No-261, Forest Park, Ps- Capital, Bhubaneswar, Pin-751009, Odisha declare that changed my minor daughter's name from **Ayushi Acharya To Ayushi Achariya** by this affidavit No- 891, dated- 19/04/2025 that now onwards she shall be known as **Ayushi Achariya** for all future purposes.

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 19/05/2025 I Sri DHANIA GEMAL S/o- *GURU GEMAL*, Village - JANTAPUT, Post - BADEL, PS- PADUA, Dist.- KORAPUT declare that I have changed my daughters name from ***Jagani Gemal** to **JOGINI GEMEL***. Henceforth, my daughter shall be known as ***JOGINI GEMEL*** for all purpose.
Sd/- Dhania Gemal

**AFFIDAVIT**
By virtue of an affidavit sworn before Notary Public Titilagarh, dated 27.05.2025 I, Kasturi Devi, Address At- Brahmanipali Jungle, Po- Gajabandh, Ps- S. Rampur, Dist- Subarnapur, Odisha, Pin-767019 declare that I have changed my name from Kasturi Bag to Kasturi Devi. Henceforth, I shall be known as **Kasturi Devi** for all purposes.
**Kasturi Devi**

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 19/05/2025 I *Kumari Kausalya Padal* D/o- Ghanashyam Padal, Village - Padalput, Post - Balda, PS - Padua, Dist - KORAPUT declare that I have changed my name from ***Kaushalya Padal** to **Kumari Kausalya Padal***. Henceforth, I shall be known as ***Kumari Kausalya Padal*** for all purpose.
Sd/- *Kumari Kausalya Padal*

**AFFIDAVIT**
BY VIRTUE OF an affidavit sworn before the Notary Public, Sunabeda dated 19/05/2025 I Sri *KAMAL LOCHAN KURUKURIA* S/o- DHANA KURUKURIA, Village - MALIBHIMDOL, Post - BALDA , PS- PADUA, Dist - KORAPUT declare that I have changed my name from ***KAMAL LACHHAN KURUKURIYA** to **KAMAL LOCHAN KURUKURIA***. Henceforth, I shall be known as *KAMAL LOCHAN KURUKURIA* for all purpose.
Sd/- *KAMAL LOCHAN KURUKURIA*

**AFFIDAVIT**
By virtue of an affidavit no. 3854, dtd. 13.05.2025 in the court of the Executive Magistrate, Umerkote, Dist.- Nabarangpur, I, Lachaman Lahra have changed my name from Lachman Kamar to Lachman Lahra. Henceforth I shall be known as Lachaman Lahra for all purposes.
**Sd/- Lachaman Lahra**

**AFFIDAVIT**
I, Sanjukta Misra, W/o- Hata Kishore Misra, Plot No.: M-29, Madhusudan Nagar, Unit-4, Bhubaneswar-751001, Dist.: Khordha, Odisha declare by this affidavit No. 86, dtd.- 27/05/2025 that now onwards I shall be known as **SANJUKTA MISHRA** for all future purposes.

**SALE**
Booking Open 2/3 BHK Flats
BHPL KRISHNA BHARATPUR, BHPL RUDRA in front of CET College, Ghatikia, BHPL SB HOMES, Ghatikia, BHPL PNM, Satya Vihar, BHPL GRAND-4, Jagamara, GADHWAL HEIGHTS, Gautam Nagar, Bhubaneswar.
**Contact**
**GADHWAL GROUP**
**M.: 9437015112**

**AFFIDAVIT**
By virtue of an affidavit sworn before Notary Public Titilagarh, dated 24.05.2025 I, Rasmi Tandi, Adress At- Satighat, Turla, Po- Bhatipara, Ps- Titilagarh, Dist- Balangir, Odisha, Pin- 767042 declare that I have changed my daughter's name from Shradha Tandi to Shradhanjali Tandi. Henceforth, she shall be known as **Shradhanjali Tandi** for all purposes.
**Rasmi Tandi**

**NOTICE**
It is for information of all concern that the Partnership Firm namely M/S SAI FOOD PRODUCTS bearing Regn No.- 2420202301436 of Dist.- Nayagarh has been Re-constituted w.e.f. 01-04-2025 as follows:-

| | | |
|---|---|---|
| I) | **Rupesh Kumar Agrawalla** | Existing Partner-cum-Managing Partner |
| ii) | **Rakesh Kumar Behera** | Existing Partner |
| iii) | **Manoj Kumar Subudhi** | Existing Partner |
| iv) | **Ashok Kumar Sahoo** | Retiring Partner |
| v) | **Sunil Kumar Agrawalla** | Retiring Partner |

**Sd/-**
**Sri Rupesh Kumar Agrawalla**
**Managing Partner**

**AFFIDAVIT**
I, Krishna Chandra Rath, aged about 63 years, S/o- Raghunath Rath, resident of Damadarapur, Gop, Siso, Dist- Puri, Pin-752110, Odisha declared by this affidavit No. 1087, dtd- 27/05/2025 that now onwards I shall be known as **KRUSHNA CHANDRA RATH** for all future purposes.

## ଆଗରପଡ଼ା-ବରପଦା ପୂର୍ତ୍ତ ବିଭାଗ ରାସ୍ତା

# ସ୍ଥାୟୀ ବଦଳରେ ତାଳିପକା କାମ

ବନ୍ତ/ଆଗରପଡ଼ା, ୨୮ ।୫(ସମିସ)

ଆଗରପଡ଼ା-ବନ୍ତ ଓ ଆଗରପଡ଼ା-ବରପଦା ରାସ୍ତା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ବର୍ତ୍ତମାନ କଂକ୍ରିଟ ରାସ୍ତା ଗୁଡ଼ିକ ଫାଟି ଦୁଇ ଫାଳ ହୋଇଯାଇଥିବା ଦେଖିବାକୁ ମିଳିଛି। ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିବା ବେଳେ ବିଭାଗ ପକ୍ଷରୁ ଏହାର ସ୍ଥାୟୀ ମରାମତି କରାଯିବା ପରିବର୍ତ୍ତେ ବର୍ତ୍ତମାନ ତାଳିପକା କାମ ଆରମ୍ଭ ହୋଇଯାଇଥିବା ଜଣାପଡ଼ିଛି।

ଭଦ୍ରକ ଜିଲ୍ଲା ପୂର୍ତ୍ତ ବିଭାଗ ଅଧୀନସ୍ଥ ଆଗରପଡ଼ା-ବରପଦା ରାସ୍ତାଟି ଜିଲ୍ଲାର ଅନ୍ୟତମ ପ୍ରମୁଖ ବ୍ୟସ୍ତ ବହୁଳ ରାସ୍ତା। ଏହି ରାସ୍ତାରେ ପ୍ରତିଦିନ ଶତାଧିକ ଯାତ୍ରୀବାହୀ ଯାନବାହନ ସମେତ ଅନ୍ୟାନ୍ୟ ଗାଡ଼ିମଟର ଚଳାଚଳ କରିଥାଏ। ତେଣୁ ଉକ୍ତ ରାସ୍ତାର ଗୁରୁତ୍ୱକୁ ନେଇ ବିଭାଗ ତରଫରୁ ଗତ ୨୦୧୫ ମସିହାରେ ୧୯ କୋଟି ଟଙ୍କା ମଞ୍ଜୁର ଅର୍ଥରେ ରାସ୍ତା ନିର୍ମିତ ହୋଇଥିଲା। ତେବେ ୧୦ବର୍ଷ ପରେ ବି ଏ ରାସ୍ତା ପୁନଃ ନିର୍ମାଣ ନ ହୋଇ କେବଳ ମରାମତିରେ ଚାଲିଛି। ବାରମ୍ବାର ଅଭିଯୋଗ ଓ ଧାରଣା ଦେବାର ଚେତାବନୀ ଦେବା ପରେ ବିଭାଗ ପକ୍ଷରୁ ସ୍ଥାୟୀ ରାସ୍ତା ନିର୍ମାଣ ହେବା ପରିବର୍ତ୍ତେ ଗତ୨୦୨୩ ସେପ୍ଟେମ୍ବର ମାସରେ ଏହାର ମରାମତି କରାଯାଇଥିଲା। ମରାମତିକୁ ୬ମାସ ନ ପୂରୁଣୁ ରାସ୍ତା ତାର ପୂର୍ବ ଅବସ୍ଥାକୁ ଫେରିଆସିଥିଲା। ବର୍ତ୍ତମାନ କାଦବରାଙ୍ଗ ବଜାର ଠାରୁ କାଦବରାଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ର ପର୍ଯ୍ୟନ୍ତ ଓ ଜାମବଣୀ ଛକରେ ଥିବା କଂକ୍ରିଟ ରାସ୍ତା ଫାଟି ମଝିରୁ ଦୁଇଫାଳ ହୋଇଯିବା ସହ ବିପଦକୁ ଆମନ୍ତ୍ରଣ କରୁଛି। ଟିକେ ଅସାବଧାନତାରେ ଗାଡ଼ିଚକା ଫାଟିଥିବା ରାସ୍ତାରେ ପସି ଦୁର୍ଘଟଣା ଘଟିବ ଏଥିରେ ସନ୍ଦେହ ନାହିଁ।



ଆଗରପଡ଼ା-ବରପଦା ରାସ୍ତାର ସ୍ଥାୟୀ ମରାମତି ପାଇଁ କାର୍ଯ୍ୟାନୁଷ୍ଠାନ ନେବାକୁ ୨୦୨୧ ଜୁନ ମାସରେ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପରବର୍ତ୍ତୀ ସମୟରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ମାଟିର ଆର୍ଦ୍ରତା ଯୋଗୁଁ ନିର୍ମିତ ରାସ୍ତା ପ୍ରତିବର୍ଷ ଫାଟୁଛି, ଏହି ସମସ୍ୟାର ଏକ ସ୍ଥାୟୀ ସମାଧାନ ପାଇଁ ପ୍ରସ୍ତୁତି ସରିଛି ବୋଲି କହିଥିଲେ। ବିଭାଗୀୟ ନିର୍ବାହୀ ଯନ୍ତ୍ରୀଙ୍କ ମତକୁ ଇତି ମଧ୍ୟରେ ୪ବର୍ଷ ବିତିବାକୁ ବସିଛି; କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ବିଭାଗ ତରଫରୁ ଗ୍ରହଣ କରାଯାଇନାହିଁ। ରାସ୍ତା ଅବସ୍ଥା ଶୋଚନୀୟ ହେବାରୁ ବିଭିନ୍ନ ଗଣମାଧ୍ୟମରେ ଏଥିନେଇ ବାରମ୍ବାର ଖବର ପ୍ରକାଶିତ ହେବା ପରେ ଗତ ବର୍ଷ ୨୦୨୨ରୁ ଆଜି ପର୍ଯ୍ୟନ୍ତ ଉକ୍ତ ରାସ୍ତାକୁ ଖାଲି ମରାମତିରେ ବିଭାଗ ସୀମିତ ରଖିଛି। ମରାମତି ସରୁଛି, କିନ୍ତୁ ମରାମତିକୁ ମାସେ କିମ୍ବା ଦୁଇ ମାସ ନପୂରୁଣୁ ତାହା ପୁଣି ତାର ପୂର୍ବ ଅବସ୍ଥାକୁ ଫେରି ଆସୁଛି। ରାସ୍ତା ସ୍ଥାୟୀ ମରାମତି ନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଏହି ରାସ୍ତାକୁ ୭ ମିଟର ଓସାର କରିବା ସହ ନୂଆ ରାସ୍ତା ନିର୍ମାଣ ପାଇଁ ୪୪ କୋଟି ଟଙ୍କାର ଯୋଜନା ଅଟକଳ ମଞ୍ଜୁର ପାଇଁ ଦିଆଯାଇଛି। ଏହି ଅଟକଳ ମଧ୍ୟରେ ଛୋଟ ପୋଲ ଓ ଜମି ଅଧିଗ୍ରହଣ କରାଯିବ। ଅଟକଳ ମଞ୍ଜୁର ହେବାପରେ ଟେଣ୍ଡର କରାଯାଇ କାର୍ଯ୍ୟ ଆରମ୍ଭ ହେବାର ଦେଇଥିବା ସୂଚନାକୁ ଇତି ମଧ୍ୟରେ ୩ବର୍ଷରୁ ଅଧିକ ସମୟ ବିତି ଯାଇଛି। ଅଧିକାରୀଙ୍କ ପ୍ରତିଶ୍ରୁତିରେ ଆଗରପଡ଼ା-ବରପଦା ରାସ୍ତା ବନ୍ଧା ପଡ଼ିଥିବା ବେଳେ ବାରମ୍ବାର ଅଭିଯୋଗ ଓ ଧାରଣା ଦେବାର ଚେତାବନୀ ଦେବା ପରେ ବିଭାଗ ପକ୍ଷରୁ ସ୍ଥାୟୀ ରାସ୍ତା ନିର୍ମାଣ ହେବା ପରିବର୍ତ୍ତେ ଏହାର ମରାମତି କରାଯାଉଛି। ପୁନଃଶ୍ଚ ତାଳିପକା କାମ ଆରମ୍ଭ ହୋଇଯାଇଛି।

## ଷ୍ଟାଡିୟମ ନିର୍ମାଣ ନିମନ୍ତେ ଜିଲ୍ଲାପାଳଙ୍କୁ ଦାବିପତ୍ର

ବନ୍ତ/ଆଗରପଡ଼ା, ୨୮।୫(ସମିସ): ଗତ ମଙ୍ଗଳବାର ବନ୍ତ ବ୍ଲକରେ ଜିଲ୍ଲାପାଳଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିବା ଜନ ଅଭିଯୋଗ ଶୁଣାଣିରେ ବ୍ଲକର ପୂର୍ବତନ ଅଧ୍ୟକ୍ଷ ଓ ଟିଲୋ ପଞ୍ଚାୟତର ପୂର୍ବତନ ସରପଞ୍ଚ ସମୂହ ଟିଲୋ ନେହୁଆଁ ପଡ଼ିଆ ଠାରେ ବ୍ଲକସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ ନିମନ୍ତେ ଏକ ଦାବିପତ୍ର ଜିଲ୍ଲାପାଳଙ୍କୁ ଦେଇଥିବା ଜଣାପଡ଼ିଛି। ଟିଲୋ ଗ୍ରାମ ପଞ୍ଚାୟତଟି ତେରଗୋଟି ସାହିକୁ ନେଇ ଗଠିତ। ଏଠାକାର ଲୋକସଂଖ୍ୟା ୨୦ ହଜାରରୁ ଊର୍ଦ୍ଧ୍ୱ ହୋଇଥିବା ବେଳେ ସ୍ଥାନୀୟ ଜନସାଧାରଣ ତଥା ଯୁବ ପ୍ରତିଭାଙ୍କ କ୍ରୀଡ଼ାର ବିକାଶ ପାଇଁ ଏଠାରେ ଖେଳ ପଡ଼ିଆଟିଏ ନାହିଁ। ତେଣୁ ପଞ୍ଚାୟତ ମଧ୍ୟସ୍ଥଳୀ ନେହୁଆଁ ପଡ଼ିଆ ଠାରେ ଥିବା ପ୍ରାୟ ୧୫ ଏକର ପରିମିତ ସରକାରୀ ଜମି (ମୌଜା-ଟିଲୋ, ଖାତା ନଂ.୯୪୮, ରକ୍ଷିତ ଅନାବାଦୀ, ପ୍ଲଟ ନଂ.୫୬୭, ୫୬୭୯ ଓ ୫୬୮୦)ର କିଛି ଅଂଶରେ ଏକ ଉନ୍ନତ ଶ୍ରେଣୀର ବ୍ଲକସ୍ତରୀୟ ଷ୍ଟାଡିୟମ୍ ନିର୍ମାଣ କରାଗଲେ, ସମସ୍ତ ସ୍ଥାନୀୟ ଯୁବ ତଥା ଶିଶୁ ପ୍ରତିଭାମାନଙ୍କ କ୍ରୀଡ଼ାର ବିକାଶ ହୋଇପାରିବ। ତେଣୁ ଟିଲୋ ମାଳିସାହି ଏବଂ କୁଶବେଣ୍ଟି ନିକଟସ୍ଥ ନେହୁଆଁ ପଡ଼ିଆରେ, ଯେଉଁଠି ବର୍ତ୍ତମାନ ଗ୍ରାମର ଛୋଟ ପିଲାମାନଙ୍କ ଠାରୁ ଆରମ୍ଭ କରି ଯୁବକମାନେ ଦୀର୍ଘ ବର୍ଷ ଧରି ଦୈନନ୍ଦିନ କ୍ରୀଡ଼ାଭ୍ୟାସ ଜାରି ରଖୁଛନ୍ତି। ସେଠାରେ ଯଥାଶୀଘ୍ର ଉପରୋକ୍ତ ବ୍ଲକ ସ୍ତରୀୟ ଷ୍ଟାଡିୟମ୍ ନିର୍ମାଣର ବନ୍ଦୋବସ୍ତ ସହ ଏଥି ନିମନ୍ତେ ଆବଶ୍ୟକୀୟ ଅର୍ଥ ମଞ୍ଜୁର କରାଇବାକୁ ସେମାନେ ନିବେଦନ କରିଥିବା ଜଣାପଡ଼ିଛି। ପ୍ରକାଶ ଥାଉ କି, ପଞ୍ଚାୟତରେ ଥିବା ଅନ୍ୟ ଏକ ହନୁମାନଜୀଉ ନାମିତ ଖେଳପଡ଼ିଆଟି (ଦେବତାଗଡ଼ିଆ ରାସ୍ତା କଡ଼ରେ ଅବସ୍ଥିତ) ଏହା କେବଳ ଏକ ଟୁର୍ଣ୍ଣାମେଣ୍ଟରେ ସୀମିତ ରହିଛି। ତେଣୁ ବିଭିନ୍ନ ସମୟରେ ବିଭିନ୍ନ ଟୁର୍ଣ୍ଣାମେଣ୍ଟ ଯଥା-ଭଲିବଲ, ହ୍ୟାଣ୍ଡବଲ, ବ୍ୟାଡମିଣ୍ଟନ ଓ କ୍ରିକେଟ ଆଦି ଖେଳକୁ ପଡ଼ିଆ ଅଭାବରୁ ବାଧ ହୋଇ ବିଲ ଭିତରେ ଅନୁଷ୍ଠିତ ହେଉଛି। ତେଣୁ ଫସଲ ଅମଳା ସମୟରେ ଅଞ୍ଚଳବାସୀ ଖେଳରୁ ବଞ୍ଚିତ ହେଉଥିବା ପତ୍ରରେ ଉଲ୍ଲେଖ କରିଛନ୍ତି।

# ଭଦ୍ରକ ଜିଲ୍ଲାରେ ରବି ଧାନ କ୍ରୟ ଶୁଭାରମ୍ଭ

ଧାମନଗର, ୨୮ ।୫(ସମିସ): ଧାମନଗର ସେବା ସମବାୟ ସମିତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ରବିଋତୁ ଧାନମଣ୍ଡିର ଶୁଭ ଉଦ୍‌ଘାଟନ–୨୦୨୫ ସହ କେତେକ ଚାଷୀଙ୍କ ଠାରୁ ଧାନ କ୍ରୟର ଶୁଭାରମ୍ଭ ହୋଇଛି। ଆଜି ପୂର୍ବାହ୍ନ ୯ଟାରେ ଉଚ୍ଚଶିକ୍ଷା ସୂର୍ଯ୍ୟବଂଶୀ ସୂରଜଙ୍କ ଏହି ଧାନମଣ୍ଡିର ଶୁଭ ଉଦଘାଟନ କରାଯାଇଛି। ଏହାସହ ଚାଷୀମାନଙ୍କ ଠାରୁ ବିରି, ମୁଗ ଓ ସୂର୍ଯ୍ୟମୂଖୀ କିଣାଯିବାକୁ ମଣ୍ଡିରେ ବ୍ୟବସ୍ଥ କରାଯାଇଛି। ଏଥିରେ ବ୍ଲକ ଗୋଷ୍ଠୀ କୃଷି ଅଧିକାରିଣୀ ଅନୁରାଧା ପଣ୍ଡାଙ୍କ ସଞ୍ଚାଳନାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିଲୀପ ରାଉତରାଏ, ଜିଲ୍ଲା କୃଷି ଅଧିକାରୀ ଦିଜବର ସେଠୀ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଜିଲ୍ଲା ଯୋଗାଣ ବିଭାଗ ଅଧିକାରୀ ଲିଙ୍ଗରାଜ ବେହେରାଙ୍କ ସହ ଜିଲ୍ଲା ଅଧିକାରୀ ଯୋଗ ଦେଇଥିବା ବେଳେ ଧାମନଗର ବିଡିଓ ବନବିହାରୀ ଦିନ୍ଦା, ଏନ୍‌ଏସିନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ, ବ୍ଲକ ଯୋଗାଣ ଅଧିକାରୀ ରସାନନ୍ଦ ସାହୁଙ୍କ ସହ ବ୍ଲକ ପ୍ରଶାସନ ଉପସ୍ଥିତ ଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, କୈଳାସ ଚନ୍ଦ୍ର ମହାପାତ୍ର, ସାଂସଦ ପ୍ରତିନିଧି ମନୋରଞ୍ଜନ ମଲ୍ଲିକ, ସରୋଜ ମହାପାତ୍ର, ଧାମନଗର ସେବା ସମବାୟ ସମିତି ସଭାପତି ଦେବାଶିଷ ମହାନ୍ତି, ପ୍ରଶାନ୍ତ ପରିଡ଼ା, ବିଜୟ ରାମଙ୍କ ସମେତ କୋଡ଼ର ସଦସ୍ୟ ଏବଂ ବହୁ ଚାଷୀମାନେ ଉପସ୍ଥିତ ଥିବା ବେଳେ ସାମ୍ବାଦିକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ସେବା ସମବାୟ ସମିତି ସମ୍ପାଦକ ବସନ୍ତରାଜ ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,୨୮ ।୫(ସମିସ): ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଭାତ କୁମାର ରାଜଗୁରୁଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣର ସଚିବ, ପୁଣ୍ୟଶ୍ଲୋକ ରଥଙ୍କ ତତ୍ୱାବଧାନରେ ବର୍ଯ୍ୟବସ୍ତୁର ସୁପରିଚାଳନା ନିମିତ୍ତ ଏକ ସଚେତନତା କାର୍ଯ୍ୟକ୍ରମ ପୁରୁଣାବଜାର ନଙ୍ଗାମହଲାସ୍ଥିତ ଫେଲୋସିପ୍, ଶିଶୁ ଯତ୍ନଗୃହ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆମର ଦୈନନ୍ଦିନ ଜୀବନରେ ଆମେ ବ୍ୟବହାର କରୁଥିବା ବିଭିନ୍ନ ବସ୍ତୁ ଯାହାକି ଆମେ ବାହାରେ ଫିଙ୍ଗିଦେଇଥାଉ ଅଥବା ପୋଡ଼ି ଦେଇଥାଉ ମାତ୍ର ସେହି ବର୍ଯ୍ୟବସ୍ତୁରୁ ବହୁତ ଗୁଡ଼ିଏ ସୁନ୍ଦର ପଦାର୍ଥ ଆମେ ତିଆରି କରି ପୁନଃ ଚକ୍ରିକରଣ ପ୍ରକ୍ରିୟା ମାଧ୍ୟମରେ ଆମେ ସେହିସବୁ ବର୍ଯ୍ୟବସ୍ତୁର ସୁପରିଚାଳନା କରିପାରିବା। ଏହି କାର୍ଯ୍ୟକ୍ରମରେ ଭଦ୍ରକ ଏଲ୍‌ଏଡିସ୍‌ଏସ୍ ସହାୟକ ତାପସ କୁମାର ମହାନ୍ତି, ଫେଲୋସିପ ସମ୍ପାଦକ ଏସ୍‌ଏମ୍ ଫାରୁକ୍, ଫେଲୋସିପ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତି, ଭଦ୍ରକ ପୌର କାର୍ଯ୍ୟନିର୍ବାହୀ ତାପସ କୁମାର ସାମଲ, ଆଶିଷ କୁମାର ମହାପାତ୍ର, ବିଷ୍ଣୁପ୍ରସାଦ ବେହେରା, ବିକ୍ରମ ବଳ, ସାନିଟେସନ୍ ଅଧିକାରୀ ଭଦ୍ରକ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ଭଦ୍ରକର କର୍ମଚାରୀଗଣ ଏବଂ ପିଏଲ୍‌ଭି. ଅର୍ଣ୍ଣପୂର୍ଣ୍ଣା ସାହୁ, ପୁଷ୍ପାଞ୍ଜଳୀ ବେହେରା, ସସ୍ମିତା ବାରିକ୍, ଉର୍ମିଳା ପଣ୍ଡା, ମଧୁସ୍ମିତା ମଲିକ ଯୋଗଦେଇ ଏହି କାର୍ଯ୍ୟକ୍ରମରେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ।

ଏହି କାର୍ଯ୍ୟକ୍ରମରେ ମହିଳାମାନେ ପୁରୁଣା ବର୍ଯ୍ୟବସ୍ତୁରୁ ବହୁତ ସୁନ୍ଦର ଜିନିଷମାନ ଯଥା ବିଞ୍ଚଣା, ଫୁଲଦାନି, ତୋରଣ ଭଳି ଜିନିଷ ତିଆରି କରିଛନ୍ତି ଯାହାକି ଅତ୍ୟନ୍ତ ଉତ୍ସାହ ଜନକ କାର୍ଯ୍ୟ ଯାହା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇଥାଏ। ଶେଷରେ ଫେଲୋସିପ୍‌ରେ ଥିବା ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ ନୃତ୍ୟ ଅତ୍ୟନ୍ତ ଉଚ୍ଚକୋଟୀର ହୋଇଥିଲା।




**● ଆୟୁଷ୍ମାନ ଭାରତ ଯୋଜନା**

# ହିତାଧିକାରୀଙ୍କୁ ଲୁଟୁଛନ୍ତି ଆଶାକର୍ମୀ ଓ ଜନସେବା କେନ୍ଦ୍ର

ଦୋବଲ, ୨୮ ।୫(ସମିସ): ରାଜ୍ୟ ସରକାରଙ୍କ ମହତ୍ୱାକାଂକ୍ଷୀ ଯୋଜନା ଆୟୁଷ୍ମାନ ଭାରତ ଯୋଜନା ଧାମନଗର ବ୍ଲକ ଦୋବଲ ଅଞ୍ଚଳରେ ଆରମ୍ଭରୁ ଝୁଣ୍ଟିଲାଣି। ହିତାଧିକାରୀମାନେ କାର୍ଡ ଖଣ୍ଡେ ପାଇବା ଲାଗି ହନ୍ତସନ୍ତ ହେଉଛନ୍ତି, ତା ସହିତ ଅଯଥା ଖର୍ଚ୍ଚାନ୍ତ ବି ହେଉଛନ୍ତି। ଗୋଟିଏ କାର୍ଡ ପାଇଁ ସ୍ଥାନୀୟ ଆଶା କର୍ମୀ ହିତାଧିକାରୀଙ୍କଠାରୁ ୨୦ ଟଙ୍କା ଲେଖାଏ ନେଉଥିବା ଅଭିଯୋଗ ହୋଇଛି। ଏବେ ଜନସେବା କେନ୍ଦ୍ରଗୁଡ଼ିକ ନିଜ ଫାଇଦା ଲାଗି କାର୍ଡ ପିଛା ୨୦ରୁ ୩୦ ଟଙ୍କା ରଖୁଛନ୍ତି। ଏଥିରୁ ଆଶା କର୍ମୀ ଅଧା ନେଉଥିବା ଅଭିଯୋଗ ହୋଇଛି। ହିତାଧିକାରୀମାନେ ନିଜ ଆଧାର କାର୍ଡ ନେଇ ଜନସେବା କେନ୍ଦ୍ରକୁ ଯାଉଛନ୍ତି। ସେଠାରେ ଆଭା କାର୍ଡ ପାଇଁ ତଥ୍ୟ ଦାଖଲ କରୁଛନ୍ତି। ତା' ପରେ ଜନସେବା କେନ୍ଦ୍ର ଆଭା କାର୍ଡକୁ ଡାଉନଲୋଡ କରି ଆଶା କର୍ମୀଙ୍କ ମାଧ୍ୟମରେ ବାଣ୍ଟୁଛନ୍ତି। ଦୈନିକ ରୋଜଗାର ଲାଳସାରେ ଆଶା କର୍ମୀମାନେ ଏକାଥରେ ଗୋଟିଏ ପରିବାରର କି ଗୋଟିଏ ସାହିର ହିତାଧିକାରୀଙ୍କୁ କାର୍ଡ ଦେଉନାହାନ୍ତି। ଅଯଥା ବିଳମ୍ବ କରି ସେମାନଙ୍କୁ କାର୍ଡ ଦେଉଛନ୍ତି। ଯାହା ଫଳରେ ହିତାଧିକାରୀ ହଇରାଣ ହେଉଛନ୍ତି। ଦୋବଲ, ଖଡ଼ିପଦା, ଆନନ୍ଦପୁର, ପଧାନି, ସୋହଡ଼ା, କରଦା, ମୁସ୍ତଫାପୁର ଆଦି ପଞ୍ଚାୟତରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ଏନେଇ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିନଟେଣ୍ଡାଂଟ ଡାକ୍ତର ମନ୍ମୟ ମହାପାତ୍ରଙ୍କୁ ପଚାରିବାରୁ, ସେ କହିଲେ ଯେ ଏନେଇ ସେମିତି କିଛି ଅଭିଯୋଗ ଆସିନାହିଁ। ଆପଣଙ୍କଠାରୁ ଶୁଣିଲୁ। ଏନେଇ ଅନୁଧ୍ୟାନ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।

# ଗୋରୁ ବୋଝେଇ ପିକ୍‌ଅପ୍ ଜବତ

ଅସୁରାଳି, ୨୮ ।୫(ସମିସ): ଧୂଷୁରୀ ଅଞ୍ଚଳରେ ଗୋଚାଲାଣ ଉପରେ ରୋକ୍ ଲାଗିଛି। ଧୂଷୁରୀ ଥାନାଧିକାରୀ ଅଜୟ ସୁଦର୍ଶନ ବାଗେଙ୍କ ରାତିଅଧିଆ ଅତର୍କିତ ଚଢ଼ଉ ଦ୍ୱାରା ୧୫ ଗୋରୁ ଜବତ ହୋଇଛି। ବିଳମ୍ବିତ ରାତିରେ ପନ୍ଦରବାଟିଆ ଅଞ୍ଚଳରୁ ଗୋରୁ ବୋଝେଇ ପିକଅପ୍‌ରେ ଗୋରୁ ଗୁଡ଼ିକ ସ୍ଥାନାନ୍ତରଣ କରିବା ସମୟରେ ଧୂଷୁରୀ ପୁଲିସ୍ ଚଢ଼ଉ କରିଥିଲା। ଚଢ଼ଉ ସମୟରେ ଡ୍ରାଇଭର ଫେରାର ହୋଇ ଯାଇଥିଲା। ଜବତ ହୋଇଥିବା ଗାଡ଼ି ଥାନାରେ ଅଟକ ରଖି କେସ ନମ୍ବର ୨୫୬/୨୫ ମାମଲା ରୁଜୁ କରାଯାଇଛି। ସବୁ ଜବତ ହୋଇଥିବା ଗୋରୁମାନଙ୍କୁ ଅସୁରାଳି ସ୍ଥିତ ଗୋଶାଳାକୁ ସ୍ଥାନାନ୍ତର କରା ଯାଇଛି।

**● ଅପହରଣକୁ ୧୪ ଦିନ ବିତିଲାଣି**

# ନାବାଳିକାକୁ ପାଉନି ପୀରହାଟ ପୁଲିସ

ତିହିଡି, ୨୮ ।୫(ସମିସ): ଅପହରଣକୁ ୧୪ ଦିନ ବିତିଲାଣି। ଏହା ପରେ ବି ପୁଲିସ ସମ୍ପୃକ୍ତା ନାବାଳିକାର କୌଣସି ଟେର ପାଉନି। ଗତ ୧୫ ତାରିଖ ଗୁରୁବାର ଭଦ୍ରକ ଜିଲା ତିହିଡ଼ି ବ୍ଲକ ଅଧୀନ ସାହାପୁର ପଞ୍ଚାୟତର କାନିସାହି ଗ୍ରାମର ଶାନ୍ତିଲତା ବଳଙ୍କ ୧୪ ବର୍ଷର ଝିଅ ଟ୍ୟୁସନ ଯାଇ ଆଉ ଘରକୁ ଫେରିନଥିଲା। ପରିବାର ପକ୍ଷରୁ ବହୁ ଖୋଜାଖୋଜି କରିବା ପରେ ଝିଅର କୌଣସି ପତା ମିଳିନଥିଲା। ଝିଅକୁ ଅପହରଣ କରାଯାଇଥିବା ନେଇ ସେମାନେ ପୀରହାଟ ଥାନା ଅଧିକାରିଣୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅମୃତପୁର ଗ୍ରାମର ଏକ ପରିବାରର ସଦସ୍ୟମାନେ ତାଙ୍କ ନାବାଳିକା ଝିଅ ଅପହରଣ ଘଟଣାରେ ସମ୍ପୃକ୍ତ ଅଛନ୍ତି ବୋଲି ଅଭିଯୋଗରେ ଦର୍ଶାଇଥିଲେ। ସେମାନଙ୍କର ଫୋନ ନମ୍ବର ମଧ୍ୟ ପୁଲିସକୁ ଦିଆଯାଇଥିଲା। ପୀରହାଟ ଥାନାର ଏସଆଇ ତାପସ କୁମାର ମହାନ୍ତିଙ୍କୁ ତଦନ୍ତ ଦାୟୀତ୍ୱ ଦିଆଯାଇଥିଲା। କିନ୍ତୁ ଥାନା ପକ୍ଷରୁ ଅଭିଯୋଗକାରିଣୀଙ୍କୁ ଏତାଲା କପି ଦିଆଯାଇନଥିଲା ଓ ତିନି ଦିନ ଦଉଡ଼ିବା ପରେ ୧୮ ତାରିଖରେ ଏତାଲା କପି ଦିଆଯାଇଥିଲା। ନାବାଳିକା ଝିଅକୁ ନପାଇ ମାନସିକ ଦୁଃସ୍ଥିତିରେ ରହି ଝିଅ ଖବର ବୁଝିବାକୁ ପରିବାର ଲୋକେ ପ୍ରତ୍ୟେକ ଦିନ ଥାନାକୁ ଦୌଡୁଥିବା ବେଳେ ପୁଲିସ କିନ୍ତୁ ଦିନ ପରେ ଦିନ ଗଡ଼ାଇଚାଲିଛନ୍ତି ବୋଲି ଅଭିଯୋଗ ହୋଇଛି। ଫୋନ ଟ୍ରାକିଂ ରିପୋର୍ଟ ମଧ୍ୟ କ'ଣ ହେଲା ସେ ବିଷୟରେ କିଛି ଜଣାପଡୁନାହିଁ। ତଦନ୍ତ କ'ଣ ଚାଲିଛି, କେତେବାଟ ଗଲା ସେ ନେଇ କୌଣସି ସନ୍ତୋଷଜନକ ଉତର ମଧ୍ୟ ମିଳୁନାହିଁ। ଏ ନେଇ ପରିବାର ପକ୍ଷରୁ ରାଷ୍ଟ୍ରପତିଙ୍କ ଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ବିଧାୟକ, ଏସପି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିସାରିଲେଣି ପରିବାର ଲୋକେ।

# ମା'କ୍ଷେତ୍ରପାଳଙ୍କ ନୂତନ ବିଗ୍ରହ ପ୍ରତିଷ୍ଠା



ତିହିଡ଼ି, ୨୮ ।୫(ସମିସ): ତିହିଡ଼ି ବ୍ଲକ ଅଧୀନସ୍ଥ କୁବେରା ପଞ୍ଚାୟତ ଦେଉଳା ତୁଳସୀପୁର ଗ୍ରାମରେ ଆରାଧ୍ୟା ଦେବୀ ମା' କ୍ଷେତ୍ରପାଳଙ୍କର ନୂତନ ବିଗ୍ରହ ପ୍ରତିଷ୍ଠା ନିମନ୍ତେ ୧୦୮ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କଳସ ଶୋଭାଯାତ୍ରାରେ କ୍ଷେତ୍ରପାଳ କମିଟିର ମୁଖ୍ୟ ପରିଚାଳକ ଧୀରେନ କୁମାର ସ୍ୱାଇଁ ମୁଖ୍ୟ କର୍ତ୍ତା ଓ ତାଙ୍କର ସହଧର୍ମିଣୀ ମାଳତୀ ସ୍ୱାଇଁ କର୍ତ୍ତୀ ଭାବେ କଳସ ବୁଡ଼େଇ ଥିଲେ। ଏଥିରେ ତୁଳସୀପୁର, ଦେଉଳା, ରହଣିଆସାହି, ମାଙ୍କଡ଼ କୋହ୍ଲା, ଇଟାଗଡ଼ି ଗ୍ରାମର ୧୦୮ ଜଣ ମହିଳା ଭକ୍ତ ସାମିଲ ହୋଇ କଳସ ବୁଡେଇଥିଲେ। ପୁରୋହିତ ଅକ୍ଷୟ ତ୍ରିପାଠୀ, ପଣ୍ଡିତ ଚତୁର୍ଭୁଜ ତ୍ରିପାଠୀ, ଜୟକୃଷ୍ଣ ଆଚାର୍ଯ୍ୟ, ମନୋଜ କୁମାର ଆଚାର୍ଯ୍ୟ ଓ ଅଭୟକୁମାର ପଣ୍ଡାଙ୍କ ମନ୍ତ୍ରପାଠରେ ନୂତନ ବିଗ୍ରହ ପ୍ରତିଷ୍ଠା କରାଯାଇଛି। ଉକ୍ତ କାର୍ଯ୍ୟକ୍ରମ ପରିଚଳନା କମିଟିର ସମ୍ପାଦକ ଶ୍ରୀଧର ରାଉତ, ସହସମ୍ପାଦକ ରଞ୍ଜନ କୁମାର ସ୍ୱାଇଁ, ସଭ୍ୟ ପରମେଶ୍ୱର ବିଶ୍ୱାଳ, ରବୀନ୍ଦ୍ର ସ୍ୱାଇଁ, ରଜନୀକାନ୍ତ ରାଉତ, ବିଶ୍ୱମ୍ବର ସ୍ୱାଇଁ, ମାଧବାନନ୍ଦ ବସନ୍ତିଆ, କୁମୁଦବନ୍ଧୁ ସ୍ୱାଇଁ, ପ୍ରମୋଦ କୁମାର ସ୍ୱାଇଁ, କୃଷ୍ଣଚନ୍ଦ୍ର ସ୍ୱାଇଁ ତଥା ସମୂହ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତାକାଲି ଯଜ୍ଞ ଶେଷରେ ସନ୍ଧ୍ୟାରେ ପାଲା ପରିବେଷଣ ଓ ତା ପରଦିନ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ରହିଛି।

## ରାଜ୍ୟସ୍ତରୀୟ ଉପକନିଷ୍ଠ ବାସ୍କେଟବଲ୍ ପ୍ରତିଯୋଗିତା

# ଭଦ୍ରକ ଜିଲ୍ଲା ବାଳକ ଦଳ ଘୋଷିତ



ଭଦ୍ରକ, ୨୮ ।୫(ସମିସ): ଭୁବନେଶ୍ୱର ୟୁନିଟ-୧୦ାରେ ଆରମ୍ଭ ହେବାକୁ ଯାଉଥିବା ୪୯ତମ ରାଜ୍ୟସ୍ତରୀୟ ବାସ୍କେଟବଲ ପ୍ରତିଯୋଗିତାଟି ୨୯ ମେ'ରୁ ଆରମ୍ଭ ହୋଇ ୧ ଜୁନ୍‌ରେ ସମାପ୍ତ ହେବ। ଏହି ପ୍ରତିଯୋଗିତା ନିମନ୍ତେ ଭଦ୍ରକ ତାର ୧୨ଜଣ ଖେଳାଳିଙ୍କ ନାମ ଘୋଷଣା କରିଛି। ଏହି ଦଳକୁ ଜିଲ୍ଲା ଆଥଲେଟିକ୍ ସଂଘର ସମ୍ପାଦକ ଧିରେନ୍ ପଲାଇ, ବାସ୍କେଟବଲ କୋଚ୍ ମନୋଜ କୁମାର ସାହୁ, କ୍ରୀଡା ଶିକ୍ଷକ ରବି ନାରାୟଣ ଓଝା ଶୁଭେଚ୍ଛା ଜଣାଇବା ସହିତ ଜିଲ୍ଲା କ୍ରୀଡା ଅଧିକାରୀ ତଥା ଅତିରିକ୍ତ ଉପ ଜିଲ୍ଲାପାଳ ଶ୍ୟାମଲ୍ କୁମାର ରାଏ, ସ୍ୱତନ୍ତ୍ର କ୍ରିଡା ଅଧିକାରୀ ରମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଖେଳାଳୀ ମାନଙ୍କୁ ଭେଟି ସେ କିପରି ରାଜ୍ୟ ସ୍ତରରେ ଭଲ ଖେଳ ପ୍ରଦର୍ଶନ କରନ୍ତୁ ତାଙ୍କର ଶୁଭକାମନା ମନାସିଛନ୍ତି।

ଏହି ଦଳ ସହିତ ମନୋଜ କୁମାର ସାହୁ କୋଚ୍ ଓ ମ୍ୟାନେଜର ଭାବରେ ସିଦ୍ଧାର୍ଥ କୁମାର ମହାନ୍ତି ଯାତ୍ରା କରୁଛନ୍ତି। ଖେଳାଳିଙ୍କ ନାମ-ରୁଦ୍ର ନାରାୟଣ ପଣ୍ଡା, ବରୁଣ କୁମାର ସାହୁ, ତନ୍ମୟ ପ୍ରଧାନ, ଆୟୁଷ କୁମାର, ଶ୍ରୀୟାଂସ କୁମାର ଦାସ, ସତ୍ୟଜିତ ସେଠୀ, ସୀତାରାମ ନାୟକ, ଜ୍ୟୋତିପ୍ରକାଶ ବାରିକ, ରିଷବ କୁମାର ସେଠୀ, ଅସ୍ମିତ ମହଲା, ଶୁଭ୍ରାଂଶୁ ମହଲା, ଅଭିଜିତ ସାହ ପ୍ରମୁଖ।

# ସୀମା ପାର ବାଲି ଚୋରଙ୍କୁ ଲଗାମ ନାହିଁ

ବାରିକପୁର, ୨୮।୫(ସମିସ)

ଲଘୁ ଖଣିଜ ପଦାର୍ଥ ଉତ୍ତୋଳନ ଓ ପରିବହନ ଆଇନ ଅନୁଯାୟୀ ସରକାର ବେଆଇନ ବାଲି ଚାଲାଣକୁ ରୋକିବା ପାଇଁ ଯେତେ ଚେଷ୍ଟା କଲେ ସୁଦ୍ଧା ତାହା ସମ୍ଭବ ହେଉନାହିଁ। ଧରପଗଡ଼ ପରେ ଯଦିଓ ଏଇ କିଛି ଦିନ ହେବ ବେଆଇନ ବାଲି ଚାଲାଣ କିଛି ମାତ୍ରାରେ ବନ୍ଦ ରହିଛି କିନ୍ତୁ କେତେକ ସ୍ଥାନରେ ହେଉଥିବା ସୀମା ପାର ବାଲି ଚୋରଙ୍କ ଉପରେ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। କଥାରେ ଅଛି 'କାଣି ବିଲେଇ ଉପରେ ଅସରପା ରାଜା' ନ୍ୟାୟରେ ରାସ୍ତାରେ ଯାଉଥିବା ବାଲି ଟ୍ରାକ୍ଟର ଜବତ କରି ପ୍ରଶାସନ ବାଃବାଃ ନେଉଥିବା ବେଳେ ପ୍ରକୃତ ଚୋରଙ୍କ ନିକଟରେ ଅଧିକାରୀମାନେ ପହଞ୍ଚି ପାରୁନାହାନ୍ତି। ସୂଚନା ମୁତାବକ ଭଣ୍ଡାରିପୋଖରୀ ବ୍ଲକ ଦେଇ ଯାଇଥିବା ବୈତରଣୀ ନଦୀର ବିଭିନ୍ନ ସ୍ଥାନରୁ ବର୍ଷକ ବାରମାସ ବେଆଇନ ବାଲି ଚାଲାଣ ହୋଇଥାଏ।

ବିଶେଷ କରି ନଦୀର ନେରଡା, ବନସ୍ତା, ଝୁଟଣା, ଦାଦେଶ୍ୱର, ବଳିପୁର, ବନ୍ଧାଳମଢ଼ିଆଳୀ, ବାଲି ପୋଖରୀ ପ୍ରମୁଖ ସ୍ଥାନ ମାନଙ୍କରୁ ସ୍ଥାନୀୟ ଟ୍ରାକ୍ଟର ଓ ଟ୍ରକ ମାଲିକ ମାନେ ବାଲି ଚାଲାଣ କରିଥାନ୍ତି। ଦୀର୍ଘ ପନ୍ଦର କୋଡ଼ିଏ ବର୍ଷ ଧରି ଏମିତି ଚାଲି ଆସୁଛି। ଯଦିଓ ଉକ୍ତ ସ୍ଥାନକୁ ଲାଗି ଦୁଇ ତିନି ଗୋଟି ବାଲି ସୈରାତ ପୂର୍ବରୁ ନିଲାମ ଥିଲା। ତେଣୁ ଏହାରି ଫାଇଦା ନେଇ ମାଫିଆ ମାନେ ବେଆଇନ ଚାଲାଣ କରି ଅନେକ ସମୟରେ ଖସି ଯାଉଥିଲେ। ଏବେ ଚଳିତବର୍ଷ କୌଣସି ସୈରାତ ନିଲାମ ନଥିବା ବେଳେ ପ୍ରଶାସନିକ ଚଢ଼ଉ ପରେ କେତେକ ସ୍ଥାନରେ ଚୋରା ଚାଲାଣ ଥମିଯାଇଛି। ଭଣ୍ଡାରିପୋଖରୀ ପାର୍ଶ୍ୱରେ କଦବା କ୍ୱଚିତ ଚାଲାଣ ହେଉଥିବା ବେଳେ ଯାଜପୁର ପାର୍ଶ୍ୱରେ କିନ୍ତୁ ସେହି ଭଳି ବେପାର ଲାଗି ରହିଛି। ବ୍ଲକ ସୀମାକୁ ଲାଗିଥିବା ଯାଜପୁର ପାର୍ଶ୍ୱ ପାଟପୁର, କୁଶି, ପଣସା, ଲାଲବାଗ, ନୂଆ କୂଳ, ବେହେରା ପାଟଣା, ବେଲେଶ୍ୱର, ଗଣେଶ୍ୱରପୁର, କୁଞ୍ଜବିହାରୀ ପୁର ପ୍ରମୁଖ ଗ୍ରାମ ସଂଲଗ୍ନ ବୈତରଣୀ ନଦୀରୁ ଅନେକ ସମୟରେ ଟ୍ରାକ୍ଟର ସହିତ ଅନ୍ୟାନ୍ୟ ଯାନରେ ବାଲି ଚାଲାଣ ହେଉଛି। ସମ୍ପ୍ରତି ବୈତରଣୀ ନଦୀର କର୍ଣ୍ଣି ଏସ୍କେପ ସଂଲଗ୍ନ ସ୍ଥାନରୁ ସୀମା ଟପି ବାଲି ଚୋର ମାନେ ଦିନ ଦ୍ୱିପହରରେ ଟ୍ରିପ ଟ୍ରିପ ବାଲି ଚୋରାଇ ନେଉଛନ୍ତି। ନଦୀ ଏବେ ଶୁଖିଲା ପଡ଼ିଥିବା ବେଳେ ଏହାର ସୁଯୋଗ ନେଇ ମାଫିଆ ମାନେ ସୀମା ପାର ହୋଇ ବାଲି ଚୋରି କରୁଥିବା ଜଣାପଡ଼ିଛି। ଏହାଦ୍ୱାରା ଭଦ୍ରକ ଜିଲ୍ଲାର ରାଜସ୍ୱ ଚୋରି ହେଉଥିବା ବେଳେ ଯାଜପୁର ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ବାଲି ଯୋଗାଇ ଚୋରା ବ୍ୟବସାୟୀମାନେ ବେଶ ଲାଭାନ୍ୱିତ ହେଉଛନ୍ତି। ତେଣୁ ଏଭଳି ବାଲି ଚୋରୀ ଉପରେ ଜିଲ୍ଲା ଖଣି ନଗମ ଅଧିକାରୀ, ତହସିଲଦାର ଓ ଥାନା ପକ୍ଷରୁ ଏଯାବତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଯାହାକି ପ୍ରଶାସନିକ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



# କୃତ୍ରିମ ବନ୍ୟାରେ ଉବୁଟୁବୁ ପୂରା ପରିବାର





ଭଦ୍ରକ,୨୮।୫(ସମିସ)

ଦୁଇ ଦିନ ହେବ ଚୁଲି ଜଳୁନି କି ପେଟକୁ ଦାନା ମୁଠେ ଯାଉନି। ଘର ଭିତରେ ଲହଡ଼ି ମାରୁଥିବା ବର୍ଷା ପାଣି ବୋହି ବୋହି ନୟାନ୍ତ ହେଲେଣି ପୂରା ପରିବାର । ରାଜନୈତିକ ଚକ୍ରବ୍ୟୁହରେ ଫସିଥିବା ପରିବାର ପାଇଁ ଏବେ ଦାଉ ସାଧିଛି ଅଦିନିଆ ଲଘୁଚାପ ଜନିତ ବର୍ଷା। ଏମିତି ଘଟଣା ଦେଖିବାକୁ ମିଳିଛି ଚାନ୍ଦବାଲି ବ୍ଲକ ଖେରଙ୍ଗ ପଞ୍ଚାୟତ ଅନ୍ତର୍ଗତ ଖେରଙ୍ଗ ଗ୍ରାମରେ। ସୂଚନା ମୁତାବକ ଦୁଇ ଦିନ ହେବ ଚାନ୍ଦବାଲି ଅଞ୍ଚଳରେ ଲାଗି ରହିଛି ଲଘୁଚାପ ଜନିତ ବର୍ଷା । ବର୍ଷାଜଳ ନିଷ୍କାସନ ନ ହେବା କାରଣରୁ ଗାଁ ଗାଁରେ ସୃଷ୍ଟି ହୋଇଛି କୃତ୍ରିମ ବନ୍ୟା ପରିସ୍ଥିତି। ସେହିପରି ଖେରଙ୍ଗ ଗ୍ରାମର ବସନ୍ତ ମଲ୍ଲିକଙ୍କ ଘର ଏକ ତଳିଆ ସ୍ଥାନରେ ଅବସ୍ଥିତ। ସେହି ବାଟ ଦେଇ ଗାଁ ଯାକର ବର୍ଷା ପାଣି ନିଷ୍କାସିତ ହୋଇଥାଏ। ମାତ୍ର ଗାଁରେ ଥିବା ସରକାରୀ ଜାଗାକୁ କିଛି ମୁଷ୍ଟିମେୟ ଲୋକ ଅବରୋଧ କରିବା ଫଳରେ ବସନ୍ତ ମଲ୍ଲିକଙ୍କ ଘର ନିକଟରେ ଗାଁ ଯାକର ପାଣି ଜମିବା ସହ ସୃଷ୍ଟି ହୋଇଛି କୃତ୍ରିମ ବନ୍ୟା ପରିସ୍ଥିତି। କେବଳ ସେତିକି ନୁହେଁ ବସନ୍ତ ମଲ୍ଲିକଙ୍କ ଘରେ ଦୁଇ ଫୁଟର ପାଣି ଲହଡ଼ି ଖେଳୁଛି। ଦୀର୍ଘ ୨ବର୍ଷ ହେବ ଏହି ସମସ୍ୟା ଲାଗି ରହିଛି। ଏହି ସମସ୍ୟାର ସମାଧାନ ପାଇଁ ସରପଞ୍ଚଙ୍କ ଠାରୁ ଆରମ୍ଭ କରି ବିଡିଓ, ତହସିଲଦାରଙ୍କ ସହିତ ଜିଲ୍ଲାପାଳଙ୍କ ନିକଟରେ ଗୁହାରି କରିଥିଲେ ମଧ୍ୟ କିଛି ସୁଫଳ ମିଳୁ ନ ଥିବା ଆଭିଯୋଗ କରିଛନ୍ତି ବସନ୍ତ। ବର୍ଷା ଜଳ ନିଷ୍କାସନ ପାଇଁ ଅନେକ ବିକଳ୍ପ ଥିଲେ ମଧ୍ୟ ରାଜନୈତିକ ହସ୍ତକ୍ଷେପ ଯୋଗୁଁ ସମାଧାନ ହୋଇ ପାରୁନି। ଶାସକ ଓ ବିରୋଧୀଙ୍କ ତୁ ତୁ ମେ ମେ ଯୋଗୁଁ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି ପୁରା ପରିବାର। ଏ ବିଷୟରେ ଚାନ୍ଦବାଲି ତହସିଲଦାର ଓ ଭାରପ୍ରାପ୍ତ ବିଡିଓ ଭବତୋଷ ମଲ୍ଲିକଙ୍କୁ ପଚାରିବାରୁ ମୁଁ ଏହି ଘଟଣା ବିଷୟରେ ଅବଗତ ଅଛି। ଦୁଇ ଗୋଷ୍ଠୀଙ୍କ ସହ ଆଲୋଚନା କରି ସମାଧାନର ବାଟ ବାହାର କରିବାକୁ ଚେଷ୍ଟା କରୁଛୁ ବୋଲି କହିଛନ୍ତି।

## ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ

**ବାସୁଦେବପୁର,୨୮।୫(ସମିସ):** ଗରିବ ନାବାଳିକାର ସରଳତାର ସୁଯୋଗ ନେଇ ନିଛାଟିଆ ସ୍ଥାନରେ ଦୁଷ୍କର୍ମ କରିବା ସମୟରେ ସ୍ଥାନୀୟ ଯୁବକଙ୍କ ହାତରେ ଧରାପଡି ନାକେଦମ ହେବାର ଭିଡିଓ ସୋସିଆଲ ମିଡିଆରେ ଘୁରି ବୁଲୁଛି। ଯାହାକୁ ନେଇ ସମଗ୍ର ବାସୁଦେବପୁର ଚର୍ଚ୍ଚାର ବିଷୟ ହୋଇଛି। ବାସୁଦେବପୁର ୧୭ ନମ୍ବର ୱାର୍ଡର ବାଳିକା ହାଇସ୍କୁଲ ପଛ ପାଖରେ ଜଣେ ଗାଡି ଚାଳକ ସେହି ଅଞ୍ଚଳର ଜଣେ ଗରିବ ୧୨ ବର୍ଷର ନାବାଳିକାକୁ ଅର୍ଥ ଓ ଚକଲେଟର ପ୍ରଲୋଭନ ଦେଖାଇ ଏଭଳି ଘୃଣ୍ୟ ଥର ଦୁଷ୍କର୍ମ କରିଥିବା ବେଳେ ସ୍ଥାନୀୟ ଯୁବକଙ୍କ ହାତରେ ଧରା ପଡି ହଟହଟା ହେବାକୁ ପଡିଛି। ଏକ ଭିଡିଓରେ ସତ କଥା ମାନିଥିବାର ଭିଡିଓ ଭାଇରାଲ ହେଉଅଛି। ସୋସିଆଲ ମିଡିଆର ଏ ମୋବାଇଲରୁ ସେ ମୋବାଇଲର ଭିଡିଓ ବୁଲୁଥିବା ବେଳେ ଥାନାର କୌଣସି ଅଭିଯୋଗ ହୋଇ ନଥିବାରୁ ପୁଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ନାବାଳିକାର ଦୁଷ୍କର୍ମ ଘଟଣାକୁ ଉଠାଇ ଥିବା ଯୁବକଙ୍କୁ ମାଡମାରି ଘଟଣାକୁ ଚପାଇ ଦେବାକୁ କିଛି ବ୍ୟକ୍ତି ଉଦ୍ୟମ ଆରମ୍ଭ କରିଛନ୍ତି। କଙ୍ଗାରୁ କୋର୍ଟ ମାଧ୍ୟମରେ କିଛି ଭଦ୍ରମୁଖା କଳଙ୍କପାଟିଆ ଭଦ୍ରବ୍ୟକ୍ତି ନାବାଳିକାର ପରିବାରକୁ ଅର୍ଥ ଦେଇ ଚପାଇ ଦେବାକୁ ଉଦ୍ୟମ ଆରମ୍ଭ କରିଛନ୍ତି ବୋଲି ଆଲୋଚନା ହେଉଥିବାର ଶୁଣିବାକୁ ମିଳୁଛି। ଘଟଣାର ସତ୍ୟାସତ୍ୟକୁ ନେଇ ବାସୁଦେବପୁରରେ ଚାହା ଦୋକାନ ଠାରୁ ପାନ ଦୋକାନ ପର୍ଯ୍ୟନ୍ତ ଚର୍ଚ୍ଚାର ବିଷୟ ହୋଇଛି। ଭୟରେ ନାବାଳିକାର ପରିବାର ପକ୍ଷରୁ ଭୟରେ ଏପର୍ଯ୍ୟନ୍ତ ଏତାଲା ଦେବାକୁ ସାହସ କରିନାହାନ୍ତି।

## ଜଗାବଳିଆ ସୁନା ଦୋକାନରୁ ଚୋରି

**ତିହିଡ଼ି, ୨୮।୫(ସମିସ):** ତିହିଡ଼ି ଥାନା ଅଧୀନ କମାରିଆ ବଜାରରେ ଥିବା ଜଗାବଳିଆ ସୁନା ଦୋକାନର ସଟର ଭାଙ୍ଗି ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ ତିହିଡ଼ି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରି ଏକ ମାମଲା ରୁଜୁ କରିଥିବା ଜଣାଯାଇଛି। ଦୋକାନର ମାଲିକ ମାୟାଧର ସାହୁ କରିଥିବା ଅଭିଯୋଗ ଅନୁଯାୟୀ ମଙ୍ଗଳବାର ରାତ୍ରିରେ ପ୍ରତିଦିନ ପରି ଦୋକାନ ବନ୍ଦ କରି ଘରକୁ ଆସିଥିଲେ। ସେବେ ତାଙ୍କ ଦୋକାନ ଭଙ୍ଗାଯାଇଥିବା ନେଇ ସକାଳେ ଖବର ପାଇବା ପରେ ସେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଲେ। ଏ ନେଇ ସେ ତୁରନ୍ତ ଥାନାକୁ ଖବର ଦେଇଥିଲେ। ସୂଚନା ଅନୁଯାୟୀ ତାଙ୍କର ଦୋକାନର ଗ୍ରୀଲ, ସଟର ଭାଙ୍ଗି ଦୁର୍ବୃତ୍ତ ପଶିବା ପରେ ସମ୍ମୁଖରେ ଥିବା ଏକ ମୋଟା କାଚକୁ ମଧ୍ୟ ଭାଙ୍ଗି ଦେଇଥିଲେ। ପରେ ସୋ କେଶରେ ଥିବା ୮ ହଳ ସୁନା ଶଙ୍ଖା ଦୁର୍ବୃତ୍ତମାନେ ନେଇଯାଇଥିଲେ। ଚୋରି ହୋଇଥିବା ଗହଣାର ମୂଲ୍ୟ ୧ ଲକ୍ଷ ଟଙ୍କା ହେବ ବୋଲି ଅଭିଯୋଗରେ ଦର୍ଶାଯାଇଛି।

## ବିଲ ଭିତରକୁ ଓଲଟିଲା ଗୋରୁ ବୋଝେଇ ଗାଡ଼ି

**ତିହିଡ଼ି, ୨୮।୫(ସମିସ):** ବିରୋଧ ସତ୍ତ୍ୱେ ବନ୍ଦ ହେଉନି ବେଆଇନ ଗୋରୁ ଚାଲାଣ। ମଙ୍ଗଳବାର ରାତ୍ରିରେ ଗୋରୁ ବୋଝେଇ କାଇଲୋ କାର ରାସ୍ତା ତଳକୁ ଯାଇ ବିଲ ମଝିରେ ଓଲଟି ପଡ଼ିବା ପରେ ଭଦ୍ରକ-ଚାନ୍ଦବାଲି ରାଜ୍ୟ ରାଜପଥରେ ବେଆଇନ ଗୋରୁ ଚାଲାଣ କିପରି ବେଧଡ଼କ ଚାଲିଛି ତାହା ସ୍ପଷ୍ଟ ହୋଇଯାଇଛି। ପାରହାଟ ଥାନା ଅଧୀନ ଆଦର୍ଶ ବିଦ୍ୟାଳୟ ଛକ ନିକଟରେ କାଇଲୋ କାରଟି ଭଦ୍ରକ ଅଭିମୁଖେ ଆସୁଥିବା ବେଳେ ଓଲଟି ପଡ଼ିଥିଲା। ଲୋକେ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ଥିଲେ। ତିହିଡ଼ି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ସ୍ଥଳ ପାରହାଟ ଥାନା ଅଧୀନରେ ହୋଇଥିବାରୁ ପାରହାଟ ପୁଲିସକୁ ଖବର ଦେଇଥିଲେ। ପୁଲିସ ଉପସ୍ଥିତିରେ ଉପସ୍ଥିତ ଯୁବକମାନେ ୮ ଗୋଟି ଗୋରୁ ଉଦ୍ଧାର କରିଥିଲେ। ଗୋରୁ ଗୁଡ଼ିକର ବେକ, ଗୋଡ଼ ଆଦି ବନ୍ଧା ହୋଇ ଗୋଟିଏ ଉପରେ ଗୋଟିଏ ଲଦା ଯାଇଥିଲେ। ରାତ୍ରିରେ ଗୋରୁ ଗୋଡ଼ିକ ଚାଲିଯାଇଥିବା ବେଳେ ପୁଲିସ ମାତ୍ର ୩ ଗୋଟି ଗୋରୁ ଜବତ କରିଛି। ଘଟଣାସ୍ଥଳରୁ ଡ୍ରାଇଭର ଫେରାର ହୋଇଯାଇଛି। ଏ ନେଇ ପ୍ରତିକ୍ରିୟା ଜାଣିବା ପାଇଁ ପାରହାଟ ଥାନା ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲା। ଏକ ମାମଲା ରୁଜୁ ହୋଇଛି ଏବଂ ଗାଡ଼ି ଓ ୩ ଗୋରୁ ଜବତ ହୋଇଛି ବୋଲି କହିବା ସହ ଏହି ଘଟଣା ସମ୍ପର୍କରେ ଅଧିକ କିଛି ତଥ୍ୟ ଦେଇପାରିବେ ନାହିଁ ବୋଲି କହିଛନ୍ତି। ଗାଡ଼ିର ମାଲିକ କିଏ, ଗାଡ଼ି କିଏ ଚଳାଉଥିଲା, ଗାଡ଼ିର କାଗଜପତ୍ର ଅଛି କି ନାହିଁ ଆଦି ସବୁ ପ୍ରସଙ୍ଗକୁ ଦୃଷ୍ଟିରେ ରଖି ତଦନ୍ତ କରିବାକୁ ଜନସାଧାରଣ ଦାବି କରିଛନ୍ତି।

## ସ୍ୱାସ୍ଥ୍ୟ କାର୍ଡ ବଣ୍ଟନରେ ଟଙ୍କା ଆଦାୟ ଅଭିଯୋଗ

**ଧର୍ମଶାଳା,୨୮।୫(ସମିସ):** ସାରା ରାଜ୍ୟରେ ଆୟୁଷ୍ମାନ ହିତାଧିକାରୀମାନଙ୍କ ପାଇଁ ଇ-କେୱାଇସି ସହ କାର୍ଡ ପ୍ରସ୍ତୁତି ଓ ବଣ୍ଟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଦେୟମୁକ୍ତ ରହିବ ବୋଲି ସରକାରୀ ଲୋକମାନଙ୍କୁ ସଚେତନତା କରାଯାଉଛି। ଅନେକ ଅଞ୍ଚଳରେ କିଛି ଅସାଧୁ କର୍ମଚାରୀମାନେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ସମୟରେ ହିତାଧିକାରୀଙ୍କ ଠାରୁ ଟଙ୍କା ଆଦାୟ କରୁଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଜନ ଅସନ୍ତୋଷ ଦେଖା ଦେଇଛି। ଧର୍ମଶାଳା ବ୍ଲକରେ ବିଭିନ୍ନ ପରିବାରଙ୍କ ଠାରୁ ଜଣଙ୍କ ପିଛା ୫୦ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହୋଇଛି। ଏହି ବ୍ଲକ ଅନ୍ତର୍ଗତ କାଏମା ପଞ୍ଚାୟତରେ ଆଶାକର୍ମୀଙ୍କ ଉପସ୍ଥିତିରେ ଭିଏଲଇ ଗାଁ ମଧ୍ୟକୁ ଯାଇ ଲୋକଙ୍କ ଠାରୁ ୫୦ଟଙ୍କା ନେଉଥିବା ଅଭିଯୋଗ ହୋଇଛି। ଗୋଟିଏ ଗରିବ ପରିବାରରେ ୮ଜଣ ସଦସ୍ୟଥିଲେ। ସେହି ପରିବାରରୁ ୪ଶହ ଟଙ୍କା ଆଦାୟ କରାଯାଇଥିବା ଅଭିଯୋଗ ହୋଇଛି। ଏହାକୁ ଜଣେ ଯୁବକ ବିରୋଧ କରି ଏହା ବିଷୟରେ ହେଲ୍ପଲାଇନ ନମ୍ବରରେ ଅଭିଯୋଗ କରିବା ପରେ ଉକ୍ତ ଯୁବକଙ୍କୁ ସ୍ୱାସ୍ଥ୍ୟ କାର୍ଡ ନ ଦେଇ ଫେରାଇ ଦେବା ଘଟଣା ସମ୍ମୁଖକୁ ଚର୍ଚ୍ଚିତ କରିଛି। ଏ ବିଷୟରେ ଧର୍ମଶାଳା ବିଡିଓଙ୍କୁ ଅବଗତ କରାଯାଇଥିଲେ ହେଁ ଲିଖିତ ଅଭିଯୋଗ ପାଇବା ପରେ ସମ୍ପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏନେଇ ଗ୍ରାମବାସୀ ଫୋନ ଯୋଗେ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ୍ୟ ଅଧିକାରୀମାନେ କୌଣସି କଥାକୁ କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ଜିଲ୍ଲା ପ୍ରସାସନ ଏହି ଅଭିଯୋଗର ତଦନ୍ତ କରି ହିତାଧିକାରୀମାନଙ୍କ ଠାରୁ ନିଆଯାଇଥିବା ଟଙ୍କାକୁ ଫେରସ୍ତ କରିବାକୁ ସାଧାରଣରେ ଦାବି ହୋଇଛି।

## ଆଖଣ୍ଡଳମଣିଙ୍କ ଶୀତଳଷଷ୍ଠୀ ପ୍ରସ୍ତୁତି
## ଅଘୋରୀ ନୃତ୍ୟ, ଯୋଡ଼ି ଶଙ୍ଖ ମୁଖ୍ୟ ଆକର୍ଷଣ

**ଆରଡ଼ି,୨୮।୫(ସମିସ):** ବାବା ଆଖଣ୍ଡଳମଣିଙ୍କ ପ୍ରସିଦ୍ଧ ଶିବବିବାହ ବା ଶୀତଳଷଷ୍ଠୀ ଉତ୍ସବ ଆଉମାତ୍ର ୨ଦିନ ବାକି। ଏଥିପାଇଁ ପୀଠରେ ପ୍ରସ୍ତୁତି ଜୋରସୋରରେ ଆଗେଇ ଚାଲିଛି। ଚଳିତବର୍ଷ ବିବାହ ଉତ୍ସବରେ ବରପିତା ଭାବେ ଆଲୋକ ପଣ୍ଡା ଚୟନ ହୋଇଥିବା ବେଳେ କନ୍ୟାପିତା ଭାବେ ବିଶ୍ୱଜିତ ପାଢୀ ଚୟନ ହେବା ପରେ ଲଗ୍ନଧରା ନୀତି ସମ୍ପନ୍ନ ହୋଇଛି। ଏବେ ଉଭୟ ବରପିତା ଓ କନ୍ୟାପିତାଙ୍କ ପକ୍ଷରୁ ପୀଠ ସମେତ ଆଖପାଖ ଅଞ୍ଚଳର ଥିବା ସମସ୍ତ ଦେବାଦେବୀଙ୍କୁ ମଙ୍ଗୁଳାଗୁଆ ଓ ନିମନ୍ତ୍ରଣପତ୍ର ବାଣ୍ଟିବା ପରେ ବନ୍ଧୁପରିଜନ ଓ ପ୍ରଶାସନିକ ଅଧିକାରୀଙ୍କୁ ନିମନ୍ତ୍ରଣ କରିଛନ୍ତି। ଚଳିତ ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ପଞ୍ଚମୀ ତିଥି ଅର୍ଥାତ ଆସନ୍ତା ଶନିବାର ଦିନ ବିବାହ ବନ୍ଧନରେ ବାନ୍ଧି ହେବେ ଦେବଦମ୍ପତି। ବିବାହ ଉତ୍ସବର ମୁଖ୍ୟ ଆକର୍ଷଣ ବରାନୁଗମନ ଶୋଭାଯାତ୍ରାରେ ଚଳାତବର୍ଷ ଅଘୋରୀ ନୃତ୍ୟ ସହ ବ୍ରହ୍ମପୁର ଯୋଡିଶଙ୍ଖ ସହ ଢେଙ୍କାନାଳର ଦୁଲୁଦୁଲି ବାଦ୍ୟ, ଶ୍ରୀକ୍ଷେତ୍ର ପୁରୀର ସାହିମେଢ ନୃତ୍ୟ, କେନ୍ଦୁଝରର କଳସ ନୃତ୍ୟ ଆଦି ଅଧିକାଂଶ ଜିଲ୍ଲାର ସଂକିର୍ତନ ମଣ୍ଡଳୀ ଯୋଗ ଦେବେ। ବାଜା, ବାଣ ରୋଷଣୀରେ ପ୍ରକମ୍ପିତ ହେବ ସମଗ୍ର ପୀଠ।




ଏଥିପାଇଁ ସମସ୍ତ ବାଦ୍ୟକାର ଓ ନୃତ୍ୟ ଦଳଙ୍କୁ ବଇନା ଦିଆଯାଇଥିବା ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇ କହିଛନ୍ତି। ଆସନ୍ତା ଶୁକ୍ରବାର ଦେବଦମ୍ପତିଙ୍କ ମଙ୍ଗଳକୃତ୍ୟ ଅନୁଷ୍ଠିତ ହେବା ସହ ଶନିବାର ସକାଳ ୧୦ଟାରେ ବରଧରାଗମନ ଶୋଭାଯାତ୍ରା ଅନୁଷ୍ଠିତ ହେବ। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

## ଦୋକାନୀଙ୍କୁ ମାଡ଼ ମାରିବା ଘଟଣା: ୨ ଗିରଫ

**କବାଟବନ୍ଧ,୨୮।୫(ସମିସ):** ଜଣେ ଦୋକାନୀକୁ ମାଡ଼ ମାରି ଦୋକାନ ଜିନିଷପତ୍ର ଭଙ୍ଗାରୁଜା ସହିତ ଟଙ୍କା ନେଇଯାଇଥିବା ଘଟଣାର ୩ ମାସ ପରେ ଜେନାପୁର ପୁଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇ ଯୁବକ ଜେନାପୁର ଥାନା ଅନ୍ତର୍ଗତ ମର୍ଜିତାପୁର ଗ୍ରାମର ବଙ୍କୁ ମଲିକଙ୍କ ପୁଅ ଦୀପକ ମଲିକ (୨୫) ଏବଂ ସୁବାସ ମଲିକଙ୍କ ପୁଅ ସାନୁ ମଲିକ ବୋଲି ପୁଲିସ ସୂଚନା ଦେଇଛି। ସୂଚନା ମୁତାବକ ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧିନ ରାଇଛନ୍ଦା ପଞ୍ଚାୟତ ବାରକଣା ଗ୍ରାମର ପଦନ ରାଉତଙ୍କ ପୁଅ ରବୀନ୍ଦ୍ର ରାଉତଙ୍କୁ ମାଡ଼ ମାରି ତାଙ୍କ ଦୋକାନକୁ ଭଙ୍ଗାରୁଜା କରିବା ସହିତ ନଗଦ ଟଙ୍କା ନେଇଯାଇଥିବା ଦୋକାନୀ ଜଣଙ୍କ ଜେନାପୁର ଥାନା ରେ ଲିଖିତ ଅଭିଯୋଗ କରିଥିଲେ। ରବୀନ୍ଦ୍ର ଙ୍କ ଅଭିଯୋଗ ମୁତାବକ ଚଣ୍ଡିଖୋଲ-ଡୁବୁରୀ ୫୩ ନମ୍ବର ଜାତୀୟ ରାଜପଥର ବଳରାମପୁର ଛକ ପେଟ୍ରୋଲ ପମ୍ପ ନିକଟରେ ଏକ ଦୋକାନ କରି ନିଜର ବ୍ୟବସାୟ କରନ୍ତି। ଗତ ଫେବୃଆରୀ ମାସ ୧୮ ତାରିଖ ବିଳମ୍ବିତ ରାତିରେ ଉକ୍ତ ଯୁବକ ମାନେ ଦୋକାନ ଭିତରେ ପଶି ଦୋକାନ ଶୋ'କେସ, ଫ୍ରିଜର, ଥଣ୍ଡା ବୋତଲ ସହିତ ୧୦ଟା ଟ୍ରେ ସହିତ ୬ ହଜାର ଟଙ୍କା ଚୋରି କରିବା ସହିତ ତାକୁ ମାଡ଼ ମାରି ଇଟାରେ ମଧ୍ୟ ବାଡେଇ ବିଭିନ୍ନ ଜିନିଷପତ୍ର ଭଙ୍ଗାରୁଜା କରିଥିଲେ। ଏହା ପରେ ଦୋକାନୀ ରବୀନ୍ଦ୍ର କୁ ମାରିବା ପାଇଁ ଥଣ୍ଡା ବୋତଲ ଭାଙ୍ଗିବାରୁ ରବିନ୍ଦ୍ର ଜୀବନ ବିକଳେ ପେଟ୍ରୋଲ ପମ୍ପ ଭିତରକୁ ଦୌଡ଼ି ପଳାଇ ଯାଇଥିଲେ। ସେହି ସମୟରେ ସେଠାରେ କିଛି ଗାଡ଼ି ଚାଳକ ଆସି ଯିବାରୁ ଦୁର୍ବୃତ୍ତ ମାନେ ପଳାଇ ଯାଇଥିଲେ। ଖବର ପାଇ ଜେନାପୁର ଥାନା ସବ ଇନ୍ସପେକ୍ଟର ରଞ୍ଜନ କୁମାର ବେହେରା ଘଟଣା ସ୍ଥଳରେ ପହଞ୍ଚି ଥିଲେ। ଏ ସଂକ୍ରାନ୍ତରେ ରବୀନ୍ଦ୍ର ଜେନାପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପଲିସ କେସ ନମ୍ବର ୬୬/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ବୁଧବାର ଉଭୟ ଦୀପକ ଏବଂ ସାନୁଙ୍କୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରିଣୀ ନିରୂପମା ଜେନା ସୂଚନା ଦେଇଛନ୍ତି।

## ଶ୍ରଦ୍ଧାଞ୍ଜଳି ସଭା ଓ କବିତା ପାଠୋତ୍ସବ



**କଁଯାଗୋଲା,୨୮।୫(ସମିସ):** ଦଶରଥପୁର ବ୍ଲକ ପାଳଟପୁର ପଞ୍ଚାୟତ ଅନ୍ତର୍ଗତ କଣ୍ଟିବାଙ୍କ (ପାଳଟପୁର) ଗ୍ରାମର ବରିଷ୍ଠ ସାହିତ୍ୟିକ ତଥା ଅଭିଯାନ ପତ୍ରିକାର ସମ୍ପାଦକ ଶମ୍ଭୁନାଥ ଦାସଙ୍କର ମାଆ ଦୁଲିଲତା ଦାସଙ୍କର ଏକାଦଶାହ ଉପଲକ୍ଷେ ଆଜି ଏକ ଶ୍ରଦ୍ଧାଞ୍ଜଳି ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ତଥା ସାହିତ୍ୟିକ ପଦ୍ମାକର ଗୁରୁଙ୍କ ସଭାପତିତ୍ୱରେ ସମସ୍ତ କବି ମାଆ ଶୀର୍ଷକ ଉପରେ ନିଜସ୍ୱ କବିତା ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ କବି ଶୁଭେନ୍ଦୁ ମହାପାତ୍ର, ନାରାୟଣ ଚନ୍ଦ୍ର ଦାସ, ଶିଶିର ପଣ୍ଡା, ଯଯାତି ସାହୁ, ରାମଚନ୍ଦ୍ର ଦାଶ, ଶିଶୁ ସାହିତ୍ୟିକ ଧୀରେନ୍ଦ୍ର ମଲ୍ଲିକ, ହରିଶ ଚନ୍ଦ୍ର ପଣ୍ଡା, ପ୍ରଦୀପ୍ତ କୁମାର ଦାସ, ସୁବ୍ରତ ମଲ୍ଲିକ, ଜିତେନ୍ଦ୍ର ବେହେରା, ପ୍ରଭାତ ମଲ୍ଲିକ, କବି ଅନନ୍ତ ସ୍ମୃତି ପାଠାଗାର ଓ ସାଂସ୍କୃତିକ ପରିଷଦର ସମ୍ପାଦକ ସସିକାନ୍ତ ନାୟକ, ଶିକ୍ଷକ ଜ୍ଞାନରଞ୍ଜନ ତ୍ରିପାଠୀ, ଦୁର୍ଯୋଧନ ସାମଲ, ଅକ୍ଷୟ ମଲ୍ଲିକ, ଚନ୍ଦ୍ରଶେଖର ସାହୁ, ନିରାକାର ଦାସ, ବିକ୍ରମ ଦାସ, ଆନନ୍ଦ ଚନ୍ଦ୍ର ଦାସଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ଶମ୍ଭୁନାଥ ଦାସ ଓ କାଶୀନାଥ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କଲରଙ୍ଗି କ୍ରୋମାଇଟ୍ ମାଇନ୍ସରୁ ଚୋରି

**କୁହିକା,୨୮।୫(ସମିସ):** ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା କଲରଙ୍ଗି କ୍ରୋମାଇଟ ମାଇନ୍ସ ଖଣିରୁ ବେଲଗାମ ଭାବେ କ୍ରୋମାଇଟ ଚୋରା ଚାଲାଣ କରାଯାଉଥିବା ଜଣା ପଡିଛି। କଲରଙ୍ଗୀ ଭୀମ ଟାଙ୍ଗର ଖଣିରୁ କ୍ରୋମାଇଟ ଉତ୍ତୋଳନ ସହ ଚୋରା ଚାଲାଣ ବେଳେ ସୁକିନ୍ଦା କାଳିଆପାଣି ବନ ବିଭାଗ ଦୁଇଟି ଗାଡିକୁ ଅଟକ ରଖି ଥିବା ସୂଚନା ମିଳିଛି। ଓଆର ୦୪ ପି ୧୦୧୫ ନମ୍ବର ବିଶିଷ୍ଟ ଏକ ଦଶ ଚକିଆ ହାଇୱା ସହ ଓଡି୦୫ବି ଜେଡ ୧୬୭୮ ଜେସିବି ମେସିନକୁ ବନବିଭାଗ ଜବତ କରିଛି। କିନ୍ତୁ କ୍ରୋମାଇଟ ଉତ୍ତୋଳନ କରି ଚୋରାଚାଲାଣ କରୁଥିବା ବ୍ୟକ୍ତି ବିଶେଷ ଘଟଣା ସ୍ଥଳରୁ କୌଶଳ କ୍ରମେ ଖସି ଯାଇଥିବା ସୂଚନା ମିଳିଛି। ଚୋରା କ୍ରୋମାଇଟ ଚାଲାଣ ରାକେଟ ଖଣି ଉପତ୍ୟାକା କାଳିଆପାଣି ଅଞ୍ଚଳରେ ସକ୍ରିୟ ଥିବା ଶୁଣିବାକୁ ମିଳୁଛି। ଜିଲ୍ଲା ପ୍ରଶାସନ ଯାଜପୁର ଡିଡିଏମ୍‌ଙ୍କୁ ଚକମା ଦେଇ କ୍ରମାଇଟ ମାଫିଆ ଏହି ଲୁଟତ ରାଜ କରୁଥିବା ଅଭିଯୋଗ ହେଉଛି।

## ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

**ବରୀ,୨୮।୫(ସମିସ):** ବରୀ ପଞ୍ଚାୟତ ବାଗଦା ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଅଭୟ କୁମାର ମହାନ୍ତି (୭୫)ଙ୍କର କଟକର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ସେ ବରୀ ଉପ ନିବନ୍ଧକ କାର୍ଯ୍ୟାଳୟରେ ଅଫିସର ଭାବେ କାର୍ଯ୍ୟ କରିବାପରେ ଅବସର ଗ୍ରହଣ କରିଥିଲେ। ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ପୁଅ ବୋହୂ, ଝିଅ, ନାତି ଓ ନାତୁଣୀମାନେ ଉପସ୍ଥିତ ଥିଲେ। ସ୍ୱର୍ଗତ ମହାନ୍ତିଙ୍କର ମୃତ୍ୟୁଖବର ଜଣାପଡ଼ିବା ପରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା। ମରଶରୀରକୁ ତାଙ୍କ ଗ୍ରାମ ବାଗଦା (ଦୁଧେଇ) ରେ ଥିବା ତାଙ୍କ ପୈତୃକ ଘରକୁ ଅଣାଯିବା ପରେ ସେଠାରେ କିଛି ସମୟ ଆତ୍ମୀୟ ସ୍ୱଜନଙ୍କ ଶେଷ ଦର୍ଶନ କରିବା ପରେ ପୁରୀ ସ୍ୱର୍ଗଦ୍ୱାରକୁ ନିଆଯାଇ ସେଠାରେ ଅନ୍ତିମ ସଂସ୍କାର କରାଯାଇଥିଲା।

## ଗ୍ରାମ୍ୟ ରାସ୍ତାରେ ପାଣି



**ବାରିକପୁର,୨୮।୫(ସମିସ):** ଲଘୁଚାପ ଜନିତ କାରଣରୁ ଗତ ୨ଦିନ ଧରି ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ ଝିପିଝିପି ବର୍ଷା ଲାଗି ରହିଛି। ସକାଳ ଠାରୁ ସନ୍ଧ୍ୟା ଯାଏଁ କ୍ରମାନ୍ୱୟରେ ବ୍ଲକ ର ବିଭିନ୍ନ ସ୍ଥାନରେ ବର୍ଷା ହେଉଥିବା ଜଣାଯାଇଛି। ଫଳରେ ବିଭିନ୍ନ ଗ୍ରାମ୍ୟ ରାସ୍ତା ଉପରେ ପ୍ରଚୁର ପରିମାଣରେ ପାଣି ଜମିଥିବା ଦେଖିବାକୁ ମିଳିଛି। ବ୍ଲକ ଅଧୀନସ୍ଥ ମାଳଦା, ରହଣିଆ, ରାଜେନ୍ଦ୍ର ପୁର, ପାଟୁଳି, ବିଷ୍ଣୁପୁର, ଜଳହରି, ରାଢୋ, ନପଙ୍ଗ, ଆଖୁଆପଦା, କୁଲଣା, ରଣଜିତ୍, ସରସଦା, କୋରିଗାଁ, ମଣୀନାଥପୁର, ପୁରିପଡା, ନେରଡା ପ୍ରମୁଖ ଗାଁ ରାସ୍ତାରେ ବର୍ଷା ପାଣି ଠିଆ ହୋଇ ରହିଛି। ସେମିତି ବଡ ଧରଣର ବର୍ଷା ହୋଇନଥିବା ବେଳେ ଡ୍ରେନେଜ ସମସ୍ୟା ଥିବା କାରଣରୁ ପାଣି ନିଷ୍କାସନ ହେଉନଥିବା ଜଣାପଡିଛି। ଫଳରେ ଗ୍ରାମବାସୀମାନଙ୍କ ଯାତାୟାତ ପାଇଁ ଘୋର ଅସୁବିଧା ସୃଷ୍ଟି ହେଉଛି। ଏପରିକି କେତେକ ଖାଲୁଆ ସ୍ଥାନରେ ବର୍ଷା ଜଳ ଜମିଥିବା ଯୋଗୁଁ ସାଇକେଲ ଓ ମୋଟର ସାଇକେଲ ଆରୋହୀ ମାନେ ଯାତାୟାତ ପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗକୁ ବର୍ଷା ଲାଗି ରହିଲେ ସମସ୍ୟା ଦ୍ୱିଗୁଣିତ ହୋଇଯିବ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି।

## ରାସ୍ତା ଉପରେ ବିପଦ ସଙ୍କୁଳ ଟ୍ରାନ୍ସଫର୍ମର



**ମଞ୍ଜୁରୀ ରୋଡ,୨୮।୫(ସମିସ):** ଭଣ୍ଡାରିପୋଖରୀ ବ୍ଲକ ଜୋରାଗଡିଆ ସୀମିଳିଆ ଗ୍ରାମ୍ୟ ଉନ୍ନୟନ ରାସ୍ତା ଉପରେ କିଛି ବିଦ୍ୟୁତ୍ ଖୁଣ୍ଟ ରହିଛି। ଏପରିକି ବିଦ୍ୟୁତ୍ ଖୁଣ୍ଟରେ ଟ୍ରାନ୍ସଫର୍ମର ବସିଥିବା ବେଳେ ସେଥିରେ ୧୧କେଭି ଲାଇନ ସଂଯୋଗ ରହିଛି। ଉକ୍ତ ଟ୍ରାନ୍ସଫର୍ମରରୁ ଉପଭୋକ୍ତାଙ୍କୁ ବିଦ୍ୟୁତ୍ ସେବାଯୋଗାଯାଉଥିବାବେଳେ ଏହାର ସୁରକ୍ଷା ପ୍ରତି କେହି ଦୃଷ୍ଟି ଦେଇନାହାନ୍ତି। ବିଦ୍ୟୁତ୍ ଖୁଣ୍ଟ ସମ୍ପୂର୍ଣ୍ଣ ରାସ୍ତା ଉପରେ ରହିଥିବାବେଳେ ପଥଚାରୀଙ୍କ ପାଇଁ ଏହା କେତେବେଳେ ଯେ ବିପଦ ଆଣିବ କହି ହେଉନାହିଁ। ତେଣୁ ଏହା ଉପରେ ବିଭାଗୀୟ ଯନ୍ତ୍ରୀ ଦୃଷ୍ଟି ଦେବା ଜରୁରୀ ହୋଇଛି। କେବଳ ଉକ୍ତ ସ୍ଥାନ ନୁହେଁ ଅନେକ ଜାଗାରେ ମଧ୍ୟ ଏଭଳି ବିପଦ ସଙ୍କୁଳ ଭାବେ ବିଦ୍ୟୁତ୍ ସରବରାହ ହେଉଥିବା ଜଣାପଡ଼ିଛି।

## ଉପକାରାଗାର ଅନ୍ତେବାସୀଙ୍କୁ ଦକ୍ଷତା ବିକାଶ ତାଲିମ୍

ରଗଡି,୨୮।୫(ସମିସ)

ସ୍ଥାନୀୟ ରଗଡ଼ି ସ୍ଥିତ ଉପକାରାଗାରର ଅନ୍ତେବାସୀମାନଙ୍କୁ ଗାଇ, ମଇଁଷି ଓ ଛେଳି ଚାଷ ସହିତ ଜିଆ ଖତ ଉତ୍ପାଦନ ଓ ପ୍ରସ୍ତୁତି ପ୍ରଣାଳୀ ସମ୍ବନ୍ଧୀୟ ଏକ ୧୦ ଦିନିଆ ଦକ୍ଷତା ବିକାଶ ତାଲିମ୍ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଏହି ତାଲିମ୍ କାର୍ଯ୍ୟକ୍ରମ ୨୮ ତାରିଖରୁ ଆରମ୍ଭ ହୋଇ ଆସନ୍ତା ଜୁନ ୬ ତାରିଖରେ ସମାପ୍ତ ହେବ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ସୁଶାନ୍ତ କୁମାର ନାଏକ, ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ପ୍ରଭାତ କୁମାର ବସ୍ତୀ, କାରାପାଳ ତଥା ଅଧିକ୍ଷକ ସୋମାଞ୍ଜଳି ପ୍ରଧାନ, ମୁଖ୍ୟମନ୍ତ୍ରୀ ଦକ୍ଷତା



ବିକାଶ କର୍ମଚାରୀ ରାକେଶ କୁମାର ନାୟକ ଏବଂ ମୁଖ୍ୟ ପ୍ରଶିକ୍ଷକ, ଷ୍ଟେଟ ବ୍ୟାଙ୍କ୍ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ପ୍ରସନ୍ନ କୁମାର ରାଉତ ଏବଂ କାରାଗାରର ଅନ୍ୟ କର୍ମଚାରୀଙ୍କ ଉପସ୍ଥିତିରେ ଶୁଭାରମ୍ଭ କରାଯାଇଥିଲା। ଏହି ସ୍ୱଳ୍ପ ଅବଧିର ତାଲିମ୍ କାର୍ଯ୍ୟକ୍ରମରେ ଚୟନ କରାଯାଇଥିବା ଉପକାରାଗାରର ଅନ୍ତେବାସୀମାନଙ୍କୁ ଷ୍ଟେଟବ୍ୟାଙ୍କ୍ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଦ୍ୱାରା ସ୍ୱତନ୍ତ୍ର ପ୍ରଶିକ୍ଷକଙ୍କ ମାଧ୍ୟମରେ ତାଲିମ୍ ପ୍ରଦାନ କରାଯିବ। ତାଲିମ୍ ବାବଦର ସମସ୍ତ ଖର୍ଚ୍ଚ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଦ୍ୱାରା ପ୍ରଦାନ କରାଯିବ। ତାଲିମ୍ ସମାପ୍ତ ପରେ ତାଲିମ୍‌ପ୍ରାପ୍ତ ସମସ୍ତ ଅନ୍ତେବାସୀମାନଙ୍କୁ ଷ୍ଟେଟବ୍ୟାଙ୍କ୍ ପ୍ରମାଣ ପତ୍ର ସହିତ ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମାଣ ପତ୍ର ମଧ୍ୟ ପ୍ରଦାନ କରାଯିବ।

## ବୁଲା ଗୋରୁଙ୍କ ଯୋଗୁଁ ଦୁର୍ଘଟଣା



**ବନ୍ତ/ଆଗରପଡ଼ା,୨୮।୫(ସମିସ):** ଆଗରପଡ଼ା ଅଞ୍ଚଳରେ କ୍ରମଶଃ ବୁଲା ଗୋରୁ ଗାଇଙ୍କ ଯୋଗୁଁ ସଡ଼କ ଦୁର୍ଘଟଣା ବୃଦ୍ଧି ପାଉଥିବାର ଜଣାପଡ଼ିଛି। ସ୍ଥାନୀୟ କାଣ୍ଡବା ସାଳନ୍ଦୀ ସେତୁ ଉପରେ ସଂଖ୍ୟାଧିକ ଗୋରୁ ଗାଇମାନେ ଦିନରାତି ଆଡ୍ଡା ଜମାଉଥିବାରୁ ଯାନବାହାନ ଚଳାଚଳରେ ବ୍ୟାଘାତ ସୃଷ୍ଟି ହେବା ସହ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଛି। ଗୋରୁ ଗାଇମାନେ ରାସ୍ତା ଅବରୋଧ କରି ଠିଆ ହେଉଥିବାରୁ ବାଇକ୍ ଧକ୍କା ହୋଇ ଆରୋହୀମାନେ କ୍ଷତ ବିକ୍ଷତ ହେବା ସହ ୪ ଚକିଆ ଯାନ ଧକ୍କାରେ ଗୋରୁ ଗାଇମାନେ ଆହତ ହେଉଛନ୍ତି। ଆମ୍ବୁଲାନ୍ସ ଓ ଦମକଳ ପରି ଅତି ଜରୁରୀ ଗାଡ଼ି ଗୁଡ଼ିକ ଏହି ଗୋରୁ ଗାଇଙ୍କ ରାସ୍ତା ଅବରୋଧ କରି ରହିବା ଫଳରେ ଯାଆଆସ କରିବାରେ ଅହେତୁକ ବିଳମ୍ବ ଘଟୁଛି। ଯେତେ ହର୍ଣ୍ଣ ବଜାଇଲେ ସୁଦ୍ଧା ସେମାନେ ରାସ୍ତାରୁ ଘୁଞ୍ଚିବା କାଠିକର ପାଠ ହୋଇ ପଡୁଛି। ମାଲିକମାନେ ଗୋରୁଗାଇମାନଙ୍କୁ ଗୁହାଳରେ ନ ବାନ୍ଧି ବେପରୁଆ ଢଙ୍ଗରେ ଏମାନଙ୍କୁ ଛାଡ଼ି ଦେଉଛନ୍ତି। ଏଥିଯୋଗୁଁ ଦୁର୍ଘଟଣାମାନ ଘଟୁଥିଲେ ସୁଦ୍ଧା ସେଥିପ୍ରତି ତାଙ୍କର କୌଣସି ନିଘା ରହୁନାହିଁ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଏଆଇ ଚିହ୍ନିବ ଥାଇରଏଡ୍ ରୋଗ




ଭୁବନେଶ୍ୱର, ୨୮।୫ (ସମିସ): ଦିନକୁ ଦିନ ବୃଦ୍ଧି ପାଉଛି ଥାଇରଏଡ୍ ରୋଗୀଙ୍କ ସଂଖ୍ୟା। ଶୀଘ୍ର ଏହି ରୋଗର ଚିହ୍ନଟ ନହେଲେ, ଏହା ବିପଜ୍ଜନକ ସାବ୍ୟସ୍ତ ହୋଇଥାଏ। ତେବେ ଏହି ରୋଗର ପ୍ରାରମ୍ଭିକ ନିର୍ଣ୍ଣୟରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଛନ୍ତି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ।

ଭୁବନେଶ୍ୱର ଏମ୍ସରେ ବିଶ୍ୱ ଥାଇରଏଡ୍ ଦିବସ ଭାବେ ପାଳନ ଅବସରରେ ଡ. ବିଶ୍ୱାସ ଆହୁରି କହିଛନ୍ତି ଯେ ଥାଇରଏଡ୍ ରୋଗର ପ୍ରାରମ୍ଭିକ ନିର୍ଣ୍ଣୟ ଏବଂ ପରିଚାଳନାକୁ ପରିବର୍ତ୍ତନ କରିବାକୁ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଉପଯୋଗ ନିମନ୍ତେ ବ୍ୟବସ୍ଥା ହେଉଛି। ଏ.ଆଇ ମାଧ୍ୟମରେ ଏହି ରୋଗର ଚିହ୍ନଟ ସହ ବ୍ୟକ୍ତିକେନ୍ଦ୍ରିକ ଔଷଧ ଏବଂ ଚିକିତ୍ସା ପ୍ରଦାନ କରାଯାଇପାରିବ। ବିଶେଷକରି, ଦେଶର ପ୍ରାୟ ୧୦ଜଣ ବୟସ୍କଙ୍କ ମଧ୍ୟରୁ ଜଣଙ୍କୁ ପ୍ରଭାବିତ କରୁଥିବା ହାଇପୋଥାଇରଏଡିଜମ୍‌ର ନିରାକରଣ କ୍ଷେତ୍ରରେ ଏହା ସହାୟକ ହେବ ବୋଲି ବିଶିଷ୍ଟ ସଂକ୍ରମଣ ରୋଗ ବିଶେଷଜ୍ଞ ସେ ପ୍ରକାଶ କରିଛନ୍ତି। ଏଆଇ ଥାଇରଏଡ୍‌ର ପ୍ରାରମ୍ଭିକ ନିର୍ଣ୍ଣୟରେ ସାହାଯ୍ୟ କରିବ, ରୋଗର ଅଗ୍ରଗତିକୁ ଅନୁସରଣ କରିବ ଓ ଫଳାଫଳ-ଆଧାରିତ ଔଷଧ ସମ୍ପର୍କରେ ସୂଚନା ଦେବ। ବିଶେଷକରି ଗ୍ରାମାଞ୍ଚଳ ଏବଂ ଅନୁନ୍ନତ ଅଞ୍ଚଳର ରୋଗୀଙ୍କୁ ଲାଭ ଦେବା ନେଇ ଡ. ବିଶ୍ୱାସ ସୂଚନା ପ୍ରଦାନ କରିଛନ୍ତି।

ମେଡିକାଲ୍ ସୁପରିଣ୍ଟେଣ୍ଡେଣ୍ଟ ଡ. ଦିଲ୍ଲୀପ କୁମାର ପରିଡ଼ା, ଡ. କହ୍ନେୟାଲାଲ ଅଗ୍ରୱାଲ ଓ ଅନ୍ୟ ବକ୍ତାମାନେ ପ୍ରାରମ୍ଭିକ ଥାଇରଏଡ୍ ରୋଗ ଚିହ୍ନଟର ଗୁରୁତ୍ୱ ଏବଂ ଏଆଇର ଭୂମିକା ବିଷୟରେ ଜନସାଧାରଣଙ୍କୁ ସଚେତନ କରିଥିଲେ। ଏହି ରୋଗରେ ପୀଡ଼ିତ ହେଲେ, ପ୍ରଜନନ ବୟସ ଗୋଷ୍ଠୀର ରୋଗୀମାନେ ବନ୍ଧ୍ୟାତ୍ୱ, ଋତୁସ୍ରାବ ଅନିୟମିତତା, ଆଳସ୍ୟ, ଦ୍ୱନ୍ଦ୍ୱ, ଉଚ୍ଚ ରକ୍ତଚାପ ଏବଂ ଓଜନ ବୃଦ୍ଧି ଭଳି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି। ବୟସ୍କ ରୋଗୀମାନେ ଶୁଷ୍କ ଚର୍ମ, ଥକ୍କାପଣ, କୋଷ୍ଠକାଠିନ୍ୟ, ହୃଦଘାତ, ଏବଂ ଉଚ୍ଚ ରକ୍ତଚାପ ଭଳି ସମସ୍ୟା ସହିତ ଯୁଝିଥାଆନ୍ତି। ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଏବଂ ଚିକିତ୍ସା ମାଇକ୍ସେଡେମା କୋମା, ପେରିକାର୍ଡିଆଲ୍ ଇଫ୍ୟୁଜନ, ହୃଦଘାତ ଏବଂ ମୃତ୍ୟୁ ଭଳି ଗମ୍ଭୀର ଜଟିଳତାକୁ ରୋକିପାରିବ।

# ଆଇନଜୀବୀ ଗୌତମ ଲେଙ୍କାଙ୍କୁ କାରଣ ଦର୍ଶାଅ ନୋଟିସ୍

■ ପାକିସ୍ତାନ ଜିନ୍ଦାବାଦ ନାରା ଦେଇ ଗିରଫ ହୋଇଛନ୍ତି
■ ଦେଶଦ୍ରୋହ ଅପରାଧରେ ଅନ୍ୟତମ ଅଭିଯୁକ୍ତ

କଟକ, ୨୮।୫ (ସମିସ): ଦେଶଦ୍ରୋହ ଅପରାଧରେ ଚାଉଳିଆଗଞ୍ଜ ପୁଲିସ୍ ଦ୍ୱାରା ଗିରଫ ହୋଇଥିବା ଅଭିଯୁକ୍ତ ଆଇନଜୀବୀ ଗୌତମ ଲେଙ୍କାଙ୍କୁ ରାଜ୍ୟ ଆଇନଜୀବୀ ପରିଷଦ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି। ଗତ ୧୫ ତାରିଖରେ ଶ୍ରୀ ଲେଙ୍କା ଓ ଅନ୍ୟ ଜଣେ 'ପାକିସ୍ତାନ ଜିନ୍ଦାବାଦ' ନାରା ଦେବା ସହ ଏକ ଭିଡିଓ କ୍ଲିପ୍ ପ୍ରସ୍ତୁତ କରିଥିଲେ ଏବଂ ପରେ ତାହା ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଉକ୍ତ ଘଟଣାରେ ଚାଉଳିଆଗଞ୍ଜ ଥାନା ଅଧିକାରୀଙ୍କ ଏତଲାକ୍ରମେ ଦୁଇ ଅଭିଯୁକ୍ତଙ୍କ ବିରୁଦ୍ଧରେ ଚାଉଳିଆଗଞ୍ଜ ଥାନାରେ ଦେଶଦ୍ରୋହ ଅପରାଧରେ ଏକ ମାମଲା ରୁଜୁ କରାଯିବା ସହ ଉଭୟଙ୍କୁ ଗିରଫ କରାଯାଇଥିଲା। ଏହି ଘଟଣାକୁ ଗମ୍ଭୀରତାର ସହ ବିଚାରକୁ ନେଇ ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ ତ୍ୱରିତ କାର୍ଯ୍ୟାନୁଷ୍ଠାନପୂର୍ବକ ଆଇନଜୀବୀ ଶ୍ରୀ ଲେଙ୍କାଙ୍କୁ ନୋଟିସ୍ ଜାରି କରିଛି। ଆଇନଜୀବୀ ଅଧିନିୟମର ଧାରା ୩୫ ଅନୁଯାୟୀ ତାଙ୍କ ବିରୁଦ୍ଧରେ କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ, ସେଥିପାଇଁ ନୋଟିସ୍ ଜାରି କରାଯାଇଛି। ୨୧ଦିନ ମଧ୍ୟରେ ସନ୍ତୋଷଜନକ ଉତ୍ତର ନ ମିଳିଲେ, ନିୟମ ଅନୁସାରେ ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପାଇଁ ଏହି ନୋଟିସ୍‌ରେ ଉଲ୍ଲେଖ କରାଯାଇଛି।

# ଆଇସିଏମ୍ଏଆଇ ପକ୍ଷରୁ ସୋଆ ପ୍ରତିଷ୍ଠାତା ସଭାପତି ସମ୍ବର୍ଦ୍ଧିତ



ଭୁବନେଶ୍ୱର, ୨୮।୫ (ସମିସ): ଦେଶରେ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ପ୍ରତିଷ୍ଠାତା ସଭାପତି ପ୍ରଫେସର୍ ଡ. ମନୋଜ ରଞ୍ଜନ ନାୟକଙ୍କୁ ଇନଷ୍ଟିଚ୍ୟୁଟ୍ ଅଫ୍ କଷ୍ଟ ଆଣ୍ଡ ମ୍ୟାନେଜେମେଣ୍ଟ ଆକାଉଣ୍ଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏମ୍ଏଆଇ) ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଆଇସିଏମ୍ଏଆଇ ଭୁବନେଶ୍ୱର ପକ୍ଷରୁ ଏହାର ବରିଷ୍ଠ ଅଧିକାରୀ ହେମନ୍ତ କୁମାର ବିଶ୍ୱାଳ ସୋଆ ବିଶ୍ୱବିଦ୍ୟାଳୟ କାର୍ଯ୍ୟାଳୟରେ ପ୍ରଫେସର୍ ନାୟକଙ୍କୁ ସାକ୍ଷାତ କରିବା ସହ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷା କ୍ଷେତ୍ରରେ ଅଭୂତପୂର୍ବ ଅବଦାନ ନିମନ୍ତେ ସୋଆ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରିଛି। ସେହିଭଳି ଶ୍ରୀ ନାୟକଙ୍କ ଔଦ୍ୟୋଗିକତା ଯାତ୍ରା ଏବଂ ସମାଜ ପ୍ରତି କିଛି କରିବାର ପ୍ରତିବଦ୍ଧତା ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି ବୋଲି ଆଇସିଏମ୍ଏଆଇ ପକ୍ଷରୁ ପ୍ରଶଂସା କରାଯାଇଛି।

# ଅଚ୍ୟୁତ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍




ଭୁବନେଶ୍ୱର, ୨୮।୫(ସମିସ): ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଅରୁଣାଚଳପ୍ରଦେଶର ଇଟାନଗରସ୍ଥିତ ହିମାଳୟାନ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଛି। ବୁଧବାର ଅନୁଷ୍ଠିତ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ସମାରୋହରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏହା ହେଉଛି ଶ୍ରୀ ସାମନ୍ତଙ୍କ ୬୭ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଥିପାଇଁ ହିମାଳୟାନ ବିଶ୍ୱବିଦ୍ୟାଳୟର ଏକାଡେମିକ୍ ପରିଷଦ ଏବଂ ପରିଚାଳନା ବୋର୍ଡ ଶ୍ରୀ ସାମନ୍ତଙ୍କ ନାମ ସୁପାରିସ୍ କରିଥିଲେ ଏବଂ ସର୍ବସମ୍ମତିକ୍ରମେ ଶ୍ରୀ ସମନ୍ତଙ୍କୁ ସମ୍ମାନଜନକ ଡକ୍ଟର ଅଫ୍ ଲେଟର୍ସ ଡିଗ୍ରୀ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। କାର୍ଯ୍ୟକ୍ରମରେ ଅରୁଣାଚଳପ୍ରଦେଶର ଶିକ୍ଷା, ଗ୍ରାମୀଣ ନିର୍ମାଣ, ସଂସଦୀୟ ବ୍ୟାପାର, ପର୍ଯ୍ୟଟନ ଏବଂ ପାଠାଗାର ବିଭାଗ ମନ୍ତ୍ରୀ ପାସାଙ୍ଗ ଦୋର୍ଜୀ ସୋନା, ବିଶ୍ୱବିଦ୍ୟାଳୟର ଅଧ୍ୟକ୍ଷ ହେମନ୍ତ ଗୋଏଲ, କୁଳପତି ପ୍ରଫେସର୍ ପ୍ରକାଶ ଦିବାକରନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ଆର୍‌ଟିଇ ନାମଲେଖା ପାଇଁ ଚୟନ ହେଲେ ୪୦୮୩ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୮।୫(ସମିସ): ଶିକ୍ଷା ଅଧିକାର ଆଇନ(ଆର୍‌ଟିଇ) ରେ ନାମଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ୪୦୮୩ଜଣ ଛାତ୍ରଛାତ୍ରୀ ଚୟନ ହୋଇଛନ୍ତି। ସମୁଦାୟ ୬୧୪୬ ପିଲା ଆବେଦନ କରିଥିବା ବେଳେ ୪୯୪୩ଜଣଙ୍କ ଆବେଦନକୁ ଯୋଗ୍ୟ ବିବେଚିତ କରାଯାଇଛି। କେନ୍ଦ୍ରୀୟ ଲଟେରି ମାଧ୍ୟମରେ ୪୦୮୩ ପିଲାଙ୍କୁ ନାମଲେଖା ପାଇଁ ସିଟ୍ ମିଳିଥିବା ବେଳେ ୮୬୦ ଜଣଙ୍କୁ ସିଟ୍ ଆଲର୍ଟ କରାଯାଇନାହିଁ। ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚୟନ ହୋଇଥିବା ଛାତ୍ରଛାତ୍ରୀଙ୍କ ତାଲିକା ସମ୍ପୃକ୍ତ ଘରୋଇ ବିଦ୍ୟାଳୟକୁ ବ୍ଲକ୍ ଶିକ୍ଷା ଅଧିକାରୀ (ବିଇଓ) ମାନେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଘରୋଇ ଶିକ୍ଷାନୁଷ୍ଠାନରେ ବୁଧବାରଠାରୁ ଜୁନ୍ ୧୦ ତାରିଖ ମଧ୍ୟରେ ଛାତ୍ରଛାତ୍ରୀମାନେ ନାମ ଲେଖାଇପାରିବେ। ନାମଲେଖା ପ୍ରକ୍ରିୟା ସମ୍ପୂର୍ଣ୍ଣ ନିଃଶୁଳ୍କ। କୌଣସି ଘରୋଇ ବିଦ୍ୟାଳୟ ଅଭିଭାବକଙ୍କଠାରୁ ଅର୍ଥ ଦାବି କରିପାରିବେ ନାହିଁ। କୌଣସି ଅଭିଯୋଗ ଥିଲେ, ଟୋଲ୍-ଫ୍ରି ନମ୍ବର ୧୮୦୦୩୪୫୬୭୭୨ରେ ଅଭିଯୋଗ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାପାତ୍ର ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଆର୍‌ଟିଇରେ ନାମଲେଖା ପାଇଁ ଚଳିତବର୍ଷ ସମୁଦାୟ ୫୦,୩୯୫ଟି ସିଟ୍ ରହିଛି। ପ୍ରଥମ ପର୍ଯ୍ୟାୟରେ ୨୧,୮୪୩ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ଚୟନ ହୋଇଥିଲେ। ଉଭୟ ପର୍ଯ୍ୟାୟରେ ମୋଟ୍ ୨୫,୯୨୬ ପିଲାଙ୍କୁ ନାମଲେଖା ପାଇଁ ସିଟ୍ ଆଲର୍ଟ କରାଯାଇଥିବା ବେଳେ ଆଉ ୨୪,୪୬୯ଟି ଆର୍‌ଟିଇ କୋଟା ସିଟ୍ ବଳକା ରହିବ।

# ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ବିଏଡ୍ ପାଇଁ ଆଜିଠୁ ଆବେଦନ

ଭୁବନେଶ୍ୱର,୨୮।୫(ସମିସ): ରାଷ୍ଟ୍ରୀୟ ଶୈକ୍ଷିକ ଗବେଷଣା ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆର୍‌ଟି) ପକ୍ଷରୁ ବିଭିନ୍ନ ଶିକ୍ଷକ ଶିକ୍ଷା କାର୍ଯ୍ୟକ୍ରମ ବା ବିଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଆସନ୍ତାକାଲି ଅର୍ଥାତ୍ ଗୁରୁବାରଠାରୁ ଆବେଦନ ଆରମ୍ଭ ହେବ। ଆଗ୍ରହୀ ଛାତ୍ରଛାତ୍ରୀମାନେ ଜୁନ୍ ୧୭ତାରିଖ ମଧ୍ୟରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ (ଆର୍ଆଇଇ)ର ୱେବସାଇଟ୍‌କୁ ଯାଇ ଆବେଦନ କରିପାରିବେ। ଜୁନ୍ ୨୯ ତାରିଖରେ ଏହାର ପ୍ରବେଶିକା ପରୀକ୍ଷା କମ୍ପ୍ୟୁଟର ବେସଡ୍ ଟେଷ୍ଟ (ସିବିଟି) ମାଧ୍ୟମରେ ଅନୁଷ୍ଠିତ ହେବ। ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନରେ ଚାରି ବର୍ଷିଆ ବିଏ-ବିଇଡି ଓ ବିଏସ୍‌ସି-ବିଇଡି, ଛଅ ବର୍ଷିଆ ଏମ୍ଏସ୍‌ସିଇଡି, ଦୁଇ ବର୍ଷିଆ ବିଇଡି, ତିନିବର୍ଷିଆ ବିଇଡି-ଏମ୍ଇଡି, ଦୁଇବର୍ଷିଆ ଏମ୍ଏ ଓ ଏମ୍ଇଡି ପାଠ୍ୟକ୍ରମ ପାଇଁ ଛାତ୍ରଛାତ୍ରୀମାନେ ନାମ ଲେଖାଇପାରିବେ।

# ଆଜି ଲକ୍ଷପତି ଦିଦି ସମ୍ମିଳନୀ

ଏକାଠି ହେବେ ୨୫ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଲକ୍ଷପତି ଦିଦି

ଭୁବନେଶ୍ୱର, ୨୮।୫(ସମିସ): ଦେଶର ମହିଳା ସ୍ୱୟଂସହାୟକ ଗୋଷ୍ଠୀମାନଙ୍କର ସଫଳତାକୁ ସମର୍ଥନ ଦେବା ସହ ଗ୍ରାମୀଣ ମହିଳା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ମିଶନ ଶକ୍ତି ବିଭାଗ ପକ୍ଷରୁ ଆସନ୍ତାକାଲି ଅର୍ଥାତ୍ ବୁଧବାର "ଲକ୍ଷପତି ଦିଦି ସମ୍ମିଳନୀ-୨୦୨୫' ଆୟୋଜିତ ହେବ। ଲୋକସେବା ଭବନ ସମ୍ମିଳନୀ କକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱୟଂ ସହାୟକ ଗୋଷ୍ଠୀ ଆଧାରିତ ଆର୍ଥିକ କାର୍ଯ୍ୟକଳାପ ଜରିଆରେ ବାର୍ଷିକ ଏକ ଲକ୍ଷ ଟଙ୍କା ବା ତଦୂର୍ଦ୍ଧ୍ୱ ଆୟ କରିଥିବା ଲକ୍ଷପତି ଦିଦିମାନଙ୍କୁ ପ୍ରୋତ୍ସାହନ ଦେବା ସହ ସମ୍ମାନିତ କରିବେ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ୩କୋଟି ଲକ୍ଷପତି ଦିଦିଙ୍କୁ ସଶକ୍ତ କରିବା ଏବଂ ମହିଳା ନେତୃତ୍ୱାଧୀନ ବିକାଶକୁ ପ୍ରୋତ୍ସହନ ଦେବାରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଏହି ସମ୍ମିଳନୀ ସଶକ୍ତ କରିବ। ସେହିପରି, ଅନ୍ୟ ମହିଳାଙ୍କୁ ପ୍ରେରଣା ଦେବା ପାଇଁ ଏହି କାର୍ଯ୍ୟକ୍ରମରେ ସାରା ଭାରତରୁ ଲକ୍ଷପତି ଦିଦିମାନେ ଗୋଟିଏ ଛାତ ତଳେ ଏକାଠି ହୋଇ ସେମାନଙ୍କର ସଫଳତା ଏବଂ ନିରନ୍ତର ଯାତ୍ରାର କାହାଣୀ ବର୍ଣ୍ଣନା କରିବେ। ଜାତୀୟ ସଂହତି ଏବଂ ଜ୍ଞାନ ଆଦାନପ୍ରଦାନର ଏହି ଗୁରୁତ୍ୱପୂର୍ଣ୍ଣ ଅବସରରେ ୨୫ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ଲକ୍ଷପତି ଦିଦିଙ୍କ ସମେତ ସରକାରୀ ଅଧିକାରୀ, ଜାତିସଂଘ ପ୍ରତିଷ୍ଠାନ, ଜାତୀୟ ଗ୍ରାମୀଣ ଜୀବିକା ମିଶନ ଏବଂ ବିଭିନ୍ନ ରାଜ୍ୟ ଜୀବିକା ମିଶନର ଅଧିକାରୀମାନେ ମଧ୍ୟ ଅଂଶଗ୍ରହଣ କରିବେ।

# ପୂର୍ବତନ ସେବି ମୁଖ୍ୟ ମାଧବୀ ପୁରୀ ବୁଚ୍‌ଙ୍କୁ କ୍ଲିନ୍‌ଚିଟ୍

● ସମସ୍ତ ଅଭିଯୋଗକୁ ଲୋକପାଳ ଖାରଜ କଲେ



ନୂଆଦିଲ୍ଲୀ,୨୮।୫(ଏଜେନ୍ସି) :

ପୂର୍ବତନ ଭାରତୀୟ ପ୍ରତିଭୂତି ବିନିମୟ ବୋର୍ଡ (ସେବି) ଅଧକ୍ଷା ମାଧବୀ ପୁରୀ ବୁଚ୍‌ଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ଦୁର୍ନୀତିର ଅଭିଯୋଗଗୁଡ଼ିକର ତଦନ୍ତ କରିବା ପରେ ଲୋକପାଳ ତାଙ୍କୁ କ୍ଲିନ୍ ଚିଟ୍ ଦେଇଛନ୍ତି। ଲୋକପାଳ କହିଛନ୍ତି ଯେ ମାଧବୀଙ୍କ ବିରୋଧରେ ଲଗାଯାଇଥିବା ଅଭିଯୋଗଗୁଡ଼ିକ କେବଳ ଅନୁମାନ ଏବଂ ଧାରଣା ଉପରେ ଆଧାରିତ, ଯାହାର କୌଣସି ଠୋସ୍ ପ୍ରମାଣ ନାହିଁ। ଅଭିଯୋଗଗୁଡ଼ିକରେ ହିଣ୍ଡେନବର୍ଗ ରିସର୍ଚ୍ଚର ରିପୋର୍ଟକୁ ଆଧାର କରାଯାଇଥିଲା, କିନ୍ତୁ ଲୋକପାଳ ଏହାକୁ କାର୍ଯ୍ୟାନୁଷ୍ଠାନ ପାଇଁ ପର୍ଯ୍ୟାପ୍ତ ନୁହେଁ ବୋଲି କହିଥିଲେ।

ମାଧବୀ ପୁରୀ ବୁଚଙ୍କ ବିରୁଦ୍ଧରେ ଅଭିଯୋଗ ୨୦୨୩ରେ ତୃଣମୂଳ କଂଗ୍ରେସ ସାଂସଦ ମହୁଆ ମୋଇତ୍ର ଏବଂ ଅନ୍ୟ ଦୁଇଜଣଙ୍କ ଦ୍ୱାରା ଦାୟର କରାଯାଇଥିଲା। ଏହି ଅଭିଯୋଗଗୁଡ଼ିକରେ ଦର୍ଶାଯାଇଥିଲା ଯେ ବୁଚ୍ ଏବଂ ତାଙ୍କ ସ୍ୱାମୀ କିଛି ଅଫଶୋର ପାଣ୍ଠିରେ ଅଂଶଧନ ରଖିଛନ୍ତି, ଯାହା ଆଦାନୀ ଗ୍ରୁପ୍ ସହିତ ଜଡିତ କଥିତ ପାଣ୍ଠି ସ୍ଥାନାନ୍ତର ସହିତ ଜଡିତ ବୋଲି କୁହାଯାଇଥିଲା। ଏହି ଅଭିଯୋଗଗୁଡ଼ିକ ଆମେରିକୀୟ ଗବେଷଣା ସଂସ୍ଥା ହିଣ୍ଡେନବର୍ଗ ରିସର୍ଚ୍ଚ ଦ୍ୱାରା ୨୦୨୪ ଅଗଷ୍ଟ ୧୦ରେ ପ୍ରକାଶିତ ଏକ ରିପୋର୍ଟ ଉପରେ ଆଧାରିତ ଥିଲା। ବୁଚ୍ ଏବଂ ତାଙ୍କ ସ୍ୱାମୀ ଏହି ଅଭିଯୋଗଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ କରିଥିଲେ ଏବଂ କହିଥିଲେ ଯେ ଏକ ଛୋଟ ଶର୍ଟ ସେଲିଂ ସଂସ୍ଥା ଦେଶର ନିୟାମକ ସଂସ୍ଥାର ବିଶ୍ୱସନୀୟତା ଉପରେ ଆକ୍ରମଣ କରିବାକୁ ଏବଂ ଏହାର ଚରିତ୍ରକୁ ବଦନାମ କରିବାକୁ ଚେଷ୍ଟା କରୁଛି। ଆଦାନୀ ଗ୍ରୁପ୍ ମଧ୍ୟ ଏହି ଅଭିଯୋଗଗୁଡ଼ିକୁ ମିଥ୍ୟା ଏବଂ ଭ୍ରମାତ୍ମକ ବୋଲି କହିଥିଲା।

ବିଚାରପତି ଏଏମ୍ ଖାନୱିଲକରଙ୍କ ଅଧ୍ୟକ୍ଷତାରେ ଲୋକପାଳର ୬ ଜଣିଆ ଖଣ୍ଡପୀଠ ମେ ୨୨ରେ ତାଙ୍କ ଆଦେଶରେ ସ୍ପଷ୍ଟ କରିଥିଲେ ଯେ କରାଯାଇଥିବା ଅଭିଯୋଗଗୁଡ଼ିକ ଅନୁମାନ ଏବଂ ଧାରଣା ଉପରେ ଆଧାରିତ ଏବଂ କୌଣସି ପ୍ରାମାଣିକ ଦସ୍ତାବିଜ ଦ୍ୱାରା ପ୍ରମାଣିତ ନୁହେଁ। ଆଦେଶରେ ଏହା ମଧ୍ୟ କୁହାଯାଇଛି ଯେ ଏହି ଅଭିଯୋଗଗୁଡ଼ିକରେ ଏପରି କୌଣସି ଉପାଦାନ ନାହିଁ ଯାହା ଦୁର୍ନୀତି ନିବାରଣ ଆଇନର ଧାରା ଅନୁଯାୟୀ ତଦନ୍ତ କରିବା ଯୋଗ୍ୟ। ତେଣୁ, ଏହି ଅଭିଯୋଗଗୁଡ଼ିକୁ ଖାରଜ କରାଯାଉଛି।

# ଇଣ୍ଡିଗୋରୁ ଶେୟାର ବିକିଲେ ସହପ୍ରତିଷ୍ଠାତା
# ୧୧,୩୮୫ କୋଟିରେ ବିକିଲେ ୫.୭% ଅଂଶଧନ

ନୂଆଦିଲ୍ଲୀ,୨୮।୫(ଏଜେନ୍ସି): ଇଣ୍ଟରଗ୍ଲୋବ ଆଭିଏସନର ପ୍ରମୋଟର ରାକେଶ ଗଙ୍ଗଓ୍ୱାଲ ଏବଂ ତାଙ୍କ ଫ୍ୟାମିଲି ଟ୍ରଷ୍ଟ, ଇଣ୍ଡିଗୋରେ ଥିବା ଏହାର ୫.୭ ପ୍ରତିଶତ ଅଂଶଧନ ବିକ୍ରି କରିଛି। 'ବ୍ଲକ୍ ଡିଲ୍' ଦ୍ୱାରା ପ୍ରାୟ ୧୧,୩୮୬ କୋଟି ଟଙ୍କାରେ ଏହି ଶେୟାର ବିକ୍ରି ହୋଇଛି। ଜାତୀୟ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ଗଙ୍ଗଓ୍ୱାଲଙ୍କ ବ୍ୟତୀତ ଚିଙ୍କରପୁ ଫ୍ୟାମିଲି ଟ୍ରଷ୍ଟ ଏହି ଶେୟାର ବିକ୍ରି କରିଛି। ଗୋଲ୍ଡମ୍ୟାନ ସାକ୍ସ, ମର୍ଗାନ ଷ୍ଟାନଲି ଏବଂ ଜେପି ମର୍ଗାନ ଭଳି ବଡ଼ ଇନଭେଷ୍ଟମେଣ୍ଟ ବ୍ୟାଙ୍କ ଏହି ଡିଲ୍‌କୁ କାର୍ଯ୍ୟକାରୀ କରିବେ। ସୂଚନାଥାଉକି, ଚିଙ୍କରପୁ ଫ୍ୟାମିଲି ଟ୍ରଷ୍ଟର ଟ୍ରଷ୍ଟି ହେଉଛି ଶୋଭା ଗଙ୍ଗଓ୍ୱାଲ ଏବଂ ଡେଲାଓ୍ୱେୟାରର ଜେପି ମର୍ଗାନ ଟ୍ରଷ୍ଟ କମ୍ପାନି । ପୂର୍ବରୁ ଗଙ୍ଗଓ୍ୱାଲ ଏବଂ ପାରିବାରିକ ଟ୍ରଷ୍ଟ ନିକଟରେ ଇଣ୍ଡିଗୋରେ ପ୍ରାୟ ୧୩.୫ ପ୍ରତିଶତ ଅଂଶଧନ ଥିଲା। ଏହି ବ୍ଲକ୍ ଡିଲ ଅନୁଯାୟ ୫,୧୭୫ ଟଙ୍କା ପ୍ରତି ଶେୟାରର ମୂଲ୍ୟରେ ୨.୨ କୋଟି ଶେୟାର ବିକ୍ରି ହୋଇଛି।

ଏହା ପୂର୍ବରୁ ରାକେଶ ଗଙ୍ଗଓ୍ୱାଲଙ୍କ ଫ୍ୟାମିଲି ଟ୍ରଷ୍ଟ ବିମାନ କମ୍ପାନିରେ ୫.୨୪ ପ୍ରତିଶତ ଅଂଶଧନ ୯, ୫୪୯ କୋଟି ଟଙ୍କାରେ ଅଗଷ୍ଟ ୨୦୨୪ରେ ବିକ୍ରି କରିଥିଲେ। ଏହା ପୂର୍ବରୁ ଗଙ୍ଗଓ୍ୱାଲ ମାର୍ଚ୍ଚରେ ଇଣ୍ଡିଗୋର ଶେୟାର ବିକିଥିଲେ। ସୂଚନାଯୋଗ୍ୟ, ମାର୍କେଟ ଶେୟାର ହିସାବରେ ଇଣ୍ଡିଗୋ ଦେଶର ସବୁଠୁ ବଡ଼ ଏୟାରଲାଇନ। ଭାରତୀୟ ଏୟାରଲାଇନ ମାର୍କେଟରେ କମ୍ପାନିର ଶେୟାର ପ୍ରାୟ ୬୪% ରହିଛି। ୨୦୦୫ରେ ରାହୁଲ ଭାଟିଆ ଏବଂ ରାକେଶ ଗଙ୍ଗଓ୍ୱାଲ କମ୍ପାନିର ସ୍ଥାପନା କରିଥିଲେ। କମ୍ପାନି ପ୍ରତିଦିନ ୨୦୦୦ରୁ ଅଧିକ ଫ୍ଲାଇଟ ଅପରେଟ କରୁଛି। ୮୦ରୁ ଅଧିକ ଘରୋଇ ଏବଂ ୩୦ରୁ ଅଧିକ ଅନ୍ତର୍ଜାତୀୟ ରୁଟରେ ଉଡ଼ାଣ କରୁଛି। ଏହା ୧୧୦ରୁ ଅଧିକ ଗନ୍ତବ୍ୟସ୍ଥଳକୁ ଯୋଡୁଛି। ଏୟାରଲାଇନ୍‌ର ୩୨୦ରୁ ଅଧିକ ଏୟାରକ୍ରାଫ୍ଟ ଫ୍ଲିଟ୍ ରହିଛି। ଏହାର ୫୦ କୋଟିରୁ ଅଧିକ ଗ୍ରାହକ ଅଛନ୍ତି।

## ଦେଶସାରା ବୟକଟ୍ ତୁର୍କୀ ନାରା

# ଇସ୍ତାନବୁଲ୍‌କୁ ପ୍ରଶଂସା କଲା ନିତି ଆୟୋଗ

ନୂଆଦିଲ୍ଲୀ,୨୮।୫(ଏଜେନ୍ସି):ସାରା ଦେଶରେ ବର୍ତ୍ତମାନ ତୁର୍କୀ ବଏକଟ୍ ନାରୋ ଜାରି ରହିଛି। ହେଲେ ଏଭଳି ସମୟରେ ଇସ୍ତାନବୁଲ୍‌କୁ ପ୍ରଶଂସା କରିଛି ନୀତି ଆୟୋଗ। ନୀତି ଆୟୋଗର ଏକ ରିପୋର୍ଟରେ ତୁର୍କୀକୁ ପ୍ରଶଂସା କରାଯାଇଛି। ପାକିସ୍ତାନର ବନ୍ଧୁ ରାଷ୍ଟ୍ରଠାରୁ ଶିଖିବାର ଥିବା ଏଥିରେ କୁହାଯାଇଛି। ଏହି ରିପୋର୍ଟ ଏପରି ସମୟରେ ଆସିଛି ଯେତେବେଳେ ଭାରତ ଏବଂ ତୁର୍କୀ ମଧ୍ୟରେ ସମ୍ପର୍କ ଉତ୍ତେଜନାପୂର୍ଣ୍ଣ। ଅପରେସନ ସିନ୍ଦୁର ସମୟରେ ତୁର୍କୀ ପାକିସ୍ତାନ ସହିତ ଠିଆ ହୋଇଥିଲା। ଏହା ଭାରତୀୟମାନଙ୍କୁ ଏହାର ବିରୁଦ୍ଧରେ କ୍ରୋଧିତ କରିଛି। ଲୋକମାନେ ତୁର୍କୀ ଉତ୍ପାଦ ଏବଂ ସେବାକୁ ବୟକଟ୍ କରୁଛନ୍ତି। ସେହି ସମୟରେ, ନୀତି ଆୟୋଗ ଭଳି ସରକାରୀ ପ୍ରତିଷ୍ଠାନ ବିଶ୍ୱାସ କରନ୍ତି ଯେ ତୁର୍କୀର କିଛି କ୍ଷେତ୍ରରେ ଉତ୍କୃଷ୍ଟ ପଦ୍ଧତି ଅଛି ଯେଉଁଠାରୁ ଭାରତ ଶିଖିପାରିବ। ନିତି ଆୟୋଗ ରିପୋର୍ଟରେ ତୁର୍କୀକୁ ଏପରି ଏକ ଦେଶ ଭାବରେ ବର୍ଣ୍ଣନା କରାଯାଇଛି ଯେଉଁଠାରୁ ଭାରତ ଏହାର ମଧ୍ୟମ ଉଦ୍ୟୋଗଗୁଡ଼ିକରେ ଦକ୍ଷତାର ବ୍ୟବଧାନକୁ ଦୂର କରିବା ପାଇଁ ସର୍ବୋତ୍ତମ ବିଶ୍ୱସ୍ତରୀୟ ଅଭ୍ୟାସ ଗ୍ରହଣ କରିପାରିବ। ରିପୋର୍ଟରେ କାନାଡା, ସିଙ୍ଗାପୁର ଏବଂ ଅଷ୍ଟ୍ରେଲିଆ ବ୍ୟତୀତ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ଉତ୍ସାହିତ କରିବା ପାଇଁ ତୁର୍କୀର କାର୍ଯ୍ୟକ୍ରମଗୁଡ଼ିକୁ ତାଲିକାଭୁକ୍ତ କରାଯାଇଛି।




ନୀତି ଆୟୋଗ ରିପୋର୍ଟରେ କୁହାଯାଇଛି ଯେ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ସଫଳ କରିବା ପାଇଁ, ଦକ୍ଷତା ବିକାଶ ପାଇଁ ଏକ କଷ୍ଟୋମାଇଜ୍ଡ, ଡାଟା-ଚାଳିତ ପଦ୍ଧତି ଆବଶ୍ୟକ ଯାହା ଶିଳ୍ପର ଆବଶ୍ୟକତା ସହିତ ମେଳ ଖାଇପାରିବ ଏବଂ ଏକ ପ୍ରତିଯୋଗିତାମୂଳକ, ଦକ୍ଷ କର୍ମଶକ୍ତି ସୁନିଶ୍ଚିତ କରିପାରିବ। ତୁର୍କୀର ଇ-ଏକାଡେମୀ ଏବଂ କୋସ୍‌ଜେବ୍ କାର୍ଯ୍ୟକ୍ରମ ଉଲ୍ଲେଖ କରାଯାଇଛି ରିପୋର୍ଟରେ କୁହାଯାଇଛି ଯେ ତୁର୍କୀର କୋସ୍‌ଜେବ୍ ଉଦ୍ୟୋଗିତା ଉପରେ ଦୂର ଶିକ୍ଷା ପ୍ରଦାନ କରେ। ଇ-ଏକାଡେମୀ କାର୍ଯ୍ୟକ୍ରମ ସାହାଯ୍ୟରେ, ସମୟ ଏବଂ ସ୍ଥାନର ପ୍ରତିବନ୍ଧକ ବିନା ପ୍ରଭାବଶାଳୀ, ସହଜ ଏବଂ ନମନୀୟ ଉଦ୍ୟୋଗିତା ତାଲିମ ପ୍ରଦାନ କରାଯାଏ। ତୁର୍କୀର ଇ-ଏକାଡେମୀକୁ ଏକ ଅନଲାଇନ୍ ତାଲିମ ପ୍ଲାଟଫର୍ମ ଭାବରେ ବର୍ଣ୍ଣନା କରି ରିପୋର୍ଟରେ କୁହାଯାଇଛି ଯେ ଏହା ରିହାତି ଦରରେ ପାଠ୍ୟକ୍ରମ ପ୍ରଦାନ କରେ।

# ମ୍ୟୁଚୁଆଲ ଫଣ୍ଡ ବିକିବେ ମୁକେଶ ଅମ୍ବାନୀ, ସେବି ଦେଲା ମଞ୍ଜୁରୀ

ମୁମ୍ବଇ,୨୮।୫(ଏଜେନ୍ସି): ଜିଓ ବ୍ଲାକରକ୍ ଆସେଟ୍ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ଭାରତରେ ମ୍ୟୁଚୁଆଲ୍ ଫଣ୍ଡ ବ୍ୟବସାୟ କରିବା ପାଇଁ ସେବି ଅନୁମୋଦନ ଲାଭ କରିଛି । ଏହି କମ୍ପାନୀ ଜିଓ ଫାଇନାନ୍ସ ସର୍ଭିସେସ୍ ଲିମିଟେଡ୍ (ଜେଏଫଏସଏଲ) ଏବଂ ବ୍ଲାକରକ୍ କମ୍ପାନୀର ଏକ ମିଳିତ ଉଦ୍ୟୋଗ। ଆଶା କରାଯାଉଛି ଯେ କମ୍ପାନୀଟି ଖୁବ୍ ଶୀଘ୍ର ଭାରତୀୟ ମ୍ୟୁଚୁଆଲ୍ ଫଣ୍ଡ ବଜାରରେ ପ୍ରବେଶ କରିବ। ଜିଓ ବ୍ଲାକରକ୍ ଦ୍ୱାରା ସିଡ୍ ସ୍ୱାମୀନାଥନଙ୍କୁ କମ୍ପାନୀର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଭାବରେ ନିଯୁକ୍ତ କରାଯାଇଛି। ଜେଏଫଏସଏଲର ଅଣ-କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଈଶା ଅମ୍ବାନୀ କହିଛନ୍ତି: ବ୍ଲାକରକ୍‌ର ବିଶ୍ୱସ୍ତରୀୟ ନିବେଶ ବିଶେଷଜ୍ଞତା ରହିଛି ଏବଂ ଜିଓର ଡିଜିଟାଲ୍-ପ୍ରଥମ ନବସୃଜନ ଅଭିଜ୍ଞତା ରହିଛି, ଯାହା ବ୍ଲାକରକ୍ ସହିତ ଆମର ଏହି ସହଭାଗିତାକୁ ସଶକ୍ତ କରୁଛି। ଏକାଠି, ଆମେ ପ୍ରତ୍ୟେକ ଭାରତୀୟଙ୍କ ପାଇଁ ନିବେଶକୁ ସରଳ, ସୁଲଭ ଏବଂ ସମାବେଶୀ କରିବା ପାଇଁ ପ୍ରତିବଦ୍ଧ। ମୁଁ ନିଶ୍ଚିତ ଯେ ଜିଓବ୍ଲାକରକ ଆସେଟ୍ ମ୍ୟାନେଜମେଣ୍ଟ ଭାରତରେ ଆର୍ଥିକ ସଶକ୍ତିକରଣର ଭବିଷ୍ୟତକୁ ଆକାର ଦେବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।

## କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ

# ୨୦୨୫-୨୬ରେ ବି ଜାରି ରହିବ ସୁଧ ସବ୍‌ସିଡି ଯୋଜନା



● କିଷାନ କ୍ରେଡିଟ୍ କାର୍ଡରେ ଚାଷୀ ନେବେ ସ୍ୱଳ୍ପ ସୁଧରେ ଋଣ

ନୂଆଦିଲ୍ଲୀ,୨୮।୫(ଏଜେନ୍ସି):

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ଆଜି ଆର୍ଥିକ ବର୍ଷ ୨୦୨୫-୨୬ ପାଇଁ ସଂଶୋଧିତ ସୁଧ ସବସିଡି ଯୋଜନା (ଏମଆଇଏସଏସ) ଅନ୍ତର୍ଗତ ସୁଧ ସବସିଡି (ଆଇଏସ) ବ୍ୟବସ୍ଥା ଜାରି ରଖିବାକୁ ଏବଂ ଏଥିପାଇଁ ଆବଶ୍ୟକ ପାଣ୍ଠି ବନ୍ଦୋବସ୍ତକୁ ଅନୁମୋଦନ ଦେଇଛନ୍ତି। ସଂଶୋଧିତ ସୁଧ ସବସିଡି ଯୋଜନା ହେଉଛି ଏକ କେନ୍ଦ୍ରୀୟ କ୍ଷେତ୍ର ଯୋଜନା ଯାହାର ଲକ୍ଷ୍ୟ ହେଉଛି କିଷାନ କ୍ରେଡିଟ୍ କାର୍ଡ (କେସିସି) ମାଧ୍ୟମରେ ଚାଷୀମାନଙ୍କୁ ସୁଲଭ ସୁଧ ହାରରେ ସ୍ୱଳ୍ପକାଳୀନ ଋଣ ଉପଲବ୍ଧତା ସୁନିଶ୍ଚିତ କରିବା।

ଏହି ଯୋଜନା ଅଧୀନରେ ଚାଷୀମାନେ କିଷାନ କ୍ରେଡିଟ୍ କାର୍ଡ (କେସିସି) ମାଧ୍ୟମରେ ୭ ପ୍ରତିଶତ ରିହାତି ସୁଧ ହାରରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱଳ୍ପକାଳୀନ ଋଣ ପାଆନ୍ତି, ଯୋଗ୍ୟ ଋଣ ପ୍ରଦାନକାରୀ ସଂସ୍ଥାଗୁଡ଼ିକୁ ୧.୫ ପ୍ରତିଶତ ସୁଧ ରିଆତି ପ୍ରଦାନ କରାଯାଏ। ଏହାସହିତ, ଯେଉଁମାନେ ସମୟସୀମା ମଧ୍ୟରେ ସେମାନଙ୍କର ଋଣ ପରିଶୋଧ କରନ୍ତି, ସେମାନେ ତୁରନ୍ତ ପରିଶୋଧ ପ୍ରୋତ୍ସାହନ (ପିଆରଆଇ) ଭାବରେ ୩ ପ୍ରତିଶତ ପର୍ଯ୍ୟନ୍ତ ପ୍ରୋତ୍ସାହନ ପାଇବାକୁ ଯୋଗ୍ୟ, ଯାହା ପ୍ରଭାବଶାଳୀ ଭାବରେ କିଷାନ କ୍ରେଡିଟ୍ କାର୍ଡ ଋଣ ଉପରେ ସେମାନଙ୍କର ସୁଧ ହାରକୁ ୪ ପ୍ରତିଶତକୁ ହ୍ରାସ କରିଥାଏ। ପଶୁପାଳନ କିମ୍ବା ମତ୍ସ୍ୟପାଳନ ପାଇଁ ନିଆଯାଇଥିବା ଋଣ ଉପରେ କେବଳ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଏହି ସୁଧ ଲାଭ ପ୍ରଯୁଜ୍ୟ। ଏହି ସ୍କିମର ଢାଞ୍ଚା ଓ ଅନ୍ୟ ଉପାଦାନଗୁଡ଼ିକ ଲାଗି କୌଣସି ପରିବର୍ତ୍ତନର ପ୍ରସ୍ତାବ ନାହିଁ। ଦେଶରେ ୭.୭୫ କୋଟିରୁ ଅଧିକ କିଷାନ କ୍ରେଡିଟ୍ କାର୍ଡ ଖାତା ଅଛି। କୃଷିକୁ ସଂସ୍ଥାଗତ ଋଣ ପ୍ରବାହ ବଜାୟ ରଖିବା ପାଇଁ ଏହି ସମର୍ଥନ ଜାରି ରଖିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ, ଯାହା ଉତ୍ପାଦକତା ବୃଦ୍ଧି ଏବଂ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କ ପାଇଁ ଆର୍ଥିକ ଅନ୍ତର୍ଭୁକ୍ତି ସୁନିଶ୍ଚିତ କରିବା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କୃଷି ଋଣର ପ୍ରମୁଖ ବୈଶିଷ୍ଟ୍ୟ ହେଉଛି, କିଷାନ କ୍ରେଡିଟ୍ କାର୍ଡ ମାଧ୍ୟମରେ ସଂସ୍ଥାଗତ ଋଣ ପ୍ରଦାନ ୨୦୧୪ ମସିହାରେ ୪.୨୬ ଲକ୍ଷ କୋଟି ଟଙ୍କାରୁ ଡିସେମ୍ବର ୨୦୨୪ ସୁଦ୍ଧା ୧୦.୦୫ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ସାମଗ୍ରିକ କୃଷି ଋଣ ପ୍ରବାହ ମଧ୍ୟ ୨୦୧୩-୧୪ ଆର୍ଥିକ ବର୍ଷରେ ୭.୩ ଲକ୍ଷ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୩-୨୪ ଆର୍ଥିକ ବର୍ଷରେ ୨୫.୪୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଅଗଷ୍ଟ ୨୦୨୩ରେ ଆରମ୍ଭ ହୋଇଥିବା କିଷାନ ଋଣ ପୋର୍ଟାଲ୍ (କେଆରପି) ଭଳି ଡିଜିଟାଲ୍ ସଂସ୍କାର ଦାବି ପ୍ରକ୍ରିୟାରେ ସ୍ୱଚ୍ଛତା ଏବଂ ଦକ୍ଷତା ବୃଦ୍ଧି କରିଛି।

ନୃତ୍ୟଶିଳ୍ପୀ ସହିତ କଣ୍ଠଶିଳ୍ପୀ ହେବାକୁ ସେ ସ୍ୱପ୍ନ ଦେଖୁଥିଲେ। ଅନେକ ଲାଇଭ୍ ଷ୍ଟେଜ୍‌ରେ ସେ ନୃତ୍ୟ ପରିବେଷଣ କରିଛନ୍ତି। ହେଲେ ୨୦୧୯ ମସିହା 'ରଜକୁଇନ୍' ଅଡିସନ୍ ତାଙ୍କ ଜୀବନରେ ଏକ ପରିବର୍ତ୍ତନ ନେଇ ଆସିଥିଲା। ଏହା ପରେ ସେ ମ୍ୟୁଜିକ୍ ଭିଡିଓ, ଟେଲି ଫିଲ୍ମ ଓ ଏକାଧିକ ଓଡ଼ିଆ ଧାରାବାହିକରେ କାମ କରିଛନ୍ତି। ସେ ହେଉଛନ୍ତି ଯାଜପୁରର ଲିପିକା ପରିଡ଼ା। ନାୟିକା ହେବାକୁ ଇଚ୍ଛା ରଖିଥିବା ଲିପିକା ଓଡ଼ିଆ ଧାରାବାହିକର ଖଳନାୟିକା ଭାବେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ଅଭିନେତ୍ରୀ ଲିପିକାଙ୍କ ମୁହଁରୁ ଜାଣିବା ତାଙ୍କ ଅଭିନୟ କ୍ୟାରିଅର୍ ସଂପର୍କରେ।

ସାକ୍ଷାତକାର



# "ସବୁ ଚରିତ୍ରରେ ଅଭିନୟ କରିବାର କଳା ଜାଣିଛି"

**ଲିପିକା ପରିଡ଼ା**, ଅଭିନେତ୍ରୀ

**କ୍ୟାମେରା ଆଗରେ ପ୍ରଥମ ଦିନ ଅନୁଭୂତି କେମିତି ଥିଲା ?**

● ଇଣ୍ଡଷ୍ଟ୍ରିରେ ମୁଁ ପୂରା ନୂଆ ଥାଏ। ଅଭିନୟ ବାବଦରେ ମୋତେ କିଛି ଜଣା ନ ଥାଏ। ଯେହେତୁ ମୋ ବାପା ଜଣେ କ୍ଲାସିକାଲ ଡ୍ୟାନ୍ସର, ତାଙ୍କର କିଛି କଥାକୁ ଧ୍ୟାନରେ ରଖି କ୍ୟାମେରାକୁ ସାମ୍ନା କରିଥିଲି।

**ନୃତ୍ୟଶିଳ୍ପୀରୁ ଅଭିନେତ୍ରୀ ହେବାକୁ କାହିଁକି ଆଗ୍ରହ ପ୍ରକାଶ କଲେ ?**

● ମୋ ବାପା ଜଣେ କ୍ଲାସିକାଲ୍ ନୃତ୍ୟଶିଳ୍ପୀ। ଭବିଷ୍ୟତରେ ମୁଁ ମଧ୍ୟ ନୃତ୍ୟଶିଳ୍ପୀ ଏବଂ କଣ୍ଠଶିଳ୍ପୀ ହେବାକୁ ସ୍ୱପ୍ନ ଦେଖି ନାଚ ଓ ଗୀତ ଶିଖୁଥିଲି। ହେଲେ ୨୦୧୯ ମସିହାରେ 'ରଜ କୁଇନ୍' ଅଡିସନ୍ ଦେଇ ଫାଇନାଲ୍ ରାଉଣ୍ଡ ଯାଏଁ ଯାଇଥିଲି। ଏହା ପରେ 'ସିନେ ଷ୍ଟାର୍‌କି ଖୋଜ୍'ରେ ଭାଗ ନେଇଥିଲି। କିଛି ଦିନ ବ୍ରେକ୍ ନେଇଥିବା ବେଳେ ଜି-ସାର୍ଥକରୁ ମୋତେ ଧାରାବାହିକରେ ଅଡିସନ୍ ଦେବାକୁ ଯୋଗାଯୋଗ କରାଯାଇଥିଲା। ମୁଖ୍ୟ ଚରିତ୍ର କରିବି ଭାବିଥିଲି; ହେଲେ 'ରହିଛି ରହିବି ତୋରି ପାଇଁ' ମୋର ପ୍ରଥମ ଧାରାବାହିକରୁ ଖଳନାୟିକା ଭାବେ ଅଭିନୟ କରିବାର ସୁଯୋଗ ମିଳିଲା। 'ତୋ ପାଇଁ ମୁଁ ମୋ ପାଇଁ ତୁ', 'ମୋ ଅଗଣାର ତୁଳସୀ ତୁ', 'ଝିଲି', 'ତୁ ରାଜା ମୁଁ ରାଣୀ' ଧାରାବାହିକରେ 'ଖଳନାୟିକା' ଭାବେ କାମ କରିଛି। 'ଟିଙ୍ଗା ରାଜୁ', 'ମୋ ଜେଜେଙ୍କ ଲଭ୍ ଷ୍ଟୋରୀ', 'ହାପି ଏଣ୍ଡିଂ' ଆଦି ଟେଲି ଫିଲ୍ମ ଓ କିଛି ମ୍ୟୁଜିକ୍ ଭିଡ଼ିଓ କରିବାକୁ ସୁଯୋଗ ପାଇଛି।

**ଖଳନାୟିକାରୁ ନାୟିକା ହେବାକୁ ଇଚ୍ଛା ରଖିଛନ୍ତି ?**

● ଧାରାବାହିକ ହେଉ କି ଫିଲ୍ମ, ସବୁଥିରେ ନାୟିକା ପରି ଖଳନାୟିକାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ। ଯେହେତୁ ମୁଁ କଳାକୁ ଗୁରୁତ୍ୱ ଦିଏ, ତେଣୁ ମୋତେ ଯାହା ଚରିତ୍ର ମିଳିଥିଲା, ମୁଁ କରିଥିଲି। ମୁଁ କେବଳ ଖଳନାୟିକା ନୁହେଁ, ସମସ୍ତ ପ୍ରକାର ଚରିତ୍ରକୁ ନିଖୁଣ ଭାବେ ଫୁଟାଇ ପାରିବି। ତେବେ ଗୋଟେ ପରେ ଗୋଟେ ଧାରାବାହିକରେ ଖଳନାୟିକା ଭାବେ ଦେଖି ଦର୍ଶକ ମଧ୍ୟ ମୋ ଚରିତ୍ରକୁ ଭଲ ପାଇବା ଦେଲେ। ଏ ସବୁ ମଧ୍ୟରୁ 'ଝିଲି'ର ମାୟା ଚରିତ୍ର ମୋ ପାଇଁ ଏକ ଟର୍ଣ୍ଣିଂ ପଏଣ୍ଟ। ଆଗକୁ କେବଳ ଖଳନାୟିକା ହେବି ତାହା ନୁହେଁ, ସବୁ ପ୍ରକାର ଚରିତ୍ରକୁ ଭଲ ଭାବେ କରିପାରିବାର କଳା ମୁଁ ଜାଣିଛି।

**ଚରିତ୍ରକୁ ଦମ୍‌ଦାର କରିବାକୁ କେତେ ପରିଶ୍ରମ କରନ୍ତି?**

● ପ୍ରତିଦିନ ଦର୍ପଣ ସାମ୍ନାରେ ସଂଳାପ କହେ। ଧାରାବାହିକ ସୁଟିଂ ପରେ ବି ମୁଁ ସେହି ସଂଳାପକୁ ଅଭ୍ୟାସ କରୁଥାଏ। ସିନିୟର୍ କଳାକାରଙ୍କ ଅଭିନୟ, ସେମାନଙ୍କ ଭାବଭଙ୍ଗୀକୁ ଗୁରୁତ୍ୱ ଦିଏ। ସେହିପରି ଅନୁପମ ଖେରଙ୍କ ଶୋ'ରେ ଅନେକ ବଲିଉଡ୍ କଳାକାରଙ୍କ ଜୀବନୀ ବିଷୟରେ ଜାଣେ। ସବୁପରେ ନିଜ ହିସାବରେ କେମିତି ଆଗକୁ ବଢ଼ିବି ତାହାକୁ ଗୁରୁତ୍ୱ ଦିଏ। ଏବେ ମୁଁ ଅଭିନୟ ସହିତ ପୁଣି ଓଡ଼ିଶୀ ନୃତ୍ୟ ଶିଖୁଛି।

**ଆଗାମୀ ଯୋଜନା?**

● ଭଲ କଳାକାରଟିଏ ସହ ଓଡ଼ିଶୀ ନୃତ୍ୟଶିଳ୍ପୀ ହେବାକୁ ଗୁରୁତ୍ୱ ଦେବି। ବଡ଼ ପ୍ରୋଜେକ୍ଟରେ କାମ କରିବାକୁ ଇଚ୍ଛା ଅଛି। ଭଗବାନଙ୍କ ଆଶୀର୍ବାଦରେ ଆଗକୁ ନିଜ ପାଇଁ ପ୍ରଡକ୍ସନ୍ ହାଉସ୍ ଖୋଲିବି। ଯେଉଁମାନେ ପରିଶ୍ରମ କରି କାମ ପାଉନାହାଁନ୍ତି, ସେମାନଙ୍କ ପାଇଁ କିଛି କରିବାକୁ ଯୋଜନା ରଖିଛି। ■



# ୨୦୨୬ରେ 'ଲ୍ୟାଣ୍ଡଫଲ୍'

ପିକ୍ସେଲ ମୁଭି ନିବେଦିତ ନୂଆ ଓଡ଼ିଆ ସିନେମା 'ଲ୍ୟାଣ୍ଡଫଲ' ଖୁବ୍‌ଶୀଘ୍ର ଆସିବ। ଇତି ମଧ୍ୟରେ ଏହାର ମୋସନ୍ ପୋଷ୍ଟର ଲଞ୍ଚ କରାଯାଇଛି। ଯାହାକୁ ଦର୍ଶକେ ବେଶ୍ ପସନ୍ଦ ମଧ୍ୟ କରିଛନ୍ତି। ଲୋକେ ଏହି ସିନେମା ମାଧ୍ୟମରେ ବାତ୍ୟାର କରାଳ ରୂପ ଦେଖିବେ। ବିଶେଷକରି ଏଥିରେ ୧୯୯୯ ମହାବାତ୍ୟାଠୁ ଆରମ୍ଭ କରି ଫାଇଲିନ୍ ପର୍ଯ୍ୟନ୍ତ ବାତ୍ୟାଗୁଡ଼ିକକୁ ଦେଖାଇବାକୁ ପ୍ରୟାସ କରାଯାଇଛି। ପ୍ରଭାତ କୁମାର ପ୍ରଧାନଙ୍କ ପ୍ରଯୋଜିତ ଏହି ସିନେମାର ମୁଖ୍ୟ ଚରିତ୍ରରେ ନଜର ଆସିବେ ଓଲିଉଡ୍‌ର ଲୋକପ୍ରିୟ ଅଭିନେତା ସବ୍ୟସାଚୀ। ସିନେମାଟିର କାହାଣୀ ବିଶାଲ ମୌର୍ଯ୍ୟ ଲେଖିଥିବା ବେଳେ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଦେବୀ ପ୍ରସାଦ ଲେଙ୍କା। ତେବେ ଏହା ହେବ ଓଡ଼ିଶାର ସବୁଠାରୁ ବ୍ୟୟ ବହୁଳ ସିନେମା। ଏହାର ବିଶାଳ ସେଟ୍ ୧୦ କୋଟି ଟଙ୍କା ବ୍ୟୟରେ କରାଯିବ। ସେହିପରି ଏହା ଓଡ଼ିଆ ଓ ହିନ୍ଦୀ ଭାଷାରେ ନିର୍ମିତ ହେବ। ତେବେ ସିନେମାଟି ୨୦୨୬ ମସିହାରେ ପ୍ରେକ୍ଷାଳୟକୁ ଆସିବ। ଅନ୍ୟପଟେ ଏହି ସିନେମା ମାଧ୍ୟମରେ ସବ୍ୟସାଚୀ ଦର୍ଶକଙ୍କ ମନ ଜିଣିବେ ବୋଲି ସେ ନିଜ ସାମାଜିକ ଗଣମାଧ୍ୟମରେ କହିଛନ୍ତି। ■

# ରୁପେଲି ପରଦାରେ ପୀୟୂଷ

ଯାତ୍ରାରେ ନିଜର ଦମ୍‌ଦାର୍ ଅଭିନୟ ମାଧ୍ୟମରେ ଦର୍ଶକଙ୍କ ମନ ଜିଣିଛନ୍ତି ଅଭିନେତା ପୀୟୂଷ। ତେବେ ଏବେ ସେ ରୁପେଲିରେ ପରଦାରେ ପାଦ ଥାପିବେ। ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଶମ୍ଭୁ'ରେ ପୀୟୂଷଙ୍କୁ ଦେଖିବାକୁ ମିଳିବ। ସିନେମାର ନିର୍ଦ୍ଦେଶନା ଏବଂ ଚିତ୍ରନାଟ୍ୟରେ ଅଛନ୍ତି ଏସ୍. ଦିଲୀପ ପଣ୍ଡା। ସେହିପରି ସିନେମାର ସଂଳାପ ରଚନା କରିଛନ୍ତି ଡକ୍ଟର ରଜନୀ ରଞ୍ଜନ। ଏହାର କାହାଣୀ ମନୋରମା ଜେନା ରଚନା କରିଥିବା ବେଳେ ସହ ପ୍ରଯୋଜନାରେ ଅଛନ୍ତି ବିବେକ ଜେନା ଏବଂ ଅଭିଷେକ ଜେନା। ସେହିପରି ସଂଗୀତରେ ଅଛନ୍ତି ଦୀପକ କୁମାର। ତେବେ ଯାତ୍ରା ଭଳି ସିନେମାରେ ପୀୟୂଷଙ୍କୁ ସଫଳତା ମିଳୁଛି କି ନାହିଁ, ସେକଥା ସିନେମା ରିଲିଜ୍ ହେଲେ ଜଣାପଡ଼ିବ। ■




# 'ୱାର୍ -୨'ର ଟିଜର ରିଲିଜ୍



ବଲିଉଡ୍‌ର ବହୁ ପ୍ରତିକ୍ଷୀତ ଫିଲ୍ମ 'ୱାର୍-୨'ର ଟିଜର୍ ଇତିମଧ୍ୟରେ ରିଲିଜ୍ ହୋଇଛି। ଏହି ସିନେମାରେ ହ୍ରିତିକ୍ ରୋଶନ ଏବଂ ଜୁନିୟର ଏନ୍‌ଟିଆର୍‌ଙ୍କ ଦମଦାର ଆକ୍ସନ ଦେଖିବାକୁ ମିଳିବ। ଏହା ହେଉଛି ଏକ ଆକ୍ସନ୍ ଓ ଥ୍ରିଲରଧର୍ମୀ ସିନେମା। ତେବେ ଟିଜର୍‌ର ଆକ୍ସନ ଦୃଶ୍ୟ ମଝିରେ କିୟାରାଙ୍କ ବୋଲ୍ଡ ଲୁକ୍ ଦେଖିବାକୁ ମିଳିଛି। ଟିଜର୍‌କୁ ଦେଖି ଦର୍ଶକେ ଏହାକୁ ୫୦୦ କୋଟିର ଫିଲ୍ମ ବୋଲି କହିଛନ୍ତି। ତା'ସହ ସିନେମାକୁ ନେଇ ଅଧିକ ଉତ୍ସାହିତ ହୋଇଛନ୍ତି। ଅୟାନ ମୁଖାର୍ଜୀଙ୍କ ନିର୍ଦ୍ଦେଶିତ ଏହି ସିନେମା ମାଧ୍ୟମରେ ସାଉଥ୍ ସୁପରଷ୍ଟାର୍ ଜୁନିୟର ଏନ୍‌ଟିଆର୍ ବଲିଉଡ୍‌ରେ ଡେବ୍ୟୁ କରିଛନ୍ତି। ଅନ୍ୟପଟେ 'ୱାର୍-୨'ର ପ୍ରଥମ ଭାଗ ୨୦୧୯ ମସିହାରେ ଆସିଥିଲା। ସିନେମାଟି ବକ୍ସ ଅଫିସ୍‌ରେ ୩୪୪ କୋଟି ଟଙ୍କା ଆୟ କରିଥିଲା। ■

# ମୁହଁ ଲୁଚାଇଲେ ବାଣୀ

ବଲିଉଡ୍ ଅଭିନେତ୍ରୀ ବାଣୀ କପୁରଙ୍କ ଅଭିନୀତ 'ରେଡ୍-୨' ସିନେମାକୁ ଦର୍ଶକୀୟ ଆଦୃତି ମିଳିଛି। ଏଥିରେ ସେ ଅଜୟ ଦେବଗନଙ୍କ ସ୍ତ୍ରୀ ଚରିତ୍ରରେ ଅଭିନୟ କରିଛନ୍ତି। ଏହାରି ଭିତରେ ବାଣୀଙ୍କ ଏକ ନୂଆ ଭିଡିଓ ସାମ୍ନାକୁ ଆସିଛି। ଯାହାକି ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ସାଉଁଟୁଛି। ତେବେ ଏ ଭିଡିଓରେ ସେ ପାପାରାଜିଙ୍କଠାରୁ ନିଜକୁ ଲୁଚାଇଥିବା ଦେଖିବାକୁ ମିଳିଛି। ସେହିପରି ଏହି ଭିଡିଓ ସାମ୍ନାକୁ ଆସିବା ପରେ ଲୋକେ ତାଙ୍କୁ ଟ୍ରୋଲ କରିବା ଆରମ୍ଭ କରିଛନ୍ତି। ତେବେ ବାଣୀ ଡ୍ୟାନ୍ସିଂ ପୋଷାକରେ ନଜର ଆସିଛନ୍ତି। ସେଟ୍ ବାହାରେ ସେ ଜଣେ ତାଙ୍କ ଟିମ୍ ସଦସ୍ୟଙ୍କ ସହ ନଜର ଆସିଛନ୍ତି। ସେମାନଙ୍କ ସହ କଥାବାର୍ତ୍ତା କରୁଥିବା ବେଳେ ପାପାରାଜିଙ୍କୁ ଦେଖି ତାଙ୍କୁ ଫଟୋ ଉଠାଇବାକୁ ତାଙ୍କ ଟିମ୍ ସଦସ୍ୟ ମନା କଲେ। ଫଳରେ ସେ ତାଙ୍କ ମୁହଁ ଲୁଚାଇ ଚାଲି ଯାଇଛନ୍ତି। ଯାହାକୁ ନେଇ ତାଙ୍କୁ ଏବେ ଟ୍ରୋଲ୍ ହେବାକୁ ପଡ଼ିଛି। ତେବେ ବାଣୀ କ'ଣ ପାଇଁ ଏମିତି କଲେ, ତାହାକୁ ନେଇ ଲୋକେ ସାମାଜିକ ଗଣମାଧ୍ୟମରେ ପ୍ରଶ୍ନ କରିଛନ୍ତି। ■



# ଆସିବ 'ଓଃ ମାଇଁ ଗଡ୍-୩'

୨୦୧୨ ମସିହାରେ ପ୍ରେକ୍ଷାଳୟକୁ ଆସିଥିଲା 'ଓଃ ମାଇଁ ଗଡ୍'। ଏହାର ସଫଳତାକୁ ଦେଖି ପୁଣି ଥରେ ଏହାର ଦ୍ୱିତୀୟ ଭାଗ ୨୦୨୩ ମସିହାରେ ଆସିଥିଲା। ଏହାର ଉଭୟ ପ୍ରଥମ ଓ ଦ୍ୱିତୀୟ ଭାଗରେ ଅକ୍ଷୟ କୁମାର ନଜର ଆସିଥିଲେ। ତା'ସହ ଏଥିରେ ଅକ୍ଷୟଙ୍କ ଅଭିନୟକୁ ଦର୍ଶକେ ବେଶ୍ ପସନ୍ଦ ମଧ୍ୟ କରିଥିଲେ। ଏହି କ୍ରମରେ ଏବେ ଆସିବାକୁ ଯାଉଛି ଏହାର ତୃତୀୟ ଭାଗ। ଏ ନେଇ ଅକ୍ଷୟ ଓ ନିର୍ଦ୍ଦେଶକ ଅମିତ ରାୟ ଏହାର ତୃତୀୟ ଭାଗ ନିର୍ମାଣ ଉପରେ ଚିନ୍ତା କରୁଛନ୍ତି। ଖୁବ୍‌ଶୀଘ୍ର ଏହାର କାହାଣୀ ଉପରେ କାମ ଆରମ୍ଭ ହେବା କୁହାଯାଉଛି। ତେବେ କାହାଣୀ ତିଆରି ହେବା ପରେ କାଷ୍ଟିଂ କଥା ଚିନ୍ତା କରାଯିବ ବୋଲି କୁହାଯାଇଛି। ସେହିପରି ଯଦି ସବୁକିଛି ଠିକ୍‌ଠାକ୍ ରୁହେ, ତେବେ ଏହାର ସୁଟିଂ ୨୦୨୬ରେ ଆରମ୍ଭ ହେବ ଏବଂ ୨୦୨୭ରେ ସିନେମାଟି ପ୍ରେକ୍ଷାଳୟକୁ ଆସିବ। ■



ପରଦା ପଛର କାହାଣୀ

# ବାଇକ୍‌ରୁ ଖସି ପଡ଼ିଥିଲେ ଶାହାରୁଖ୍



ବଲିଉଡ୍ ସୁପର୍‌ଷ୍ଟାର୍ ଶାହରୁଖ୍ ଖାନ୍‌ଙ୍କ ଅଭିନୀତ ଫିଲ୍ମ 'ସ୍ୱଦେଶ' ୨୦୦୪ ମସିହାରେ ମୁକ୍ତିଲାଭ କରିଥିଲା। ଆଶୁତୋଷ ଗୋବାରିକରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ସେ ମୋହନ ଭାର୍ଗବ ଚରିତ୍ରରେ ଅଭିନୟ କରିଥିଲେ। ଏଥିପାଇଁ ଶାହରୁଖ୍ ବେଷ୍ଟ ଆକ୍ଟର ଭାବେ ଫିଲ୍ମ ଫେୟାର୍ ଆୱାର୍ଡ ପାଇଥିଲେ। ଏହି ଫିଲ୍ମରେ ଶାହାରୁଖ୍‌ଙ୍କ ସହ ମେଲା ରାମ ଚରିତ୍ରରେ ଦୟା ଶଙ୍କର ପାଣ୍ଡେ ଅଭିନୟ କରିଥିଲେ। ନିକଟରେ ଦୟା ଶଙ୍କର ପାଣ୍ଡେ ଫିଲ୍ମ 'ସ୍ୱଦେଶ'କୁ ନେଇ ଏକ ରୋଚକୀୟ କଥା ସେୟାର୍ କରିଛନ୍ତି। ଏହି ଫିଲ୍ମର ଏକ ଦୃଶ୍ୟ ସୁଟିଂ ସମୟରେ ଶାହରୁଖ୍ ଖାନ୍ କିପରି ବାଇକ୍‌ରୁ ସତରେ ଖସି ପଡ଼ିଥିଲେ ସେ ବିଷୟରେ କହିଛନ୍ତି। ଫ୍ରାଇଡେ ଟକିଜ୍‌ରେ ବାର୍ତ୍ତାଳାପ କରି ଦୟା କହିଛନ୍ତି, ଫିଲ୍ମରେ ଗୋଟିଏ ସିନ୍ ଥିଲା ଯେଉଁଥିରେ ସେ ସ୍କୁଟର୍ ଚଲାଉଥିଲେ। ତାଙ୍କ ପଛରେ ଶାହରୁଖ୍ ଖାନ୍ ବସିଥିଲେ। ତାଙ୍କୁ ଗାଡ଼ି ଚଲାଇବା ଆସୁନଥିଲେ ମଧ୍ୟ ସେ ଗାଡ଼ି ଚଲାଇ ପାରନ୍ତି ବୋଲି କହିଥିଲେ। ସେଟ୍‌ରେ ସେହି ସିନ୍‌ର ଅଭ୍ୟାସ କାର୍ଯ୍ୟ ଆରମ୍ଭ ହୋଇଥିଲା। ଦୟାଙ୍କୁ ଶାହରୁଖ୍ ଚାହିଁଥିଲେ ଏବଂ ପାଖକୁ ଡାକି ସେ ଗାଡ଼ି ଚାଳନା ଜାଣିଛନ୍ତି କି ନାହିଁ ପ୍ରଶ୍ନ କରିଥିଲେ। ଦୟା ମିଛରେ ହଁ କହିଥିଲେ। ଫଳରେ ଶାହରୁଖ୍ ଆଗପଛ ବିଚାର ନ କରି ତାଙ୍କ ବାଇକ୍‌ରେ ବସିଥିଲେ। ସେତେବେଳେ ସତକୁ ସତ ପବନରେ ବାଇକ୍‌ଟି ଉପରକୁ ଉଠିଗଲା। ଫଳରେ ଶାହରୁଖ୍ ଖାନ ତଳେ ପଡ଼ିଗଲେ। ଦୟା ସଙ୍ଗେ ସଙ୍ଗେ ବାଇକ୍ ଛାଡ଼ି ସେହି ସ୍ଥାନରେ ଛିଡ଼ା ହୋଇ ଭୟରେ ଥରିବାକୁ ଲାଗିଲେ। ଏସବୁ ହେବା ପରେ ସେ ଶାହରୁଖ୍‌ଙ୍କୁ ଖାଲି ଚାହୁଁଥିଲେ, ତାଙ୍କୁ ଉଠାଇବାକୁ ସାହସ କରୁ ନଥିଲେ। ଶାହରୁଖ୍ ଖାନ୍ ଆପେ ଆପେ ଉଠିଲେ। ଦୟାଙ୍କ ପାଖକୁ ଆସି ତାଙ୍କ କାନ୍ଧରେ ହାତ ରଖି, କହିଲେ, ମୁଁ ଜାଣିଥିଲି ତମକୁ ଗାଡ଼ି ଚଲାଇବା ଆସେନି। ଏହାପରେ ସେ ଆଶୁତୋଷ ଗୋବାରିକରଙ୍କୁ ଚାହିଁ ଚାଲ ସଟ୍ ନେବା ବୋଲି କହିଥିଲେ। ଏହାପରେ ଆଶୁତୋଷ ଦୟାଙ୍କୁ ବଡ଼ ଆଖିରେ ଚାହୁଁଥିଲେ। କିନ୍ତୁ ଶାହରୁଖ୍ ତାଙ୍କୁ କହିଥିଲେ "ଏମିତି କାଇଁ ଚାହୁଁଛ। ଭୁଲ ମୋର ଥିଲା। ମୁଁ ତାଙ୍କ ଭାରସାମ୍ୟ ବିଗାଡ଼ି ଦେଇଥିଲି।" ■

## ଆଇପିଏଲ୍-୧୮ | ରୋମାଞ୍ଚକ ହେବ ପ୍ଲେ ଅଫ୍ ମୁକାବିଲା

### କ୍ୱାଲିଫାୟର-୧ ମୁକାବିଲା ଆଜି

# ପଞ୍ଜାବ-ବେଙ୍ଗାଲୁରୁ ଲଢ଼େଇ



ମୁଲାନପୁର, ଚଣ୍ଡିଗଡ଼,୨୮।୫ (ଏଜେନ୍ସି):

ଲକ୍ଷ୍ନୌ ସୁପର ଜାଏଣ୍ଟସକୁ ୬ ୱିକେଟରେ ହରାଇ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଉତ୍କଣ୍ଠାପୂର୍ଣ୍ଣ ବିଜୟ ହାସଲ କରିବା ସହ ଆଇପିଏଲ୍-୧୮'ର ଲିଗ ପର୍ଯ୍ୟାୟ ମୁକାବିଲା ଶେଷ ହୋଇଛି। ଏହା ମଧ୍ୟରୁ ପଏଣ୍ଟ ଟେବଲରେ ଥିବା ପ୍ରଥମ ୪ଟି ଦଳ ଯଥା ପଞ୍ଜାବ କିଙ୍ଗ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ଗୁଜରାଟ ଟାଇଟନ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ପ୍ଲେ ଅଫ୍‌ରେ ପ୍ରବେଶ କରିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟରେ ଭାଗ ନେଇଥିବା ଅନ୍ୟ ୬ଟି ଦଳ ଟାଇଟଲ ଦୌଡ଼ରୁ ବାଦ୍ ପଡ଼ିଛନ୍ତି। ଟୁର୍ଣ୍ଣାମେଣ୍ଟର ନିୟମ ଅନୁଯାୟୀ ଆସନ୍ତାକାଲି ବା ମେ ୨୯ ତାରିଖ ଗୁରୁବାର ନଂ-୧ ଟିମ୍ ପଞ୍ଜାମ ସହ ନଂ-୨ ଟିମ୍ ବେଙ୍ଗାଲୁରୁ ସହ କ୍ୱାଲିଫାୟର-୧ ମୁକାବିଲା ହେବ। ଏହି ମୁକାବିଲାରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ସିଧାସଳଖ ଫାଇନାଲ ଖେଳିବ। ସେହିପରି ମେ ୩୦ରେ ଗୁଜରାଟ ଟାଇଟନ୍ସ ଓ ୫ ଥରର ଚାମ୍ପିଅନ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଏଲିମିନେଟର ଖେଳାଯିବ। ଏହି ମ୍ୟାଚ୍‌ରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ କ୍ୱାଲିଫାୟର-୨କୁ ଯୋଗ୍ୟତା ଅର୍ଜନ କରିବ। ଏହି ମ୍ୟାଚ୍‌ର ବିଜେତା ଦଳ ଓ କ୍ୱାଲିଫାୟର-୧'ରେ ପରାଜିତ ଦଳ ମଧ୍ୟରେ ଦ୍ୱିତୀୟ କ୍ୱାଲିଫାୟର ଜୁନ୍-୧ରେ ଖେଳାଯିବ। ଦୁଇ କ୍ୱାଲିଫାୟରର ବିଜେତାଙ୍କ ମଧ୍ୟରେ ଫାଇନାଲ ମ୍ୟାଚ୍ ଜୁନ୍-୩ରେ ଖେଳାଯିବ।

### ନଂ-୧ ଓ ୨ ମଧ୍ୟରେ ପ୍ରଥମ ଲଢ଼େଇ

ପଏଣ୍ଟ ଟେବଲର ପ୍ରଥମ ଦୁଇଟି ସ୍ଥାନରେ ଥିବା ପଞ୍ଜାବ ଓ ବେଙ୍ଗାଲୁରୁ ମଧ୍ୟରେ ଆସନ୍ତାକାଲି କ୍ୱାଲିଫାୟର-୧ ମୁକାବିଲା ହେବ। ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ଦଳ ସ୍ଥିର ଖେଳ ପ୍ରଦର୍ଶନ କରି ୧୯ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ଏହା ମଧ୍ୟରୁ ବେଙ୍ଗାଲୁରୁ ୧୦ମ ଓ ପଞ୍ଜାବ ଚତୁର୍ଥଥର ପ୍ଲେ ଅଫ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହା ମଧ୍ୟରୁ ବେଙ୍ଗାଲୁରୁ ୩ଥର ଓ ପଞ୍ଜାବ ଥରେ ଫାଇନାଲ ଖେଳିଛି। କିନ୍ତୁ ଉଭୟ ଦଳ ଏଯାଏ ଟାଇଟଲ ଜିତିବାରେ ସମର୍ଥ ହୋଇପାରି ନାହାନ୍ତି। ୨୦୧୪ରେ ପଞ୍ଜାବ ଶେଷଥର ପ୍ଲେ ଅଫ୍‌ରେ ପ୍ରବେଶ କରିଥିଲା ଓ ଏହି ବର୍ଷ ମଧ୍ୟ ଦଳ ଫାଇନାଲ ଖେଳି କୋଲକାତା ନାଇଟ୍ ରାଇଡର୍ସ ନିକଟରୁ ପରାଜିତ ହୋଇଥିଲା। ୨୦୨୪ରେ ବେଙ୍ଗାଲୁରୁ ପ୍ଲେ ଅଫ୍ ଖେଳିଥିଲେ ମଧ୍ୟ ଫାଇନାଲକୁ ଯାଇ ପାରି ନ ଥିଲା। ଏହି ମୁକାବିଲାରେ ବେଙ୍ଗାଲୁରୁ ଦଳରେ ଅଧିକ ଅଭିଜ୍ଞ ଓ ଅନ୍ତର୍ଜାତୀୟ ଅଭିଜ୍ଞତା ସମ୍ପନ୍ନ ଖେଳାଳି ରହିଛନ୍ତି। ଅନ୍ୟ ପକ୍ଷରେ ପଞ୍ଜାବ ଅନ୍‌କ୍ୟାପ୍‌ଡ ବା ଅନ୍ତର୍ଜାତୀୟ ଅଭିଜ୍ଞତା ନ ଥିବା ଖେଳାଳିଙ୍କ ଉପରେ ନିର୍ଭର କରିଛି। ଆସନ୍ତାକାଲି ମୁକାବିଲାରେ ଉଭୟ ଦଳ ସେମାନଙ୍କ ଶ୍ରେଷ୍ଠ ବୋଲର ପଞ୍ଜାର ଯୁଜବେନ୍ଦ୍ର ଚହଲ ଓ ବେଙ୍ଗାଲୁରୁ ଜୋଶ ହାଜ୍‌ଲେଉଡ୍‌ଙ୍କୁ ଦଳରେ ସାମିଲ କରିବ ବୋଲି ଆଶା କରାଯାଉଛି। ଉଭୟ ଆଘାତ ଜନିତ କାରଣରୁ ଶେଷ ଦୁଇଟି ମ୍ୟାଚ୍ ନିଜ ଟିମ୍ ପକ୍ଷରୁ ଖେଳି ପାରି ନ ଥିଲେ। ଦୁଇ ବିଦେଶୀ ଖେଳାଳି ପଞ୍ଜାବର ମାର୍କୋ ଜାନ୍‌ସେନ ଓ ବେଙ୍ଗାଲୁରୁର ଟିମ୍ ଡେଭିଡ୍ ଭିନ୍ନ କାରଣରୁ ଏହି ମ୍ୟାଚ୍ ଖେଳିବେ ନାହିଁ।

### କୋହଲି ବନାମ ଆୟର

ଏହି ଟୁର୍ଣ୍ଣାମେଣ୍ଟରେ ବେଙ୍ଗାଲୁରୁ ପକ୍ଷରୁ ତାରକା ଖେଳାଳି ବିରାଟ କୋହଲି ଓ ପଞ୍ଜାବ ପକ୍ଷରୁ ଅଧିନାୟକ ଶ୍ରେୟସ ଆୟର ଶ୍ରେଷ୍ଠ ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି। କୋହଲି ୧୩ଟି ମ୍ୟାଚ୍‌ରୁ ୬୦.୨୦ ହାରରେ ସର୍ବାଧିକ ୬୦୨ ରନ୍ କରିଛନ୍ତି। ଏହା ମଧ୍ୟରେ ୮ଟି ଅର୍ଦ୍ଧଶତକ ରହିଛି। ଅନ୍ୟପକ୍ଷରେ ଆୟର ୧୪ଟି ମ୍ୟାଚ୍‌ରୁ ୫୧.୪୦ ହାରରେ ୫୧୪ ରନ୍ ସଂଗ୍ରହ କରିଛନ୍ତି। କିନ୍ତୁ ମ୍ୟାଚ୍ ଖେଳାଯିବାକୁ ଥିବା ମୁଲାନପୁରରେ ଆୟରଙ୍କ ଅପେକ୍ଷା କୋହଲି ଆଗରେ ରହିଛନ୍ତି। ଉଭୟଙ୍କ ମଧ୍ୟରେ ଏଠାରେ ଅନୁଷ୍ଠିତ ମୁକାବିଲାରେ ବେଙ୍ଗାଲୁରୁ ବିଜୟୀ ହୋଇଥିଲା। ଏଥିରେ କୋହଲି ୫୪ ବଲ୍‌ରୁ ଅପରାଜିତ ୭୩ ରନ୍ କରିଥିଲେ। କିନ୍ତୁ ଏଠାରେ ଆୟର ୪ଟି ମ୍ୟାଚ୍ ଖେଳି ମାତ୍ର ୨୫ ରନ୍ ସଂଗ୍ରହ କରିଛନ୍ତି।

ବ୍ୟାଟିଂରେ ବେଙ୍ଗାଲୁରୁ ପକ୍ଷରୁ ଫିଲ ସଲ୍ଟ ୩୧୧, ରଜତ ପାଟିଦାର ୨୭୧, ଜିତେଶ ଶର୍ମା ୨୩୭, କ୍ରୁନାଲ ପାଣ୍ଡ୍ୟା ୧୦୫ ରନ୍ କରିଛନ୍ତି। ପାଡିକଲ ୨୪୭ ଓ ଡେଭିଡ ୧୮୭ ରନ୍ କରିଥିଲେ ମଧ୍ୟ ଏହି ମ୍ୟାଚ୍ ଖେଳିବେ ନାହିଁ। ଅନ୍ୟପକ୍ଷରେ ପଞ୍ଜାବ ପକ୍ଷରୁ ଅନ୍‌କ୍ୟାପ୍‌ଡ ଖେଳାଳି ପ୍ରଭସିମରନ ସିଂହ ୪୯୯, ଡେବ୍ୟୁଟାଣ୍ଟ ପ୍ରିୟାଂଶ ଆର୍ଯ୍ୟ ୪୨୪, ନେହାଲ ୱାଧେରା ୨୯୮, ଶଶାଙ୍କ ସିଂ ୨୮୪ ରନ୍ କରିଛନ୍ତି। କିନ୍ତୁ ଜୋଶ ଇଂଲିଶ ୧୬୪.୧୬ ଷ୍ଟ୍ରାଇକ୍‌ରେଟ୍‌ରେ ୧୯୭ ଓ ମାର୍କସ ଷ୍ଟୋଇନିସ ୧୯୩.୮୪ ହାରରେ ୧୨୬ ରନ୍ କରି ପ୍ରଭାବଶାଳୀ ସାବ୍ୟସ୍ତ ହୋଇଛନ୍ତି।

### ଅର୍ଶଦୀପ ବନାମ ହାଜ୍‌ଲେଉଡ୍

ବୋଲିଂରେ ଉଭୟ ଦଳର ସ୍ଥିତି ପ୍ରାୟ ସମାନ। ପେସ୍ ବୋଲିଂରେ ଜୋଶ ହାଜ୍‌ଲେଉଡ୍ (୧୮ ୱିକେଟ)ଙ୍କ ନେତୃତ୍ୱରେ ଭୁବନେଶ୍ୱର କୁମାର (୧୪), ଯଶ ଦୟାଲ (୧୦) ବେଶ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ରୋମାରିଓ ସେଫର୍ଡ ଓ ନୁୱାନ ତୁଷାରା ବେଶ ଚତୁର ବୋଲିଂ ପ୍ରଦର୍ଶନ କରିଛନ୍ତି। ସ୍ପିନ୍‌ର ଭାବେ କ୍ରୁନାଲ ପାଣ୍ଡ୍ୟା (୧୫ ୱିକେଟ)ଙ୍କୁ ଦ୍ୱିତୀୟ ଶ୍ରେଷ୍ଠ ସଫଳତା ମିଳିଛି। ଅନ୍ୟ ପକ୍ଷରେ ଭାରତର ନଂ-୧ ବୋଲର ଅର୍ଶଦୀପ ସିଂ ପଞ୍ଜାବ ପକ୍ଷରୁ ଶ୍ରେଷ୍ଠ ସଫଳତା ପାଇ ୧୮ ୱିକେଟ ପାଇଛନ୍ତି। ୧୬ଟି ୱିକେଟ ନେଇଥିବା ଜାନ୍‌ସେନ ଏହି ମ୍ୟାଚ୍ ଖେଳିବେନି। ଦଳର ପେସ୍ ବୋଲିଂ ଦୁର୍ବଳ। ଆଫଗାନିସ୍ତାନର ଆଜମତୁଲ୍ଲା ଓମରଜାଇ, ଜାଭିୟର ବାର୍ଟଲେଟ୍, ବିଜୟ କୁମାର ବ୍ୟାସକ ପେସ ସ୍ଥାନ ପୂରଣ କରିବେ। ଦଳ ନିକଟରେ କିନ୍ତୁ ଦୁଇ ଜଣ ପ୍ରଭାବୀ ସ୍ପିନର ଅଛନ୍ତି। ୧୪ଟି ୱିକେଟ ନେଇଥିବା ଯୁଜବେନ୍ଦ୍ର ଚହଲ ଓ ୧୦ଟି ୱିକେଟ ନେଇଥିବା ହରପ୍ରୀତ ବ୍ରାର ସଫଳ ହେବେ ବୋଲି ଆଶା କରାଯାଉଛି।

### ବ୍ୟାଟିଂରେ ପଞ୍ଜାବ ଆଗୁଆ

ବେଙ୍ଗାଲୁରୁ ନିକଟରେ ଅଧିକ ଅଭିଜ୍ଞ ବ୍ୟାଟର ରହିଛନ୍ତି, କିନ୍ତୁ ପଞ୍ଜାବ କିଙ୍ଗ୍ସ ଏହି ଟୁର୍ଣ୍ଣାମେଣ୍ଟରେ ୧୪ଟି ମ୍ୟାଚ୍‌ରୁ ୭ଥର ୨୦୦ କିମ୍ବା ତା'ଠାରୁ ଅଧିକ ରନ୍ ସଂଗ୍ରହ କରିଛି। ହାଇଦରାବାଦ୍ ବିପକ୍ଷରେ ୬ ୱିକେଟରେ ୨୪୫ ରନ୍ ଦଳର ସର୍ବାଧିକ ଦଳଗତ ସ୍କୋର। ସେହିପରି ବେଙ୍ଗାଲୁରୁ ୪ଥର ୨୦୦ରୁ ଅଧିକ ରନ୍ କରିଥିଲାବେଳେ ଏଲ୍‌ଏସ୍‌ଜି ବିପକ୍ଷରେ ୪ ୱିକେଟରେ ୨୩୦ ରନ୍‌ର ସର୍ବାଧିକ ସ୍କୋର ସଂଗ୍ରହ କରିଛି। ପଞ୍ଜାବ ପକ୍ଷରୁ ପ୍ରିୟାଂଶ ଆର୍ଯ୍ୟ ଏକମାତ୍ର ଶତକ ହାସଲ କରିଛନ୍ତି। ଶ୍ରେୟସ ଆୟର ଅପରାଜିତ ୯୭, ୮୨, ୭୨ ରନ୍‌ର ପାଳି ଖେଳିଛନ୍ତି। ପ୍ରଭସିମରନ ୯୧, ୮୩ ଓ ୬୯ ରନ୍‌ର ପାଳି ଖେଳିଛନ୍ତି। ବେଙ୍ଗାଲୁରୁ ପକ୍ଷରୁ ଶେଷ ଲିଗ୍‌ରେ ଜିତେଶ ଶର୍ମାଙ୍କ ଅପରାଜିତ ୮୫ ରନ୍ ସର୍ବାଧିକ। ୮ଟି ଅର୍ଦ୍ଧଶତକ ହାସଲ କରି କୋହଲି ସ୍ଥିର ବ୍ୟାଟିଂ ପ୍ରଦର୍ଶନ କରିଛନ୍ତି। ଫିଲିପ୍ ସଲ୍ଟ ୬୫ ଓ ୬୨ ରନ୍ କରି ଉପଯୋଗୀ ସାବ୍ୟସ୍ତ ହୋଇଛନ୍ତି।

### ସମ୍ଭାବ୍ୟ ଖେଳାଳି ଦଳ

**ପଞ୍ଜାବ କିଙ୍ଗ୍ସ:** ପ୍ରିୟାଂଶ ଆର୍ଯ୍ୟ, ପ୍ରଭସିମରନ ସିଂହ, ଜୋଶ ଇଂଲିଶ (ୱିକେଟରକ୍ଷକ), ଶ୍ରେୟସ ଆୟର (ଅଧିନାୟକ), ନେହାଲ ୱାଧେରା, ଶଶାଙ୍କ ସିଂ, ମାର୍କସ ଷ୍ଟୋଇନିସ୍, ଆଜମତୁଲ୍ଲା ଓମରଜାଇ, କାଏଲ ଜାମିସନ, ହରପ୍ରୀତ୍ ବ୍ରାର୍, ଅର୍ଶଦୀପ ସିଂହ ଓ ଯୁଜବେନ୍ଦ୍ର ଚହଲ।

**ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ:** ବିରାଟ କୋହଲି, ଫିଲ ସଲ୍ଟ, ମୟଙ୍କ ଅଗରୱାଲ, ରଜତ ପାଟିଦାର (ଅଧିନାୟକ), ଜିତେଶ ଶର୍ମା (ୱିକେଟରକ୍ଷକ), କ୍ରୁନାଲ ପାଣ୍ଡ୍ୟା, ଲିଆମ ଲିଭିଙ୍ଗଷ୍ଟୋନ୍, ରୋମାରିଓ ସେଫର୍ଡ, ଭୁବନେଶ୍ୱର କୁମାର, ଯଶ ଦୟାଲ, ଜୋଶ ହାଜ୍‌ଲେଉଡ୍ ଓ ସୁୟାଶ ଶର୍ମା।

## ଟିମ୍ ଇଣ୍ଡିଆ ଫିଲ୍ଡିଂ କୋଚ୍ ପଦକୁ ଫେରିଲେ ଟି ଦିଲୀପ

ନୂଆଦିଲ୍ଲୀ,୨୮।୫(ଏଜେନ୍ସି): ଟି ଦିଲୀପ ପୁଣି ଥରେ ଭାରତୀୟ କ୍ରିକେଟ ଦଳରେ ଫିଲ୍ଡିଂ କୋଚ୍ ନିଯୁକ୍ତ ହୋଇଛନ୍ତି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତାଙ୍କ ଗୋଟିଏ ବର୍ଷ ପାଇଁ ଚୁକ୍ତି କରିଛି। ସେ ଆସନ୍ତା ମାସରେ ଭାରତୀୟ ଦଳ ସହ ଇଂଲଣ୍ଡ ଗସ୍ତରେ ଯିବେ। ଅଷ୍ଟ୍ରେଲିଆ ବିପକ୍ଷରେ ଭାରତର ଖରାପ ପ୍ରଦର୍ଶନ ପରେ



ଦଳର କୋଚିଂ ଷ୍ଟାଫ୍‌ରେ ପରିବର୍ତ୍ତନ କରାଯାଇଥିଲା। ଫଳରେ ଦିଲୀପ୍‌ଙ୍କୁ ପଦରୁ ହଟାଇ ଦିଆଯାଇଥିଲା। ତାଙ୍କ ଅନୁପସ୍ଥିତିରେ ସହାୟକ କୋଚ୍ ରିଆନ ଟେନ ଡୋଏସ୍କେଟ ଦାୟିତ୍ୱ ସମ୍ଭାଳିଥାନ୍ତେ। ପୂର୍ବତନ ଅଧିନାୟକ ରୋହିତ ଶର୍ମାଙ୍କ ପରାମର୍ଶ କ୍ରମେ ଦିଲୀପ୍‌ଙ୍କୁ ପୁଣି ଥରେ ଏହି ଗୁରୁ ଦାୟିତ୍ୱ ଦେବାକୁ ବିସିସିଆଇ ନିଷ୍ପତ୍ତି ନେଇଛି। ଟେଷ୍ଟରୁ ଅବସର ଘୋଷଣା କରିସାରିଥିଲେ ମଧ୍ୟ ରୋହିତ କୋଚ୍ ଗୌତମ ଗମ୍ଭୀରଙ୍କୁ ଫେରାଇଆଣିବାକୁ ଅନୁରୋଧ କରିଥିଲେ। ଦିଲୀପଙ୍କୁ ୨୦୨୧ରେ ଭାରତୀୟ ଦଳର ଫିଲ୍ଡିଂ କୋଚ୍ ନିଯୁକ୍ତ ହୋଇଥିଲେ। ସେ ଆର ଶ୍ରୀଧରଙ୍କ ସ୍ଥାନରେ ଏହି ଦାୟିତ୍ୱ ସମ୍ଭାଳିଥିଲେ। ୨୦୨୪ ଟି-୨୦ ବିଶ୍ୱକପ୍ ପରେ ତାଙ୍କ ଚୁକ୍ତି ଶେଷ ହୋଇଥିଲା। ଫଳରେ ୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ତାଙ୍କୁ ଚୁକ୍ତିକୁ ବୃଦ୍ଧି କରାଯାଇଥିଲା। କିନ୍ତୁ ତାଙ୍କୁ ପରେ ହଟାଇ ଦିଆଯାଇଥିଲା। କିନ୍ତୁ ବିକଳ୍ପ ନ ମିଳିବା ଫଳରେ ଦିଲୀପଙ୍କୁ ପୁଣି ଦାୟିତ୍ୱ ମିଳିଛି। ଦିଲୀପ୍ ୨୦୦୭ରୁ ୨୦୧୯ ପର୍ଯ୍ୟନ୍ତ ହାଇଦରାବାଦ କ୍ରିକେଟ ଆସୋସିଏସନ (ଏଚ୍‌ସିଏ) ସହିତ କୋଚିଂ ଦେବା ଆରମ୍ଭ କରିଥିଲେ।

## ଅନିରୁଦ୍ଧଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ; ଗଞ୍ଜାମ ବିଜୟୀ

କଟକ,୨୮।୫(ସମିସ): କଟକରେ ଚାଲିଥିବା ୧୯ବର୍ଷରୁ କମ୍ ବାଳକ ଆନ୍ତଃଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ମ୍ୟାଚ୍‌ରେ ଗଞ୍ଜାମ ୫୪ରନରେ ନୂଆପଡାକୁ ପରାସ୍ତ କରିଛି। ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରିଥିବା ଅନିରୁଦ୍ଧ ପଟ୍ଟନାୟକ ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଡ୍ରିମସ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ନୂଆପଡା ଟସ୍ ଜିତି ଗଞ୍ଜାମକୁ ବ୍ୟାଟିଂ ଆମନ୍ତ୍ରଣ ଦେଇଥିଲା। ଅନିରୁଦ୍ଧଙ୍କ ୨୯ରନ ସହାୟତାରେ ଦଳ ସମସ୍ତ ୱିକେଟ ହରାଇ ୧୦୮ରନ ସଂଗ୍ରହ କରିଥିଲା। ନୂଆପଡାର ଅର୍ମାନ ପତି ୫ଟି ୱିକେଟ ଦଖଲ କରିଥିଲେ। ୧୦୯ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ନୂଆପଡା ମାତ୍ର ୫୪ରନରେ ଅଲଆଉଟ ହୋଇଥିଲା। ଅଭିରୂପ ଦାସ ସର୍ବାଧିକ ୧୬ରନ କରିଥିଲେ। ଅନିରୁଦ୍ଧ ୧୩ରନ ବିନିମୟରେ ୫ଟି ୱିକେଟ ଦଖଲ କରିଥିଲେ।



ରେଭେନ୍ସା ଗ୍ରାଉଣ୍ଡରେ ଭୁବନେଶ୍ୱର-ଏ ୧୫ରନରେ ବରଗଡକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର-ଏ୧୩୮ ରନରେ ଅଲଆଉଟ ହୋଇଥିଲା। ଆୟୁଷ ଚାନ୍ଦ ସର୍ବାଧିକ ୪୭ରନ କରିଥିଲେ। ବରଗଡର ସେଖ ହାୟତ ଏବଂ କ୍ରୀଷ୍ଣା ସାମଲ ୩ଟି ଲେଖାଏ ୱିକେଟ ହାସଲ କରିଥିଲେ। ୨୩.୪ ଓଭରରେ ବରଗଡ ସମସ୍ତ ୱିକେଟ ହରାଇ ୧୨୩ରନ କରିଥିଲା। ଭୁବନେଶ୍ୱରର ଅର୍ଣ୍ଣଭ ଶତପଥୀ ୩ଟି ୱିକେଟ ଅକ୍ତିଆର କରି ପ୍ଲେୟାର ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏଠାରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚ୍‌ରେ ବାଲେଶ୍ୱର ୭ ୱିକେଟରେ ପୁରୀକୁ ହରାଇଛି। ଓଦା ଗ୍ରାଉଣ୍ଡ ଯୋଗୁଁ ୨୪ଓଭର ବିଶିଷ୍ଟ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ପୁରୀ ୭ ୱିକେଟ ହରାଇ ୮୫ରନ ସଂଗ୍ରହ କରିଥିଲା। ରୋହନ ସାହୁ ସର୍ବାଧିକ ୩୬ରନ କରିଥିଲେ। ବାଲେଶ୍ୱରର ଶୁଶୋଭନ ଦାସ ଏବଂ ଶୁଭମ ପଲାଇ ଯଥାକ୍ରମେ ୨ଟି ଏବଂ ଗୋଟିଏ ୱିକେଟ ହାସଲ କରିଥିଲେ। ଶୁଭମଙ୍କ ଅପରାଜିତ ୧୯ରନ ସହାୟତାରେ ୩ ୱିକେଟ ହରାଇ ବାଲେଶ୍ୱର ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଶୁଭମ ପ୍ଲେୟାର ଅଫ ଦି ମ୍ୟାଚ୍ ସାବ୍ୟସ୍ତ ହୋଇଥିଲେ। ବିଡାନାସୀ ଗ୍ରାଉଣ୍ଡରେ କେନ୍ଦୁଝର ୪୬ରନରେ କନ୍ଧମାଳକୁ ହରାଇଥିଲା। ୩ରନ ବ୍ୟୟରେ ୩ ୱିକେଟ ଦଖଲ କରିଥିବା କେନ୍ଦୁଝରର ସରୱନ ସାହୁ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

## ଉତ୍ତର ପୂର୍ବାଞ୍ଚଳ ଦୃଷ୍ଟିବାଧିତ ଫୁଟବଲ | ମେଘାଳୟ ଚାମ୍ପିଅନ, ଓଡ଼ିଶା ତୃତୀୟ

ଭୁବନେଶ୍ୱର,୨୮।୫(ସମିସ): ଆସାମ ରାଜଧାନୀ ଗୌହାଟୀରେ ଅନୁଷ୍ଠିତ ଉତ୍ତର ପୂର୍ବାଞ୍ଚଳି ଦୃଷ୍ଟିବାଧିକ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଓଡ଼ିଶା ପୁରୁଷ ଦଳ ତୃତୀୟ ସ୍ଥାନରେ ରହି ଜାତୀୟସ୍ତର ଟୁର୍ଣ୍ଣାମେଣ୍ଟ ଖେଳିବାକୁ ମନୋନୀତ ହୋଇଛି। କିନ୍ତୁ ଓଡ଼ିଶା ମହିଳା ଦଳ ଜାତୀୟସ୍ତରକୁ ମନୋନୀତ ହେବାରେ ବିଫଳ ହୋଇଛି। ଏ ଗ୍ରୁପ୍‌ର ବିଜେତା ମେଘାଳୟ ଫାଇନାଲ ମୁକାବିଲାରେ ବି ଗ୍ରୁପ୍‌ର ବିଜେତା ଅରୁଣାଚଳକୁ ୯-୧ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଏ ଗ୍ରୁପ୍‌ରେ ଓଡ଼ିଶା ୪-୦ ଗୋଲରେ ଆସାମକୁ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା ଏବଂ ବି ଗ୍ରୁପ୍‌ର ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳ ନାଗାଲାଣ୍ଡକୁ ୧-୦ ଗୋଲରେ



ପରାସ୍ତ କରିଥିଲା। ଏଥିରେ ଓଡ଼ିଶା ଅଧିନାୟକ ଆଶିଷ ସାହୁ ମ୍ୟାଚ୍‌ର ଏକାମାତ୍ର ଗୋଲ ସ୍କୋର କରିଥିଲେ। ସମ୍ପୂର୍ଣ୍ଣ ଟୁର୍ଣ୍ଣାମେଣ୍ଟରେ ପ୍ରଦର୍ଶନକୁ ଭିତ୍ତିକରି ଓଡ଼ିଶା ପୁରୁଷ ଦଳ ତୃତୀୟ ସ୍ଥାନରେ ରହି ଅଭିଯାନ ଶେଷ କରିଛି।

## ଜାତୀୟ କନିଷ୍ଠ ସଫ୍ଟବଲ: ରାଜ୍ୟ ଦଳର ଚଣ୍ଡିଗଡ ଯାତ୍ରା

କଟକ,୨୮।୫(ସମିସ): ଗୁରୁବାର ଠାରୁ ଚଣ୍ଡୀଗଡରେ ୪୫ତମ କନିଷ୍ଠ ଜାତୀୟ ସଫ୍ଟବଲ ଚାମ୍ପିଅନସିପ୍ ଆରମ୍ଭ ହେବ। ଏଥି ନିମନ୍ତେ ଆଜି ରାଜ୍ୟ ସଂଘ ପକ୍ଷରୁ ଘୋଷିତ ଉଭୟ ବାଳକ ଏବଂ ବାଳିକା ଦଳ ଚଣ୍ଡୀଗଡ ଯାତ୍ରା କରିଛନ୍ତି। ବାଳକ ଦଳରେ ଅମରନାଥ ଭୋଳ, ମୁକ୍ତିକାନ୍ତ ପ୍ରଧାନ, ଶିବ କିରସାନି, କୁମାର ଶୁଭଙ୍କର, ଅନୀଲ କଦରକା, ମିଥୁନ କୁମାର ମଲ୍ଲିକ, ଗଡୁ ବଡନାୟକ, ରାଜୁ ପିଦିସିକା, ସଂଗ୍ରାମ ସୋରେନ, ସୋନାଲ ସଞ୍ଜୀବ ବେହେରା, ସତ୍ୟ ନାରାୟଣ ଦାସ, ସରୋଜ ମାଝୀ, ସୁବ୍ରତ ସାହୁ, ନିହାର ରଞ୍ଜନ ନାୟକ, ଶାନ୍ତନୁ କୁମାର ମଲ୍ଲିକ, ହେମନ୍ତ କୁମାର କର ସ୍ଥାନ ପାଇଛନ୍ତି। ମନୋଜ କୁମାର ପ୍ରଧାନ ପ୍ରଶିକ୍ଷକ ଏବଂ ପ୍ରଭାତ କୁମାର ସାହୁ ମ୍ୟାନେଜର ଭାବେ ଦଳରେ ରହିଛନ୍ତି।

## ଫ୍ରେଞ୍ଚ୍ ଓପନ୍ ଟେନିସ | ତୃତୀୟ ରାଉଣ୍ଡରେ ଆଲ୍‌କାରାଜ୍, ମୁସେଟ୍ଟି, ସେଲ୍‌ଟନ୍

ପ୍ୟାରିସ୍,୨୮।୫(ଏଜେନ୍ସି):



ଚଳିତ ଫ୍ରେଞ୍ଚ୍ ଓପନ ଟେନିସ ଟୁର୍ଣ୍ଣାମେଣ୍ଟରେ ଦ୍ୱିତୀୟ ସିଡ୍ ସ୍ପେନ୍‌ର କାର୍ଲୋସ ଆଲକାରାଜ, ଅଷ୍ଟମ ସିଡ୍ ଇଟାଲୀର ଲୋରେଞ୍ଜୋ ମୁସେଟ୍ଟି, ୧୩ତମ ସିଡ୍ ଆମେରିକାର ବେନ୍ ସେଲଟନ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତେବେ ସପ୍ତମ ସିଡ୍ ନରୱେର କାସ୍ପେର ରୁଡ୍ ଦ୍ୱିତୀୟ ରାଉଣ୍ଡରେ ପର୍ତ୍ତୁଗାଲର ନୁନୋ ବୋର୍ଗେସ୍‌ଙ୍କଠାରୁ ୬-୨, ୪-୬, ୧-୬, ୦-୬ ସେଟ୍‌ରେ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହେବା ସହ ବିଦାୟ ନେଇଛନ୍ତି। ଦ୍ୱିତୀୟ ରାଉଣ୍ଡରେ ଆଲକାରାଜ ୬-୧, ୪-୬, ୬-୧, ୬-୨ ସେଟ୍‌ରେ ହଙ୍ଗେରୀର ଫାବିଆନ ମାରୋଜସାନଙ୍କୁ, ମୁସେଟ୍ଟି ୬-୪, ୬-୦, ୬-୪ ସେଟ୍‌ରେ କଲମ୍ବିଆର ଡାନିଏଲ୍ ଗଲାନଙ୍କୁ, ୨୫ତମ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସେଇ ପପିରିନ୍ ୭-୫, ୬-୩, ୬-୪ ସେଟ୍‌ରେ ଚିଲିର ଆଲେଜାଣ୍ଡ୍ରୋ ଟାବିଲୋଙ୍କୁ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସେଲଟନ ଫ୍ରାନ୍ସର ହୁଗୋ ଗାଷ୍ଟନଙ୍କ ବିପକ୍ଷରେ ୱାକ୍‌ଓଭର ପାଇଁ ତୃତୀୟ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି।

### ଭିଟୋଲିନା, ପାଓଲିନି, ଝେଙ୍ଗ୍‌ଙ୍କ ଅଗ୍ରଗତି

ମହିଳା ଏକକରେ ମଧ୍ୟ ସିଡେଡ ଖେଳାଳିମାନେ ଦ୍ୱିତୀୟ ରାଉଣ୍ଡରେ ବିଜୟୀ ହୋଇ ଅଗ୍ରଗତ କରିଛନ୍ତି। ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ଚତୁର୍ଥ ସିଡ୍ ଇଟାଲୀର ଜସ୍ମିନ ପାଓଲିନି ୬-୩, ୬-୩ ସିଧାସଳଖ ସେଟ୍‌ରେ ଅଷ୍ଟ୍ରେଲିଆର ଅଜଲା ଟୋମଲଜାନୋଭିକ୍‌ଙ୍କୁ, ଅଷ୍ଟମ ସିଡ୍ ଚୀନ୍‌ର କିନୱେନ ଝେଙ୍ଗ ୬-୨, ୬-୩ ସିଧାସଳଖ ସେଟ୍‌ରେ କଲମ୍ବିଆର ଏମିଲିଆନୋ ଅରାଙ୍ଗୋଙ୍କୁ, ୧୬ତମ ସିଡ୍ ଆମେରିକାର ଅମଣ୍ଡା ଅନିସିମୋଭା ୬-୦, ୬-୨ ସିଧାସଳଖ ସେଟ୍‌ରେ ସ୍ୱିଜରଲାଣ୍ଡର ଭିକ୍ଟୋରିଆ ଗୋଲୁବିକଙ୍କୁ, ୧୩ତମ ସିଡ୍ ୟୁକ୍ରେନର ଏଲିନା ଭିଟୋଲିନା ୬-୧, ୬-୧ ସେଟ୍‌ରେ ତୁର୍କୀର ଜେନେପ ସୋନମେଜଙ୍କୁ ହରାଇ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତେବେ ୧୪ତମ ସିଡ୍ ଚେକ୍ ଗଣରାଜ୍ୟର କାରୋଲିନ୍ ମୁଚୋଭା ୩-୬, ୬-୨, ୧-୬ ସେଟ୍‌ରେ ଆମେରିକାର ଆଲିସିଆ ପାର୍କଙ୍କଠାରୁ ପରାସ୍ତ ହୋଇ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବିଦାୟ ନେଇଛନ୍ତି।

### ଯୁଗଳରେ ହାରିଲେ ବୋଲିପାଲ୍ଲି

ଫ୍ରେଞ୍ଚ୍ ଓପନ ପୁରୁଷ ଯୁଗଳରେ ଭାରତର ଋତଭିକ ଚୌଧୁରୀ ବୋଲିପାଲ୍ଲି ପରାସ୍ତ ହୋଇ ବିଦାୟ ନେଇଛନ୍ତି। ବୋଲିପାଲ୍ଲି ଓ କଲମ୍ବିଆ ପାର୍ଟନର ନିକୋଲାସ ବାରିଏଣ୍ଟୋସ୍ ୦-୬, ୨-୬ ସିଧାସଳଖ ସେଟ୍‌ରେ ବ୍ରିଟେନର ଜ୍ୟାକବ ଫିୟର୍ଣ୍ଣଲି ଓ କାନାଡାର ଗାବ୍ରିଏଲ୍ ଡିଆଲୋଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଅଭିଜ୍ଞ ଭାରତୀୟ ଖେଳାଳି ରୋହନ ବୋପାନ୍ନା ଓ ଚେକ ଗଣରାଜ୍ୟ ପାର୍ଟନର ଆଡାମ ପାଭଲାସେକ ଏବଂ ଯୁକି ଭାମ୍ବ୍ରି ଓ ତାଙ୍କ ଆମେରିକୀୟ ପାର୍ଟନର ରୋବର୍ଟ ଗାଲୋୱେ ପ୍ରଥମ ରାଉଣ୍ଡରେ ଅଭିଯାନ ଆରମ୍ଭ କରିବେ।

## ଏସିଆନ ଆଥ୍‌ଲେଟିକ୍ ଚାମ୍ପିଅନସିପ୍

### ୪ ଗୁଣା ୪୦୦ମି ମିକ୍ସଡ୍ ରିଲେରେ ଭାରତକୁ ସ୍ୱର୍ଣ୍ଣ

ଗୁମି,୨୮।୫(ଏଜେନ୍ସି): କୋରିଆର ଗୁମିଠାରେ ଚାଲିଥିବା ଏସିଆନ ଆଥଲେଟିକ୍ସ ଚାମ୍ପିଅନସିପ୍‌ର ୨୬ତମ ସଂସ୍କରଣରେ ବୁଧବାର ତୃତୀୟ ଦିବସରେ ଭାରତୀୟ ଖେଳାଳିମାନେ ଏକାଧିକ ପଦକ ହାସଲ କରିଛନ୍ତି। ୪ ଗୁଣା ୪୦୦ମିଟର ମିକ୍ସଡ ରିଲେ ଇଭେଣ୍ଟରେ ଭାରତୀୟ ଖେଳାଳିମାନେ ପ୍ରଥମସ୍ଥାନରେ ରହି ଦେଶ ପାଇଁ ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଭାରତୀୟ ଆଥଲେଟ୍‌ମାନେ ଏହି ଇଭେଣ୍ଟରେ ୩ ମିନିଟ୍ ୧୮.୧୨ ସେକେଣ୍ଡ ସମୟ ନେଇ ପ୍ରଥମ ହୋଇଥିଲେ। ଏଥିରେ ଚୀନ ରୌପ୍ୟ ଓ ଶ୍ରୀଲଙ୍କା କାଂସ୍ୟ ପଦକ ହାସଲ କରିଥିଲା। ସେହିପରି ତେଜସ୍ୱିନ ଶଙ୍କର ଡେକାଥଲନ୍‌ରେ, ପ୍ରବୀଣ ଚିତ୍ରାଭେଲ୍ ପୁରୁଷ ଟ୍ରିପଲ ଜମ୍ପରେ, ପାରୁଲ ଚୌଧୁରୀ ମହିଳା ୪୦୦ମିଟରରେ, ପୂଜା ମହିଳା ୧୫୦୦ ମିଟର ରେସ୍‌ରେ ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିଛନ୍ତି। କିନ୍ତୁ ପୁରୁଷ ୧୫୦୦ମି ରେସ୍‌ରେ ୟୁନୁସ ଶାହା କାଂସ୍ୟ ପଦକ ହାସଲ କରିଛନ୍ତି। ଭାରତ ଏବେ ୨ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨ କାଂସ୍ୟ ପଦକ ସହ ମୋଟ୍ ୮ ପଦକ ହାସଲ କରି ତାଲିକାର ତୃତୀୟ ସ୍ଥାନରେ ରହିଛି। ଚୀନ୍ ୧୧ ସ୍ୱର୍ଣ୍ଣ ସହ ମୋଟ୍ ୧୩ ପଦକ ଏବଂ ଜାପାନ ୩ ସ୍ୱର୍ଣ୍ଣ ସହ ୧୪ ପଦକ ପାଇଁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛି।




PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS